୪ର୍ଥ ସ୍ଥାପନା ବର୍ଷ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-163 ◆BHUBANESWAR ◆MONDAY ◆9 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୬୩ ◆ଭୁବନେଶ୍ୱର ◆ସୋମବାର ◆୯ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


## ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

■ **ଯୁଯୁମୁରା, ୮ ।୧୨ (ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅଞ୍ଚଳରେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗଡ଼ଲୋଇସିଂହ ପଞ୍ଚାୟତର ମହାକୁଡ଼ପାଲିର ମାଙ୍ଗରା ମାହାନ୍ତ। ରବିବାର ଦିନ ପ୍ରାୟ ୧୧ଟାରେ ଗାଁକୁ ଏକ ଦନ୍ତା ପଶି ଆସିବାରୁ ଗ୍ରାମବାସୀଙ୍କ ସହ ମାଙ୍ଗରା ହାତୀକୁ ଘଉଡ଼ାଇବାକୁ ଯାଇଥିଲେ। ତେବେ ଘଉଡ଼ାଇବା ବେଳେ ହାତୀ ପାଲଟା ଆକ୍ରମଣ କରିବାରୁ ଗ୍ରାମବାସୀ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। କିନ୍ତୁ ମାଙ୍ଗରା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ିଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ସୂଚନା ପାଇବା ପରେ ଧମା ବନବିଭାଗ ଅଧିକାରୀ ଓ ଯୁଯୁମୁରା ପୁଲିସ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ୨ କୋଟିର ବ୍ରାଉନସୁଗର ଜବତ



ଜଣେ ଗିରଫ; ମୋବାଇଲ ସହ ଟଙ୍କା ଜବତ

■ **ବାଲେଶ୍ୱର, ୮ ।୧୨ (ସମିସ):** ବାଲେଶ୍ୱର ଅବକାରୀ ବିଭାଗ ଅରଡ଼ବଜାର ଅଞ୍ଚଳରେ ଚଢ଼ଉ କରି ୨ କେଜିର ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏହି ଘଟଣାରେ ବ୍ରାଉନସୁଗର ବେପାରୀ ଅମଜେଦ ଖାନ (୩୪)କୁ ଗିରଫ କରାଯାଇଛି। ତା' ପାଖରୁ ୫ ହଜାର ଟଙ୍କା ସହ ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଛି। ଅମଜେତ୍ ମଧ୍ୟପ୍ରଦେଶରୁ ଟ୍ରେନ୍‌ରେ ଏହି ବ୍ରାଉନସୁଗାର ଆଣିଥିଲା। ତେବେ ଏହି ଘଟଣାରେ ସଂପୃକ୍ତ ଅନ୍ୟତମ ଅଭିଯୁକ୍ତ ଅମଜେତର ସାନଭାଇ ସାବିର୍ ଖାନ୍ ଫେରାର୍ ହୋଇଯାଇଛି। ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ସୂଚନା ଅନୁସାରେ, ଅରଡ଼ବଜାର ଅଞ୍ଚଳକୁ ବହୁ ପରିମାଣର ବ୍ରାଉନସୁଗର ବାହାରୁ ଆସିଥିବା ନେଇ ଗତରାତିରେ ▶ପୃଷ୍ଠା-୭

### ଗୃହ ବିଭାଗ ଦେବାକୁ ମନାକଲା ବିଜେପି

## ଅକଳରେ ସିନ୍ଦେ



■ **ମୁମ୍ବାଇ, ୮ ।୧୨ (ଏଜେନ୍ସି):** ଶିବ ସେନା ମୁଖ୍ୟ ଏକନାଥ ସିନ୍ଦେଙ୍କୁ ନେଇ ୧୫ ଦିନ ଧରି ମହାରାଷ୍ଟ୍ର ରାଜନୀତି ଉଠିଲାପଡ଼ିଲା। ନିର୍ବାଚନରେ ବିପୁଳ ବହୁମତି ସତ୍ତ୍ୱେ ସରକାର ଗଠନ କରିବାକୁ ୧୦ ଦିନ ଲାଗିଲା। କେବଳ ଏକନାଥ ସିନ୍ଦେଙ୍କ ପାଇଁ ସରକାର ଗଠନ ଅଟକିଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀ ଥିବା ସିନ୍ଦେ ମୁଖ୍ୟମନ୍ତ୍ରୀ ଦୌଡ଼ରୁ ଓହରିବାକୁ ପ୍ରସ୍ତୁତ ନଥିଲେ। ବିଜେପି ନେତାଙ୍କ ପ୍ରବଳ ଚାପରେ ସେ ମୁଖ୍ୟମନ୍ତ୍ରୀ ଦୌଡ଼ରୁ ଓହରିଯାଇଥିଲେ ମଧ୍ୟ ଗୃହ ବିଭାଗ ନିଜ ହାତରେ ରଖିବାକୁ ଜିଦ୍ ଧରିଲେ। ଏଭଳି କିଛି ପ୍ରତିଶ୍ରୁତି ମିଳିବା ପରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। କିନ୍ତୁ ବିଜେପି ଏବେ ରୋକଠୋକ ଭାବେ ଜଣାଇଦେଇଛି ଯେ ସିନ୍ଦେଙ୍କୁ କୌଣସି ପରିସ୍ଥିତିରେ ଗୃହ ବିଭାଗ ମିଳିବ ନାହିଁ। ଏହା ଶୁଣିବା ପରେ ଅକଳରେ ପଡ଼ିଯାଇଛନ୍ତି ସିନ୍ଦେ। ଏହା ତାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ସେ ଯେକୌଣସି ମୁହୂର୍ତ୍ତରେ ଅପ୍ରୀତିକାର ନିଷ୍ପତ୍ତି ନେଇପାରନ୍ତି।

ମିଳିଥିବା ଖବର ଅନୁଯାୟୀ ବିଜେପି ପକ୍ଷରୁ ସିନ୍ଦେଙ୍କୁ ଜଣାଇ ଦିଆଯାଇଛି ଯେ ବିଜେପିକୁ ସର୍ବାଧିକ ଆସନ ମିଳିଛି। ପୁଣି ବିଜେପି ନେତା ଫଡନାଭିସ୍ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ତାଙ୍କ ହାତରେ ହିଁ ରହିବ ଗୃହ ବିଭାଗ। ଏଥିରୁ ବିଜେପି ଓହରିବ ନାହିଁ। ଅନ୍ୟପକ୍ଷରେ ବିଜେପି ପକ୍ଷରୁ ସି।।ନ୍ଦେଙ୍କୁ ତିନିଟି ବିଭାଗର ବିକଳ୍ପ ଦିଆଯାଇଛି। ଏହି ତିନିଟି ବିଭାଗ ହେଲା ରାଜସ୍ୱ, ନଗର ଉନ୍ନୟନ ଏବଂ ପୂର୍ତ୍ତ ବିଭାଗ। ସେଥିମଧ୍ୟରୁ ସେ ଗୋଟିଏ ବାଛନ୍ତୁ। ଏହାସହିତ ତାଙ୍କୁ ଜଣାଇ ଦିଆଯାଇଛି ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଏନ୍‌ସିପି ନେତା ଅଜିତ ପାୱାରଙ୍କୁ ଅର୍ଥ ଏବଂ ଯୋଜନା ବିଭାଗ ଦିଆଯିବ। ତେଣୁ ଅଜିତଙ୍କ ବିଭାଗ ଉପରେ ଆଖି ନପକାଇବା ଲାଗି କୁହାଯାଇଛି।

ବିଜେପିର ଏଭଳି ଘୋଷଣା ଶୁଣି ଶିବ ସେନା ନେତା ଗୁଲାବ ରାଓ ପାଟିଲ, ସଂଜୟ ସିର୍ସାତ ଏବଂ ଭରତ ଗୁଗାଲେ ତୀବ୍ର ପ୍ରତିକ୍ରିୟା ▶ପୃଷ୍ଠା-୭

# ବିଦ୍ରୋହୀଙ୍କ ଦଖଲରେ ସିରିଆ

### ଦେଶ ଛାଡ଼ି ପଳାଇଲେ ରାଷ୍ଟ୍ରପତି



ଆସାଦ୍ ପରିବାର ରାଜୁତିର ଅବସାନ

ଜୋଲାନୀ ହେବେ ଶାସନ ମୁଖ୍ୟ



■ **ଦାମାସ୍କସ୍, ୮।୧୨ (ଏଜେନ୍ସି):** ସିରିଆ ସେନା ଏବଂ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀଙ୍କ ମଧ୍ୟରେ ବିଗତ କିଛି ଦିନ ଲାଗି ରହିଥିବା ସଂଘର୍ଷର ଅନ୍ତ ଘଟିଛି। ଶନିବାର ରାତିରେ ବିଦ୍ରୋହୀ ଗୋଷ୍ଠୀ ରାଜଧାନୀ ଦାମାସ୍କସ୍କୁ ଅକ୍ତିଆର କରିବା ପରେ ସିରିଆ ସେନା ସେମାନଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛି। ଦାମାସ୍କସ୍ ବିଦ୍ରୋହୀଙ୍କ ହାତକୁ ଚାଲିଯିବା ପରେ ରାଷ୍ଟ୍ରପତି ଅଲ୍-ଆସାଦ୍ ଦେଶ ଛାଡି ଫେରାର୍ ହୋଇଯାଇଛନ୍ତି। ଏହାଦ୍ୱାରା ସିରିଆର ଶାସନ କ୍ଷମତା ବିଦ୍ରୋହୀ ଗୋଷ୍ଠୀଙ୍କ ହାତକୁ ଚାଲିଯାଇଛି।

ବିଦ୍ରୋହୀମାନେ ପ୍ରଥମେ ହାମା, ଆଲେପ୍ପୋ ଏବଂ ଦରାକୁ ଦଖଲ କରିବା ପରେ ଚତୁର୍ଥ ପ୍ରମୁଖ ସହର ହୋମ୍ସକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏହାପରେ ସେମାନେ ରାଜଧାନୀ ସହର ଦାମାସ୍କସ ଅଭିମୁଖେ ଅଭିଯାନ ଆରମ୍ଭ କରି ଏହାକୁ ଦଖଲକୁ ନେଇଛନ୍ତି। ଅସଦଙ୍କ ସେନା ବିଦ୍ରୋହୀମାନଙ୍କ ନିକଟରେ ଆତ୍ମସମର୍ପଣ କରିବା ପରେ ପ୍ରମୁଖ ବିଦ୍ରୋହୀ ଗୋଷ୍ଠୀ ହାୟାତ୍ ତେହରିର୍ ଅଲ-ସାମ୍( ଏଚଟିଏସ୍) ସରିଆ କ୍ଷମତା ଦଖଲ କରିଛି ବୋଲି ଘୋଷଣା କରିଛି। ଏହାପରେ ସିରିଆର ବିଭିନ୍ନ ସହରର ରାଜରାସ୍ତାରେ ଲୋକମାନେ ଖୁସି ମନାଇଥିବା ଦେଖାଯାଇଛି। ଏହି ଘଟଣା ପରେ ଜେଲରେ ରହିଥିବା ସମସ୍ତ ବିଦ୍ରୋହୀଙ୍କୁ ମୁକ୍ତ କରାଯାଇଛି।

ବିଦ୍ରୋହୀମାନେ ସିରିଆ ଦଖଲ କରିବା ପରେ ରାଷ୍ଟ୍ରପତି ବସର୍ ଅଲ- ଅସାଦଙ୍କ ୨୪ ବର୍ଷର ରାଜୁତିର ଅବସାନ ଘଟିବା ସହିତ ଦୀର୍ଘ ୫୪ ବର୍ଷର ଆସାଦ୍ ପରିବାରର ରାଜୁତି ମଧ୍ୟ ଶେଷ ହୋଇଛି। ୧୯୭୧ରେ ଅଲ ଅସାଦଙ୍କ ବାପା ହାଫେଜ ଅଲ୍ ଆସାଦ ସିରିଆରେ ନିଜର କ୍ଷମତା ବିସ୍ତାର କରି ଶାସନ ଚଳାଇଥିଲେ। ଏହାପରେ ଅସଦଙ୍କ ମୃତ୍ୟୁ ହେବା ପରେ ୨୦୦୦ ମସିହାରେ ତାଙ୍କ ପୁତ୍ର ବସର ଅଲ ଆସାଦ ସିରିଆର ଶାସନ କ୍ଷମତା ନିଜ ହାତକୁ ନେଇଥିଲେ। ସେତେବେଳେ ପ୍ରାୟ ୧୩ ବର୍ଷ ଧରି ସିରିଆରେ ବିଦ୍ରୋହ ଲାଗି ରହିବା ସହିତ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ରାଷ୍ଟ୍ରପତି ବସର ଅଲ ଆସାଦ ଏହାକୁ ନିୟନ୍ତ୍ରଣ କରିବାକୁ ▶ପୃଷ୍ଠା-୭

# ଚୁଲିକୁ ଗଲାଣି ବାଲି ଆଇନ

### ମାଫିଆ ରକ୍ତମୁଖା, ବିଭାଗ ଅସହାୟ, ନିଦାବିଷ୍ଟ ସରକାର

**ବାଲି ଖଣିର ହେଲାନାହିଁ ଜିଓ ଫେନ୍‌ସିଂ, ପିଲର୍ ମଧ୍ୟରେ ହେଲାନି ଜିଓ କୋର୍ଡିନେଟ୍**

**ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠନ ହୋଇ ପାରିଲାନାହିଁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ**

**କାର୍ଯ୍ୟକାରୀ ହେଲାନି ମୋବାଇଲ୍ ଆପ୍‌ରେ 'ଇ-ପାସ୍' ଓ 'ବାର୍‌କୋଡ୍' ଯାଞ୍ଚ ପ୍ରସ୍ତାବ**

■ **ଭୁବନେଶ୍ୱର, ୮ ।୧୨ (ସମିସ):** ବାଲି ଚୋରା ଚାଲାଣ ଚାଲାଣ ଜନିତ ରାଜସ୍ୱ କ୍ଷତି, ସରକାରୀ କର୍ମଚାରୀଙ୍କ ଉପରେ ମାଫିଆଙ୍କ ଆକ୍ରମଣ ସହ ବାଲି ଚୋରି ଉପରେ ଅଙ୍କୁଶ ଲଗାଇବା ପାଇଁ ତତ୍‌କାଳୀନ ରାଜ୍ୟ ସରକାର ଗତ ଫେବୃଆରୀ ମାସରେ ବିସ୍ତୃତ ନିୟମ ପ୍ରସ୍ତୁତ କରିଥିଲେ। ୨୦୨୧ ବାଲି ନୀତିକୁ କଡ଼ାକଡ଼ି ଅନୁପାଳନ ସହ ଖଣି ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଥିଲା ଓ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସରକାର ବଦଳିବା ପରେ ଏହି ନିର୍ଦ୍ଦେଶନାମା ଉପରେ ବହଳ ଧୂଳି ବସିଗଲାଣି। ସରକାରୀସ୍ତରରେ ନିଷ୍କ୍ରିୟତା ଓ ଖଣି ବିଭାଗର ଅପାରଗତା ଯୋଗୁଁ ସାରା ରାଜ୍ୟରେ ବାଲି ମାଫିଆ ମାତିଛନ୍ତି। ମନଇଚ୍ଛା ବାଲି ଲୁଟୁଛନ୍ତି। ଯିଏ ବାଧା ଦେଲା, ତାକୁ ହଣାକଟା କରିବାକୁ ବି ପଛାଉ ନାହାନ୍ତି। ଏପରିକି ସରକାରୀ ଅଧିକାରୀମାନେ ମଧ୍ୟ ମାଫିଆଙ୍କ ଆକ୍ରମଣରୁ ବାଦ୍ ପଡ଼ି ନାହାନ୍ତି। ବାଲେଶ୍ୱର, ବରଗଡ଼, କେନ୍ଦୁଝର ଓ ଜଗତସିଂହପୁର ଜିଲ୍ଲାରେ ଗତ ୬ ମାସ ମଧ୍ୟରେ ଅନେକ ଘଟଣା ଘଟିଥିଲେ ହେଁ ସରକାର ନିଦାବିଷ୍ଟ ସାଜିଛନ୍ତି। ▶ପୃଷ୍ଠା-୭

### ୧୦ ଲକ୍ଷର ଲାଞ୍ଚ ମାମଲା: ୧୭ ଘଣ୍ଟାର ଅପରେସନ୍

# ଜିଜିଏମ୍ ସମେତ ୩ଜଣଙ୍କୁ ବାନ୍ଧିଲା ସିବିଆଇ



**ବିଲ୍ଡର ସନ୍ତୋଷ ଓ ମଧ୍ୟସ୍ଥ ଦେବଦତ୍ତ ବି ଫସିଲେ**


**ଦାମୀ କାର୍, ସୁନାଗହଣା, ଟଙ୍କା, ଡିଜିଟାଲ ଲକର ଜବତ**

**ଓଡ଼ିଶା ଓ କୋଲକାତାର ୮ ସ୍ଥାନରେ ମାରାଥନ୍ ଚଢ଼ଉ**

■ **ଭୁବନେଶ୍ୱର,୮ ।୧୨(ସମିସ):** ବିଲ୍ଡର ସଂସ୍ଥାର ବକେୟା ବିଲ୍ ପାସ୍, ନୂଆ ପ୍ରକଳ୍ପ ପାଇଁ ଅନୁକମ୍ପା ଦେଖାଇବାକୁ କହି ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ଜାଲରେ ପଡ଼ିଛନ୍ତି ଏମ୍/ଏସ୍ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍‌ର ଜିଜିଏମ୍ ଚଞ୍ଚଲ ମୁର୍ଖାଜୀ। ତାଙ୍କ ସହ ଲାଞ୍ଚ ଦେଉଥିବା ଏମ୍/ଏସ୍ ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସନ୍ତୋଷ କୁମାର ମହାରଣା ଓ ମଧ୍ୟସ୍ଥ ସାଜିଥିବା ବିଲ୍ଡର ତଥା ଆଦିତ୍ୟ ଦେବ ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦେବଦତ୍ତ ମହାପାତ୍ରଙ୍କୁ ସିବିଆଇ ଗିରଫ କରିଛି। ସମସ୍ତ ୩ ଅଭିଯୁକ୍ତଙ୍କୁ ନିଜର ସ୍ୱତନ୍ତ୍ର କୋର୍ଟରେ ହାଜର କରାଇ ଅଧିକ ତଥ୍ୟ ସଂଗ୍ରହ ପାଇଁ ୩ ଦିନିଆ ରିମାଣ୍ଡରେ ନେଇଛି ସିବିଆଇ। ସେମାନଙ୍କୁ ୩ଦିନ ଧରି ମାରଥାନ୍ ଜେରା କରିବା ପରେ ଆସନ୍ତା ୧୧ ତାରିଖରେ ପୁଣି କୋର୍ଟରେ ହାଜର କରାଯିବ ବୋଲି ଜଣାପଡ଼ିଛି।

ଗତକାଲି ଠାରୁ ୧୭ ଘଣ୍ଟା ଧରି ଏହି ଅପରେସନ ଜାରି ରହିଥିଲା। ଭୁବନେଶ୍ୱର ଓ କୋଲକାତାର ୮ଟି ସ୍ଥାନରେ ଚଢ଼ଉ ଜାରି ରହିଛି। ରାମମନ୍ଦିର ନିକଟରେ ଥିବା ବ୍ରିଜ ଆଣ୍ଡ ରୁଫ କୋ ଲିମିଟେଡ଼ କମ୍ପାନୀର କାର୍ଯ୍ୟାଳୟ ଓ ଜିଜିଏମ୍ ଚଞ୍ଚଲ ରହୁଥିବା ଝାରପଡା ସ୍ଥିତ ଗେଷ୍ଟ ହାଉସ୍ ଉପରେ ଚଢ଼ଉ କରି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା ସିବିଆଇ। ଅନୁରୂପ ଭାବେ ବିଲଡର ସନ୍ତୋଷଙ୍କ ବ୍ରହ୍ମପୁର ସ୍ଥିତ ଘର ଏବଂ ଦେବଦତ୍ତଙ୍କ ଭଦ୍ରକ ସ୍ଥିତ ଘର, ନଖରା ଥିବା ଘର ସମେତ ଅଫିସରେ ଚଢ଼ଉ କରିଥିଲା ▶ପୃଷ୍ଠା-୭

## ବାଂଲାଦେଶ ଚାଲାଣ ହେଉଛି ଆଳୁ



### ବିଜେପିକୁ ଦୋଷ ଦେଲେ ମମତା

■ **କୋଲକାତା, ୮ ।୧୨ (ଏଜେନ୍ସି):** ଗତ ସାଧାରଣ ନିର୍ବାଚନ ପରେ ଦରଦାମ ପରିସ୍ଥିତି ବିଗିଡ଼ିବା।।ରେ ଲାଗିଛି। ବିଶେଷ କରି ଅତ୍ୟାବଶ୍ୟକ ସାମଗ୍ରୀ ଦାମ ଥରେ ବଢ଼ିଲା ପରେ ଆଉ ଖସିବାର ନାଁ ଧରୁନି। ଏହାର ସବୁଠାରୁ ଗୁରୁତର ପ୍ରଭାବ ପନିପରିବା ଉପରେ ଦେଖିବାକୁ ମିଳୁଛି। ଏହାସହିତ ଆଳୁ, ପିଆଜ ଦର ମଧ୍ୟ କଳବଲ କଲାଣି। ବଜାରରେ ଏହିସବୁ ସାମଗ୍ରୀ ବିପୁଳ ପରିମାଣରେ ଉପଲବ୍ଧ ହେଉଥିଲେ ମଧ୍ୟ ଯୋଗାଣ ସଙ୍କଟ ଦେଖାଇ ଖାଉଟିଙ୍କ ଠାରୁ ଲୁଟୁଛନ୍ତି ବେପାରୀ। ଏଭଳି ପରିସ୍ଥିତିରେ ଆଳୁକୁ ନେଇ ପଶ୍ଚିମ ବଙ୍ଗରୁ ଆସୁଥିବା ଖବର ବିସ୍ମୟ ସୃଷ୍ଟି କରିଛି।

**ନିଜ ବିଫଳତା ଲୁଚାଉଛନ୍ତି ମମତା: ବିଜେପି**

ଦେଶରେ ଆଳୁ ଉତ୍ପାଦନରେ ଉତ୍ତର ପ୍ରଦେଶ ପ୍ରଥମ ସ୍ଥାନରେ ଥିବା ବେଳେ ପଶ୍ଚିମ ବଙ୍ଗ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ପଶ୍ଚିମ ବଙ୍ଗ ଆଳୁର ଚାହିଦା ପଡ଼ୋଶୀ ରାଜ୍ୟ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ଛତିଗଡ଼ରେ ସର୍ବାଧିକ ରହିଛି। ବିଶେଷ କରି ଓଡ଼ିଶା ଏବଂ ଝାଡ଼ଖଣ୍ଡ ପଶ୍ଚିମ ବଙ୍ଗ ଉପରେ ସବୁଠାରୁ ବେଶି ନିର୍ଭର କରୁଛନ୍ତି। ଗତ କିଛି ଦିନ ହେବ ପଶ୍ଚିମ ବଙ୍ଗ ସରକାର ବାହାର ରାଜ୍ୟକୁ ଆଳୁ ଯୋଗାଣ ଉପରେ କଟକଣା ଜାରି କରିଥିବାରୁ ଓଡ଼ିଶା ଓ ଝାଡ଼ଖଣ୍ଡରେ ଗୁରୁତର ସଙ୍କଟ ସୃଷ୍ଟି ହୋଇଛି। ଦୁଇ ରାଜ୍ୟ ମମତା ବାନାର୍ଜୀଙ୍କ ସରକାରଙ୍କ ସହ ଆଲୋଚନା କରୁଥିଲେ ମଧ୍ୟ କିଛି ଫଳ ମିଳୁନାହିଁ। ପଶ୍ଚିମ ବଙ୍ଗ ସରକାର କହୁଛନ୍ତି ଯେ ଆଗାମୀ ଦୁଇ ମାସରେ ରାଜ୍ୟରେ ଆଳୁ ସଙ୍କଟର ଆଶଙ୍କା ଥିବାରୁ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଗଛିତ ରଖାଯାଇଛି। କିନ୍ତୁ ସେଠାର ବ୍ୟବସାୟୀ ସଂଘ ମମତା ସରକାରଙ୍କ ଯୁକ୍ତିକୁ ବିରୋଧ କରୁଛି। ସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଅଳୁ ▶ପୃଷ୍ଠା-୭




# ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଗରିବଙ୍କୁ ସାହାଯ୍ୟ କରିବେ।

**ମିଥୁନ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିପାରନ୍ତି। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**କନ୍ୟା:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଛାତ୍ରଛାତ୍ରୀମାନେ ଖେଳମନସ୍କ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦେଖାଦେଇପାରେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ଧନୁ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି।

**ମୀନ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ନୂଆ ବ୍ୟବସାୟ ଆରମ୍ଭ କରିବେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ଆୟ ଓ ବ୍ୟୟ ସମାନ ରହିବ।

## ଆଜିର ଇତିହାସ

- ୧୬୭୫-ହଲାଣ୍ଡ ଓ ଇଂଲଣ୍ଡ ସେନା ସନ୍ଧିରେ ହସ୍ତାକ୍ଷର କଲେ।
- ୧୯୧୭- ବ୍ରିଟିଶ ସେନା ଜେରୁଜେଲମ୍ କବ୍‌ଜା କଲା।
- ୧୯୪୬- ସମ୍ବିଧାନ ସଭାର ପ୍ରଥମ ବୈଠକ ଅନୁଷ୍ଠିତ।
- ୧୯୯୨- ଯୁବରାଜ ଚାର୍ଲସ୍ ଓ ଯୁବରାଣୀ ଡାଏନା ଅଲଗା ହେବା କଥା ଘୋଷଣା କଲେ।
- ୨୦୧୧- କଲିକତାର ଏଏମ୍‌ଆର୍‌ଆଇ ହସ୍‌ପିଟାଲରେ ନିଆଁ ଲାଗିବାରୁ ୯୦ଜଣଙ୍କ ପ୍ରାଣହାନି।

## 'ରାମାୟଣ'ରେ ଲକ୍ଷ୍ମଣ ହେବେ ରବି





ନୀତେଶ ତିୱାରି ତାଙ୍କ ଆଗାମୀ ଫିଲ୍ମ 'ରାମାୟଣ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏଥିରେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁର ରାମ ଭୂମିକାରେ ନଜର ଆସିବେ। ସେହିଭଳି ସୀତା ଭୂମିକାରେ ସାଇ ପଲ୍ଲବୀ ଦେଖାଯିବେ। ତେବେ 'ରାମାୟଣ'ରେ ଲକ୍ଷ୍ମଣ ଭୂମିକାରେ କିଏ ଦେଖାଯିବେ ସେନେଇ ଅନେକ ଦିନରୁ କଳ୍ପନାଜଳ୍ପନା ଲାଗି ରହିଥିଲା। ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତା ରବି ଦୁବେ ନିକଟରେ ଏକ ସାକ୍ଷାତକାରରେ ସେ ଲକ୍ଷ୍ମଣ ଭୂମିକାରେ ଅଭିନୟ କରୁଥିବା କଥା ସ୍ୱୀକାର କରିଛନ୍ତି। ରଣବୀରଙ୍କ ସହ ସେ କାମ କରିବା ପାଇଁ ବେଶ୍ ଉତ୍ସାହିତ ଥିବା କଥା ମଧ୍ୟ କହିଛନ୍ତି। ରବି ଆହୁରି ମଧ୍ୟ କହିଛନ୍ତି- 'ମୁଁ ରଣବୀରଙ୍କୁ ବଡ଼ ଭାଇ ଭାବେ। ତାଙ୍କୁ ପୂର୍ବରୁ କେବେ ଭେଟି ନ ଥିଲି। ଏବେ କିନ୍ତୁ ତାଙ୍କ ଭଳି ଜଣେ ମେଗାଷ୍ଟାର୍‌ଙ୍କୁ ଭେଟିବାକୁ ସୁଯୋଗ ପାଇଲି। ମୋ ନଜରରେ ସେ ଏଇ ପିଢ଼ିର ଏକମାତ୍ର ଜଣେ ବ୍ୟବସାୟିକ କଳାକାର। ରଣବୀର କୌଣସି ଭୂମିକାରେ ଫିଟ୍ ହେବା ପାଇଁ ନିଜର ଶତ ପ୍ରତିଶତ ଲଗାଇ ଦିଅନ୍ତି।' ଏଠାରେ ପ୍ରକାଶ ଥାଉ କି, ଏକଦା ଟେଲିଭିଜନ ଜଗତର ଏକ ହିଟ୍ ଧାରାବାହିକ ଥିଲା 'ରାମାୟଣ'। 'ରାମାୟଣ'ରୁ ପ୍ରେରିତ ହୋଇ ୨୦୨୩ରେ 'ଆଦିପୁରୁଷ' ଫିଲ୍ମ ମୁକ୍ତିଲାଭ କରିଥିଲା। ପ୍ରଭାସ ଓ କ୍ରିତି ସାନନ୍‌ଙ୍କ ଅଭିନୀତ ଏହି ଚଳଚ୍ଚିତ୍ର ଆରମ୍ଭରୁ ହିଁ ବିବାଦରେ ରହିଥିଲା। ନୀତେଶ କିନ୍ତୁ 'ରାମାୟଣ'କୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ରଣବୀର ଓ ସାଇପଲ୍ଲବୀଙ୍କ ସୁଟିଂ ସେଟ୍‌ର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏହା ୨୦୨୫ରେ ପରଦାକୁ ଆସିବ।

## ସଡ଼କରେ ବରପାତ୍ର ଖୋଜା

ପ୍ରାପ୍ତ ବୟସ୍କ ହେବା ପରେ ପ୍ରାୟତଃ ପୁଅ ଓ ଝିଅଙ୍କ ପାଇଁ ପରିବାର ଲୋକେ ଉପଯୁକ୍ତ ପାତ୍ରପାତ୍ରୀ ଖୋଜିଥାନ୍ତି। ଆଗରୁ ଲୋକେ ଘଟସୂତ୍ରକାରୀଙ୍କ ସାହାଯ୍ୟରେ ବିବାହ ସ୍ଥିର କରୁଥିଲେ। ଆଜିକାଲି ମାଟ୍ରିମୋନିଆଲ ସାଇଟ୍‌ଗୁଡ଼ିକରେ ବିବାହ ପାଇଁ ବରକନିଆ ଖୋଜାଯାଉଛି। ମୁମ୍ବାଇର ଜଣେ ଯୁବତୀଙ୍କ ବରଖୋଜା



ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏହି ଯୁବତୀ ଜଣକ ଜୀବନସାଥୀ ଖୋଜିବା ପାଇଁ ରାଜପଥକୁ ଓହ୍ଲାଇଛନ୍ତି। ମୁମ୍ବାଇର ୨୯ ବର୍ଷୀୟା, ସୟାଲୀ ସାୱନ୍ତ ଜୀବନସାଥୀ ଖୋଜିବାକୁ ନିଜର ବାୟୋଡାଟାକୁ ଏକ ବଡ଼ ବୋର୍ଡରେ ଛାପିଛନ୍ତି। ଏହାକୁ ଧରି ସେ ସହରର ଭିଡ଼ ଜାଗାଗୁଡ଼ିକରେ ଠିଆ ହୋଇଥିବାର ଦେଖାଯାଇଛନ୍ତି। ସୟାଲି ଜନଗହଳିପୂର୍ଣ୍ଣ ଗେଟ୍ ୱେ ଅଫ୍ ଇଣ୍ଡିଆ ଏବଂ ତାଜ୍ ହୋଟେଲ ନିକଟରେ ଛିଡ଼ା ହୋଇ ବରପାତ୍ର ଖୋଜିବାକୁ ଚେଷ୍ଟା କରିଥିଲେ। ବୋର୍ଡରେ ସେ ନିଜର ନାଁ, ବୟସ, ଉଚ୍ଚତା, ଶିକ୍ଷାଗତ ଯୋଗ୍ୟତା ଆଦି ବିଷୟରେ ଉଲ୍ଲେଖ କରିଥିଲେ।। ଅନ୍ୟପଟେ ନିଜ ପାଇଁ ସେ କିଭଳି ଜୀବନସାଥୀ ଖୋଜୁଛନ୍ତି ସେବିଷୟରେ ବି ଏଥିରେ ଲେଖିଥିଲେ। ସୟାଲିଙ୍କୁ ଏପରି ଅବସ୍ଥାରେ ଦେଖି ରାସ୍ତାରେ ଯାଉଥିବା ଲୋକେ ବେଶ୍ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ପ୍ରକୃତ କଥା ହେଲା, ସୟାଲି ଜଣେ କଣ୍ଟେଣ୍ଟ କ୍ରିଏଟର, ଏଭଳି ଏକ ଅଭିନବ କାର୍ଯ୍ୟ ସମ୍ପର୍କରେ ଲୋକଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ସେ ଏହି ଭିଡିଓଟି କରିଥିଲେ।

### ଆଜି ଆସିଥିଲେ...

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏକାଧାରରେ ଥିଲେ ଜଣେ କବି, ସଙ୍ଗୀତକାର, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ଶିଶୁ ସାହିତ୍ୟିକ। କାନ୍ତକବିଙ୍କ ରଚିତ କାଳଜୟୀ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସରକାର ରାଜ୍ୟ ସଙ୍ଗୀତ ମାନ୍ୟତା ଦେଇଛନ୍ତି। 'ବୁଢ଼ା ଶଙ୍ଖାରି' ଗଳ୍ପ ହେଉ କିମ୍ବା 'ଜୀବନ ସଙ୍ଗୀତ' କବିତା, ଉଭୟ ପଦ୍ୟ ଓ ଗଦ୍ୟ ପାଇଁ ସେ ପାଠକଙ୍କ ନିକଟରେ ଆଦୃତ ହୋଇଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର ୧୮୮୮ ମସିହା ଆଜିର ଦିନରେ କଟକ ଜିଲ୍ଲାର ବାଖରାବାଦର ଧୂଆଁପତ୍ରିଆ ଗଳିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୈତୃକ ଗ୍ରାମ ହେଉଛି ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ଅନ୍ତର୍ଗତ ତାଳପଦା। ସେ ମାଣବସା ଗୁରୁବାର ତିଥିରେ ଜନ୍ମ ନେଇଥିବାରୁ ମାତା ଲକ୍ଷ୍ମୀଙ୍କ ନାମ ଅନୁସାରେ ତାଙ୍କ ନାମ ଲକ୍ଷ୍ମୀକାନ୍ତ ରଖାଯାଇଥିଲା। ତାଙ୍କ ପିତାଙ୍କ ନାମ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ଓ ମାତାଙ୍କ ନାମ ରାଧାମଣୀ। ପିଲାଟି ବେଳୁ ସାହିତ୍ୟ ପ୍ରତି ସେ ଆକର୍ଷିତ ଥିଲେ। ହାଇସ୍କୁଲରେ ପଢ଼ିବା ସମୟରେ ସେ ପାଠ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଓ ଇଂରେଜ ସୈନ୍ୟମାନଙ୍କଦ୍ୱାରା ବନ୍ଦୀ ହୋଇ ଜେଲ ମଧ୍ୟ ଯାଇଥିଲେ। ୧୯୧୩ରେ ସେ ରେଭେନ୍ସା କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ। ଓଡ଼ିଆ ଜାତି ମଧ୍ୟରେ ନିକୃଷ୍ଟତାକୁ ଦୂର କରି ଦୃଢ଼ ଆତ୍ମବିଶ୍ୱାସ ଜଗାଇବା ଲକ୍ଷ୍ମୀକାନ୍ତଙ୍କ କବିତାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଓଡ଼ିଆମାନଙ୍କର ହଜିଯାଇଥିବା ଖ୍ୟାତି ଏବଂ ପୁରାତନ ପରମ୍ପରାକୁ ଫେରି ପାଇବା ତଥା ମାତୃଭୂମି ଏବଂ ମାତୃଭାଷା ପ୍ରତି ପ୍ରେମ ଓ ଭକ୍ତି ଜାଗ୍ରତ କରିବା ତାଙ୍କ କବିତାର ଅନ୍ୟ ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା। ସେ ମାସିକ ସାହିତ୍ୟ ପତ୍ରିକା 'ଡଗର'ର ପ୍ରତିଷ୍ଠାତା ଥିଲେ। 'ଡଗର'ରେ 'ମୁଁ କାହିଁକି ଲେଖେ' ଶୀର୍ଷକ ସ୍ତମ୍ଭରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ଲେଖକଙ୍କ ସ୍ୱାକ୍ଷର ରହିଛି। କାନ୍ତକବିଙ୍କ ରଚିତ 'ଜୀବନ ସଙ୍ଗୀତ' ଓଡ଼ିଶା ସାହିତ୍ୟ ଜଗତରେ ଏକ ଦୁର୍ଲଭ ସଙ୍ଗୀତ ଗ୍ରନ୍ଥ। କବି ନିଜ ରଚିତ ସଙ୍ଗୀତର ସ୍ୱର ନିଜେ ଦେବା ସହ ଏହାର ଇଂରାଜୀ ଅନୁବାଦ 'ସଙ୍ଗ ଅଫ୍ ଦ ସୋଲ' ନିଜେ କରିଛନ୍ତି। ଏଥିରେ ଅନେକ ହୃଦୟସ୍ପର୍ଶୀ ଭକ୍ତିଭାବ ଓ ସ୍ୱାଧୀନତା ଉଦ୍ରେକକାରୀ ସଙ୍ଗୀତ ରହିଛି। 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ', 'ମୋ ସକଳ ଗର୍ବ ଚୂର୍ଣ୍ଣ କରିଛ', 'ଦେ ମୋତେ ବାୟା କରି', 'କୋଟି କୋଟି କଣ୍ଠେ ଆଜି', 'ଉଡ଼ାଇ ନିଶାଣ ବଜାଇ ଭେରି', 'ବନ୍ଦେ ଉତ୍କଳ ଜନନୀ' ଭଳି ଅନେକ କାଳଜୟୀ ସଙ୍ଗୀତର ସେ ସ୍ରଷ୍ଟା। ୧୯୫୩ ମସିହା ଫେବୃଆରୀ ୨୪ ତାରିଖରେ ୬୪ବର୍ଷ ବୟସରେ ଏହି ସାରସ୍ୱତ ସାଧକ ପରଲୋକଗମନ କରିଥିଲେ।

## ଗୀତାବାଣୀ



ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ।
ସର୍ବସଙ୍କଳ୍ପସନ୍ନ୍ୟାସୀ ଯୋଗାରୂଢ଼ସ୍ତଦୋଚ୍ୟତେ॥

ସମସ୍ତ ସଂକଳ୍ପ ତ୍ୟାଗ କରିଥିବା ମନୁଷ୍ୟ ଯେତେବେଳେ ଇନ୍ଦ୍ରିୟଭୋଗରେ ଓ କର୍ମରେ ଆସକ୍ତ ହୁଏ ନାହିଁ, ସେତେବେଳେ ତାକୁ ଯୋଗାରୂଢ଼ କୁହାଯାଏ।

ଷଷ୍ଠୋଽଧ୍ୟାୟଃ- ଶ୍ଳୋକ-୪

## ସ୍ୱସ୍ତି

## ଧୂପକାଠି ଜାଳିବାର ନିୟମ

**ଠାକୁରଙ୍କ ପାଖରେ ଆମେ ଦୀପ, ଧୂପ ଜାଳିଥାଉ। ତେବେ ଦୀପ ଭଳି ଧୂପକାଠି ଜାଳିବା ପାଇଁ ମଧ୍ୟ କେତେକ ନିୟମ ରହିଛି, ଆସନ୍ତୁ ଜାଣିବା ସେବିଷୟରେ।**



ଧୂପକାଠି ତଥା ଅଗରବତି ଜାଳିବା ଶୁଭ। ଏହା ସକାରାତ୍ମକ ଶକ୍ତି ସଞ୍ଚାର କରେ। ଏହାକୁ ଭଗବାନଙ୍କ ପ୍ରତି ବିଶ୍ୱାସ ଓ ସମର୍ପଣର ପ୍ରତୀକ ଭାବେ ବିବେଚନା କରାଯାଏ। ଏହା ଧ୍ୟାନ ଓ ଏକାଗ୍ରତା ବୃଦ୍ଧିରେ ମଧ୍ୟ ସାହାଯ୍ୟ କରେ। ତେବେ ପୂଜା କରିବା ବେଳେ ଅଧିକ ଧୂପକାଠି ଜଳାଇବା ଠିକ୍ ନୁହେଁ। ଦୁଇଟି ଧୂପକାଠି ଜାଳିବା ଯଥେଷ୍ଟ। ଘରର ସୁଗନ୍ଧ ପାଇଁ ଗୋଟିଏ ଧୂପକାଠି ଉପଯୁକ୍ତ। ଶୋଇବା ପୂର୍ବରୁ ଧୂପକାଠି ଜଳାନ୍ତୁ ନାହିଁ। ସେହିପରି ଲକ୍ଷ୍ମୀ, ପାର୍ବତୀ, ଦୁର୍ଗା, ମୁକାମ୍ବିକା, ଅନ୍ନପୂର୍ଣ୍ଣା ଆଦି ଦେବୀଙ୍କ ନିକଟରେ ଚମ୍ପା, ମଲ୍ଲୀ ବାସ୍ନାଯୁକ୍ତ ଧୂପକାଠି ଜାଳିବା ଭଲ। ଚମ୍ପାଫୁଲ ଦେବୀ ଦେବତାଙ୍କ ଅତ୍ୟନ୍ତ ପ୍ରିୟ। ଏଣୁ ଏହି ସୁଗନ୍ଧର ଧୂପକାଠି ଦ୍ୱାରା ଦେବୀ ପ୍ରସନ୍ନ ହୋଇଥାନ୍ତି। ତେବେ ଶିବ, ବିଷ୍ଣୁ, ଗଣେଶ, ନରସିଂହ, ହନୁମାନ ଆଦି ଦେବତାଙ୍କୁ ପୂଜା କରିବା ବେଳେ ଚନ୍ଦନ ସୁଗନ୍ଧଯୁକ୍ତ ଧୂପକାଠି ଜାଳିବା ଶୁଭ। କାରଣ ଚନ୍ଦନ ଶୀତଳତା ପ୍ରଦାନ କରିଥାଏ। ଧୂପକାଠିକୁ ପୂଜାଘରେ, ତୁଳସୀ ଚଉଁରା ମୂଳେ, ବୈଠକ ଘର ଜାଳିବା ଉଚିତ। କିନ୍ତୁ ଏହାକୁ ଶୋଇବା ଘରେ ଜାଳିବା ଭଲ ନୁହେଁ।

## ପଣ୍ଡୁ ଓଷା

ମାର୍ଗଶିର ପୂର୍ଣ୍ଣିମାକୁ 'ପଣ୍ଡୁ ପୂର୍ଣ୍ଣିମା' କୁହାଯାଏ। ଏହି ସମୟରେ ହେମନ୍ତ ଋତୁର ଶେଷ ହୁଏ ଏବଂ ଶୀତ ଆରମ୍ଭ ହୋଇଥାଏ। ସକାଳୁ କୁହୁଡ଼ି ପଡ଼ିଥାଏ। ଏହା ଯୋଗୁଁ ଚାରିଆଡ଼େ ଫିକାଧଳା ବା ପାଣ୍ଡୁର ବର୍ଣ୍ଣ ଦେଖାଯାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପଣ୍ଡୁ ଓଷା ପାଳନ କରାଯାଏ। ବଡ଼ଓଷା ଭଳି ଗଜ ବସାଯାଇ ଏହି ବ୍ରତ ପାଳନ କରାଯାଏ। ଏହି ପୂଜାରେ ଯମରାଜଙ୍କୁ ଉପାସନା କରାଯାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସନ୍ତାନ ପ୍ରାପ୍ତି। ଏହି ଓଷା ପାଳନକୁ ନେଇ ନିର୍ଦ୍ଦିଷ୍ଟ ବିଧି ଅଛି। ପୂଜାର ମୁଖ୍ୟ ଭୋଗ ମଣ୍ଡା ପିଠା। ପାଣ୍ଡବମାନଙ୍କ ବଡ଼ ଭାଇ ଯୁଧିଷ୍ଠିରଙ୍କୁ ଏହି ଓଷା ସମର୍ପିତ। ଅନ୍ୟପଟେ ଶ୍ରୀମନ୍ଦିର ପରମ୍ପରା ବିଧିରେ ବିଧାନର ସହ ପଣ୍ଡୁ ଓଷା ପାଳନ କରାଯାଏ। ଏହି ଅବସରରେ ଶ୍ରୀମନ୍ଦିରର ଦକ୍ଷିଣୀ ଘରେ ଥିବା ଅଷ୍ଟଭୁଜ ଉଗ୍ରନୃସିଂହ ବା ପଣ୍ଡୁ ନୃସିଂହ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ଭ୍ରମଣ କରିଥାନ୍ତି।



## ବ୍ୟଞ୍ଜନ ଦ୍ୱାଦଶୀ

**ମାର୍ଗଶିର ଶୁକ୍ଳ ଦ୍ୱାଦଶୀକୁ 'ବ୍ୟଞ୍ଜନ ଦ୍ୱାଦଶୀ' ଭାବେ ପାଳନ କରାଯାଏ। ଏହି ଦିନଟି ଭଗବାନ ଶ୍ରୀକୃଷ୍ଣଙ୍କୁ ସମର୍ପିତ। ବିଶେଷକରି ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟଙ୍କର ଏହା ଏକ ପ୍ରମୁଖ ପର୍ବ।**



ପୌରାଣିକ ଆଖ୍ୟାନ ଅନୁସାରେ, ବ୍ୟଞ୍ଜନ ଦ୍ୱାଦଶୀ ଦିନ ମାତା ଯଶୋଦା ପ୍ରଭୁ ଶ୍ରୀକୃଷ୍ଣଙ୍କ ଖୁସି ପାଇଁ ତାଙ୍କୁ ବିବିଧ ବ୍ୟଞ୍ଜନ ଖୁଆଇ ଥିଲେ। ଏହାକୁ ସ୍ମରଣ କରି ବୈଷ୍ଣବୀୟ ମଠଗୁଡ଼ିକରେ ଆରାଧ୍ୟ ଠାକୁରଙ୍କୁ ବହୁ ପ୍ରକାରର ଭୋଗ କରାଯାଇ ଥାଏ। ତେବେ ଏ କ୍ଷେତ୍ରରେ ପୁରୀର ମାତାମଠ ବା ଗୌର ବିହାର ଆଶ୍ରମ ଚର୍ଚ୍ଚାକୁ ଆସିଥାଏ। କାରଣ କିଛି ବର୍ଷ ହେଲାଣି ଏଠାରେ ଠାକୁରଙ୍କୁ ଶହ ଶହ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଲାଗି କରାଯାଉଛି। ଯାହା ଦେଶ ତଥା ଦେଶ ବାହାରେ ଆଲୋଚନାର ବିଷୟ ହୋଇଥାଏ। କେବେ ୫୦୫ ତ ଆଉ କେଉଁ ବର୍ଷ ୫୫୫, ୬୦୬ ପ୍ରକାର ବ୍ୟଞ୍ଜନ ଏଠାରେ ଲାଗି ହୁଏ। ତେବେ ଏ ସବୁ ବ୍ୟଞ୍ଜନରେ ୫୦ରୁ ଅଧିକ ପ୍ରକାର ଅନ୍ନ, ୫୦ରୁ ଅଧିକ ପ୍ରକାର ଡାଲି, ୧୦୦ରୁ ଅଧିକ ପ୍ରକାର ତରକାରି, ୫୦ରୁ ଅଧିକ ପ୍ରକାର ଭଜା ଓ ୧୦୦ରୁ ଅଧିକ ପ୍ରକାର ପିଠା ଓ ମିଠା ଆଦି ପ୍ରସ୍ତୁତ ହୁଏ। ସେହିପରି ଏତେ ସଂଖ୍ୟକ ବ୍ୟଞ୍ଜନ ପରଷିବା ପାଇଁ ସ୍ୱତନ୍ତ୍ର ଭାବେ ତିଆରି ଖଳିପତ୍ର ବ୍ୟବହାର କରାଯାଏ। ତେବେ ଏହି ଭୋଗ ସଂଖ୍ୟା ପ୍ରତିବର୍ଷ ବଦଳିଥାଏ। ଅନ୍ୟପଟେ ଶ୍ରୀକ୍ଷେତ୍ରରେ ଅନ୍ୟାନ୍ୟ ମଠ ମନ୍ଦିରରେ ମଧ୍ୟ ଠାକୁରଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି କରାଯାଇ ଭୋଗ ଲାଗି କରାଯାଇଥାଏ।

## ଜାଣନ୍ତୁ

ପୁରୀ ଶ୍ରୀମନ୍ଦିରର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି **'କରାଳ ଚନ୍ଦନ।'** ଝୁଣା, ରାଶି ତେଲରେ ପ୍ରସ୍ତୁତ ଏକ ଅଠାକୁ କରାଳ କୁହାଯାଏ। ଏଥିରେ ଚନ୍ଦନ, କର୍ପୂର, କସ୍ତୁରୀ, ଚୁଆ ଆଦି ମିଶ୍ରଣ କରାଯାଏ। ଏହାକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରଲେପ ଦିଆଯାଏ। ଏହି ପ୍ରଲେପ ଶ୍ରୀଅଙ୍ଗରୁ ଖସି ପଡ଼ିବା ପରେ ଏହାର କ୍ଷୁଦ୍ର କଣିକା ପାଇଁ ଭକ୍ତ ବ୍ୟାକୁଳ ହୁଅନ୍ତି। ଏହି କରାଳ ଚନ୍ଦନ ଭକ୍ତଙ୍କ ଦୃଷ୍ଟିରେ ମହାପ୍ରସାଦ ତୁଲ୍ୟ।

## ଘରେ ବଇଁଶୀ ରଖିବା ଶୁଭ

**ଭଗବାନ ଶ୍ରୀକୃଷ୍ଣଙ୍କର ଅତି ପ୍ରିୟ ହେଉଛି ବଂଶୀ ବା ମୁରଲୀ। ତେଣୁ ଭଗବାନ କୃଷ୍ଣଙ୍କୁ ମୁରଲୀଧର ତଥା ବଂଶୀଧାରୀ ବୋଲି କୁହାଯାଏ। ବଇଁଶୀ ଘରେ ରଖିବା ମଧ୍ୟ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ।**

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ବଇଁଶୀକୁ ବଜାଇଲେ ଖରାପ ଶକ୍ତିର ପ୍ରଭାବ ନଷ୍ଟ ହୋଇଥାଏ। ଏହାସହ ଘରେ ସକାରାତ୍ମକତା ଆସିଥାଏ।
- ଚାକିରି ମିଳିବାରେ ସମସ୍ୟା ହେଉଥିଲେ, ଘରେ ବଇଁଶୀ ରଖିଲେ ଏହାର ସମାଧାନ ହୋଇଥାଏ।
- ଘରେ ବଇଁଶୀ ରଖିବା ଦ୍ୱାରା ମାନସିକ ଚିନ୍ତା ଦୂର ହୁଏ ବୋଲି କୁହାଯାଏ।

ତୁଷୁରା ଥାନା ପରିସରରେ ଖଣ୍ଡଯୁଦ୍ଧ

# ଥାନା ଉପରକୁ ଟେଁକାମାଡ଼, ଗୋଡ଼ାଇ ପିଟିଲା ପୁଲିସ

**ବଲାଙ୍ଗିର, ୮ ।୧୨(ସମିସ):** ଆଜି ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ପରିସରରେ ପୁଲିସ୍-ଜନତା ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ସହରର ଏକ ନିର୍ଦ୍ଦିଷ୍ଟ ପଡ଼ାର ବହୁ ଲୋକ ହଠାତ୍ ଥାନା ପରିସରକୁ ଧସେଇ ପଶିବା ସହ ଥାନା ଉପରକୁ ଟେଁକାପଥର ମାଡ଼ କରିଛନ୍ତି।

■ ସହରରେ ଉତ୍ତେଜନା, ଫୋର୍ସ ମୁତୟନ
■ ଦୁଇପଡ଼ା ମଧ୍ୟରେ ଗଣ୍ଡଗୋଳକୁ ନେଇ ଉତ୍ତେଜନା



ପୁଲିସ୍ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନରେ ଆକ୍ରମଣକାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଛି। ଏହି ଘଟଣାରେ ପ୍ରାୟ ୬ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ୍ ସେମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଛି। ଏହାକୁ ନେଇ ସହରରେ ଉତ୍ତେଜନା ଜାରି ରହିଛି। କୌଣସି ଅପ୍ରୀତିକର ଘଟଣା ଆଶଙ୍କାରେ ବ୍ୟାପକ ଫୋର୍ସ ମୁତୟନ କରାଯିବା ସହ ସ୍ଥିତି ଉପରେ ପୁଲିସ୍ ତୀକ୍ଷ୍ଣ ନଜର ରଖିଛି।

ସୂଚନାନୁଯାୟୀ, କିଛି ଦିନ ତଳେ ତୁଷୁରା ସହରର ଗୋଦାମପଡ଼ା ଓ ପତିତପାବନପଡ଼ା ଭିତରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପଡ଼ାର ବାସିନ୍ଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଘଟଣା ଶାନ୍ତ ପଡ଼ିଥିଲା। ଉଭୟ ପଡ଼ାବାସୀ ମଧ୍ୟ ନିରବ ରହିଥିଲେ। ହେଲେ ପୁଣିଥରେ ଗୋଦାମପଡ଼ାର ଏକ ଦୋକାନା ଆଗରେ ଦୁଇ ପଡ଼ାବାସୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଘଟଣା ପରେ ପତିତପାବନପଡ଼ାର ଯୁବକମାନେ ଗୋଦାମପଡ଼ାର ଯୁବରାଜ ହରପାଲ ଓ କିଛି ଯୁବକଙ୍କୁ ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାକୁ ନେଇ ରବିବାର ପୁଣି ଗୋଦାମପଡ଼ା ବାସିନ୍ଦା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ୍ ଜଣେ ଯୁବକଙ୍କୁ ଅଟକ ରଖିଥିଲା। କିନ୍ତୁ ଅନ୍ୟ ଅଭିଯୁକ୍ତଙ୍କୁ ପୁଲିସ୍ କାହିଁକି ଧରୁନାହିଁ ବୋଲି ଅଭିଯୋଗକାରୀଙ୍କ ସହ ପୁଲିସ୍‌ର କଟାକଟି ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି କିଛି ସମୟ ପରେ ବହୁ ସଂଖ୍ୟାରେ ପଡ଼ା ବାସିନ୍ଦା ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବା ସହ ଥାନା ଉପରକୁ ଟେଁକାମାଡ଼ କରିଥିଲେ। ଥାନା ଗାଡ଼ି ଉପରେ ମଧ୍ୟ ଆକ୍ରମଣ କରିଥିଲେ। ଏହା ଦେଖି ପୁଲିସ୍ ପ୍ରତିବାଦକାରୀଙ୍କୁ ଘଉଡ଼ାଇବାକୁ ଲାଠିଚାର୍ଜ କରିଥିଲା।

ଖବର ପାଇ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ ଓ ଦେଓଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏସ୍‌ପି ଋଷିକେଶ ଖିଲାରୀଙ୍କ କହିବା ଅନୁସାରେ ଏକ ଅଭିଯୋଗକୁ କେନ୍ଦ୍ର କରି ପଡ଼ାବାସୀ ଝାମେଲା କରିଥିଲେ। ସେମାନେ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ତେଣୁ ପୁଲିସ୍ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଛି। କିନ୍ତୁ ପୁଲିସ୍ କୌଣସି ପ୍ରକାର ଆକ୍ରମଣ କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଗୋଦାମ ନିକଟରୁ ମହିଳାଙ୍କ ଶବ ଉଦ୍ଧାର ଘଟଣାର ପର୍ଦ୍ଦାଫାସ

# ଗଣଦୁଷ୍କର୍ମ ପରେ ହତ୍ୟା; ୨ ଗିରଫ

**ମାଲକାନଗିରି/କୋରୁକୋଣ୍ଡା, ୮ ।୧୨(ସମିସ):** କୋରୁକୋଣ୍ଡା ବ୍ଲକ୍ ସଦର ମହକୁମା ଏଫ୍‌ସିଆଇ ଗୋଦାମ ସମ୍ମୁଖରୁ ମହିଳାଙ୍କ ଶବ ଉଦ୍ଧାର ଘଟଣାର ପର୍ଦ୍ଦାଫାସ୍ କରିଛି ମାଲକାନଗିରି ପୁଲିସ୍। ସଂପୃକ୍ତ ମହିଳାଙ୍କୁ ଗଣବଳାତ୍କାର କରାଯିବା ପରେ ହତ୍ୟା କରାଯାଇଛି। ମୃତ ମହିଳାଜଣଙ୍କ ହେଲେ, ଗୁରୁବାରୀ ଦାସ। ଏହି ଘଟଣାରେ ପୁଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, କୋରୁକୋଣ୍ଡା ଏଫ୍‌ସିଆଇ ଗୋଦାମରେ କାମ କରୁଥିବା ରାକେଶ ଢାଲି ଓ କୋରୁକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟର ରାତ୍ର ଜଗୁଆଳି କମ୍ଳୁ ନାଗ। ମାଲକାନଗିରି ଏସ୍‌ଡିପିଓ ସଚିନ ପଟେଲ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାରୀ ୧୨ ବର୍ଷ ଧରି କୋରୁକୋଣ୍ଡାରେ ଏକ ଘର ଭଡ଼ା ନେଇ ରହୁଥିଲେ। କୁଲି କାମ କରି ସେ ଗୁଜୁରାଣ ମେଣ୍ଟାଉଥିଲେ। ଅଭିଯୁକ୍ତଦ୍ୱୟ ଗତ ବୁଧବାର ରାତିରେ ଗୁରୁବାରୀଙ୍କୁ ଫୋନ କରି ଏଫ୍‌ସିଆଇ ଗୋଦାମ ନିକଟକୁ ଡାକିଥିଲେ। ମହିଳାଜଣକ ପହଞ୍ଚିବା ପରେ ୨ଜଣ ତାଙ୍କୁ ନିକଟରେ ଥିବା ଏକ ବଖରାକୁ ନେଇ ଗଣଦୁଷ୍କର୍ମ କରିଥିଲେ। ତେବେ ଗୁରୁବାରୀ ପାଟି କରିବାକୁ ଚେଷ୍ଟା କରିବାରୁ ସେମାନେ ତାଙ୍କ ପାଟିକୁ ଚାପି ଧରିଥିଲେ। ଏଥିରେ ସେ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇଥିଲେ ବୋଲି ଏସ୍‌ଡିପିଓ କହିଛନ୍ତି। ପରେ ଅଭିଯୁକ୍ତଦ୍ୱୟ ତାଙ୍କ ମୃତଦେହକୁ ଏଫ୍‌ସିଆଇ ଗୋଦାମ ସମ୍ମୁଖରେ ଫୋପାଡ଼ି ଦେଇଥିଲେ।

ତଦନ୍ତ ବେଳେ ଗୋଦାମ ନିକଟ ଏକ କୋଠରିରୁ ମହିଳାଙ୍କ ଶାଢ଼ିର କିଛି କପଡ଼ା ଖଣ୍ଡ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣକୁ ଆଧାର କରି ପୁଲିସ୍ ଏହି ୨ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିଥିଲା। ଜେରା ବେଳେ ଅଭିଯୁକ୍ତମାନେ ସମସ୍ତ ଘଟଣା ସ୍ୱୀକାର କରିଥିଲେ।





# ୩ବର୍ଷରେ ହୁଣ୍ଡିରୁ ଆଦାୟ ହୋଇଛି ୧୧୩ କୋଟି

**ଭୁବନେଶ୍ୱର, ୮ ।୧୨(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରୁ ଗତ ତିନି ବର୍ଷ ଭିତରେ ୧୧୩ କୋଟି ଟଙ୍କା ଆଦାୟ ହୋଇଛି। ଭକ୍ତମାନେ ଦାନ ସୂତ୍ରରେ ମନ୍ଦିରର ପରିଚାଳନା ପାଇଁ ଏହି ଟଙ୍କା ଦେଇଛନ୍ତି। ବିଧାୟକ ସନାତନ ମହାକୁଡ଼ଙ୍କ ପ୍ରଶ୍ନରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଉତ୍ତର ରଖିଛନ୍ତି। ମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁସାରେ, ୨୦୨୧ରୁ ୨୦୨୪ ମଧ୍ୟରେ ହୁଣ୍ଡି ସମେତ ବିଭିନ୍ନ ସୂତ୍ରରୁ ଜଗନ୍ନାଥ ମନ୍ଦିରକୁ ଆସିଛି ୧୧୩ କୋଟି ୨ ଲକ୍ଷ ୫୫ ହଜାର ୮୮୯ ଟଙ୍କା। କେବଳ ହୁଣ୍ଡିରୁ ୨୦୨୧-୨୨ରେ ୮ କୋଟି ୨୩ ଲକ୍ଷ ୧୩ ହଜାର ମିଳିଥିବା ବେଳେ, ୨୦୨୨-୨୩ରେ ୧୫ କୋଟି ୪୬ ଲକ୍ଷ ୧୭ ହଜାର ଏବଂ ୨୦୨୩-୨୪ରେ ୧୬ କୋଟି ୯୨ ଲକ୍ଷ ୩୬ ହଜାର ଟଙ୍କା ମିଳିଛି। ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଜଗନ୍ନାଥ ମନ୍ଦିରକୁ ୨୦୨୧-୨୨ରେ ୬ କୋଟି ୮୩ ଲକ୍ଷ ୩୧ ହଜାର ୯୬୧ ଟଙ୍କା ମିଳିଥିବା ବେଳେ ୨୦୨୨-୨୩ରେ ୩୦ କୋଟି ୭୨ ଲକ୍ଷ ୨୭ ହଜାର ଓ ୨୦୨୩-୨୪ରେ ୨୨ କୋଟି ୨୪ ଲକ୍ଷ ୩୯ ହଜାର ଟଙ୍କା ମିଳିଛି। ସେହିପରି ଅନ୍ୟାନ୍ୟ ସୂତ୍ରରୁ ଜଗନ୍ନାଥ ମନ୍ଦିରକୁ ୨୦୨୧-୨୨ରେ ୨ କୋଟି ୨୫ ଲକ୍ଷ ୩୧ ହଜାର, ୨୦୨୨-୨୩ରେ ୪ କୋଟି ୬୨ ଲକ୍ଷ ଏବଂ ୨୦୨୩-୨୪ରେ ୫ କୋଟି ୭୩ ଲକ୍ଷ ୫୭ ହଜାର ଟଙ୍କା ମିଳିଥିବା ସୂଚନା ରହିଛି।

# ଡି ଏସ୍ କୁଟେ ବିଏସ୍‌ଏଫ୍ ଆଇଜି ନିଯୁକ୍ତ

**ଭୁବନେଶ୍ୱର, ୮ ।୧୨(ସମିସ):** ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ଧୀରେନ୍ଦ୍ର ସମ୍ଭାଜୀ କୁଟେଙ୍କୁ ବିଏସ୍‌ଏଫ୍ ଆଇଜି ଭାବେ ନିଯୁକ୍ତି ଦେଇଛନ୍ତି କେନ୍ଦ୍ର ସରକାର। ସଂପ୍ରତି ରାଜ୍ୟ ଗୃହ ବିଭାଗର ଓଏସ୍‌ଡି ଥିବା ଶ୍ରୀ କୁଟେ ତାଙ୍କ



ଅବସର ସମୟ ୨୦୨୮ ଫେବୃଆରୀ ୨୯ ତାରିଖ ଯାଏ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବିଏସ୍‌ଏଫ୍ ଆଇଜି ଭାବେ ଦାୟିତ୍ୱରେ ରହିବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବଙ୍କୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି। ନୂତନ ଦାୟିତ୍ୱ ସହ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ତାଙ୍କୁ ବର୍ତ୍ତମାନର ଦାୟିତ୍ୱରୁ ମୁକ୍ତ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତରଫରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି। ଗତକାଲି ଆଇପିଏସ୍ ଆଶିଷ ସିଂ ଆଇଟିବିପି ଆଇଜି ଭାବେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିବାବେଳେ ଆଜି ଆଇପିଏସ୍ ଡି ଏସ୍ କୁଟେଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ଯିବାକୁ ଅନୁମତି ମିଳିଛି।

ଚାଷୀ ପାଇଲେ ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି

# ଖାଦ୍ୟ ସୁରକ୍ଷାରେ ବରଗଡ଼ର ଅବଦାନ ମହତ୍ତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



**ସୋହେଲା, ୮।୧୨(ସମିସ):** ବରଗଡ଼ ଜିଲ୍ଲା ଓଡ଼ିଶାର ଭାତହାଣ୍ଡି। ଏ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନେ କଠିନ ପରିଶ୍ରମ କରି ସାରା ଓଡ଼ିଶାରେ ସବୁଠାରୁ ଅଧିକ ଧାନ ଉତ୍ପାଦନ କରିଥା'ନ୍ତି। ରାଜ୍ୟର ଖାଦ୍ୟ ସୁରକ୍ଷା ପାଇଁ ବରଗଡ଼ ଜିଲ୍ଲାର ଅବଦାନ ମହତ୍ତ୍ୱପୂର୍ଣ୍ଣ। ଚାଷୀ ଭାଇଙ୍କ ପ୍ରଗତି ନ ହେଲେ ଦେଶର ପ୍ରଗତି ଅସମ୍ଭବ। ଚାଷୀ ତା'ର ଉତ୍ପାଦର ଉଚିତ ମୂଲ୍ୟ ପାଇବା ନିତାନ୍ତ ଆବଶ୍ୟକ। ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ସହାୟତା ରାଶି ପ୍ରଦାନ ଶୁଭାରମ୍ଭ କରିବା ଅବସରରେ ବରଗଡ଼ ଜିଲ୍ଲା ସୋହେଲାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜେପି ସରକାର ଗଠନ ହେବା ପରେ ପ୍ରଥମ କ୍ୟାବିନେଟ୍‌ରେ ଯେଉଁ ଚାରିଟି ପ୍ରମୁଖ ନିଷ୍ପତ୍ତି ନେଇଥିଲେ, ସେ ସବୁ ନିଷ୍ପତ୍ତି ୬ ମାସ ମଧ୍ୟରେ ପୂରଣ କରାଯାଇଛି। ଆଜି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ଟଙ୍କା ଉପରେ ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରାଯାଇଛି। ଫଳରେ ଚାଷୀମାନେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇଛନ୍ତି। ଆଜି ୨୧, ୫୦୦ ଚାଷୀ ଇନପୁଟ୍ ସହାୟତା ପାଇଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ରାଜ୍ୟର ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଅନ୍ୟ ରାଜ୍ୟର ଧାନ ଯେଭଳି ଓଡ଼ିଶାକୁ ଆସି ବିକ୍ରୟ ନ ହୁଏ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାଜ୍ୟର ସୀମାନ୍ତ ଅଞ୍ଚଳରେ ଏହି ତନଖି ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମଣ୍ଡିରୁ ଧାନ ନେଇ ଯାଉଥିବା ଗାଡ଼ି ଉପରେ ମଧ୍ୟ ଏନ୍‌ଫୋର୍ସମେଣ୍ଟ ଟିମ୍ କଡ଼ା ନଜର ରଖିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ ସରକାର ଯାହା କହିଥିଲେ, ତାହା କରି ଦେଖାଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ଏହା ଆମ ସରକାରଙ୍କ ପ୍ରଥମ ନିଷ୍ପତ୍ତି ଥିଲା ଆଜି ତାହା ପୂରଣ ହୋଇଛି। ମଣ୍ଡି ମାନଙ୍କରୁ ଦଲାଲମାନଙ୍କ ଦୌରାତ୍ମ୍ୟ ବନ୍ଦ କରିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେଇଛନ୍ତି। କାର୍ଯ୍ୟକ୍ରମରେ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଧାନ କିଣାକୁ ସ୍ୱଚ୍ଛ କରିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଇରାଶିଷ ଆଚାର୍ଯ୍ୟ, ଅଶ୍ୱିନୀ ଷଡ଼ଙ୍ଗୀ, ନୀହାର ମହାନନ୍ଦ ଓ ସନତ କୁମାର ଗଡ଼ତିଆ ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ରଖିଥିଲେ। ପଦ୍ମଶ୍ରୀ ହଳଧର ନାଗ ଓ ପଦ୍ମଶ୍ରୀ ଭାଗବତ ପ୍ରଧାନ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଏମିତି ଚାଲିଛି ସରକାର...

# ସରକାରଙ୍କ ଆଦେଶ ମାନୁନାହାନ୍ତି ଜିଲ୍ଲାପାଳ

**ଭୁବନେଶ୍ୱର, ୮ ।୧୨(ସମିସ):** ଜନସାଧାରଣଙ୍କୁ ସୁଶାସନ ପ୍ରଦାନ କରିବା ଏବଂ ଦକ୍ଷ ପ୍ରଶାସନ ପାଇଁ ନୂଆ ଏନ୍‌ଏଏସି ଓ ମ୍ୟୁନିସିପାଲିଟି ଗଠନର ଆବଶ୍ୟକତା ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏବେ ଜିଲ୍ଲାପାଳମାନେ ସରକାରଙ୍କ ନିର୍ଦ୍ଦେଶ ମାନିବାକୁ ନାରାଜ। ଯେତେ କହିଲେ ବି ନୂଆ ଏନଏସି ଓ ମ୍ୟୁନିସିପାଲିଟି ଗଠନ ସଂକ୍ରାନ୍ତ ରିପୋର୍ଟ ଜିଲ୍ଲାପାଳମାନଙ୍କ କାର୍ଯ୍ୟାଳୟରୁ ଆସିପାରୁ ନାହିଁ। ଏପଟେ ପୂର୍ବ ସରକାରଙ୍କ ଘୋଷଣା ଅନୁସାରେ ନୂଆ ଏନ୍‌ଏଏସି ତଥା ମ୍ୟୁନିସିପାଲିଟି ଗଠନକୁ ଚାହିଁ ଚାହିଁ ଜଳକା ହେଲେଣି ଜନତା। ଖୋଦ୍ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହା ବିଧାନସଭାରେ ସ୍ୱୀକାର କରିଛନ୍ତି। ଗତ ୩ ତାରିଖରେ ବିଧାୟକ ବଦ୍ରୀ ନାରାୟଣ ପାତ୍ର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଡଃ ମହାପାତ୍ର ଉତ୍ତର ରଖି କହିଛନ୍ତି ଯେ ଗତ ଫେବୃଆରୀ ଓ ମାର୍ଚ୍ଚ ମାସରେ ତତ୍କାଳୀନ ରାଜ୍ୟ ସରକାର ରାଜ୍ୟରେ ୫୭ଟି ନୂଆ ଏନ୍‌ଏସି ଓ ୬ଟି ନୂଆ ମ୍ୟୁନିସିପାଲିଟି ଗଠନ ସମ୍ବନ୍ଧରେ ଘୋଷଣା କରିଥିଲେ। ଏଥିପାଇଁ ପୂର୍ଣ୍ଣାଙ୍ଗ ରିପୋର୍ଟ ସରକାରଙ୍କୁ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରାଯାଇଛି। ଏହା ବ୍ୟତୀତ ଆଉ ୨୪ଟି ନୂଆ ଏନଏସି ଗଠନ ସମ୍ବନ୍ଧିୟ ପ୍ରସ୍ତାବ

**ଦେଉନାହାନ୍ତି ଏନ୍‌ଏସି, ମ୍ୟୁନିସିପାଲିଟି ଗଠନ ସଂକ୍ରାନ୍ତ ରିପୋର୍ଟ**

ସରକାରଙ୍କର ହସ୍ତଗତ ହୋଇଛି ଏବଂ ସେଗୁଡିକର ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପ୍ରଦାନ ପାଇଁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସତ୍ତ୍ୱେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କଠାରୁ ପୂର୍ଣ୍ଣାଙ୍ଗ ରିପୋର୍ଟ ହସ୍ତଗତ ହୋଇନାହିଁ। ଏହି ପ୍ରସ୍ତାବ ଆସିବା ପରେ ତର୍ଜମା କରାଯାଇ ନୂଆ ଏନ୍‌ଏସି, ମ୍ୟୁନିସିପାଲିଟି ଗଠନ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ ପାଇଁ ବିଭିନ୍ନ ଜିଲ୍ଲାରୁ ଲୋକଙ୍କ ପ୍ରସ୍ତାବ ଆସିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏ ନେଇ ଘୋଷଣା କରିଥିଲେ। ବିଧିବଦ୍ଧ ପ୍ରକ୍ରିୟା ବି ଆରମ୍ଭ ହୋଇଥିଲା। ଏହାକୁ ନେଇ ସମ୍ପୃକ୍ତ ଜିଲ୍ଲାବାସୀ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାଧୁବାଦ ଜଣାଇଥିଲେ। ତେବେ ନିର୍ବାଚନ ଥିବାରୁ ଏହି ପ୍ରକ୍ରିୟା ଅଟକି ଯାଇଥିଲା। କିନ୍ତୁ ନୂଆ ସରକାର ଗଠନ ପରେ ବି ତାହା ଅଟକି ରହିଛି। ପ୍ରସ୍ତାବିତ ଏନ୍‌ଏଏସି ଓ ମ୍ୟୁନିସିପାଲିଟି ଗଠନ ପାଇଁ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ ଲାଗି ରାଜ୍ୟ ସରକାର ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ଆଦେଶକୁ ଜିଲ୍ଲାପାଳମାନେ କେତେଦୂର ପାଳନ କଲେ ତାହା ମନ୍ତ୍ରୀଙ୍କର ଉପରୋକ୍ତ ଉତ୍ତରରୁ ସ୍ପଷ୍ଟ ହୋଇଯାଉଛି। ବିଳମ୍ବିତ ପ୍ରକ୍ରିୟା ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆକ୍ରୋଶ ବଢ଼ିବାରେ ଲାଗିଛି। ପ୍ରଶାସନ ଉପରେ ରାଜ୍ୟ ସରକାରଙ୍କର ନିୟନ୍ତ୍ରଣ ରହୁ ନାହିଁ ବୋଲି ସେମାନେ ଅଭିଯୋଗ କରୁଛନ୍ତି।



# ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା

ତାଳଚେର, ୮ ।୧୨(ସମିସ): ତାଳଚେର ଅଞ୍ଚଳ ପାଇଁ ଏକ ଖୁସିର ଖବର । ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଓଡ଼ିଶା ପାଇଁ ଆଠଟି କେନ୍ଦ୍ରୀୟ ବିଦ୍ୟାଳୟ ମଞ୍ଜୁର କରାଯାଇଛି । ସେଥିମଧ୍ୟରୁ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଓ ତାଳଚେର ସ୍ଥାନ ପାଇଛି । ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ତାଳଚେ ରେ ସ୍ଥାପନ ହେବା ନେଇ ସମଗ୍ର ତାଳଚେର ଅଞ୍ଚଳରେ ଖୁସିର ମାହୋଲ ଖେଳି ଯାଇଛି । ତାଳଚେର ଅଞ୍ଚଳରେ କେନ୍ଦ୍ର ଶିକ୍ଷମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତିନୋଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ପ୍ରୟାସ କରିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ହେବା ପରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦି ସାମଲ, ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜୋନାଲ ମିଡ଼ିଆ ସେଲ୍‌ଫ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ମଣ୍ଡଳ ସଭାପତି ବରୁଣ ସାହୁ, ରାଜେନ୍ଦ୍ର ସିଂହ, ଦେବେନ୍ଦ୍ର ବାରିକ, ସତ୍ୟବନ୍ତ ସାହୁ, ନରେଶ ବେହେରା ଓ ନରେନ୍ଦ୍ର ସାହୁଙ୍କ ସମେତ ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଆନ୍ଦୋଳନ ପାଇଁ ଶିକ୍ଷକଙ୍କ ପ୍ରସ୍ତୁତି ବୈଠକ




ଢେଙ୍କାନାଳ, ୮ ।୧୨(ସମିସ): ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କର ପେନ୍‌ସନ୍, ଅନୁଦାନ ଦାବିରେ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ଦୁର୍ବାର ଆନ୍ଦୋଳନ କରାଯିବ । ଏହି ଉପଲକ୍ଷେ ଢେଙ୍କାନାଳ ଜିଲ୍ଲାର ଆବାହକ ତଥା ଓଷ୍ଟା ସମ୍ପାଦକ ବିଭୁତି ସାମଲଙ୍କ ଆହ୍ୱାନରେ ଜିଲ୍ଲା ଶିକ୍ଷକ ସଂଘ ଭବନ ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜିଲ୍ଲା ଓଷ୍ଟା ସଂଘର ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ ଏବଂ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା । ଆସନ୍ତା ଡିସେମ୍ବର ୧୦ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ ଘଟିକା ସମୟରେ ବିଦ୍ୟାଳୟରୁ ଜଣେ କିମ୍ବା ଦୁଇଜଣଙ୍କୁ ଛାଡ଼ି ଅନ୍ୟ ସମସ୍ତ ଶିକ୍ଷକ ଓ କର୍ମଚାରୀ ମହାସମାବେଶରେ ଯୋଗଦାନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦାବି ହାସଲ କରି ବିଦ୍ୟାଳୟକୁ ଫେରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଜିଲ୍ଲା ଓଷ୍ଟା ସଂଘର କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାଶ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ରାୟ, ଅଲ୍ ଓଷ୍ଟାର ସମ୍ପାଦକ ଉମାକାନ୍ତ ଷଡ଼ଙ୍ଗୀ, ସନ୍ତୋଷ କୁମାର ପଣ୍ଡା, ପର୍ଜଙ୍ଗ ସଭାପତି କନୁଅ ସାହୁ, ଓଡ଼ାପଡ଼ା ସମ୍ପାଦକ ଶଶୀକାନ୍ତ ଦାସ, ଅଣ ଅନୁଦାନପ୍ରାପ୍ତର ଅମୂଲ୍ୟ କୁମାର ସାହୁ, ଧରଣୀଧର ବେହେରା, ଗିରୀଶ କୁମାର ବେହେରାଙ୍କ ସମେତ ଜିଲ୍ଲାର ବହୁତ ଶିକ୍ଷକ ଓ କର୍ମଚାରୀ ସମ୍ମିଳନୀରେ ଯୋଗ ଦେଇଥିଲେ । ଯୁଗ୍ମ ସମ୍ପାଦକ ସୁବାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁସ୍ତକ 'କୃଷ୍ଣଚୂଡ଼ାର ହସ' ଉନ୍ମୋଚିତ



ଢେଙ୍କାନାଳ, ୮ ।୧୨(ସମିସ): ସ୍ଥାନୀୟ ଶାଣ୍ଡିଲ୍ୟ ଭବନ ଠାରେ କବି କେଶବ ବେହେରାଙ୍କ ନୂତନ କବିତା ପୁସ୍ତକ 'କୃଷ୍ଣଚୂଡ଼ାର ହସ' ଉନ୍ମୋଚିତ ହୋଇଯାଇଛି । କୃଷ୍ଣଚୂଡ଼ାର ହସ ସଶକ୍ତ ଓଡ଼ିଶା ଗଠନ ପାଇଁ ସର୍ବଜନ ଆଦୃତ ହୋଇପାରିବ । କବି କେଶବ ବେହେରାଙ୍କ ଦ୍ୱାରା ରଚିତ କବିତା ପୁସ୍ତକ କୃଷ୍ଣଚୂଡ଼ାର ହସ ଉନ୍ମୋଚନ ଉତ୍ସବ ଓ କବିତା ପୁସ୍ତକ ସମୀକ୍ଷା ଅବସରରେ ନ୍ୟାୟମୂର୍ତ୍ତି ଭିକାରୀ ଚରଣ ରାଉତ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ସେବାନିବୃତ ପ୍ରାଧ୍ୟାପକ ଡ. ଭବାନୀ ଶଙ୍କର ମିଶ୍ର ଓ ମୁଖ୍ୟବକ୍ତା ରୂପେ ଶରତ କୁମାର ମିଶ୍ର ଭରଦ୍ୱାଜ ଯୋଗଦାନ କରି କବିଙ୍କ ଲେଖା ଚାତୁରୀ, ଆଳଙ୍କାରିତା, ସାମାଜିକ ମଲ୍ୟବୋଧ, ସମ୍ପର୍କରେ ଉଦ୍‌ବୋଧିତ କରିଥିଲେ । ଉକ୍ତ ପୁସ୍ତକକୁ ସମୀକ୍ଷା କରିଥିଲେ ଜିଲ୍ଲା ଲେଖକ ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକ ଏବଂ ଡ. ପ୍ରମୋଦ କୁମାର ଦାଶ, ପୁସ୍ତକର ସମସ୍ତ କବିତାଗୁଡ଼ିକ ଆଲୋଚନା କରିଥିଲେ ।କବିତାର ରସ, ଛାନ୍ଦ, ସମାଜ ସଂସ୍କାର, ଓଡ଼ିଆ ଜାତିର ମାନମହତ ରକ୍ଷା ନିମନ୍ତେ ଉଦ୍‌ବୋଧିନୀ କବିତା ସମ୍ବନ୍ଧରେ, ଉପଯୁକ୍ତ ଶବ୍ଦ ସଂଯୋଜନା ଥିବାର କହିଥିଲେ । ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ନିର୍ମଳା ମହାପତ୍ରଙ୍କ ସଭାପତିତ୍ୱରେ ଏବଂ ବୈଜୟନ୍ତି ପଟ୍ଟନାୟକ ଓ ସଂଯୁକ୍ତା ଶରଣଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ମଞ୍ଚ ପରିଚାଳନାକରିଥିଲେ ବୋଲି ଜିଲ୍ଲା ଲେଖକ ସଂସଦ ର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଏକ ପ୍ରେସ ବିବୃତି ରେ ଜଣାଇଛନ୍ତି ।

# ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥା, ମରାମତି ଦାବି

ଢେଙ୍କାନାଳ, ୮ ।୧୨(ସମିସ)

**● ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଏନ୍‌ଏଚ୍‌ଆଇକୁ ଦାବିପତ୍ର**



ସ୍ଥାନୀୟ ଦକ୍ଷିଣକାଳୀ ମନ୍ଦଠାରେ ଥିବା ଜାତୀୟ ରାଜପଥ ପ୍ରାଧିକରଣ କାର୍ଯ୍ୟାଳୟକୁ ୫୫ ନଂ ଜାତୀୟ ରାଜପଥର ଆପ୍ରୋଚରୋଡ ଚୌଦ୍ୱାର ଏଲଭିୟୁପି ଏବଂ ଭିୟୁପି ଗାନ୍ଧୀଛକ, ଧୂମାବତୀ ଛକ କାର୍ଯ୍ୟକୁ ନେଇ ଏକଦାବିପତ୍ର ପ୍ରଦାନ କରାଯାଇଛି ।

ଚୌଦ୍ୱାରା ଜାଗରଣ ମଞ୍ଚର ଅଭିଯୋଗ ଅନୁସାରେ ୫୫ନଂ ଜାତୀୟ ରାଜପଥର ମଙ୍ଗୁଳି ଛକଠାରୁ ଧୂମାବତୀ ଛକ ପର୍ଯ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯିବା ସହିତ ସାଧାରଣ ବର୍ଷାରେ ଆପ୍ରୋଚ ରୋଡ ସହିତ ଗାନ୍ଧିଛକ, ଧୂମାବତୀ ଛକ କାର୍ଯ୍ୟ, ଶେଷ କରିବା ସହିତ ଏମ୍‌ଏସ୍‌ଆଇଏଲ୍ ଏବଂ ବିବି ବର୍ମା ଇଞ୍ଜିନିୟରିଂ କାର୍ଯ୍ୟ ତଦାରଖ କରିବାକୁ ଦାବି ପତ୍ର ପ୍ରଦାନ କରାଯାଇଛି । ଗାୟତ୍ରୀ ଠିକାସଂସ୍ଥା ଅଧାରେ କାର୍ଯ୍ୟଛାଡି ଚାଲିଯିବା ପରେ ମହେନ୍ଦ୍ର ସ୍ୱାଇଁ ଇନଫ୍ରା ପ୍ରୋଜେକ୍ଟସ ଲିମିଟେଡ ଏହି କାର୍ଯ୍ୟ କରୁଛି । ଏହି ଠିକା ସଂସ୍ଥା ନିମ୍ନମାନର କାର୍ଯ୍ୟ କରିବା ସହିତ ମଙ୍ଗୁଳି ଠାରୁ ଧୂମାବତୀ ଛକ ପର୍ଯ୍ୟନ୍ତ ହୋଇଥିବା ଆପ୍ରୋଚ ରୋଡ୍ ମରାମତି ଦାବି କରାଯାଇଛି । ନିମ୍ନମାନର ସରଞ୍ଜାମ ସହିତ ନିମ୍ନମାନର ମାଟେରିଆଲ ବ୍ୟବହାର ଯୋଗୁଁ ରାସ୍ତାନଷ୍ଟ ହେଉଛି । ବର୍ଷ ବର୍ଷଧରି ସର୍ଭିସ ରୋଡ୍ ନିର୍ମାଣ ହୋଇଥିଲେ ମଧ ତାହା ଥରେ ହେଲେ ମଧ ମରାମତି ହୋଇନାହିଁ । ପ୍ରତିଦିନ ୧୦ରୁ ୧୫ଟି ଦୁର୍ଘଟଣା ଘଟୁଥିବା ବେଳେ ମଙ୍ଗୁଳିଠାରୁ ଧୂମାବତୀ ଛକ ପର୍ଯ୍ୟନ୍ତ ହେଉଥିବା ଅଣ୍ଡରପାସ କାର୍ଯ୍ୟ ମନ୍ଥର ଗତିରେ ହେଉଛି । ଏଭଳି ୧୭ ଦଫା ଦାବି ନେଇ ଚୌଦ୍ୱାର ଜାଗରଣ ମଞ୍ଚର କର୍ମକର୍ତ୍ତାମାନେ ଗତ ଅଗଷ୍ଟ ୭ ତାରିଖ ଏବଂ ସେପ୍ଟେମ୍ବର ୯ ତାରିଖରେ ଢେଙ୍କାନାଳ ସ୍ଥିତ ଏନ୍‌ଏଚଏଆଇ କାର୍ଯ୍ୟାଳୟକୁ ଘେରାଉ କରିଥିଲେ । ତୁରନ୍ତ ଏହି ରାସ୍ତାର ମରାମତି ସହିତ ଷ୍ଟାଣ୍ଡାର୍ଡ ମେଟେରିଆଲ ବ୍ୟବହାର କରିବାକୁ ଦାବି କରାଯାଇଛି । ଜାଗରଣ ମଞ୍ଚର କାର୍ଯ୍ୟକର୍ତ୍ତାମାନେ ପୁଣି ଥରେ ଢେଙ୍କାନାଳ ଆସି କାର୍ଯ୍ୟାଳୟ ଘେରଉ କରିବା ପରେ ମଧ କୌଣସି ଫଳ ନମିଳିବାରୁ ପୁଣି ଥରେ ଘେରାଉ କରାଯିବା ସହିତ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଗତ ଚାରିବର୍ଷ ଧରି ଏହି ଆନ୍ଦୋଳନ ଚାଲୁରହିଛି । ବାରମ୍ବାର ଦାବି ପରେ ଏନ୍‌ଏଚଏଆଇ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିବାରୁ ପୁଣି ଥରେ ଦାବିପତ୍ର ପ୍ରଦାନ କରାଯାଇଛି ।

# ବଜରଙ୍ଗ କ୍ଲବ୍‌ର ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ



ଢେଙ୍କାନାଳ, ୮ ।୧୨(ସମିସ): ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବଜରଙ୍ଗ କ୍ଲବ୍'ର ବାର୍ଷିକୋତ୍ସବ'ଆଗ୍ନେୟ-୨୦୨୫' ପାଇଁ ଏକ ପ୍ରସ୍ତୁତି ବୈଠକ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଗତ ବର୍ଷର ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା ଏବଂ ଆସନ୍ତା ବାର୍ଷିକୋତ୍ସବ 'ଆଗ୍ନେୟ-୨୦୨୫' ଜାନୁଆରୀ ୧୦, ୧୧ ଓ ୧୨ ତାରିଖ ତିନିଦିନ ଧରି ମିନିଷ୍ଟାଡିୟମ୍ ଠାରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଏହି ବାର୍ଷିକୋତ୍ସବକୁ ସ୍ୱତନ୍ତ୍ର ଓ ନିଆରା ଢଙ୍ଗରେ ଆୟୋଜନ କରିବା ପାଇଁ ପ୍ରସ୍ତାବ ଉପସ୍ଥାପିତ କରାଗଲା । ତିନିଦିନର ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ଲୋକଗୀତ ଓ ଲୋକନୃତ୍ୟ ସହ ଲବ୍ଧ ପ୍ରତିଷ୍ଠିତ ଓଡିଆ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦୁଇଦିନ ସଙ୍ଗୀତ ଆସର ଏବଂ ସୁଦୁର ମୁମ୍ବାଇରୁ ପ୍ରସିଦ୍ଧ ସୁନାମ ଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ହିନ୍ଦୀ ଗୀତ ପରିବେଷଣ କରାଯିବ । ଏହାସହ ଓଡ଼ିଆ ଚଳଚ୍ଚିତ୍ର ଜଗତର ବହୁ ଅଭିନେତା ଓ ଅଭିନେତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି । ଏହାସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲାଇଟ୍ ଶୋ'ର କାର୍ଯ୍ୟକ୍ରମ କରାଯିବ । ପ୍ରତିବର୍ଷ ପରି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହନ ସହିତ ସମ୍ମାନିତ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଏଥି ନିମନ୍ତେ ଆବଶ୍ୟକ ଅର୍ଥ ବ୍ୟବସ୍ଥା କିପରି କରାଯିବ ସେ ସମ୍ପର୍କରେ କ୍ଲବ୍‌ର ସଦସ୍ୟ ଓ ପୃଷ୍ଠପୋଷକମାନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ କ୍ଲବ୍‌ର ଉପଦେଷ୍ଟା ରାଜେଶ ସୋନି ଓ ଚନ୍ଦ୍ରଶେଖର ମାଝି, ସଭାପତି ମାନସ ରାଉତ, କାର୍ଯ୍ୟକାରୀ ସଭାପତି ସଙ୍କଟ ଭଞ୍ଜନ ବେହେରା ଓ ସୁବ୍ରତ ଦାସ, ଉପସଭାପତି ପ୍ରିୟବ୍ରତ ସାସ୍ମଲ୍, ସାଧାରଣ ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସମ୍ପାଦକ ଦେବାଶିଷ ଦାସ, କୋଷାଧ୍ୟକ୍ଷ ବିକାଶ ହିନ୍ଦୋଚା, କାର୍ଯ୍ୟକାରୀ କମିଟି ସଦସ୍ୟ ଶଶି ଭୂଷଣ ପରିଡ଼ା, ସଞ୍ଜିବ ପଣ୍ଡା, କୃଷ୍ଣଚନ୍ଦ୍ର ନାୟକ, ରାଜେଶ ବେହେରା, ରତୀରଞ୍ଜନ ପଣ୍ଡା, ସଦସ୍ୟ ସନ୍ଦୀପ ହିଣ୍ଡୋଚା, ଜ୍ୟୋତି ପ୍ରକାଶ ବେହେରା, ଚନ୍ଦନ ମହାପାତ୍ର, ପ୍ରିୟବ୍ରତ ମହାପାତ୍ର, ଶୁଭମ୍ ଗୁରୁଙ୍ଗ, ସୂର୍ଯ୍ୟକାନ୍ତ ବେହେରା, ହିତେଶ ନନ୍ଦ, ବିଭୁପ୍ରସାଦ ମହାପାତ୍ର, ଦୀପ୍ତିପ୍ରସାଦ, ରାଜେନ୍ଦ୍ର ମହାପାତ୍ର ଓ ବବୁଲ୍ ଦାସଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ବଇଣ୍ଡା, ୮ ।୧୨(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି । ଏଥିରେ ବିଦ୍ୟାଳୟର ୩ ଶହ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିସହ ଅଭିଭାବକମାନଙ୍କୁ ନେଇ ମଧ ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସାହୁ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ରେଞ୍ଜର ଚୈତନ୍ୟ ବେହେରା, ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା, ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପୁରସ୍କାର ବଣ୍ଟନ କରିଥିଲେ ।

## ଶୀତବସ୍ତ୍ର ଓ ପୋଷାକ ବଣ୍ଟନ

ଢେଙ୍କାନାଳ, ୮ ।୧୨(ସମିସ): ସ୍ଥାନୀୟ ସାମାଜିକ ସାଂସ୍କୃତିକ ବିକାଶ ସଂଘ ପକ୍ଷରୁ ସଞ୍ଜୟ କଲୋନୀ ଠାରେ ପ୍ରାୟ ୧୨୦ ଲୋକଙ୍କୁ ଶୀତ ବସ୍ତ୍ର ଓ ନୂତନ ପୋଷାକ ବଣ୍ଟନ କରାଯାଇଛି । ପ୍ରତି ବର୍ଷ ଶୀତ ଦିନରେ ସଞ୍ଜୟ କଲୋନୀ ଓ ଢେଙ୍କାନାଳର ଆଉ ୩ଟି ବସ୍ତିରେ କମ୍ବଳ ବଣ୍ଟନ କରାଯାଏ । ଏଥିରେ ବୃଦ୍ଧ ବୃଦ୍ଧା ଓ ଛୋଟ ପିଲାଙ୍କୁ ନୂତନ କମ୍ବଳ ଓ ପୋଷାକ ବଣ୍ଟନ କରାଯାଇଥିଲା । ସଂଘର କାର୍ଯ୍ୟକର୍ତ୍ତା ସୋମ୍ୟଶ୍ରୀ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।



## ସଂକଳ୍ପ ପ୍ରଶିକ୍ଷଣ ଶିବିର

ଭୁବନ, ୮ ।୧୨(ସମିସ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ କାଳୀ ବଜାର ଠାରେ ସଂକଳ୍ପ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ତକ୍ଷଶିଳା ଅନୁଷ୍ଠାନ ସତ୍ତ୍ୱାଧିକାରୀ ଜଗବନ୍ଧୁ ପୃଷ୍ଟି, କମ୍ପ୍ୟୁଟର କେନ୍ଦ୍ର ପରିଚାଳକ ଡମ୍ବୁରଧର ପାତ୍ର, ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ତ୍ରିଲୋଚନ ସାହୁ, ଭୁବନ ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁ, ପାଣି ପଞ୍ଚାୟତ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସଂଯୋଜକ ଅଳକା ଲାକ୍ରାଙ୍କ ସଂଯୋଜନା କ୍ରମେ ୨ଟି ବ୍ୟାଚ୍‌ରେ ୬୦ ଜଣ ଯୁବ ଉଦ୍‌ଯାଗୀ ଅଂଶଗ୍ରହଣ କରିଥିଲେ ।



## ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଜିଉଙ୍କ ମନ୍ଦିରରେ ଓଢ଼ଣ ଷଷ୍ଠୀ ନୀତି ପାଳିତ

ଢେଙ୍କାନାଳ, ୮ ।୧୨(ସମିସ): ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଜିଉଙ୍କ ମନ୍ଦିରରେ ଓଢ଼ଣ ଷଷ୍ଠୀ ନୀତି ପାଳିତ ହୋଇଯାଇଛି । ସଂଧ୍ୟା ଆଳତୀ ପୂର୍ବରୁ ଠାକୁର ମାନଙ୍କୁ ଶୀତ ବସ୍ତ୍ର ଲାଗି କରାଯାଇଥିଲା । ରାତ୍ର ଧୂପ ସମୟରେ ଖମ୍ବ ଆଳୁ ସହ ଗୁଡ଼ ଲାଗି ଭୋଗ ହେବ । ପୂଜକ ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜ ମୋହନ ମହାପାତ୍ର, କହାଳିଆ ଟିକନ୍ ବେହେରା ଓ ମନ୍ଦିରର ଜୀମାଦର୍ ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତ ଏହି ଓଢ଼ଣ ନୀତି ପାଳନ କରାଯାଇଥିଲା । ଏହି ଓଢଣ ନୀତି ଏକମାସ ଧରି ଚାଲିବ ।

# ଆନନ୍ଦାଶ୍ରମ ପକ୍ଷରୁ ବୃଦ୍ଧା, ବୃଦ୍ଧଙ୍କ ଜଗାଦର୍ଶନ ସେବା



ଢେଙ୍କାନାଳ, ୮ ।୧୨(ସମିସ): ସଦର ବ୍ଲକ ଅନ୍ତର୍ଗତ ସିଆରିଆ ଗ୍ରାମ ସ୍ଥିତ ଆନନ୍ଦାଶ୍ରମ ସେବାସଂସ୍ଥା ପକ୍ଷରୁ ଗରିବ ବୃଦ୍ଧା ଏବଂ ବୃଦ୍ଧମାନଙ୍କ ନିମନ୍ତେ ଜଗାଦର୍ଶନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଇଚ୍ଛୁକ ଗରିବ ବୟସ୍କମାନଙ୍କୁ ପୁରୀ ନେଇ ଜଗନ୍ନାଥଙ୍କୁ ଦର୍ଶନ କରାଇବା ସେବା ଆନନ୍ଦାଶ୍ରମ ଯୋଗାଇଦେବ । ଏହି କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟ ଭାବେ ଆନନ୍ଦାଶ୍ରମ ପକ୍ଷରୁ ଗତ ୫ ତାରିଖ ଦିନ ସିଆରିଆ ଗ୍ରାମ ତଇଳାସାହିର ୨୦ ଜଣ ବୃଦ୍ଧା ବୃଦ୍ଧଙ୍କୁ କୋଣାର୍କ ଓ ପୁରୀ ନେଇ ମହାପ୍ରଭୁଙ୍କୁ ଦର୍ଶନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଆଶ୍ରମର ସଭାପତି ପ୍ରଭୁପାଦ ବ୍ରଜ କିଶୋର ପରିଡ଼ା, ସଭ୍ୟ ସଭ୍ୟା ସାଇ ପ୍ରସାଦ ଦଳେଇ, ବିନୋଦିନୀ ବାରିକ, ମଞ୍ଜୁଶ୍ରୀ ଦଳେଇ, ଲିଟୁନା ଦଳେଇ, ସୁନିଆ ଦାସ, କର୍ପୁର ବେହେରା, ଗୀତା ବେହେରା ଆଦି ସହଯୋଗ କରିବା ପାଇଁ ଯାତ୍ରା କରିଥିଲେ । ଆଶ୍ରମର ସଭାପତି କହିଲେ ଯେ, ବୟୋଜ୍ୟେଷ୍ଠମାନଙ୍କ ସେବା ହିଁ ସମାଜର ମୂଲ୍ୟବୋଧ । ଏହା ଜୀବନଯାତ୍ରାକୁ କୁସୁମିତ କରିଥାଏ ।

# ସୁଲକ୍ଷଣାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଢେଙ୍କାନାଳ, ୮ ।୧୨(ସମିସ): ସ୍ଥାନୀୟ ସୁଲକ୍ଷଣାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ୬୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ ଏହି ପ୍ରତିଯୋଗିତାକୁ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ । ଏହି ୨ଦିନ ମଧ୍ୟରେ ଅନେକ କ୍ରୀଡ଼ା ଯଥା-ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ପୁଚି ଇତ୍ୟାଦି ୧୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାକୁ ନେଇ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଜୟନ୍ତୀ ବେହେରାଙ୍କ ତତ୍ତ୍ୱାବଧାନରେ ନିମନ୍ତ୍ରିତ କ୍ରୀଡ଼ା ଶିକ୍ଷକ କରୁଣାକର ସେଠୀ ଓ ତାଙ୍କ ଛାତ୍ର ନେପୋଲିୟନ ଭୋଇଙ୍କ ଦ୍ୱାରା ସମସ୍ତ ପ୍ରତିଯୋଗିତା ଶୃଙ୍ଖଳିତ ଭାବେ ପରିଚାଳନା କରାଯାଇଥିଲା । ଉଦ୍‌ଯାପନୀ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପତାକା ଅବନତ କରାଯାଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହିତ ମେଡାଲ୍ ପ୍ରଦାନ କରାଯାଇଥିଲା ।




# ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାବଲମ୍ବୀ କାର୍ଯ୍ୟକ୍ରମ




ଅନୁଗୋଳ, ୮ ।୧୨(ସମିସ): ଅନୁଗୋଳର ସାମାଜିକ ସଂଗଠନ 'ଚେତନା ମିଶନ ଫାଉଣ୍ଡେସନ' ଦ୍ୱାରା ଜରପଡ଼ାସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ସଚେତନତା ଓ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚେତନା ମିଶନର ପ୍ରତିଷ୍ଠାତା ତଥା ମୋଟିଭେସନାଲ୍ ସ୍ପିକର ବାଣୀ ଦେବ ଉଭୟ କର୍ମଶାଳା ସମ୍ପର୍କରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ 'ସ୍ୱାସ୍ଥ୍ୟ ସଖୀ' ମାଧ୍ୟମରେ ନାଲ୍‌କୋ ଡାକ୍ତରଖାନାର ଅବସରପ୍ରାପ୍ତ ଡାକ୍ତର ସୁଷମା ଚୌଧୁରୀ ଛାତ୍ରୀମାନଙ୍କ ନିମନ୍ତେ ମାସିକ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିଥିଲେ । ବାଣୀ ଦେବ ଏଥିରେ ସହଯୋଗ କରିଥିଲେ ତଥା ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସନ୍ଦେହ ଦୂର କରିଥିଲେ । ସ୍ୱାବଲମ୍ବୀ କାର୍ଯ୍ୟକ୍ରମ ମାଧ୍ୟମରେ ବାଣୀ ଦେବ ଛାତ୍ରଛାତ୍ରୀଙ୍କୁ ସ୍ୱଳ୍ପ ନିବେଶରେ ଯଥେଷ୍ଟ ରୋଜଗାରର ବିଭିନ୍ନ ପନ୍ଥା ବିଷୟରେ ସୂଚନା ଦେଇଥିଲେ । ସରକାରଙ୍କ ଦ୍ୱାରା ଏସ୍‌ଡିଆଇ ଶିକ୍ଷା ଅନୁଷ୍ଠାନରେ ଛାତ୍ରଛାତ୍ରୀମାନେ ସ୍ୱଳ୍ପ ଖର୍ଚ୍ଚରେ ଉନ୍ନତ ମାନର ବିଭିନ୍ନଧନ୍ଦାମୂଳକ ପ୍ରଶିକ୍ଷଣ ହାସଲ କରି ଭବିଷ୍ୟତରେ ସ୍ୱାବଲମ୍ବୀ ହୋଇପାରିବା ସହିତ ଉନ୍ନତମାନର ଜୀବିକା ନିର୍ବାହ କରିପାରିବେ ବୋଲି କହିଥିଲେ । ସରକାରଙ୍କର ବିଭିନ୍ନ ଯୋଜନା ଓ ଋଣ ପ୍ରଦାନ ସୁବିଧା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା ।



### ଅଙ୍ଗନବାଡ଼ିରେ ପିଲାଙ୍କୁ ମିଳୁଛି ପୋକ ସାଲୁବାଲୁ ସୁଜି

# ମହିଳା ଗୋଷ୍ଠୀ, ୮ ସିଡିପିଓ ଓ ସୁପରଭାଇଜରଙ୍କୁ କାରଣ ଦର୍ଶାଅ ନୋଟିସ

ଜଗତସିଂହପୁର,୮।୧୨ (ସମିସ): ଜିଲ୍ଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଯୋଗାଇ ଦିଆଯାଉଥିବା ପୃଷ୍ଟିକର ଖାଦ୍ୟ ଯୋଜନାରେ ଦୁର୍ନୀତି ସୀମା ଟପିଛି। ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ଅତ୍ୟନ୍ତ ନିମ୍ନମାନର ଛତୁଆ ଓ ସୁଜି ଯୋଗାଣ କରାଯାଉଛି। ଗୁଣବତ୍ତା ଅଭାବରୁ ଜିଲ୍ଲାର ଶହ ଶହ ଶିଶୁ ତଥା ଗର୍ଭବତୀ ମହିଳା ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ନିମ୍ନମାନର ଛତୁଆ ଉତ୍ପାଦନରେ

## ଏସଏଚ୍‌ଜିଙ୍କ ଦ୍ୱାରା ନିମ୍ନମାନର ଛତୁଆ ଯୋଗାଣ

ଜିଲ୍ଲାର ୧୦ଟି ଛତୁଆ ଉତ୍ପାଦନ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀ ରହିଛନ୍ତି। ରାଜ୍ୟ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାର ରିପୋର୍ଟ ଅନୁସାରେ ନିମ୍ନମାନର ଛତୁଆ ଉତ୍ପାଦନ କରି ଜିଲ୍ଲାର କୋମଳମତି ଶିଶୁ ଓ ଗର୍ଭବତୀ ମହିଳାଙ୍କ ଜୀବନ ଓ ଭବିଷ୍ୟତକୁ ନେଇ ଖେଳୁଥିବା ଏହି ମହିଳା ଗୋଷ୍ଠୀଙ୍କ ସହିତ ୮ ଜଣ ସିଡିପିଓ ଓ ସମସ୍ତ ସୁପରଭାଇଜରଙ୍କୁ ମଧ କାରଣ ଦର୍ଶାଅ ନୋଟିସ ତଲବ କରାଯାଇଛି।

ଜିଲ୍ଲାର ଏରସମା ଓ କୁଜଙ୍ଗରେ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ୬ଟି ବ୍ଲକରେ ଗୋଟିଏ ଗୋଟିଏ ସ୍ୱୟଂସହାୟକ ଗୋଷ୍ଠୀକୁ ଛତୁଆ ଉତ୍ପାଦନ ଓ ଯୋଗାଣ ଦାୟିତ୍ୱ ଦିଆଯାଇଛି। ଏହି ଛତୁଆ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଗର୍ଭବତୀଙ୍କୁ ଅଙ୍ଗନବାଡି କେନ୍ଦ୍ର ଦ୍ୱାରା ଯୋଗାଇ ଦିଆଯାଇଆସୁଛି। ପୂର୍ବରୁ ବହୁବାର ଏହି ଛତୁଆର ମାନ ଖରାପ ଥିବା ନେଇ ଅଭିଯୋଗ ହେଉଥିବା ସମୟରେ ରାଜ୍ୟ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାରକୁ ଠିକ ମାନର ସାମ୍ପୁଲ ପଠାଇ ଅନ୍ୟ ପ୍ୟାକିଂ ଛତୁଆରେ ଅଧିକ ଲାଭ ଆଶାରେ ନିମ୍ନମାନର ମିଶ୍ରଣ କରିଆସୁଥିଲେ। ତେବେ ୨୦୨୩ ଏପ୍ରିଲରୁ ୨୦୨୪ ଜୁନ ପର୍ଯ୍ୟନ୍ତ ଉକ୍ତ ପରୀକ୍ଷାଗରକୁ ଯାଇଥିବା ଛତୁଆର ମାନ ଅତ୍ୟନ୍ତ ଖରାପ ଥିବା ପରୀକ୍ଷାରୁ ଜଣାପଡିଛି। ଗତ ଏକବର୍ଷ ଧରି ଯୋଗାଇ ଦିଆଯାଉଥିବା ଏହି ଛତୁଆ



ପ୍ରସ୍ତୁତି ଦୁର୍ନୀତିରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଓ ସୁପରଭାଇଜର ସାମିଲ ଥିବା ସୂଚନା ମିଳିଛି। ଏମାନେ ସମସ୍ତେ ମିଳିମିଶି ଶିଶୁଙ୍କ ଖାଦ୍ୟରୁ ପୃଷ୍ଟି ଲୁଟି ନେଇଥିବା ଜଣାପଡିଛି।

ଅନ୍ୟପକ୍ଷରେ ଗତ ସପ୍ତାହରେ ବାଲିକୁଦା ବ୍ଲକ ବଡ଼ଗାଁ ଅଙ୍ଗନବାଡ଼ି କେନ୍ଦ୍ରରୁ ଅଭିଭାବକଙ୍କୁ ପ୍ରଦାନ କରାଯାଇଥିବା ସୁଜି ପ୍ୟାକେଟରେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଥିଲା। ଅଭିଭାବକ ଏନେଇ ସମ୍ପୃକ୍ତ କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ ଓ ପରିଦର୍ଶିକାଙ୍କୁ ଅବଗତ କରାଇବା ପରେ ପୋକରା ପ୍ୟାକେଟ ବଦଳା ଯାଇ ଭଲ ପ୍ୟାକେଟ ଦିଆଯାଇଥିଲା। ଶନିବାର ଏହି ବ୍ଲକ୍‌ର ଇଛାପୁର ପଞ୍ଚାୟତ ଅଧୀନ ମଲ୍ଲିକାପୁର (ଖ) ଅଙ୍ଗନବାଡ଼ି କେନ୍ଦ୍ରରୁ ବଡ଼ାଗର ଗ୍ରାମର ଜଣେ ଅଭିଭାବକଙ୍କୁ ଦିଆଯାଇଥିବା ସୁଜି ପ୍ୟାକେଟରେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଥିଲା।

ସମ୍ପୃକ୍ତ ଅଭିଭାବକ ଏନେଇ ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାର ମହିଳା ଓ ଶିଶୁଙ୍କ ଅପପୁଷ୍ଟି ରୋକିବାକୁ ଛତୁଆ, ସୁଜି, ବାଦାମ ଲଡୁ ଆଦି ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରକୁ ଯୋଗାଇ ଦେଉଛନ୍ତି। ହେଲେ ଏହି ଖାଦ୍ୟ ତୃଣମୂଳ ସ୍ତରରେ ମହିଳା ଓ ଶିଶୁଙ୍କ ନିକଟରେ ପହଞ୍ଚୁଛି କି ନାହିଁ ତାହାର ତଦାରଖ ହେଉନଥିବା ସମୟରେ ଏହାର ମାନ ଠିକ ରହୁ ନ ଥିବା ଅଭିଯୋଗ ହୋଇଆସୁଛି। ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଓ ରଘୁନାଥପୁର ବ୍ଲକରେ ହୋଇଥିବା ଛତୁଆ ଦୁର୍ନୀତିକୁ ନେଇ ଉପଭୋକ୍ତା ସୁରକ୍ଷା ଓ ସୂଚନା ଅଧିକାର କର୍ମୀ ଗୋବିନ୍ଦ ଓଝା ବିଭିନ୍ନ ଫୋରମରେ ଅଭିଯୋଗ କରିବା ସହିତ ପୁଲିସରେ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗର ପଞ୍ଜିକରଣ କରିବାରେ ପୁଲିସ କୌଣସି କାରଣରୁ ପଛଘୁଞ୍ଚା ଦେଉଥିବାରୁ ଏହି ଦୁର୍ନୀତି ବଢିଚାଲିଛି। ତେବେ ଜିଲ୍ଲାରେ ନିମ୍ନମାନର ଛତୁଆ ଯୋଗାଣ ନେଇ ସିଡିପିଓ, ସୁପରଭାଇଜର ଓ ତାଙ୍କୁ ଚିଠି କରାଯାଇଥିବା ଡିଏସଡବ୍ଲ୍ୟୁଓ ବିଷ୍ଣୁପ୍ରିୟା ସେଠୀ ସ୍ୱୀକାର କରିଛନ୍ତି।

# ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମହୋତ୍ସବ ପ୍ରସ୍ତୁତି ବୈଠକ

କୁଜଙ୍ଗ, ୮।୧୨(ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ରାହାମା ଶ୍ରୀଶ୍ରୀ ମଦନ ମୋହନଜୀଉ (ଶ୍ରୀଜଗନ୍ନାଥ ମଠ) କନ୍ଦମୂଳ ପଡ଼ିଆରେ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାଗବତ ପ୍ରଚାର ପ୍ରସାର ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ଶ୍ରୀମଦ ଭାଗବତ ସପ୍ତାହ କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମହୋତ୍ସବ ଓ ଚବିଶ ବେଶ, ଚାରିଧାମ ଦର୍ଶନ, ଛପନ ଭୋଗ, ପଞ୍ଚସଖାଙ୍କ ଦିବ୍ୟ କୀର୍ତ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି କୁଞ୍ଜ, ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ, ଆଧ୍ୟାତ୍ମିକ ପୁସ୍ତକ ମେଳା ଓ ପ୍ରତିଦିନ ସ୍ୱାସ୍ଥ୍ୟ ସେବା ଶିବିର ଇତ୍ୟାଦି ନିମନ୍ତେ ପ୍ରସ୍ତୁତି ବୈଠକ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ଡଃ ସୁନାକର ବେହେରା ବୈଠକକୁ ପରିଚାଳନା କରି ଆଗାମୀ ୨୦୨୫ ମାର୍ଚ୍ଚ ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ଆଠଦିନ ବ୍ୟାପି ଏହି ଆଧ୍ୟାତ୍ମିକ ଚେତନାର ମହାନ କାର୍ଯ୍ୟକ୍ରମକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରିବା ପାଇଁ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପନ କରିଥିଲେ। ବୈଠକ ପ୍ରାରମ୍ଭରେ ମା' ଶାରଳାଙ୍କ ସେବକ ଅଜ୍ଞାମାଳ ସହିତ ଉପସ୍ଥିତ ହୋଇ ଆଜ୍ଞାମାଳ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଜଗତସିଂହପୁର ଜିଲ୍ଲାରେ ଥିବା ବିଭିନ୍ନ ଜଗନ୍ନାଥ ମଠ ମନ୍ଦିରର ସାଧୁ ସନ୍ଥ, ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଓ ଶ୍ରୀଜଗନ୍ନାଥ ସଂସ୍କୃତିପ୍ରେମୀ ପଣ୍ଡିତ, ବିଦ୍ୱାନ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକୁ ସଫଳ କରିବାପାଇଁ ନିଜ ନିଜ ମତ ରଖିଥିଲେ। ଆଜିର ଏହି ମହାନ କାର୍ଯ୍ୟକ୍ରମରେ ସ୍ୱାମୀ ଶ୍ରୁତି ସାଗର ମହାରାଜ, ନୃସିଂହ ମଠ ଅଧିକାରୀ ରମାକାନ୍ତ ଦାସ, କୁଞ୍ଜବିହାରୀ ମନ୍ଦିର ସଦସ୍ୟ ଶୁକଦେବ ନାୟକ, ମଲ୍ଲାସାହି ଶ୍ରୀଜଗନ୍ନାଥ ମନ୍ଦିର ସଦସ୍ୟ କିଶୋର କୁମାର ଶତପଥୀ, ବିଶରକ୍ଷେତ୍ରର ବାବା ରାମଚନ୍ଦ୍ର ଦାସ, ଓଡ଼ିଶା ଚାରଣ ଗୋଷ୍ଠୀର ଜିଲ୍ଲା ସଭାପତି ଡଃ ଧ୍ରୁତିଧର ଦାସ, ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଅରୁଣ କୁମାର ପାଣି, ବାବାଜୀ ନିତ୍ୟାନନ୍ଦ ଦାସ, ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ, ମଦନ ମୋହନ ମଠ ମାତା ସ୍ୱର୍ଣ୍ଣଲତା ଦାସ, ସାତଭଉଣୀ ମଠ ବାବା, ଶିକ୍ଷକ ବିନୋଦ କୁମାର ମୁଦୁଲି, ରଶ୍ମିକାନ୍ତ ଦାସ, ରାଜେନ୍ଦ୍ର କୁମାର ବାରିକ ଓ ଭାଗବତ ପରିବାର ସଦସ୍ୟଙ୍କ ମଧ୍ୟରେ ଧ୍ରୁବ ଚରଣ ଦାସ, ଜିଲ୍ଲା ପରିଷଦସଭ୍ୟ ରବିନାରାୟଣ ସାହୁ, ଶରତ ଚନ୍ଦ୍ର ସାହୁ, ମନୋହର ସ୍ୱାଇଁ, ଭିକାରୀ ଚରଣ ସେନାପତି, ପ୍ରଫୁଲ ମଲ୍ଲିକ, ଗାଲେଖ ଚନ୍ଦ୍ର ସାହୁ, ମହେଶ୍ୱର ସାହୁ, ତପନ ବେହେରା ପ୍ରମୁଖଙ୍କ ସହିତ ବୈଦ୍ୟୁତିକ ଗଣମାଧ୍ୟମ ଓ ପ୍ରିଣ୍ଟ ମିଡ଼ିଆର ସାମ୍ବାଦିକ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ଗରଦପୁର,୮।୧୨(ସମିସ): ପାଟକୁରା ନିର୍ବାଚନମଣ୍ଡଳୀର ତେଣ୍ଡାକୁଡ଼ା ପଞ୍ଚାୟତରେ ଆଜି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ବିଧାୟକ ଅରବିନ୍ଦ ମହାପାତ୍ର କରିଛନ୍ତି। ପ୍ରଥମେ ବିଲହାଟ ବଜାର ଛକରୁ ବିଶାଳ ବାଇକ୍ ରାଲିରେ ସମର୍ଥକ ଦ୍ୱାରା ଏକ ଶୋଭାଯାତ୍ରା ଆୟୋଜନରେ ତେଣ୍ଡାକୁଡ଼ା ଅଞ୍ଚଳରେ ପହଞ୍ଚିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୁଟଲିଙ୍ଗଠାରୁ ଡାଇଁଲୋ ରାସ୍ତାର ପଣ୍ଡୁଆ ନାଳ ଉପରେ ସୁଉଚ୍ଚ ସେତୁ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପିଡ଼ବ୍ଲ୍ୟୁଡି ଦ୍ୱାରା ଏକ ନୂତନ ରାସ୍ତାର ଶିଳାନ୍ୟାସ କରିଥିଲେ। ଖୁବଶୀଘ୍ର ଏହା ଦ୍ୱାରା ପଞ୍ଚାୟତବାସୀ ଉପକୃତ ହେବା ସହ ଆଗାମୀ ଦିନରେ ଯାହା ସମସ୍ୟା ଅଛି ତାହା ସମ୍ପୂର୍ଣ୍ଣ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକ୍ ଅଧ୍ୟକ୍ଷ ଅଭୟ ମହାରାଜ, ବିଜେଡି ନେତା କ୍ଷୀତିଶ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ସଭାପତି ଶୈଳେନ୍ଦ୍ର ମହାନ୍ତି, ସନ୍ତୋଷ ମାହାଳି, କ୍ଷୀରୋଦ ମହାନ୍ତି, ଅବନୀ ମହାପାତ୍ର, ସମିତି ସଭ୍ୟ ବାସୁଦେବ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ, ଅଶୋକ ଜେନା, ସରପଞ୍ଚ ଅମୀୟ ନାୟକ, ରାଜେନ୍ଦ୍ର ମଲ୍ଲିକ, ଅରୁଣ ପଟ୍ଟନାୟକ, ସୁକାନ୍ତ ନାୟକ, ଅନୁଜ ମହାନ୍ତି, ତ୍ରିଲୋଚନ ଜେନା, ବ୍ରଜକିଶୋର ସାହୁ, ଅରୁଣ ପଣ୍ଡା, ସତ୍ୟଜିତ ସାହୁ, ପ୍ରକାଶ ସାହୁ, ପ୍ରକାଶ ଚନ୍ଦ୍ର ଦାସ, ମହମ୍ମଦ ଗୋଲମ୍ ଜିଲାନି, ଅମ୍ବିକା ମହାନ୍ତି, ମାନସ ମହାନ୍ତି, ପ୍ରହଲ୍ଲାଦ ସାହୁଙ୍କ ସମେତ ହଜାର ହଜାର ସମର୍ଥକ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ଜଗତସିଂହପୁର,୮।୧୨(ସମିସ): ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି। ଏହି ମେଳା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ କହିଲେ, କୃଷି ଯନ୍ତ୍ରପାତି ଉପରେ ଦିଆଯାଉଥିବା ରିହାତି ସହାୟତା ରାଶି ନିଶ୍ଚିତ ଭାବେ କୃଷକ ଭାଇ ଭଉଣୀଙ୍କ ଲାଗି ସହାୟକ ହେବ। ଖାଦ୍ୟ ଉତ୍ପାଦନରେ ବୈଷୟିକ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ, ସେ ସମ୍ପର୍କରେ ଏହି ମେଳା ବେଶ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମୁଖ୍ୟଯନ୍ତ୍ରୀ ଇଂ ମୁକ୍ତିକାନ୍ତ ମହାପାତ୍ର ଯୋଗଦେଇ କୃଷି ଓ କୃଷକ ଉନ୍ନତୀକରଣ ପାଇଁ କୃଷି ଯନ୍ତ୍ରପାତିର ଆବଶ୍ୟକତା ବିଷୟରେ ମନ୍ତବ୍ୟ ରଖିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଆୟୋଜନର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଭାରେ ପଞ୍ଚାୟତିରାଜ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ଚାଷୀ, ଏନଜିଓର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲ୍ଲାପାଳ ଜେ. ସୋନାଲ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାରେ ମୋଟ ୬୦ଟି ପ୍ରଦର୍ଶନୀ ଷ୍ଟଲ କରାଯାଇଛି। କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ, ଓଡିଶା ମିଲେଟ ମିଶନ, ଉଠା ଜଳସେଚନ, ଓରମାସ, ମିଶନ ଶକ୍ତି, ସ୍ୱୟଂସହାୟକ ଗୋଷ୍ଠୀ, ଓଡ଼ିଶା କୃଷି ଶିଳ୍ପ ନିଗମ, କୃଷି ଯନ୍ତ୍ରପାତି ବିକ୍ରୟ କରୁଥିବା ଡିଲର ଅଂଶଗ୍ରହଣ କରିଛନ୍ତି।

# ମା' ଶାରଳା କ୍ରିକେଟ୍, କୋଲର ଚାମ୍ପିଅନ୍

ତିର୍ତ୍ତୋଲ, ୮।୧୨(ସମିସ): ତିର୍ତ୍ତୋଲ ପାଳନ୍ଦା ଖେଳ ପଡିଆରେ ମା' ଶାରଳା କ୍ରିକେଟ ଆସୋଏସିଏନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ଟିକିଆ ଫାଇନାଲରେ କୋଲର ଦଳ ୨-୦ରେ ଜଗନ୍ନାଥପୁର ଦଳକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ବିମଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ ଅତିଥି ଭବେ ତିର୍ତ୍ତୋଲ ବ୍ଲକ୍ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବିରିଡୋଳ କୃଷି ସମବାୟ ସମିତି ସଭାପତି ଅଶ୍ୱିନୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବେହେରା, ଗଙ୍ଗାଧର ବିଶ୍ୱାଳ, ଜଡତିରା ସରପଞ୍ଚ ଶିବପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଥ, ରମେଶ ରାଉଳ ପ୍ରମୁଖ ଯୋଗଦେଇଥିଲେ। ସତ୍ୟରଞ୍ଜନଙ୍କୁ ଶ୍ରେଷ୍ଠ ବୋଲର, ଅନିରୁଦ୍ଧଙ୍କୁ ଶ୍ରେଷ୍ଠ ବ୍ୟାଟର, ଆକାଶଙ୍କୁ ଫାଇନାଲ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ମା' ଶାରଳା କ୍ରିକେଟ ଆସୋଏସିଏସନର ସଦସ୍ୟ ସହଯୋଗ କରିଥିଲେ।

### ତାଳପଡ଼ା ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର

# ଶିକ୍ଷିତ, ସଂସ୍କୃତିସମ୍ପନ୍ନ ଓ ସଶକ୍ତ କନ୍ୟା ଦେଶ ସମୃଦ୍ଧିର ମୂଳାଧାର

କୁଜଙ୍ଗ,୮।୧୨(ସମିସ): ରବିବାର ତାଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର ଆୟୋଜିତ ହୋଇଯାଇଛି। ତିର୍ତ୍ତୋଲସ୍ଥ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ଅଧ୍ୟାପିକା ଚିନ୍ମୟୀ ପରିଡ଼ା ଶିବିରକୁ ଉଦ୍‌ଘାଟନ କରିବା ସହ ସ୍ୱାଧୀନ ଭାରତର ନାରୀ ଶୀର୍ଷକ ଏକ ଆଲୋଚନାଚକ୍ରରେ ନିଜର ବିଚାର ଓ ଆହ୍ୱାନ ରଖି ଶିକ୍ଷିତ, ସଂସ୍କୃତିସମ୍ପନ୍ନ ଓ ସଶକ୍ତ କନ୍ୟା ଦେଶ ସମୃଦ୍ଧିର ମୂଳାଧାର ବୋଲି କହିଥିଲେ। ଏହି ଉଦ୍‌ଘାଟନୀ ସମାରୋହରେ ବିଦ୍ୟାଳୟର



ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ସମ୍ପାଦକ ଦୀପକ କୁମାର ଦାସ କନ୍ୟା ଶିବିରର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। କନ୍ୟା ଭାରତୀ ପ୍ରମୁଖ ସଂଯୁକ୍ତା ଦାସ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କନ୍ୟାମାନଙ୍କ ବିଭିନ୍ନ ଶାରୀରିକ ସମସ୍ୟା ସମ୍ପର୍କରେ ରାହାମା ପ୍ରତାପ ଚନ୍ଦ୍ର ସ୍ମାରକୀ ଆରୋଗ୍ୟ ମନ୍ଦିର ଚିକିତ୍ସା ଅଧିକାରୀ ଡାକ୍ତର ରତୁପର୍ଣ୍ଣା ମିଶ୍ର ଆଲୋଚନା କରିଥିଲେ। ଏହି ଶିବିରର ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପଦେଷ୍ଟା ବିଭୂତି ଭୂଷଣ ବରାଳ, ଅଧିକାରୀ ରମାକାନ୍ତ ଦାସ, ସହ ଜିଲ୍ଲା ପ୍ରମୁଖ କାହ୍ନୁଚରଣ ସାହୁ, ବିଦ୍ୟାଳୟର ଉପସଭାପତି ଦେବେନ୍ଦ୍ର କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ବେଉରା, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ପରିଡ଼ା ଯୋଗଦେଇ ଶିଶୁଙ୍କୁ ଉତ୍ସାହିତ କରିଥିଲେ। କନ୍ୟା ଶିବିରର ସଂଯୋଜିକା ସସ୍ମିତା ବେଉରାଙ୍କ ସଂଯୋଜନାରେ ବିଦ୍ୟାଳୟର ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା। ଏହି ଶିବିରରେ ଷଷ୍ଠରୁ ନବମ ପର୍ଯ୍ୟନ୍ତ ୧୧୦ଜଣ ଭଉଣୀ ଶାରୀରିକ, ଯୋଗ, ହସ୍ତକର୍ମ, ମୁରୁଜ ଆଦି ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

### ■ ପୁଲିସ ପୋଷାକରେ ସନ୍ଦିଗ୍ଧ

# ବାଂଲାଦେଶୀ ସନ୍ଦେହରେ ମାଡ଼ ମାରି ପୁଲିସ ଜିମାଦେଲେ ଲୋକେ



ଗରଦପୁର,୮।୧୨(ସମିସ): ପୁଲିସ ପୋଷାକରେ ସନ୍ଦିଗ୍ଧ ବାଂଲାଦେଶୀ ବ୍ୟକ୍ତିଙ୍କୁ ଅଟକାଇ ମାଡ଼ ମରାଯାଇଛି। ଏହି ସମୟରେ ସେହି ବ୍ୟକ୍ତିଙ୍କ ନିକଟରୁ ମାରଣାସ୍ତ୍ର ଦେଖି ସ୍ଥାନୀୟ ପାଟକୁରା ପୁଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସନ୍ଦିଗ୍ଧଙ୍କୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଓଡ଼ିଶା ପୁଲିସ ଲୋଗୋ ଥିବା ପୋଷାକ ରହିଥିବା ସହିତ ନିଜକୁ ସନ୍ଦିଗ୍ଧ ଜଣଙ୍କ କଟକ କମିଶନର ପରିଚୟ ଦେଇଥିଲେ। ପାଟକୁରା ଥାନା ଅନ୍ତର୍ଗତ ଗରଦପୁର ବଜାର ନିକଟରେ ଶନିବାର ବିଳମ୍ବିତ ରାତିରେ କମିଶନର ପୁଲିସଙ୍କ ପୋଷାକ ପିନ୍ଧି ଯାଉଥିବାବେଳେ ଅଞ୍ଚଳର କିଛି ଯୁବକ ସନ୍ଦେହରେ ତାଙ୍କ ପାଖକୁ ଯାଇ ପରିଚୟ ପଚାରିଥିଲେ। ସେ ପ୍ରଥମେ ନିଜକୁ ହିନ୍ଦୁ ବୋଲି କହିଥିଲା। ପରେ ସେ ନିଜ ନା ସଲିମ ଖାନ ବୋଲି ପରିଚୟ ଦେଇଥିଲେ। ତାଙ୍କ ବ୍ୟାଗକୁ ଖୋଲି ଦେଖିବାରୁ ସେଥିରେ କିଛି ମାରଣାସ୍ତ୍ର ଓ ଆପତ୍ତିଜନକ ଦ୍ରବ୍ୟ ଥିବା ଦେଖିବାକୁ ମିଳିଥିଲା। ସେ ବାଂଲାଦେଶରୁ ଆସିଥିବା ନେଇ ସ୍ୱୀକାର କରିଥିଲେ। ଏ ନେଇ ସ୍ଥାନୀୟ ଲୋକେ ପାଟକୁରା ପୁଲିସଙ୍କୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଜିମାରେ ନେଇଛି। ଉକ୍ତ ବ୍ୟକ୍ତିଙ୍କ ପାଖରେ ଥିବା ଏକ ଟ୍ରଲି ବ୍ୟାଗରେ ବିଭିନ୍ନ ମାରଣାସ୍ତ୍ର ଥିବା ସୂଚନା ମିଳିଛି। ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି।

# ପ୍ରଦର୍ଶନୀ ମ୍ୟାଚ୍‌ରେ ସାମ୍ବାଦିକ ଦଳ ବିଜୟୀ



ତିର୍ତ୍ତୋଲ, ୮।୧୨ (ସମିସ): ତିର୍ତ୍ତୋଲ ବ୍ଲକ୍‌ର ପାଳନ୍ଦା ଖେଳ ପଡିଆରେ ଅନୁଷ୍ଠିତ ମା' ଶାରଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅବସରରେ ପ୍ରଦର୍ଶନୀ ମ୍ୟାଚ୍ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ତିର୍ତ୍ତୋଲ ସାମ୍ବାଦିକ ଦଳ ଓ ତିର୍ତ୍ତୋଲ ପଞ୍ଚାୟତ ସମିତି ଦଳ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଏଥିରେ ସମିତି ଦଳ ୮ ଓଭରରେ ୮ ୱିକେଟ ହରାଇ ୪୮ ରନ ସଂଗ୍ରହ କରିଥିଲା। ଜବାବରେ ସାମ୍ବାଦିକ ଦଳ ବ୍ୟାଟିଂ କରି ଓପନର ଭାବେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ଭାନୁ ଶଙ୍କର ରାଉତରାୟ ୩ ଓଭରରେ ୪୯ ରନ ସଂଗ୍ରହ କରି ସାମ୍ବାଦିକ ଦଳକୁ ବିଜୟୀ କରିଥିଲେ। ଏହି ମ୍ୟାଚ୍‌ରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

# ରାଜନୈତିକ ବୈଠକରେ ଯୋଗଦେଇ ସରକାରୀ ନିୟମକୁ ଫୁ କଲେ ଶିକ୍ଷକ

ମାଳିପୁର,୮।୧୨(ସମିସ): ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ସରକାରୀ କର୍ମଚାରୀ ରାଜନୈତିକ କାର୍ଯ୍ୟକ୍ରମ ଓ ସଭା ସମିତିରେ ଅଂଶଗ୍ରହଣ କରିବା ସମ୍ପୂର୍ଣ୍ଣ ନିଷେଧ। କିନ୍ତୁ ଜଣେ ସରକାରୀ ଶିକ୍ଷକ ଏହି ନିୟମକୁ ଫୁ କରି ଦେଇଥିବା ଜଣାପଡ଼ିଛି। ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଶ୍ରୀରାମପୁର ପଞ୍ଚାୟତର ଶ୍ରୀରାମପୁରଠାରେ ଏକ ଜାତୀୟ ରାଜନୈତିକ ଦଳ ପକ୍ଷରୁ ଅନୁଷ୍ଠିତ ବୈଠକରେ ସମ୍ପୃକ୍ତ ଶିକ୍ଷକ ଯୋଗ ଦେବା ଘଟଣା ସାମ୍ନାକୁ ଆସିଛି। ଉକ୍ତ ଦଳୀୟ କାର୍ଯ୍ୟକ୍ରମରେ ଆଳି ବ୍ଲକ ଅନ୍ତର୍ଗତ ନୂଆପଡ଼ାର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବନମାଳୀ କୁଣ୍ଡ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଏହାର ଫଟୋ ମଧ୍ୟ ଶିକ୍ଷକ ଜଣକ ଉଠାଇଥିଲେ। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରୁ ନଜରକୁ ଆସିଛି। ଏହି ଘଟଣା ବିରୋଧୀ ରାଜନୈତିକ ଦଳଙ୍କୁ ସମାଲୋଚନାର ଖୋରାକ ଯୋଗାଇଛି।



# ଦୁର୍ଘଟଣାରେ ବି ଟେକ୍ ଛାତ୍ରଙ୍କ ମୃତ୍ୟୁ

ପାରାଦୀପ, ୮।୧୨ (ସମିସ): ଗତକାଲି ରାତି ୯ଟା ସମୟରେ ବିଟେକ ଛାତ୍ର ଅଶୋକ କୁମାର ଜେନା (୨୦)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେ ଭୁବନେଶ୍ୱରର ଏକ ଇଞ୍ଜିନିଅରିଂ କଲେଜରେ ବିଟେକ କରୁଥିଲେ। ସେ ପାରାଦୀପ ପୌର ପରିଷଦ ୫ ନମ୍ବର ୱାର୍ଡର କାଉନସିଲର ସ୍ୱପ୍ନାରାଣୀ ଜେନାଙ୍କ ବଡ଼ପୁଅ। ଛାତ୍ରଙ୍କ ବାପା ଅନନ୍ତ ନାରାୟଣ ଜେନା ଭୁବନେଶ୍ୱରରେ ପହଞ୍ଚି ଏକ ଘରୋଇ ହସ୍ପିଟାଲରେରେ ଚିକିତ୍ସିତ କରାଇବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମର ଶରୀରକୁ ପାରାଦୀପକୁ ଆଜି ଅଣାଯାଇ ପରିବାର ଓ ଆତ୍ମୀୟସ୍ୱଜନଙ୍କ ଶେଷ ଦର୍ଶନ କରାଯାଇ ତାଙ୍କ ନିଜ ଗ୍ରାମ ସତ୍ୟବାଦୀକୁ ଶେଷକୃତ୍ୟ ପାଇଁ ନିଆଯାଇଥିଲା। ଏ ନେଇ ପାରାଦୀପ ବାଲିଝରା ସମେତ ନିଜ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବାଲିଝରା ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆଜି ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଅଭିଯାନ ଉଦ୍‌ଘାଟିତ

ଜଗତସିଂହପୁର, ୮।୧୨(ସମିସ): ସ୍ଥାନୀୟ ଶୁଦ୍ଧାନନ୍ଦ ବିଦ୍ୟାଳୟ ପ୍ରାଙ୍ଗଣରେ ଏନ୍‌ଜେଡବ୍ଲ୍ୟୁ (ଓପନ) ୟୁନିଟ୍, ଜଗତସିଂହପୁର ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡସ୍ ଓ ଶୁଦ୍ଧାନନ୍ଦ ସ୍କାଉଟ୍ ଟ୍ରୁପ୍‌ର ମିଳିତ ଉଦ୍ୟମରେ ଏକ ସପ୍ତାହ ବ୍ୟାପି ବିଶ୍ୱ ହସ୍ତ ପ୍ରକ୍ଷାଳନ ଅଭିଯାନ ଉଦଘାଟିତ ହୋଇଯାଇଛି। ଏ ଅବସରରେ ସ୍କାଉଟମାନଙ୍କୁ ସଚେତନ କରିବା ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶୁଦ୍ଧାନନ୍ଦ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅତିଥିମାନେ ସ୍କାଉଟ୍‌ଙ୍କୁ ହାତ ଧୁଆର ଆବଶ୍ୟକତା ଉପରେ ସଚେତନ କରାଇଥିଲେ। ଏଥିରେ ୟୁନିଟ୍ ଲିଡର ବିଜୟ କୁମାର ରଥ, ବିଦ୍ୟାଳୟର ପ୍ରଶାସନ ଅଧିକାରୀ ଯଦୁନାଥ ଦାସ, ସ୍କାଉଟର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ହାତଧୋଇବା ବାବଦରେ ସଚେତନ କରିବାପାଇଁ ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ ଦ୍ୱାରା ମନୋନୀତ ଜଗତସିଂହପୁର ଜିଲ୍ଲା ସଂଯୋଜକ ଅମୂଲ୍ୟ କୁମାର ମିଶ୍ର, ଜିଲ୍ଲା ସଂଗଠନ କମିଶନର ପ୍ରତାପ ଚନ୍ଦ୍ର ରାଉରାୟ, ଜିଲ୍ଲା ରେଡକ୍ରସ ସାଧନକର୍ମୀ ଚନ୍ଦନ କୁମାର ବେହେରା, ଏନ୍‌ଜେଡବ୍ଲୁ ରୋଭର୍ ୟୁନିଟ୍‌ର ଭାରପ୍ରାପ୍ତ ରୋଭର୍ ଲିଡର ତଥା ଶୁଦ୍ଧାନନ୍ଦ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର୍ ଆଶୁତୋଷ ପଣ୍ଡା, ବିଦ୍ୟାଳୟର ଇଂରାଜୀ ଶିକ୍ଷକ ରାକେଶ ରୋଷନ୍ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ପରିପ୍ରେକ୍ଷୀରେ ରେଡକ୍ରସର ଜିଲ୍ଲା ସାଧନକର୍ମୀ ଶ୍ରୀ ବେହେରା ଓ ଜିଲ୍ଲା ସଂଯୋଜକ ଶ୍ରୀ ମିଶ୍ର ପିଲାଙ୍କୁ କିପରି ଦଶଟି ସୋପାନରେ ହାତ ଧୋଇବାକୁ ପଡେ ବୁଝାଇ ଦେଇଥିଲେ। ପରେ ସ୍କାଉଟ ଓ ରୋଭର୍‌ଙ୍କ ଦ୍ୱାରା ସଚେତନତା ରାଲିର ଆୟୋଜନ କରାଯାଇଥିଲା।

# ରାମ୍ପ୍ ଶୋ'ରେ ଦୁଇ କେନ୍ଦ୍ରମନ୍ତ୍ରୀ

## ଜ୍ୟୋତିରାଦିତ୍ୟ ସିନ୍ଧିଆ, ସୁକାନ୍ତ ମଜୁମଦାରଙ୍କ ରାମ୍ପ ୱାକ୍



ନୂଆଦିଲ୍ଲୀ, ୮।୧୨(ଏଜେନ୍ସି):

ଦୁଇ କେନ୍ଦ୍ର ମନ୍ତ୍ରୀ ମଡେଲ ଭଳି ଫ୍ୟାଶନ ଶୋ'ରେ ଭାଗ ନେଇ ' ରାମ୍ପ ଓ୍ୱାକ୍'ରେ ଜଲୱା ଦେଖାଇବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଚାଲିଥିବା ଅଷ୍ଟଲକ୍ଷ୍ମୀ ମହୋତ୍ସବରେ ଫ୍ୟାଶନ ଶୋ' ଆୟୋଜନ କରାଯାଇଥିଲା ବେଳେ ଏଥିରେ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଭାଗ ନେଇଥିଲେ। ତେବେ ଏହି ଦୁଇ ମନ୍ତ୍ରୀଙ୍କ ରାମ୍ପ ୱାକ୍ ସମସ୍ତଙ୍କୁ ଚକିତ କରିଦେଇଛି। ଉତ୍ତର ପୂର୍ବାଞ୍ଚଳ ଫ୍ୟାଶନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ଦୁଇ କେନ୍ଦ୍ରମନ୍ତ୍ରୀ ଉତ୍ତର ପୂର୍ବାଞ୍ଚଳ ଡିଜାଇନର ଜ୍ୟାକେଟ୍ ପିନ୍ଧି ରାମ୍ପ ଉପରେ ଚାଲିଥିଲେ। ସେମାନଙ୍କ ପ୍ରଦର୍ଶନ କୌଣସି ମଡେଲଙ୍କ ଠାରୁ କମ୍ ନ ଥିଲା। କେବଳ ପୋଷାକ ନୁହେଁ , ଉଭୟଙ୍କ ଷ୍ଟାଇଲିସ୍ ପ୍ରଦର୍ଶନ ମଧ୍ୟ ବେଶ ରୋଚକ ରହିଥିଲା। ଏପରିକି ସେମାନଙ୍କ ରାମ୍ପ ୱାକ୍ ଦେଖି ସମସ୍ତେ ବିସ୍ମିତ ହୋଇଯାଇଥିଲେ। ସିନ୍ଧିଆ ଏକ ଫ୍ୟାଶନେବଲ୍ କ୍ରିମ୍ ରଙ୍ଗର ଜ୍ୟାକେଟ୍ ପିନ୍ଧିଥିଲା ବେଳେ ଗଳାରେ ଏକ ଲାଲ ରଙ୍ଗର ମଫଲର ପକାଇଥିଲେ। ସେହିପରି ସୁକାନ୍ତ ମଜୁମଦାର ମଧ୍ୟ କ୍ରିମ ରଙ୍ଗର ଜ୍ୟାକେଟ୍ ସହିତ ଗଳାରେ ଲାଲ ରଙ୍ଗର ମଫଲର ବାନ୍ଧିଥିଲେ।ଏହି ସ୍ୱତନ୍ତ୍ର ଫ୍ୟାଶନ ଶୋ' ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ସିନ୍ଧିଆ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଏହା ସଂସ୍କୃତି ଏବଂ ସୃଜନଶୀଳତାର ଉତ୍ସବ। ଉତ୍ତର ପୂର୍ବ ଭାରତର ଚିତ୍ତାକର୍ଷକ ଶୈଳୀ ପ୍ରଦର୍ଶନ କରୁଥିବା ଫ୍ୟାଶନ ଶୋ'ରେ ଏକ ସୁନ୍ଦର ସମୟ ବିତାଇଲି ବୋଲି ସେ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।

# ସିରିଆରେ ବିଦ୍ରୋହ ପଛର କାରଣ

ଦାମାସ୍କସ୍,୮।୧୨(ଏଜେନ୍ସି):

ସିରିଆରେ ଅଲ ଆସାଦ ରାଜୁତିକୁ ବିରୋଧ କରି ପ୍ରମୁଖ ବିଦ୍ରୋହୀ ଗୋଷ୍ଠୀ ଏଚଟିଏସ୍ ସମେତ ଅନ୍ୟ ବହୁ ବିରୋଧୀ ଗୋଷ୍ଠୀ ବିଗତ କିଛି ବର୍ଷ ଧରି ବିଦ୍ରୋହ ଜାରି ରଖିଥିଲେ । ଏହି ସମୟରେ ସଂପୃକ୍ତ ଅଞ୍ଚଳର ଭୂ-ରାଜନୀତିକୁ ନେଇ ରାଷ୍ଟ୍ରପତି ଅଲ ଆସାଦଙ୍କୁ ଇରାନ ସମେତ ରୁଷିଆ ସହଯୋଗ କରିଥିଲେ। କିନ୍ତୁ ବିଦ୍ରୋହୀ ଗୋଷ୍ଠୀଙ୍କୁ ତୁର୍କୀ ପ୍ରତ୍ୟକ୍ଷ ସମର୍ଥନ ଦେଉଥିଲା ବେଳେ ପରୋକ୍ଷରେ ଆମେରିକା ଏବଂ ଇସ୍ରାଏଲ ସମର୍ଥନ କରିଥିଲେ। ରୁଷ ସିରିଆର ବିଭିନ୍ନ ଅଞ୍ଚଳରେ ସାମରିକ ଘାଟି ପ୍ରତିଷ୍ଠା କରିବା ସହିତ ଏଠାରେ ବହୁ ସଂଖ୍ୟାରେ ନିଜ ସେନା ମୁତୟନ କରିଥିଲା। ହେଲେ ୟୁକ୍ରେନ ଯୁଦ୍ଧରେ ରୁଷିଆର ବହୁ ସୈନ୍ୟଙ୍କ ମୃତ୍ୟୁ ହେବା ଏବଂ ଯୁଦ୍ଧ ପାଇଁ ଅଧିକ ସଂଖ୍ୟକ ସେନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରୁଷ ଏଠାରୁ ନିଜ ସେନାକୁ ପ୍ରତ୍ୟାହାର କରିନେଇଥିଲା। ସେହିପରି ଇରାନ ମଧ୍ୟ ନିଜର ସାଂପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ଅସ୍ତ୍ରଶସ୍ତ୍ର ଯୋଗାଣ ଏକପ୍ରକାର ବନ୍ଦ କରିଦେଇଥିଲା। ଏହି ସୁଯୋଗରେ ସିରିଆର ବହୁ ବିଦ୍ରୋହୀ ଗୋଷ୍ଠୀ ରାଷ୍ଟ୍ରପତି ଅଲ ଆସାଦଙ୍କ ବିରୋଧରେ ଯୁଦ୍ଧ ଆରମ୍ଭ କରିଦେଇଥିଲେ। ମାତ୍ର କିଛି ଦିନ ମଧ୍ୟରେ ସେମାନେ ଅଲ ଆସାଦଙ୍କୁ ବିତାଡିତ କରିବାରେ ସଫଳ ହେଲେ ବୋଲି କୁହାଯାଉଛି।

## ସିରିଆରେ ଶ୍ରୀଲଙ୍କା, ବାଂଲାଦେଶ ଭଳି ପରିସ୍ଥିତି

ସିରିଆକୁ ବିଦ୍ରୋହୀ ଗୋଷ୍ଠୀ ଦଖଲ କରିନେବା ପରେ ରାଷ୍ଟ୍ରପତି ଅଲ ଆସାଦ ଇସ୍ତଫା ଦେବା ସହିତ ଦେଶ ଛାଡି ପଳାୟନ କରିଛନ୍ତି। ଏହାପରେ ଲୋକମାନେ ରାଷ୍ଟ୍ରପତି ଭବନରେ ପଶି ହଙ୍ଗାମା କରିଛନ୍ତି। ପୂର୍ବରୁ ଶ୍ରୀଲଙ୍କାରେ ରାଷ୍ଟ୍ରପତି ରାଜପକ୍ଷେ ଏବଂ ବାଂଲାଦେଶରେ ଶେଖ ହସିନା ଦେଶ ଛାଡି ଅନ୍ୟତ୍ର ପଳାୟନ କରିବା ପରେ ସେଠାରେ ଯେଭଳି ସ୍ଥିତି ଉପୁଜିଥିଲା ବର୍ତ୍ତମାନ ସିରିୟାରେ ମଧ୍ୟ ସମାନ ପରିସ୍ଥିତି ଦେଖାଯାଇଛି। ଅଲ ଆସାଦ ସରକାରର ପତନ ପରେ ଲୋକମାନେ ରାଷ୍ଟ୍ରପତିଙ୍କ ବାସଭବନରେ ପଶି ଭଙ୍ଗାରୁଜା କରିବା ସହିତ ବହୁ ମୂଲ୍ୟବାନ ସାମଗ୍ରୀ ଏବଂ ଆସବାବପତ୍ର ଲୁଟ୍ କରିନେଇଥିବା ଦେଖାଯାଇଛି।



## କୁଆଡ଼େ ଗଲେ ବସର୍ ଅଲ ଆସାଦ?

ବିଦ୍ରୋହୀ ଗୋଷ୍ଠୀ ସିରିଆ ରାଜଧାନୀ ଦାମାସ୍କସ୍ ଦଖଲ କରିବା ପରେ ରାଷ୍ଟ୍ରପତି ଅଲ ଆସାଦ ନିଜ ବାସଭବନ ଛାଡି ଏକ ବିମାନରେ ଅନ୍ୟତ୍ର ପଳାଇଥିଲେ। ପ୍ରଥମେ ଏହି ବିମାନଟି ଅଲ ଆସାଦଙ୍କ ଗଡ଼ କୁହାଯାଉଥିବା ସିରିଆର ସାମୁଦ୍ରିକ ଅଞ୍ଚଳ ଆଡକୁ ଉଡାଣ କରିଥିଲା ବେଳେ କିଛି ସମୟ ପରେ ପୁଣି ରୁଟ୍ ପରିବର୍ତ୍ତନ କରି ପଛକୁ ଫେରିଥିଲା। ହେଲେ ଏହାର କିଛି ସମୟ ପରେ ବିମାନଟି ରାଡାରରୁ ଉଭାନ ହୋଇଯାଇଥିବା କୁହାଯାଉଛି। କୌଣସି ଆକ୍ରମଣରେ ଏହି ବିମାନ ନଷ୍ଟ ହୋଇଯିବା ପରେ ରାଡାରରୁ ଉଭାନ ହୋଇଯାଇଥିବା କୁହାଯାଉଥିବା ବେଳେ ରାଷ୍ଟ୍ରପତି ଅଲ ଆସାଦ ମୃତ ନା ଜୀବିତ ତାହାକୁ ନେଇ କିଛି ସ୍ପଷ୍ଟ ହୋଇ ନାହିଁ। ତେବେ ସିରିଆ ପକ୍ଷରୁ ରଏଟରକୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ବିମାନଟି କ୍ରାଶ୍ ହୋଇଯିବା ସହିତ ଆଲ ଆସାଦଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି।



## ଅବୁ ମହମ୍ମଦ ଅଲ ଜୋଲାନି ନେଇପାରନ୍ତି ନେତୃତ୍ୱ

ରାଷ୍ଟ୍ରପତି ଅଲ ଆସାଦଙ୍କ ଶାସନକୁ ବିରୋଧ କରି ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଧରି ସଂଘର୍ଷ କରିଆସିଥିବା ସିରିଆର ପ୍ରମୁଖ ବିଦ୍ରୋହୀ ଗୋଷ୍ଠୀର ମୁଖ୍ୟ ଅବୁ ମହମ୍ମଦ ଅଲ ଜୋଲାନି ଏବେ ସିରିଆ ନେତୃତ୍ୱ ଗ୍ରହଣ କରିପାରନ୍ତି ବୋଲି କୁହାଯାଉଛି। ସେ ଦେଶରେ ଏକ ସ୍ଥିର ଏବଂ ସ୍ୱଚ୍ଛ ସରକାର ଗଠନ କରିବାକୁ ରବିବାର କହିଥିଲା ବେଳେ ଜାତିସଂଘର ଏକ ୮ ଜଣିଆ ଟିମ୍ ସିରିଆରେ ପହଞ୍ଚିଛନ୍ତି। ଜାତିସଂଘର ଜଣେ ସ୍ୱତନ୍ତ୍ର ଶାନ୍ତିଦୂତଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ସିରିଆ ଗସ୍ତ କରିଥିଲା ବେଳେ ଏଠାରେ ରାଜନୈତିକ ସ୍ଥିରତା ଆଣିବାକୁ ଆଲୋଚନା କରିଥିବା ଜଣାପଡ଼ିଛି। ଅଲ ଆସାଦ ସିରିଆ ଛାଡିବା ଏବଂ ସେନା ବିଦ୍ରୋହୀଙ୍କ ନିକଟରେ ଆତ୍ମ ସମର୍ପଣ କରିବା ପରେ ସିରିଆ ପ୍ରଧାନମନ୍ତ୍ରୀ ମହମ୍ମଦ ଗାଜି ଅଲ ଜଲାଲି ନୂଆ ନେତୃତ୍ୱକୁ ସମର୍ଥନ ଜଣାଇ ଏକ ସ୍ଥିର ସରକାର ଗଠନ କରିବାକୁ ଆହ୍ୱାନ ଜଣାଇଛନ୍ତି। ଏହାବ୍ୟତୀତ ଏଠାକାର ବିରୋଧୀ ସଦସ୍ୟମାନେ ମଧ୍ୟ ଦାମାସ୍କସ୍‌ରେ ପହଞ୍ଚି ସରକାର ଗଠନ ଲାଗି ପ୍ରକ୍ରିୟା ଆରମ୍ଭ କରିଥିବା କୁହାଯାଇଛି।

## ସେଦନାୟା ଜେଲ ବନିଥିଲା ' ହ୍ୟୁମାନ ସ୍ଲଟର ହାଉସ୍'

ଅଲ ଆସାଦଙ୍କ ଶାସନ କାଳରେ ସିରିଆରେ ୨୦୧୧ ରୁ ୨୦୧୫ ମଧ୍ୟରେ ପ୍ରାୟ ୧୩ ହଜାର ଲୋକଙ୍କୁ ଫାଶୀ ଦିଆଯାଇଥିଲା ବୋଲି ଆମନେଷ୍ଟି ଇଣ୍ଟରନ୍ୟାସନାଲ ପକ୍ଷରୁ କୁହାଯାଇଛି। ୨୦୦୦ ମସିହାରେ ଅଲ ଆସାଦ ସିରିଆ କ୍ଷମତା ଗ୍ରହଣ କରିବା ପ ପରେ ତାଙ୍କୁ ବିରୋଧ କରି ସାରା ଦେଶରେ ବିଦ୍ରୋହ ଆରମ୍ଭ ହୋଇଥିଲା। ଏହାକୁ ପ୍ରତିହତ କରିବାକୁ ଅଲ ଆସାଦ କଠୋର ପଦକ୍ଷେପ ନେବା ସହିତ ବିଭିନ୍ନ ସହରରେ ହଜାର ହଜାର ଲୋକଙ୍କୁ ଜେଲରେ ପୁରାଇଥିଲେ। ରାଜଧାନୀ ସହର ଦାମାସ୍କସ୍ ସମେତ ଆଲେପୋ,ହାମା ଏବଂ ସେଦନାୟାରେ ଥିବା ବିଭିନ୍ନ ଜେଲରେ ଲକ୍ଷାଧିକ ଲୋକ ଜେଲରେ ରହିଥିଲେ। ୨୦୧୧ରୁ ୨୦୧୫ ମଧ୍ୟରେ ଜେଲରେ ଅଧିକାଂଶ ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ବହୁ ଲୋକଙ୍କୁ ଆଲ ଆସାଦ ସରକାର ଫାଶୀ ଖୁଣ୍ଟରେ ଝୁଲାଇଥିଲେ। ଆମନେଷ୍ଟି ରିପୋର୍ଟ ଅନୁସାରେ କେବଳ ସେଦନାୟା ସହରରେ ଥିବା ବିଭିନ୍ନ ଜେଲରେ ପ୍ରାୟ ୩୦ ହଜାର ଲୋକଙ୍କ ମୃତ୍ୟୁ ହେବା ସହିତ ଅନ୍ୟାନ୍ୟ ଜେଲରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ଏକ ଲକ୍ଷରୁ ଅଧିକ ହେବ । ଏଥିପାଇଁ ସେଦନାୟାକୁ ' ହ୍ୟୁମାନ ସ୍ଲଟର ହାଉସ୍' ବୋଲି ଆଖ୍ୟା ଦିଆଯାଇଥିଲା।




## ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଇଣ୍ଟରନେଟ୍ ସେବା ବ୍ୟାହତ କରିବାକୁ ବାଂଲାଦେଶର ଷଡ଼ଯନ୍ତ୍ର

ନୂଆଦିଲ୍ଲୀ,୮।୧୨(ଏଜେନ୍ସି): ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣକୁ ନେଇ ଏବେ ଉଭୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ତିକ୍ତ ହୋଇଯାଇଛି। କୂଟନୈତିକ ସ୍ତରରେ ଆଲୋଚନା କରି ଭାରତ ସମସ୍ୟାର ସମାଧାନ କରିବାକୁ ଚାହୁଁଥିଲା ବେଳେ କଠୋରପନ୍ଥୀଙ୍କ ନିର୍ଦ୍ଦେଶରେ ପରିଚାଳିତ ବାଂଲାଦେଶର ୟୁନୁସ୍ ସରକାର କିଛି ଶୁଣିବାକୁ ପ୍ରସ୍ତୁତ ନାହିଁ। ବଙ୍ଗ ଭାରତ ବିରୋଧରେ ବିଭିନ୍ନ ସ୍ତରରେ ଷଡ଼ଯନ୍ତ୍ର ଚଳାଇଥିବା ଜଣାପଡ଼ିଛି। ଏହିକ୍ରମରେ ଭାରତର ଉତ୍ତର-ପୂର୍ବ ରାଜ୍ୟରେ ମୋବାଇଲ୍ ଇଣ୍ଟରନେଟ୍ ସଂଯୋଗରେ ବାଧା ସୃଷ୍ଟି କରିବାକୁ ବାଂଲାଦେଶ ଷଡ଼ଯନ୍ତ୍ର ରଚିଥିବା ସୂଚନା ମିଳିଛି। ଇତିମଧ୍ୟରେ ୟୁନୁସ୍ ସରକାର ବ୍ୟାଣ୍ଡୱିଡଥ୍ ଟ୍ରାନ୍‌ଜିଟ ସୁବିଧାକୁ ନେଇ ଉଭୟ ରାଷ୍ଟ୍ର ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ବାତିଲ କରିଦେଇଛନ୍ତି। ବାଂଲାଦେଶର ଇଣ୍ଟରନେଟ୍ ରେଗୁଲେଟର ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ବ୍ୟାଣ୍ଡୱିଡଥ୍ ଯୋଗାଣ ପାଇଁ ଏକ ଟ୍ରାଞ୍ଜିଟ୍ ପଏଣ୍ଟ ଭାବେ କାର୍ଯ୍ୟ କରିବାକୁ ବୁଝାମଣା ହୋଇଥିଲାବେଳେ ଏହାକୁ ୟୁନୁସ୍ ସରକାର ରଦ୍ଦ କରିଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମୟରେ ଏୟାରଟେଲ ସହିତ ବାଂଲାଦେଶର ସିଟ୍ କମ୍ୟୁନିକେସନ୍ ଏବଂ ଫାଇବର ଆଟ ହୋମ ଭଳି କମ୍ପାନୀ ବିଟିଆରସି (ବାଂଲାଦେଶ ଟେଲିକମ୍ ନିୟାମକ ଆୟୋଗ)ରେ ଏହି ପ୍ରସ୍ତାବ ଦାଖଲ କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବା ଦ୍ୱାରା ଭାରତର ଉତ୍ତର-ପୂର୍ବ ରାଜ୍ୟ ପାଇଁ ବାଂଲାଦେଶରୁ ଇଣ୍ଟରନେଟ୍ ସେବା ଉପଲବ୍ଧ ହୋଇଥାଆନ୍ତା। ଏହି ପ୍ରକଳ୍ପ ଜରିଆରେ ଭାରତ-ବାଂଲାଦେଶ ସୀମାରେ ଇଣ୍ଟରନେଟ୍ ସର୍କିଟ୍ ସ୍ଥାପନ କରି ଡାଟା ଟ୍ରାନ୍ସମିସନ୍ ପାଇଁ ଏକ ଟ୍ରାଞ୍ଜିଟ୍ ଲିଙ୍କ୍ ସୃଷ୍ଟି କରାଯାଉଥିଲା। କିନ୍ତୁ ଏହି ଯୋଜନାକୁ ୟୁନୁସ୍ ସରକାର ରଦ୍ଦ କରିଦେଇଛନ୍ତି।

## ମହାରାଷ୍ଟ୍ରରେ ଶପଥ ନେଲେ ବିରୋଧୀ ବିଧାୟକ

### ରାହୁଲ ନାର୍ବିକର ହେବେ ବାଚସ୍ପତି

ମୁମ୍ବାଇ,୮।୧୨(ଏଜେନ୍ସି): ଗତ ୫ ତାରିଖରେ ଦେବେନ୍ଦ୍ର ଫଡ଼ନବୀଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ୭ ତାରିଖରେ ବିଧାସଭାର ସ୍ୱତନ୍ତ୍ର ଅଧିବେଶନରେ ବିଧାୟକମାନେ ଶପଥ ନେଇଥିଲେ। ହେଲେ ଇଭିଏମ ଉପରେ ଦୋଷ ଲଦି ବିରୋଧୀ ଏମଭିଏ ମେଣ୍ଟର ବହୁ ନିର୍ବାଚିତ ବିଧାୟକ ଶପଥ ନେଇ ନଥିଲେ। ତେବେ ରବିବାର ୧୦୫ ବିଧାୟକ ଶପଥ ନେଇଥିବା ଜଣାପଡ଼ିଛି। ଶିବସେନା(ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ସମେତ କଂଗ୍ରେସ ନେତା ନାନା ପାଟୋଲ, ଏନସିପି(ଶରଦ) ନେତା ଜିତେନ୍ଦ୍ର ଉତହାଡଙ୍କ ଭଳି ବହୁ ବିଧାୟକ ଶପଥ ନେଇଛନ୍ତି। ମୋଟ ୨୮୮ ବିଧାୟକଙ୍କ ମଧ୍ୟରୁ ଗତକାଲି ୧୭୩ ଶପଥ ନେଇଥିଲେ। ପରେ ବାଚସ୍ପତି ନିର୍ବାଚନ ହେବାକୁ ଥିବାବେଳେ ବିଜେପି ନେତା ରାହୁଲ ନାର୍ବିକର ପୁଣି ବାଚସ୍ପତି ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। କାରଣ ବିରୋଧୀ ଏମଭିଏ ନିକଟରେ ବିରୋଧୀ ଦଳ ନେତା ନିର୍ବାଚିତ କରିବାକୁ ସାମର୍ଥ୍ୟ ନ ଥିଲାବେଳେ ବାଚସ୍ପତି ପଦବୀ ଲାଗି ଏହି ମେଣ୍ଟ ପକ୍ଷରୁ କାହାରିକୁ ପ୍ରାର୍ଥୀ କରିବା ସମ୍ଭବ ହେବ ନାହିଁ। ତେଣୁ ରାହୁଲ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବାଚସ୍ପତି ନିର୍ବାଚିତ ହେବେ ବୋଲି କୁହାଯାଉଛି।

### ଉଦ୍ଧମପୁରରେ ଦୁଇ ଯବାନଙ୍କ ମୃତଦେହ ଉଦ୍ଧାର

## ପରସ୍ପରକୁ ଗୁଳି ମାରିଥିବା ସନ୍ଦେହ

ଶ୍ରୀନଗର,୮।୧୨(ଏଜେନ୍ସି):

ଜମ୍ମୁ କଶ୍ମୀରର ଉଦ୍ଧମପୁର ଜିଲ୍ଲାରେ ରବିବାର ସକାଳେ ଦୁଇ ପୁଲିସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ଭୋର୍ ସମୟରେ ପୁଲିସ ବିଭାଗର ଏକ ଗାଡିରେ ତଲୱାରା ପ୍ରଶିକ୍ଷଣ କେନ୍ଦ୍ରକୁ ଯାଉଥିଲା ବେଳେ ଏଭଳି ଘଟଣା ଦେଖିବାକୁ ମିଳିଛି। ଉଭୟଙ୍କ ଶରୀରରେ ଗୁଳି ଦାଗ ରହିଥିବା ଏବଂ ସେମାନଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିବା ପରେ ତୁରନ୍ତ ଘଟଣାର ଯାଞ୍ଚ କରାଯାଇଥିଲା। ତେବେ ପ୍ରାଥମିକ ସ୍ତରରେ ସେମାନେ ଆତ୍ମହତ୍ୟା କରିଥିବା କିମ୍ବା କୌଣସି କାରଣକୁ ନେଇ ପରସ୍ପରକୁ ଗୁଳି ଚଳାଇଥିବା ଅନୁମାନ କରାଯାଉଥିବା କୁହାଯାଇଛି।

# ଆସଦ ପରିବାରର ୫୪ ବର୍ଷର ରାଜୁତି

ଦାମାସ୍କସ୍,୮।୧୨(ଏଜେନ୍ସି):

ସିରିଆରେ ପ୍ରାୟ ୫୪ ବର୍ଷ ଧରି ରାଜ କରିଥିଲେ ଆସାଦ ପରିବାର। ପ୍ରଥମେ



ସିରିଆ ସେନାରେ ଏକ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ହାଫେଦ୍ ଅଲ ଆସାଦ ରାଜନୀତିରେ ପ୍ରବେଶ କରିବା ପରେ ୧୯୭୦ ରୁ ୧୯୭୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିଥିଲେ। ଏହାପରେ ସେ ୧୯୭୧ରେ ରାଷ୍ଟ୍ରପତି ହେବା ପରେ ୨୦୦୦ ପର୍ଯ୍ୟନ୍ତ କ୍ଷମତାରେ ରହିଥିଲେ। ଏହି ବର୍ଷ ତାଙ୍କର ମୃତ୍ୟୁ ହେବା ପରେ ତାଙ୍କ ପୁଅ ବସର୍ ଅଲ ଆସାଦ ମାତ୍ର ୩୪ ବର୍ଷ ବୟସରେ ରାଷ୍ଟ୍ରପତି ହେବା ସହିତ ସିରିଆ କ୍ଷମତା ଦଖଲ କରିଥିଲେ। କିନ୍ତୁ ସେତେବେଳେ ତାଙ୍କୁ ବିଭିନ୍ନ ମହଲରୁ ବିରୋଧ କରାଯାଇଥିଲା। ଏପରିକି ସିରିଆ ଆଇନ ବ୍ୟବସ୍ଥାରେ ସର୍ବନିମ୍ନ ୪୦ ବର୍ଷ ବୟସ୍କ ବ୍ୟକ୍ତି ରାଷ୍ଟ୍ରପତି ହେବାକୁ ଯୋଗ୍ୟତା ରହିଥିଲା ବେଳେ ବସର୍ ଆସାଦ ସଂସଦୀୟ ଆଇନରେ ପରିବର୍ତ୍ତନ କରି ରାଷ୍ଟ୍ରପତି ପଦ ଛାଡି ନଥିଲେ। ଏହାପରେ ସିରିୟାରେ ଆସାଦଙ୍କ ପ୍ରତି ବିଦ୍ରୋହ ବଢିବା ସହିତ ତାଙ୍କୁ ଗାଦିଚ୍ୟୁତ କରିବାକୁ ବହୁ ସଂଗଠନ ପ୍ରୟାସ ଆରମ୍ଭ କରିଦେଇଥିଲେ। ଏବେ ଦୀର୍ଘ ୫୪ ବର୍ଷ ପରେ ଆସାଦ ରାଜୁତିର ଅନ୍ତ ଘଟିଛି।

### ଅଲ ଜୋଲାନି କିଏ ?

ଅଲ ଆସାଦ ସିରିଆ ଛାଡିବା ପରେ ଏବେ ସମସ୍ତଙ୍କ ଦୃଷ୍ଟି ବିଦ୍ରୋହୀ ଏଚଟିଏସ୍ ସଂଗଠନ ମୁଖ୍ୟ ଅବୁ ମହମ୍ମଦ ଅଲ ଜୋଲାନିଙ୍କ ଉପରେ ନିବଦ୍ଧ ହୋଇଛି। ଜୁଲାନି ଇରାକର ଅଲ କାଏଦା ସଂଗଠନ ସହ କାର୍ଯ୍ୟ କରିଥିଲା ବେଳେ ପରବର୍ତ୍ତୀ ସମୟରେ ଇସଲାମିକ୍ ଷ୍ଟେଟ(ଆଇଏସ୍) ସହ ଜଡ଼ିତ ହୋଇଥିଲେ। ୧୯୮୨ ମସିହାରେ ସାଉଦି ଆରବରେ ଜନ୍ମ ନେଇଥିବା ଜଲାନିଙ୍କ ପରିବାର ସେହି ବର୍ଷ ସିରିଆ ଆସି ଦାମାସ୍କସରେ ଜୀବନଯାପନ ଆରମ୍ଭ କରିଥିଲେ। କିନ୍ତୁ ଜୋଲାନି ସେଠାକାର ସ୍ଥିତିକୁ ନେଇ ୨୦୦୩ରେ ଅଲ କାଏଦା ସହ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ହାୟାତ୍ ତେହରିର ଅଲ ସାମ୍ (ଏଚଟିଏସ୍) ସଂଗଠନ ଗଠନ କରିଥିଲେ। ଦିନକୁ ଦିନ ତାଙ୍କର ପ୍ରଭାବ ବଢିବା ସହିତ ସେ ସିରିଆର ଇଦ୍ଲିବ୍ ପ୍ରଦେଶରେ ନିଜ ସରକାର ଦ୍ୱାରା ଶାସନ ଚଳାଇଥିଲେ। ଆମେରିକା ଜୋଲାନିଙ୍କୁ ଆତଙ୍କବାଦୀ ଘୋଷିତ କରିଥିଲେ ହେଁ ଜୁଲାନି ସିରିଆରେ ଏକଛତ୍ରବାଦ ଶାସନ ଶେଷ କରି ଏକ ସ୍ୱଚ୍ଛ ସରକାର ପ୍ରତିଷ୍ଠା କରିବାକୁ ସଂଘର୍ଷ କରିଥିବାରୁ ତାଙ୍କୁ ବିଭିନ୍ନ ଦିଗରୁ ସହାୟତା କରାଯାଇଥିଲା

# ଚାଷୀଙ୍କ 'ଦିଲ୍ଲୀ ଚଲୋ' ଅଭିଯାନ ଦିନକ ପାଇଁ ସ୍ଥଗିତ

## ଲୁହବୁହା ବାଷ୍ପରେ ୧୧ ଚାଷୀ ଆହତ

ନୂଆଦିଲ୍ଲୀ,୮।୧୨(ଏଜେନ୍ସି): ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସ୍ପି) ସହିତ ଅନ୍ୟାନ୍ୟ ଦାବିପୂରଣ ନେଇ ପଞ୍ଜାବ-ହରିୟାଣା ଶମ୍ଭୁ ସୀମା ଠାରୁ 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିଥିବା ଚାଷୀ ଦିନକ ପାଇଁ ପଦଯାତ୍ରା ସ୍ଥଗିତ ରଖିଛନ୍ତି। ରବିବାର ମଧ୍ୟାହ୍ନରେ ୧୦୧ ଚାଷୀ ପଦଯାତ୍ରା ଆରମ୍ଭ କରିଥିଲେ ହେଁ ଶମ୍ଭୁ ସୀମା ବ୍ୟାରିକେଡ ନିକଟରେ ସେମାନେ ପହଞ୍ଚିବା କ୍ଷଣି ପୁଲିସ ସେମାନଙ୍କୁ ଅଟକାଇଥିଲା। ହେଲେ ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହି ଆଗକୁ ଯିବାକୁ ଉଦ୍ୟମ କରିବାରୁ ପୁଲିସ ସେମାନଙ୍କ ଉପରକୁ ଲୁହବୁହା ଗ୍ୟାସ ମାଡ଼ କରିଥିଲା। ଏଥିରେ ୧୧ ଚାଷୀ ଆହତ ହୋଇଥିବା କୁହାଯାଇଛି। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ମଧ୍ୟ ଦେଖିବାକୁ ମିଳିଛି। ଚାଷୀମାନଙ୍କୁ ଦିଲ୍ଲୀ ଚଲୋ ଅଭିଯାନ ପାଇଁ ମିଳିଥିବା ଅନୁମତିପତ୍ର ଦେଖାଇବାକୁ ପୁଲିସ କହିବା ପରେ ଏହାକୁ ନେଇ ପ୍ରଥମେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରେ ପରେ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତି ଉପୁଜିବା ପରେ କିଛି ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ପରେ ଚାଷୀମାନେ ପୁଣି ବ୍ୟାରିକେଡ ପଛକୁ ଘୁଞ୍ଚି ରାସ୍ତାରେ ବିକ୍ଷୋଭ ଆରମ୍ଭ କରିଛନ୍ତି। ଚାଷୀମାନେ ବ୍ୟାରିକେଡ୍ ପଛକୁ ଘୁଞ୍ଚିବା ପରେ ପୁଲିସ ସେମାନଙ୍କ ଉପରକୁ ଫୁଲ ପାଖୁଡ଼ା ପକାଇ ଆଶ୍ୱସନା ଦେବାକୁ ଚେଷ୍ଟା କରିଛି। ତେବେ ଲୁହବୁହା ଗ୍ୟାସ ମାଡ଼ ଯୋଗୁ କିଛି ଚାଷୀ ଆହତ ହୋଇଥିବାରୁ ଚାଷୀମାନେ ଦିଲ୍ଲୀ ଚଲୋ ଅଭିଯାନକୁ ଗୋଟିଏ ଦିନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ଚାଷୀ ନେତା ସରବନ ସିଂହ ପାନ୍ଧେର ଘୋଷଣା କରିଛନ୍ତି। ପରବର୍ତ୍ତୀ କାର୍ଯ୍ୟପନ୍ଥା ଆଗାମୀ ଦିନରେ ନିର୍ଦ୍ଧାରଣ କରାଯିବ ବୋଲି ସେ କହିଛନ୍ତି। ଏବେ ବି ଶମ୍ଭୁ ସୀମାନ୍ତରେ ଉତ୍ତେଜନା ଲାଗି ରହିବା ସହିତ ଶତାଧିକ ଚାଷୀ ସୀମା ନିକଟରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି।ବିକ୍ଷୋଭକୁ ଦୃଷ୍ଟିରେ ରଖି ପଞ୍ଜାବ-ହରିୟାଣା ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।



ଶମ୍ଭୁ ସୀମାରେ ଧାରଣାରତ ଚାଷୀ

## ଡ୍ରେନ୍ ନିର୍ମାଣ ବେଳେ ଅଘଟଣ

# କାନ୍ଥ ପଡ଼ି ଶ୍ରମିକଙ୍କ ମୃତ୍ୟୁ

**କଟକ,୮ ।୧୨(ସମିସ):** ମହାନଗର ନିଗମ ଅନ୍ତର୍ଗତ ବିଡ଼ାନାସୀ (ୱାର୍ଡ-୧)ରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ଏକ ପାଚେରି ଭୁଶୁଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଆଜି ଦିନ ପ୍ରାୟ ସାଢ଼େ ୧ଟା ବେଳେ ଏହି ଅଘଟଣ ଘଟିଛି। ମୃତ ଶ୍ରମିକ ହେଲେ, ଶଙ୍କର (୨୬)। ତାଙ୍କ ଘର ବକ୍ସିବଜାର ପେନସେନ୍ ଲେନ୍ ଅଞ୍ଚଳର ଗୋଦାମ ଗଳିରେ। ଏହି ଦୁର୍ଘଟଣାରେ ଆଉ ଜଣେ ଶ୍ରମିକ ଆହତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରେ ସମୁଦାୟ ୫ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ। କୌଣସି ଶ୍ରମିକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନଥିଲା। ନିର୍ମାଣାଧୀନ ଡ୍ରେନ୍ କଡ଼ରେ ଥିବା ପୁରାତନ ପାଚେରିଟି ହଠାତ୍ ଭୁଶୁଡ଼ି ପଡ଼ିବାରୁ ୨ଜଣ ଶ୍ରମିକ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଦୁହିଁଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶଙ୍କରଙ୍କ ମୃତ୍ୟୁ ଘଟିଥିଲା। ପୁଲିସ୍ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଆଉ ଜଣଙ୍କୁ ଏସ୍‌ସିବି ସ୍ଥାନାନ୍ତର କରାଯାଇଛି।

ବିଡ଼ାନାସୀ ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଆହତଙ୍କୁ ହସ୍ପିଟାଲ୍ ପଠାଇଥିଲା। ଦୁର୍ଘଟଣା ଘଟିବା ପରେ ମହାନଗର ନିଗମ କିମ୍ବା ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ନ ପହଞ୍ଚିବାରୁ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକମାନେ ପାଟତୁଣ୍ଡ କରିବା ସହ ସେଠାରେ ଧାରଣାରେ ବସି ରହିଥିଲେ। ପୁଲିସ ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ମୃତକଙ୍କ ପରିବାର ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ଦାବି କରାଯାଇଛି। ଅନ୍ୟପଟେ କାର୍ଯ୍ୟରତ ୫ଜଣ ଶ୍ରମିକଙ୍କ ମଧ୍ୟରୁ ୨ଜଣ ନାବାଳକ ବୋଲି ଜଣାପଡ଼ିଛି। ଡ୍ରେନ୍ କାର୍ଯ୍ୟ କରୁଥିବା ଠିକାଦାର କିମ୍ବା ସୁପରଭାଇଜର ପାଚେରି ଭୁଶୁଡ଼ିବା ଖବର ଶୁଣି ଫେରାର୍ ହୋଇଯାଇଛନ୍ତି। ଏ ସମ୍ପର୍କରେ ଥାନାରେ କୌଣସି ମାମଲା ହୋଇନଥିବା ବେଳେ ପୁଲିସ୍ ସମ୍ପୃକ୍ତ ଠିକାଦାରଙ୍କୁ ଖୋଜୁଛି। ସେହିପରି ମହାନଗର ନିଗମ ପକ୍ଷରୁ ଶ୍ରମିକ ମୃତ୍ୟୁର ତଦନ୍ତ ପାଇଁ ୩ଜଣିଆ କମିଟି ଗଠନ କରାଯାଇଥିବା ମେୟର ସୁବାସ ସିଂହ ସୂଚନା ଦେଇଛନ୍ତି।





- ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇବାକୁ କେନ୍ଦ୍ର କରି ଘଟଣାସ୍ଥଳରେ ଉତ୍ତେଜନା
- ବିପଦସଙ୍କୁଳ ସ୍ଥାନରେ ୫ ଶ୍ରମିକଙ୍କ ନଥିଲା ସୁରକ୍ଷା ବ୍ୟବସ୍ଥା
- ଠିକାଦାର ଓ ସୁପରଭାଇଜର ଫେରାର୍
- ତଦନ୍ତ ପାଇଁ ୩ଜଣିଆ କମିଟି ଗଠନ କଲା ମହାନଗର ନିଗମ

ଘଟଣାସ୍ଥଳରେ ଉପସ୍ଥିତ ବିଡ଼ାନାସୀ ଗ୍ରାମ୍ୟ କମିଟିର ସମ୍ପାଦକ ସତ୍ୟବ୍ରତ ବେହେରା କହିଛନ୍ତି, ଯଦି ଠିକାଦାରଙ୍କ ପକ୍ଷରୁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥା'ନ୍ତା, ଏଭଳି ଅଘଟଣ ଘଟି ନଥାଆନ୍ତା। ସେହିପରି ନାବାଳକଙ୍କୁ କେଉଁଭଳି ସମ୍ପୃକ୍ତ ଠିକାଦାର କାର୍ଯ୍ୟରେ ନିୟୋଜିତ କରିଥିଲେ, ସେଥିନେଇ ପୁଲିସ ଖୋଳତାଡ଼ କରୁଥିବା ଜଣାଯାଇଛି।

# ୧୧୭୧୦ ଶିଶୁ ଉତ୍କଟ କୁ-ପୋଷଣର ଶିକାର

## ରାଷ୍ଟ୍ରପତିଙ୍କ ଜିଲ୍ଲା ପ୍ରଥମ, ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଦ୍ୱିତୀୟ

**ଭୁବନେଶ୍ୱର,୮ ।୧୨(ସମିସ):** ସାରା ରାଜ୍ୟରେ ୧୧୭୧୦ ଶିଶୁ ଉତ୍କଟ କୁପୋଷଣର ଶିକାର ଅଛନ୍ତି। ବିଡ଼ମ୍ବନା ହେଉଛି କୁପୋଷଣର ଶିକାର ହୋଇଥିବା ପିଲାମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଅନୁସୂଚୀତ ଜନଜାତି ବର୍ଗର। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା।

ତେବେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ତଥ୍ୟ ଯେଉଁ ଦିଗଟିକୁ ଇଙ୍ଗିତ କରିଛି, ତାହା ହେଉଛି ଅତ୍ୟନ୍ତ ଗୁରୁତର। ଦେଶର ରାଷ୍ଟ୍ରପତିଙ୍କ ନିଜ ଜିଲ୍ଲା ମୟୂରଭଞ୍ଜ ଶିଶୁ କୁପୋଷଣ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଥିବାବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝର ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି । ମୟୂରଭଞ୍ଜ ଜିଲ୍ଲାରେ ୧୪୬୦ ଶିଶୁଙ୍କ ପୋଷଣ ସ୍ଥିତି ଗମ୍ଭୀର ଅବସ୍ଥାରେ ଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଏହି ସଂଖ୍ୟା ୧୨୬୯ ରହିଛି। ଏଥିସହ ନବରଙ୍ଗପୁରରେ ୭୬୦, ରାୟଗଡ଼ାରେ ୬୪୫, କଳାହାଣ୍ଡିରେ ୬୩୬, ମାଲକାନଗିରିରେ ୫୭୦, ଗଞ୍ଜାମରେ ୫୫୮, ବାଲେଶ୍ୱରରେ ୫୩୬ ଶିଶୁ ଗମ୍ଭୀର କୁପୋଷଣର ଶିକାର ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରେ ସର୍ବନିମ୍ନ ୩୦ ଜଣ ଶିଶୁ ଗମ୍ଭୀର କୁପୋଷଣର ଶିକାର ହୋଇଥିବା ବେଳେ ସମୁଦାୟ ୫୦ ଜଣ କୁପୋଷଣ ଆକ୍ରାନ୍ତ ଅଛନ୍ତି।

କୁପୋଷଣରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ପୂର୍ବ ସରକାର ଅନେକ ଯୋଜନା ହାତକୁ ନେଇଥିଲେ। ପିଲାଙ୍କୁ ମାଣ୍ଡିଆ ଲଡୁଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପୁଷ୍ଟି ଯୋଜନା, ପଢ଼ା ପୁଷ୍ଟି କାର୍ଯ୍ୟକ୍ରମ, ପୂର୍ଣ୍ଣ ଆହାର ଆଦିକୁ କାର୍ଯ୍ୟକାରୀ କରାଯାଉଥିଲା। ଏପରିକି ନବଜାତମାନଙ୍କୁ କୁପୋଷଣରୁ ମୁକ୍ତ ରଖିବା ପାଇଁ ଗର୍ଭବତୀମାନଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଉଥିଲା। କିଛି ସ୍ଥାନରେ ଛତୁଆ ବଣ୍ଟନ ବି ହେଉଥିଲା। ମାତ୍ର ଗତ ୬ ମାସ ମଧ୍ୟରେ ଛତୁଆ ବଣ୍ଟନ କାର୍ଯ୍ୟକ୍ରମ ଏକପ୍ରକାର ବନ୍ଦ କରାଯାଇଛି। ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଯୋଗାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଅକାମୀ କରିଦେବା ପାଇଁ ଷଡ଼ଯନ୍ତ୍ର କରାଯାଇଛି। ଫଳରେ ଛତୁଆ ବଣ୍ଟନ କାର୍ଯ୍ୟ ଲକ୍ଷ୍ୟହୀନ ହୋଇ ପଡ଼ିଛି। ଏପରିକି ଛତୁଆରେ ଯେଉଁ ସାମଗ୍ରୀ ମିଶ୍ରଣ କରାଯିବା କଥା ତାହାର ମାନ ରକ୍ଷା କରାଯାଉ ନାହିଁ। ବିଭିନ୍ନ ମିଲ୍‌ରେ ଯାଞ୍ଚ କରାଯାଇ ଛତୁଆର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥାଏ; ମାତ୍ର ଏବେ ଛତୁଆକୁ ନେଇ ବିଭିନ୍ନ ସ୍ଥାନରେ ଅଭିଯୋଗ ଆସିବାରେ ଲାଗିଥିବାବେଳେ ମୁଖ୍ୟମନ୍ତ୍ରୀ ପୁଷ୍ଟି ଯୋଜନା, ପଢ଼ା ପୁଷ୍ଟି କାର୍ଯ୍ୟକ୍ରମ ଓ ପୂର୍ଣ୍ଣ ଆହାର କାର୍ଯ୍ୟକ୍ରମ ବାଟବଣା ହୋଇଛି। ଫଳରେ କୁପୋଷଣ ବଢ଼ିବାରେ ଲାଗିଛି ଓ ଏହି ଧାରା ଅବ୍ୟାହତ ରହିଲେ ରାଜ୍ୟସାରା କୁପୋଷଣ ଶିକାର ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି।

# ମହିଳାଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି, ୮ ।୧୨(ସମିସ):** ପୁଲିସ୍ ସୂଚନାଦାତା ସନ୍ଦେହରେ ନକ୍ସଲମାନେ ପୁଣି ଜଣେ ମହିଳାଙ୍କୁ ନିର୍ମମ ହତ୍ୟା କରିଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ଏହି ଘଟଣା ଘଟିଛି। ମୃତ ମହିଳା ହେଲେ, ବିଜାପୁରର ଲୋଦେଡ ଗ୍ରାମର ସୁକ୍ରା ଯାଲାମ। ସୂଚନାନୁଯାୟୀ, ବିଜାପୁରର ଲୋଦେଡ ଗ୍ରାମର ରାମାୟା ଯାଲମ ଓ ତାଙ୍କ ସ୍ତ୍ରୀ ସୁକରାଙ୍କୁ କିଛି ମାଓବାଦୀ ଅପହରଣ କରି ଗାଁଠାରୁ ୩ କିଲୋମିଟର ଦୂର ଜଙ୍ଗଲକୁ ନେଇଯାଇଥିଲେ। ରାମାୟାଙ୍କୁ ସେମାନେ ନିସ୍ତୁକ ମାଡ଼ ମାରି ଛାଡ଼ି ଦେଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ସୁକ୍ରାଙ୍କୁ ହତ୍ୟା କରିଥିଲେ। ତେଲଙ୍ଗାନା ପୁଲିସର ସୂଚନାଦାତା ଅଭିଯୋଗରେ ସେମାନେ ସୁକ୍ରାଙ୍କୁ ହତ୍ୟା କରାଯାଇଛି ବୋଲି ମାଓବାଦୀମାନେ ଏକ ହାତଲେଖା ଚିଠିରେ ଉଲ୍ଲେଖ କରିଛନ୍ତି। ଖବର ପାଇ ଆଜି ଘଟଣାସ୍ଥଳରେ ପୁଲିସ୍ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଗତ ତିନିଦିନ ମଧ୍ୟରେ ଦୁଇଜଣ ପୂର୍ବତନ ସରପଞ୍ଚଙ୍କ ସମେତ ୨ ମହିଳାଙ୍କୁ ନିର୍ମମ ହତ୍ୟା ଯୋଗୁଁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।



## ସୀମାନ୍ତରେ ୫ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୮ ।୧୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ସରକାରଙ୍କ ଆତ୍ମସମର୍ପଣ ନୀତିରେ ପ୍ରଭାବିତ ହୋଇ ମାଓ ସଂଗଠନରେ ସକ୍ରିୟ ୫ଜଣ ମାଓବାଦୀ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ମାଡ଼ବି ରାଜୁ, ଦେବା ମାଡ଼ବି, ସୁନ୍ନମ ଭେଙ୍କଟସ, କୱାସୀ ହିଡ଼ମା, ସୋଡ଼ି ଗଙ୍ଗା। ଏମାନଙ୍କୁ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତିରେ ସହାୟତା ଓ ଅନ୍ୟାନ୍ୟ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ସୁକମା ପୁଲିସ ପକ୍ଷରୁ କୁହାଯାଇଛି। ସୁକମା ପୁଲିସ୍ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଜି ଏହି ସୂଚନା ଦିଆଯାଇଛି।

# ଚୁଲିରେ ପଡ଼ି ଯୁବକ ମୃତ

**ସମ୍ବଲପୁର, ୮ ।୧୨(ସମିସ):** ସମ୍ବଲପୁର ଜିଲ୍ଲା ଠେଲକୋଲୋଇ ଥାନା ବାରଘାଟ ତିଲେଇମାଲରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଚୁଲିରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ବାରଘାଟର ରାଜେଶ ରୋହିଦାସ(୩୦)। ପୁଲିସ କହିବା ଅନୁସାରେ ରାଜେଶଙ୍କର ବାତରୋଗ ରହିଛି। ସେ ମଦ ପିଇ ଆଜି ଚୁଲି ନିଆଁ ପାଖରେ ବସିଥିଲେ। ଏହି ସମୟରେ ତାଙ୍କୁ ବାତ ମାରିବାରୁ ସେ ଚୁଲିରେ ପଡ଼ିଯାଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଉକ୍ତ ଚୁଲିରେ ବେଆଇନ ଭାବେ ମଦ ରନ୍ଧା ହେଉଥିଲା। ରାତିରେ ସେ ଯାଇଥିଲେ। ବେଆଇନ ରନ୍ଧା ମଦ ଚୁଲିରେ ପଡ଼ିଯାଇଥିଲେ। ତାଙ୍କ ମୁହଁ ଓ ମୁଣ୍ଡ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ସକାଳୁ ଗାଁ ଲୋକେ ତାଙ୍କ ଶବ ଦେଖି ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। ସେପଟେ ତାଙ୍କୁ ରାଜେଶଙ୍କୁ ହତ୍ୟା ପରେ ଚୁଲିରେ ପକାଇ ଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନାବାଳକ ବର-କନ୍ୟା ଉଦ୍ଧାର

**ବାରିପଦା,୮ ।୧୨(ସମିସ):** ବାହାଘର ପାଇଁ ଚାଲିଥିଲା ଭୋଜିଭାତ। ଏତିକିବେଳେ ଆଇସିଡିଏସ୍ ଟିମ୍ ସହ ପୁଲିସ ପହଞ୍ଚି ସମ୍ପୃକ୍ତ ନାବାଳକ ବର ଓ ନାବାଳିକା କନ୍ୟାକୁ ଉଦ୍ଧାର କରଛି। ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା କୁଆମରା ଫାଣ୍ଡି ଅଞ୍ଚଳରେ। ରବିବାର ସନ୍ଧ୍ୟା ସମୟରେ ଏପରି ବାହାଘର ସ୍ଥିର ହୋଇଥିଲା। ଉଭୟ ପରିବାର ମୁଖ୍ୟ ଥାନାରେ ଲେଖାପଢ଼ା କରି ସେମାନଙ୍କୁ ନେବାକୁ ପୁଲିସ କହିଛି। ବରକୁ ୧୭ ବର୍ଷ ଓ କନ୍ୟାକୁ ୧୫ ବର୍ଷର ବୋଲି ଜଣାପଡ଼ିଛି। ବାଲେଶ୍ୱର ଜିଲ୍ଲାରେ ଉଭୟେ ଶ୍ରମିକ କାର୍ଯ୍ୟ କରୁଥିଲା ବେଳେ ପ୍ରେମସମ୍ପର୍କ ଗଢି ଉଠିଥିଲା। ୨୦ ଦିନ ପୂର୍ବରୁ ଉଭୟେ ପୁଅ ଘର କୁଆମରା ଫାଣ୍ଡି ଅଞ୍ଚଳକୁ ପଳାଇ ଆସିଥିଲେ। ଉଦଳା ଥାନା ଅଞ୍ଚଳର ଝିଅ ପରିବାର ସମସ୍ତ କଥା ଜାଣିବା ପରେ ଝିଅକୁ ନେଇପାରି ନଥିଲେ। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାକୁ ଆସିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨ କୋଟିର...

ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତେଣୁ ବିଭାଗ ପକ୍ଷରୁ ୧୫ଜଣିଆ ଏକ ଟିମ୍ ଗଠନ କରି ରାତାରାତି ଚଢ଼ଉ କରାଯାଇଥିଲା। ସହଦେବଖୁଣ୍ଟା ପୁଲିସ୍ ସହଯୋଗରେ ରାତି ପ୍ରାୟ ୨ଟାରେ ଅରଡ଼ବଜାର ଅଞ୍ଚଳରେ ରାସ୍ତାକଡ଼ରେ ଥିବା ଏକ ତିନିମହଲା ଘରେ ଚଢ଼ଉ କରାଯାଇଥିଲା। ସେଠାରୁ ୨କେଜି ଓଜନର ବ୍ରାଉନସୁଗର ଜବତ ହେବା ସହ ଅଭିଯୁକ୍ତ ଅମଜେତକୁ ଗିରଫ କରାଯାଇଥିଲା।

## ବିଦ୍ରୋହୀଙ୍କ ଦଖଲରେ...

ଉଦ୍ୟମ କରିଆସିଥିଲେ। ହେଲେ ହାଫେଜ୍ ଏବଂ ଅଲ ଆସାଦଙ୍କ ସମୟରେ ସିରିଆରେ ଏକଛତ୍ରବାଦ ଶାସନ ଚାଲି ଆସିବା ସହିତ ସାରା ଦେଶ ହିଂସାପ୍ରବଣ ହୋଇପଡ଼ିଥିଲା। ବର୍ତ୍ତମାନ ସେହି କଳାଯୁଗର ଶେଷ ହୋଇଛି ବୋଲି ଏଚଟିଏସ୍ କହିଛି।

ରାଷ୍ଟ୍ରପତି ବସର ଅଲ ଆସାଦଙ୍କ ଶାସନକୁ ବିରୋଧ କରି ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଧରି ସଂଘର୍ଷ କରିଆସିଥିବା ସିରିଆର ପ୍ରମୁଖ ବିଦ୍ରୋହୀ ଗୋଷ୍ଠୀର ମୁଖ୍ୟ ଅବୁ ମହମ୍ମଦ ଅଲ ଜୋଲାନୀ ଏବେ ସିରିଆ ନେତୃତ୍ୱ ଗ୍ରହଣ କରିପାରନ୍ତି ବୋଲି କୁହାଯାଉଛି। ସେ ଦେଶରେ ଏକ ସ୍ଥିର ଏବଂ ସ୍ୱଚ୍ଛ ସରକାର ଗଠନ କରିବାକୁ ଘୋଷଣା କରିଛନ୍ତି। ଇତିମଧ୍ୟରେ ଜାତିସଂଘର ଜଣେ ସ୍ୱତନ୍ତ୍ର ଶାନ୍ତିଦୂତଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ସିରିଆ ଗସ୍ତ କରିଛି। ଏଠାରେ ରାଜନୈତିକ ସ୍ଥିରତା ଆଣିବାକୁ ଆଲୋଚନା କରିଥିବା ଜଣାପଡ଼ିଛି।

## ଅକଳରେ ସିନ୍ଦେ...

ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ ସିନ୍ଦେଙ୍କୁ ଗୃହ ବିଭାଗ ଦେବାକୁ ପଡ଼ିବ। ସିନ୍ଦେଙ୍କ ଯୋଗୁଁ ବିଜେପି ମେଣ୍ଟ ବିପୁଳ ଭୋଟରେ ବିଜୟୀ ହେବାକୁ ସମର୍ଥ ହୋଇଛି। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ନମିଳୁ ପଛେ ଗୃହ ବିଭାଗ ଦେବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀରୁ ଉପମୁଖ୍ୟମନ୍ତ୍ରୀ ହୋଇଥିବା ସିନ୍ଦେଙ୍କୁ ଆଉ ଅପମାନିତ କରିବା ଠିକ୍ ହେବନାହିଁ। ଏହା ଅନାବଶ୍ୟକ ଭାବେ ବିଜେପି ମେଣ୍ଟରେ ଅସନ୍ତୋଷ ସୃଷ୍ଟି କରିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସିନ୍ଦେ ଏସଂପର୍କରେ ମୁହଁ ଖୋଲୁନଥିବା ବେଳେ ବିଭାଗ ବଣ୍ଟନ ପରେ ସେ ପରବର୍ତ୍ତୀ ରଣନୀତି ସଂପର୍କରେ ବିଚାର କରଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ୨୮୮ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାର ବିଜେପିକୁ ସର୍ବାଧିକ ୧୩୨ଟି ଆସନ ମିଳିଥିବା ବେଳେ ଶିବ ସେନାକୁ ମିଳିଛି ମାତ୍ର ୫୭ଟି। ନୂଆ ସରକାରରେ ବିଜେପିର ୨୦ ଜଣ ମନ୍ତ୍ରୀ, ଶିବ ସେନାରୁ ୧୨ ଜଣ ଏବଂ ଏନ୍‌ସିପିରୁ ୧୦ ଜଣ ମନ୍ତ୍ରୀ ହୋଇପାରନ୍ତି।

## ଚୁଲିକୁ ଗଲାଣି...

ନଦୀ ବାଲିର ସୁପରିଚାଳନା ପାଇଁ ଓଡ଼ିଶା ବାଲି ନୀତି ୨୦୨୧କୁ ଅତ୍ୟନ୍ତ କଠୋର ଭାବରେ କାର୍ଯ୍ୟକାରୀ କରାଯିବାକୁ ଫେବୃଆରୀ ମାସରେ ଖଣି ବିଭାଗ ପକ୍ଷରୁ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିଲା। ୨୦୧୬ ଓ ୨୦୨୧ ବାଲି ନୀତି ସହିତ ଏନ୍‌ଫୋର୍ସମେଣ୍ଟ ଆଣ୍ଡ ମନିଟରିଂ ଗାଇଡ୍‌ଲାଇନ୍ସ ଫର୍ ସ୍ୟାଣ୍ଡ ମାଇନିଂ, ୨୦୨୦ ଏବଂ ଜାତୀୟ ସବୁଜ ଟ୍ରିବୁନାଲ (ଏନ୍‌ଜିଟି) ଓ ସର୍ବୋଚ୍ଚ ନ୍ୟାୟାଳୟ ଜାରି ନିର୍ଦ୍ଦେଶନାମା ଆଧାରରେ ଏହି ନୂଆ ନିୟମ ପ୍ରସ୍ତୁତ କରାଯାଇଥିଲା। ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ଜିଲ୍ଲାରେ ବାଲିର ଉପଲବ୍ଧତା, ଆବଶ୍ୟକତା ଏବଂ ଯୋଗାଣ ପରିମାଣର ବିବରଣୀ ପ୍ରସ୍ତୁତ କରାଯିବ। ଏହି ତଥ୍ୟ ଆଧାରରେ ପର୍ଯ୍ୟାପ୍ତ ବାଲି ଥିବା ଜିଲ୍ଲାରୁ ବାଲି ଆଣି ବାଲି ଅଭାବ ଜିଲ୍ଲାରେ ଯୋଗାଇ ଦିଆଯାଇପାରିବ। ଜିଲ୍ଲାରେ ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକ ବାଲି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ଜିଲ୍ଲାର ଖଣି ଅଧିକାରୀଙ୍କୁ ପ୍ରତି ବର୍ଷ ଫେବୃଆରୀ ମାସ ସୁଦ୍ଧା ରିପୋର୍ଟ ଦେବେ। ସେହି ବର୍ଷ ଏବଂ ପର ବର୍ଷରେ ବିଭାଗୱାରୀ ପ୍ରକଳ୍ପ ପାଇଁ କେତେ ବାଲି ଆବଶ୍ୟକ ତାହାର ବିବରଣୀ ଖଣି ଅଧିକାରୀଙ୍କ ପାଖରେ ରହିବ।

ସେହିପରି ଜିଲ୍ଲା ସ୍ତରରେ ବାଲିର ଆବଶ୍ୟକତା ଓ ଉପଲବ୍ଧତା ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରିବା ଦାୟିତ୍ୱ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ କମିଟି ଉପରେ ରହିବ। ଏହି କମିଟିରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ବିଭିନ୍ନ ଇଞ୍ଜିନିୟରିଂ ବିଭାଗର ନିର୍ବାହୀ ଯନ୍ତ୍ରୀ, ସମସ୍ତ ଉପଜିଲ୍ଲାପାଳ, ଖଣି ଉପନିର୍ଦ୍ଦେଶକ, ଖଣି ଅଧିକାରୀ, ଭୂତତ୍ତ୍ୱ ଉପନିର୍ଦ୍ଦେଶକ, ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ଜଣେ ସ୍ୱତନ୍ତ୍ର ନିମନ୍ତ୍ରିତ ବ୍ୟକ୍ତି ସଦସ୍ୟ ରହିବେ। ଖଣି ଅଧିକାରୀଙ୍କ ନେତୃତ୍ୱରେ ଜଳ ସମ୍ପଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବନ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ଡିସେମ୍ବର-ଜାନୁଆରୀ ମଧ୍ୟରେ ଜିଲ୍ଲାରେ ଥିବା ବାଲି ଉତ୍ସ ଚିହ୍ନଟ କରିବେ। ୫ ହେକ୍ଟରରୁ ଅଧିକ ଅଞ୍ଚଳରେ ଥିବା ନଦୀ ପଠାକୁ ବାଲି ଉତ୍ତୋଳନ ପାଇଁ ଅଗ୍ରାଧିକାର ଦିଆଯିବ। ବେଆଇନ୍ କାରବାର ରୋକିବା ଲାଗି ବୃହତ ବାଲି ଅଞ୍ଚଳକୁ ଭାଗ ଭାଗ କରି ଲିଜ୍ ଦିଆଯାଇ ପାରିବ ନାହିଁ। ଜନବସତି ଅଞ୍ଚଳରେ ବାଲି ଗାଡ଼ିକୁ ପ୍ରବେଶରୁ ରୋକିବା ଲାଗି ରୁଟ୍ ଏବଂ ବାଲି ପରିବହନ କ୍ଷମତା ନିର୍ଦ୍ଧାରଣ କରାଯିବ। ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସ୍‌ଆର) ଅନୁଯାୟୀ ବାଲି ଉତ୍ତୋଳନ ଅଞ୍ଚଳକୁ ଖୁଣ୍ଟ ପୋତି ଚିହ୍ନଟ କରାଯିବ। ଏହାପରେ ବାଲି ଉତ୍ତୋଳନ ପାଇଁ ଚିହ୍ନଟ ଅଞ୍ଚଳର ବିବରଣୀ ଓଡ଼ିଶା ସ୍ପେଶ୍ ଆପ୍ଲିକେସନ୍ ସେଣ୍ଟର (ଓଆରଏସ୍‌ଏସି) ଡିଫରେନ୍‌ସିଆଲ ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ୍ (ଡିଜିପିଏସ୍) ଜରିଆରେ ସର୍ଭେ କରିବ।

ଏହା ସହ ପ୍ରତ୍ୟେକ ଖଣି ଲିଜ୍ ପାଇଁ ପରିବେଶ ମଞ୍ଜୁରୀ ବାଧ୍ୟତାମୂଳକ ହେବ। ସେହିପରି ଲିଜ୍‌ଧାରୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ପରିଚାଳନା ପାଇଁ ଅନୁମତି (ସିଟିଓ) ହାସଲ କରିବେ। ବାଲି ଉତ୍ତୋଳନ କ୍ଷେତ୍ରରେ ଜିଓ ଫେନ୍‌ସିଂ କରାଯାଇ ପ୍ରତି ପିଲର ପାଇଁ ଜିଓ କୋଅର୍ଡିନେଟ୍ ଜାରି କରାଯିବ। ଏହାଦ୍ୱାରା ଇଲେକ୍ଟ୍ରୋନିକ୍ ସର୍ଭିଲାନ୍ସ କରିବା ସମ୍ଭବ ହେବ। ପିଲର୍ ଏପଟସେପଟ ହେବା ମାତ୍ରେ ବିଭାଗ ନିକଟରେ ଖବର ପହଞ୍ଚିଯିବ। ବାଲି ଉତ୍ତୋଳନ ସ୍ଥଳରେ ସମ୍ପୃକ୍ତ ଅଞ୍ଚଳର ବିବରଣୀ ଲିପିବଦ୍ଧ ଥିବା ସାଇନ୍ ବୋର୍ଡ ଲାଗିବ। କେବଳ ଧାର୍ଯ୍ୟ ନିୟମ ଅନୁସାରେ ବାଲି ଉତ୍ତୋଳନ କରାଯିବ। ଜିଲ୍ଲାରେ କେଉଁ ଅଞ୍ଚଳରେ ବାଲି ଉତ୍ତୋଳନ ହେଉଛି ତାହାର ବିବରଣୀ ଜିଲ୍ଲା ପ୍ରଶାସନ ଓ ଖଣି ଅଧିକାରୀଙ୍କ ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ ହେବ। ପ୍ରଭାବୀ ଢ଼ଙ୍ଗରେ ବାଲି ଉତ୍ତୋଳନ ଉପରେ ନଜର ରଖିବା ଲାଗି ଆଇ୪ଏମ୍‌ଏସ୍ କୌଶଳ ଅବଲମ୍ବନ କରାଯିବ। ବାଲି ଗାଡ଼ି ପାଇଁ ବାର୍ କୋଡ୍ ଥିବା ଇ-ପାସ୍ ଜାରି କରାଯିବ। ଯଦ୍ଦ୍ୱାରା ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ମୋବାଇଲ୍ ଆପ୍ ମାଧ୍ୟମରେ ଉକ୍ତ ପାସ୍‌ର ବୈଧତା ଯାଞ୍ଚ କରିବେ। ଲଘୁ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଗାଡ଼ିରେ ଜିପିଏସ୍ ଜରୁରୀ ହେବ ଯାହା ଆଇ୪ଏମ୍‌ଏସ୍ ସହିତ ସଂଯୋଗ ହେବ। ରାଜ୍ୟରେ ବାଲି ଉଠାଣ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଖଣି ନିର୍ଦ୍ଦେଶାଳୟରେ ଏକ ପ୍ରୋଜେକ୍ଟ ମୋନିଟରିଂ ୟୁନିଟ୍ ସ୍ଥାପନ କରାଯିବ। ସେହିପରି ବେଆଇନ୍ କାରବାର ଉପରେ ନଜର୍ ରଖିବା ପାଇଁ ରେଞ୍ଜ ପୁଲିସ୍ ମୁଖ୍ୟାଳୟରେ ରାଜ୍ୟସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଯିବ। କନିଷ୍ଠ ଖଣି ଅଧିକାରୀମାନେ ନିୟମିତ ଭାବେ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବେ। ଏନଜିଟିଙ୍କ ନିର୍ଦ୍ଦେଶ ପାଳନ ହେଉଛି କି ନାହିଁ ତାହା ତଦାରଖ କରିବା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯିବ। ସେହିପରି ପରିବେଶ ଉପରେ ପ୍ରଭାବ ଆକଳନ ପାଇଁ ପ୍ରତି ତିନି ବର୍ଷରେ ଥରେ ଉଚ୍ଚସ୍ତରୀୟ କମିଟି କ୍ଷେତ୍ର ପରିଦର୍ଶନ କରିବ। ଖାଉଟି, ଲିଜ୍‌ଧାରୀ ଓ ଜନତାଙ୍କ ଅଭିଯୋଗ ଗ୍ରହଣ ଓ ସମାଧାନ ପାଇଁ ଜିଲ୍ଲା ଖଣି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପ୍ରକୋଷ୍ଠ ଖୋଲିବ। ଯାହା ଫଳରେ ବାଲି ଚାଲାଣକୁ ରୋକାଯାଇ ପାରିବ।

ବିଡ଼ମ୍ବନା ହେଉଛି ଯେ ଇତିମଧ୍ୟରେ ୧୦ ମାସ ବିତିଗଲାଣି । ମାତ୍ର ପୂର୍ବ ସରକାରଙ୍କ ଖଣି ବିଭାଗ ଜାରି କରିଥିବା ଏହି ନିର୍ଦ୍ଦେଶନାମା ଏବେ ନୂଆ ସରକାରରେ ମୂଲ୍ୟହୀନ ହୋଇପଡ଼ିଥିବା ମନେ ହେଉଛି । ବାଲି ଚାଲାଣ ରୋକିବା ତ ଦୂରର କଥା ଓଲଟି ଶାସକ ଦଳର ନେତାମାନେ ଅନେକ ସ୍ଥାନରେ ବାଲି ଚୋରାଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗ ଆସୁଛି । ବରଗଡ଼ରେ ଶାସକ ଦଳର ସମର୍ଥକ କୁହାଯାଉଥିବା ବାଲିମାଫିଆ ଦଳବଦ୍ଧ ଭାବରେ ଜଣେ ଠିକାଦାରଙ୍କ ଘରେ ପଶି ଆତଙ୍କରାଜ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି । କେନ୍ଦୁଝରରେ ବାଲି ମାଫିଆଙ୍କ ମାଡ଼ରେ ସରକାରୀ ଅଧିକାରୀ ଆହତ ହୋଇଛନ୍ତି । ବାଲି ମାଫିଆଙ୍କ ସହ ସମ୍ପୃକ୍ତି ଥିବା ଅଭିଯୋଗରେ ଆସ୍କା ବିଧାୟକ ବିବାଦୀୟ ହୋଇଛନ୍ତି । ଅନୁରୂପ ଭାବରେ କଟକ, ଯାଜପୁର, ଜଗତସିଂହପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବାଲେଶ୍ୱର, ଗଞ୍ଜାମ ଆଦି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରା ବାଲି ଚାଲାଣ ଅଭିଯୋଗ ହେଉଛି ।

## ଜିଜିଏମ୍ ସମେତ...

ତଦନ୍ତକାରୀ ସଂସ୍ଥା। ଦେବଦତ୍ତଙ୍କ ଘରୁ ଏକ ଡିଜିଟାଲ ଲକର, ବିପୁଳ ଟଙ୍କା, ସୁନାଗହଣା ଜବତ ହୋଇଛି।

ସିବିଆଇ କହିବା ଅନୁଯାୟୀ, ଚଞ୍ଚଳ କେନ୍ଦ୍ର ସରକାରଙ୍କ ଏକ ରାଷ୍ଟ୍ରାୟତ କମ୍ପାନୀ (ଏମ୍/ଏସ୍ ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ)ର ଗ୍ରୁପ୍ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ବିଲ୍ଡର ସଂସ୍ଥା ଏମ୍/ଏସ୍ ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସନ୍ତୋଷଙ୍କୁ କାର୍ଯ୍ୟଦେବା ଓ ବକେୟା ବିଲ୍ ପାସ୍ କରିବା ଲାଗି ଜିଜିଏମ୍ ଚଞ୍ଚଳ ଲାଞ୍ଚ ମାଗିଥିଲେ। ଗତ ୬ ତାରିଖ ଦିନ ଚଞ୍ଚଳଙ୍କ କାର୍ଯ୍ୟାଳୟକୁ ସନ୍ତୋଷ ଦେଖା କରିବାକୁ ଆସିଥିଲେ। ତାଙ୍କୁ ଭେଟିବା ପରେ ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହା ପରିବର୍ତ୍ତେ ସେ ଆଗାମୀ ପ୍ରକଳ୍ପ କାର୍ଯ୍ୟରେ ବକେୟା ଅର୍ଥ ହିସାବ କରି ଦିଆଯିବ ବୋଲି ଏମ୍/ଏସ୍ ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସନ୍ତୋଷଙ୍କୁ କହିଥିଲେ। ଯୋଜନା ମୁତାବକ, ଗତକାଲି ସନ୍ତୋଷ ୧୦ ଲକ୍ଷ ଟଙ୍କା ଧରି ତାଙ୍କ କାର୍‌ରେ ଫରେଷ୍ଟ ପାର୍କ ନିକଟରେ ପହଞ୍ଚି ସେଠାରୁ ଚଞ୍ଚଳଙ୍କୁ ଧରି ଜୟଦେବବିହାର ନିକଟରେ ଥିବା ହୋଟେଲ୍ ନିକଟରେ ପହଞ୍ଚିଥିଲେ। ଚଞ୍ଚଳ ୧୦ ଲକ୍ଷ ଟଙ୍କା ନେବା ଲାଗି ବିଲ୍ଡର ତଥା ଆଦିତ୍ୟ ଦେବ ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡ୍‌ର ପରିଚାଳକ ନିର୍ଦ୍ଦେଶକ ଦେବଦତ୍ତଙ୍କୁ ଉକ୍ତ ହୋଟେଲ୍ ନିକଟକୁ ଡାକିଥିଲେ। ଗତ ୩ଦିନ ହେବ ପୂରା ଘଟଣା ଉପରେ ସିବିଆଇ ଦିଲ୍ଲୀର ଏକ ଟିମ୍ ନଜର ରଖିବା ସହ ଚଞ୍ଚଳଙ୍କ ଗତିବିଧି ଉପରେ ନଜର ରଖିଥିଲେ। ତାଙ୍କ ଫୋନ୍‌କୁ ଟ୍ରାକିଂ କରିବା ସହ ଭୁବନେଶ୍ୱର ଆସି ତାଙ୍କୁ ପିଛା କରିଥିଲା। ଗତକାଲି ସନ୍ଧ୍ୟାରେ ହୋଟେଲ୍ ନିକଟରେ ୧୦ ଲକ୍ଷ ଲାଞ୍ଚ ଟଙ୍କା ନେଇ ଦେବଦତ୍ତ ତାଙ୍କ କାର୍‌ରେ ରଖିବା ପରେ ସେଠାରୁ ପୂର୍ବରୁ ଜଗି ରହିଥିବା ସିବିଆଇ ଟିମ୍ ମାଡି ବସିଥିଲା। ଦେବଦତ୍ତଙ୍କ ପ୍ରାୟ ୪ କୋଟି ଟଙ୍କାର ମର୍ସିଡିଜ୍ କାର୍‌ରୁ ୧୦ ଲକ୍ଷ ଟଙ୍କା ମିଳିଥିଲା। ସେଠାରୁ ୩ ଅଭିଯୁକ୍ତଙ୍କୁ କାବୁ କରି ସିବିଆଇ କାର୍ଯ୍ୟାଳୟରେ ରଖି ରାତିତମାମ ଜେରା କରିଥିଲା। ଦେବଦତ୍ତଙ୍କୁ ଏହି କାରବାରରେ ମଧ୍ୟସ୍ଥ ବା ଅନ୍ୟତମ ଷଡଯନ୍ତ୍ରକାରୀ ବୋଲି ସିବିଆଇ ଦର୍ଶାଇଛି। ଆଜି ସମସ୍ତ ଅଭିଯୁକ୍ତ କୋର୍ଟରେ ହାଜର କରିବା ପରେ ୭ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କିନ୍ତୁ କୋର୍ଟ ୩ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ।

ସବୁଠାରୁ ବଡ଼ କଥା ହେଲା, ଦେଢ଼ଶହ କୋଟି ଟଙ୍କାର ଟେଣ୍ଡର ଲାଗି ଚଞ୍ଚଳ ଲାଞ୍ଚ ନେଉଥିବା କୁହାଯାଉଛି। ବିଲ୍ଡର ସଂସ୍ଥା ଏମ୍/ଏସ୍ ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିମିଟେଡ୍‌କୁ ଚଞ୍ଚଳ ଅହେତୁକ ଅନୁକମ୍ପା ଦେଖାଉଥିଲେ। ବହୁଥର ଚଞ୍ଚଳକୁ ସିବିଆଇ ପିଛା କରି ଫେଲ୍ ମାରିଥିଲା। ଶେଷରେ ଦିଲ୍ଲୀ ସିବିଆଇର ୬ଜଣିଆ ଟିମ୍ ଚଞ୍ଚଳକୁ ପିଛା କରି ଭୁବନେଶ୍ୱରରୁ କାବୁ କରି ନେଇଥିଲେ। ଏହି ୩ଜଣଙ୍କ ବ୍ୟତୀତ ସନ୍ତୋଷଙ୍କ ବାପା ମନମୋହନ ମହାରଣା ଓ ତାଙ୍କ ସଂସ୍ଥା ଏବଂ ଅନ୍ୟ ସରକାରୀ କର୍ମଚାରୀଙ୍କ ନାମରେ ବି ସିବିଆଇ ମାମଲା ରୁଜୁ କରିଛି।

ଅନ୍ୟପକ୍ଷରେ କେଉଁ କାମର ଟେଣ୍ଡର ପାଇଁ ଲାଞ୍ଚ କାରବାର ହେଉଥିଲା, ସେଦିଗରେ ତଦନ୍ତ ଜାରି ରହିଛି। ୩ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିବ ବୋଲି ସିବିଆଇ ପକ୍ଷରୁ କୁହାଯାଇଛି।

## ବାଂଲାଦେଶ ଚାଲାଣ...

ରହିଛି। ଆଗାମୀ ତିନି ମାସ ପର୍ଯ୍ୟନ୍ତ କୌଣସି ଅସୁବିଧା ହେବନାହିଁ। ତେଣୁ ସେମାନଙ୍କୁ ବାହାର ରାଜ୍ୟକୁ ଆଳୁ ଯୋଗାଣ ପାଇଁ ଅନୁମତି ଦିଆଯାଉ। ଏଥିପାଇଁ ସେମାନେ ଧର୍ମଘଟ ମଧ୍ୟ କରିଥିଲେ। ତେବେ ସରକାରଙ୍କ ଆଶ୍ୱାସନା ପରେ ଓହରିଯାଇଥିଲେ।

କିନ୍ତୁ କଟକଣା ହଟୁନଥିବାରୁ ସରକାର-ବ୍ୟବସାୟୀ ସଂଘ ମଧ୍ୟରେ ପୁଣି ଟଣାଓଟରା ଆରମ୍ଭ ହୋଇଯାଇଛି। ଏହି ଟଣାଓଟରା ମଧ୍ୟରେ ମମତା ସରକାର ଗୁରୁତର ଅଭିଯୋଗ ଆଣିଛନ୍ତି। ମମତାଙ୍କର ଜଣେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଜାଣିଶୁଣି ଆଳୁ ସଙ୍କଟ ସୃଷ୍ଟି କରିବା ସହିତ ସରକାରଙ୍କୁ ବ୍ଲାକମେଲ୍ କରିବା ଲାଗି କିଛି ବ୍ୟବସାୟୀ ବଡ଼ ଧରଣର ଷଡ଼ଯନ୍ତ୍ର କରିଛନ୍ତି। ନଭେମ୍ବର ମାସର ପ୍ରଥମ ସପ୍ତାହରେ ଅସାଧୁ ବ୍ୟବସାୟୀ ବିପୁଳ ପରିମାଣର ଆଳୁ ବାଂଲାଦେଶକୁ ଚାଲାଣ କରିଛନ୍ତି। କେନ୍ଦ୍ରରେ ବିଜେପି ସରକାର ସମର୍ଥନରେ ସେମାନେ ମାଲଦା, ଦିନାପୁର ଏବଂ କୁଚବେହାର ଚେକ୍ ପୋଷ୍ଟ ଦେଇ ବାଂଲାଦେଶକୁ ଶହ ଶହ ଟ୍ରକ ଆଳୁ ଚାଲାଣ କରିଛନ୍ତି। କେବଳ ଏତିକି ନୁହେଁ, ସେମାନେ କୃତ୍ରିମ ସଙ୍କଟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଳୁକୁ ଶୀତଳଭଣ୍ଡାରରେ ଲୁଚାଇ ରଖିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବଜାରକୁ ଛାଡ଼ୁ ନାହାନ୍ତି। ସେମାନଙ୍କୁ ଦୁଇ ଦିନର ସମୟ ଦିଆଯାଇଛି। କଥା ନମାନିଲେ ଶୀତଳ ଭଣ୍ଡାରରେ ଚଢ଼ଉ କରି ଆଳୁ ଜବତ କରାଯିବ। କିନ୍ତୁ ମମତା ସରକାରଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଜେପି ନେତା ଶୁଭେନ୍ଦୁ ଅଧିକାରୀ। ସେ କହିଛନ୍ତି ଯେ ରାଜ୍ୟରେ କଳାବଜାରିକୁ ରୋକିବାରେ ବିଫଳ ହୋଇଥିବା ମମତା ବିନା କୌଣସି କାରଣରେ ବିଜେପି ଉପରେ ଦୋଷ ଲଦୁଛନ୍ତି।

ସୂଚନାଯୋଗ୍ୟ ଯେ ପଶ୍ଚିମ ବଙ୍ଗ ପ୍ରତିବର୍ଷ ୯୦ରୁ ଶହେ ଲକ୍ଷ ଟନ୍ ଆଳୁ ଉତ୍ପାଦନ କରେ। ରାଜ୍ୟରେ ୬୦ ଲକ୍ଷ ଟନ୍‌ର ଚାହିଦା ଥିବା ଅବଶିଷ୍ଟ ୪୦ ଲକ୍ଷ ଟନ୍ ବାହାର ରାଜ୍ୟକୁ ଯୋଗାଇ ଦିଆଯାଏ। ସର୍ବାଧିକ ଆଳୁ ଓଡ଼ିଶା ଏବଂ ଝାଡ଼ଖଣ୍ଡକୁ ଆସେ। ପଶ୍ଚିମ ବଙ୍ଗରୁ ଆଳୁ ଯୋଗାଣ ବନ୍ଦ ଥିବାରୁ ଏହି ଦୁଇ ରାଜ୍ୟରେ ଗୁରୁତର ସଙ୍କଟ ସୃଷ୍ଟି ହୋଇଛି। ଓଡ଼ିଶାରେ ବର୍ଷକୁ ୧୩ ଲକ୍ଷ ଟନ୍ ଆଳୁର ଚାହିଦା ଥିବା ବେଳେ ଏହାର ୯୦ ଭାଗ ବାହାର ରାଜ୍ୟରୁ ଏବଂ ବିଶେଷ କରି ପଶ୍ଚିମ ବଙ୍ଗରୁ ଆମଦାନୀ କରେ। ତେଣୁ ରାଜ୍ୟରେ ଏବେ ଆଳୁ ସଙ୍କଟ ଗୁରୁତର ହୋଇଛି ଏବଂ ଏହାର ଦାମ କିଲୋ ପିଛା ୪୦ରୁ ୫୦ ଟଙ୍କାରେ ଯାଇ ପହଞ୍ଚିଲାଣି। ସଙ୍କଟର ମୁକାବିଲା କରିବା ପରିବର୍ତ୍ତେ ଶାସକ ଦଳର ନେତାମାନେ ରାଜନୀତିରେ ମାତିଥିବାରୁ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି।

**AFFIDAVIT**

I, Shakti Swarup Sahoo, S/o- Gouranga Chandra Sahoo, R/o- Biranarasinghpur Road, near Bhargabi High School, Thentapur, P/o- Biranarasinghpur, P/s- Chandanpur, Dist.- Puri, Pin- 752012, Odisha, declare by this affidavit no-11 dated 06/12/2024 that now onwards I shall be known as Shakti Swarup Sahoo, S/o- Gauranga Chandra Sahoo for all future purposes.

**AFFIDAVIT**

I, Gurjit Kaur Maini, age about 64 years, W/o- Narinder Pal Singh, resident of Plot No-111, Budheswari Colony, Cuttack Road, Ps-Laxmi Sagar, Bhubaneswar, Pin-751006, Odisha declared by this affidavit No. 18536, dated- 06/12/2024, that now onwards I shall be known as **GURJIT KAUR** for all future purposes.

OHPC

**ODISHA HYDRO POWER CORPORATION LTD.**

OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT,
AT/POST: BALIMELA, DIST. MALKANGIRI, PIN-764051(ODISHA)
PHONE Nos.- 06861 - 232581(O) / 232641(R), FAX No. 06861 - 232541.
E-mail : unit.head_balimela@yahoo.com/ bhep.balimela@gmail.com

CAD-1825

**'E'-PROCUREMENT NOTICE INVITING TENDER NO. BHEP/ 30/2024-25 DATED 06.12.2024**

Invites percentage rate bids in double cover system i.e. Cover-I (Technical Bid) & Cover-II (Price bid) for the work through e-procurement as detailed in the table below. The bids should be submitted 'online' in https://tendersodisha.gov.in by eligible 'C' & 'D' class Civil Contractors/ Constructions Firms registered with the state government and contractors of equivalent grade/class registered with central government/ railways having registration for execution of civil works can participate in the tender on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Estimated cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Construction of toilet with attached bathroom at Valve House including other repair works, BHEP, Balimela | 16,73,073.00 | 17,000.00 | 'C' & 'D' | 10000/- + GST @ 18% = 11,800/- | 120 days |

Date & Time of availability of bid document in the portal: From 10:00 Hrs of 11.12.2024 to 23.12.2024 up to 17:00 Hrs
Last date & time of submission of bid: Up to 17:00 Hrs of 23.12.2024
The date & Time of opening of the bid: 12:00 Hrs onwards of 24.12.2024 (Only Technical bid)

Further details can be seen from the e-procurement portal https://tendersodisha.gov.in


OIPR-04019/11/0036/2425

Unit Head,
B.H.E.P, Balimela

ସକାଳ
THE SAKALA
୪ର୍ଥ ସୁନକ୍ଷତ୍ର



# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷର ମୂଳ ତିକ୍ତ, କିନ୍ତୁ ଏହାର ଫଳ ମିଠା।
-ଆରିଷ୍ଟୋଟଲ୍

## ଏବେ ଆଇସିଜେ ଭରସା

ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ତାପମାନ ବୃଦ୍ଧି ଜନିତ ପ୍ରାକୃତିକ ବିପର୍ଯ୍ୟୟର କ୍ଷତିଭରଣା ଲାଗି ଉଦ୍ଦିଷ୍ଟ ଜଳବାୟୁ ପାଣ୍ଠିର ସମ୍ବଳ ବୃଦ୍ଧି ଦାବି କରିଆସୁଥିବା ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରମାନେ ନିକଟରେ ସମାପ୍ତ ଜଳବାୟୁ ଶୀର୍ଷ ସମ୍ମିଳନୀ କୋପ୍୨୯ ରେ ନିରାଶ ହେବା ପରେ ଆନ୍ତର୍ଜାତିକ ଆଇନ ଅଦାଲତ (ଆଇସିଜେ)ର ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକୁ ଆଇସିଜେ ଗ୍ରହଣ କରି ଶୁଣାଣି ଆରମ୍ଭ କରିଛି। ଜଳବାୟୁ ସମ୍ପର୍କିତ ମାମଲା ଆନ୍ତର୍ଜାତିକ ଅଦାଲତକୁ ଯିବାରେ ଏହା ପ୍ରଥମ ଘଟଣା। ଏଥିରୁ ତ୍ୱରିତ ସୁଫଳ ବା ନ୍ୟାୟ ମିଳିବାର ଆଶା ନ ଥିଲେ ମଧ୍ୟ ଦୀର୍ଘକାଳୀନ ଭିତ୍ତିରେ ଜଳବାୟୁ ସମ୍ପର୍କିତ କ୍ଷତିଭରଣା ପ୍ରସଙ୍ଗରେ ପ୍ରଭାବଶାଳୀ ସାବ୍ୟସ୍ତ ହେବାର ସମ୍ଭାବନା ଅଧିକ।

ଶିଳ୍ପ ବିପ୍ଳବ ପରେ ବିଶ୍ୱରେ ସର୍ବାଧିକ କାର୍ବନ ନିର୍ଗମନ ଓ ପରିବେଶ ପ୍ରଦୂଷଣରେ ଧନୀ, ବିଶେଷକରି ଉତ୍ତର-ଆମେରିକୀୟ ଓ ୟୁରୋପୀୟ ରାଷ୍ଟ୍ରମାନଙ୍କର ଅବଦାନ ଅଧିକ ରହୁଥିବା ବେଳେ ଏହାର ପରିଣାମ ଭୋଗୁଛି ସାରା ବିଶ୍ୱ। ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପ ବୃଦ୍ଧି ଯୋଗୁଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଘଟି ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି ଏବଂ ତାହାର ପ୍ରଭାବରେ ଅନାବୃଷ୍ଟି, ଅତିବୃଷ୍ଟି, ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ଦୁର୍ବିପାକ ବଢ଼ିବାରେ ଲାଗିଛି। ଏଥିରେ ସର୍ବାଧିକ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେଉଛନ୍ତି ବିକାଶଶୀଳ ଓ ଆଫ୍ରିକାର ଅନୁନ୍ନତ ଦେଶମାନେ। ତେଣୁ ବିକଶିତ ଦେଶମାନଙ୍କଠାରୁ ଏହି କ୍ଷତିଭରଣା କରିବା ପାଇଁ ବିକାଶଶୀଳ ଦେଶମାନେ ନିରନ୍ତର ଦାବି କରି ଆସୁଛନ୍ତି। ଏହି ଦାବି ପରିପ୍ରେକ୍ଷୀରେ ଜାତିସଂଘ ନେତୃତ୍ୱରେ ଏକ ପରିବେଶ ପାଣ୍ଠି ମଧ୍ୟ ଗଠନ ହୋଇଛି। ଏଥିରେ ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ର ସଂଘର ଧନୀ ଦେଶ, ଅଷ୍ଟ୍ରେଲିଆ ଆଦି ସେମାନଙ୍କ ଜିଡିପିର ଏକ ନିର୍ଦ୍ଦିଷ୍ଟ ଅଂଶ ଦାନ କରିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି। ଏଥିପାଇଁ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି। କିନ୍ତୁ ଧନୀ ଦେଶମାନଙ୍କ ଉଚ୍ଚାରଣ ଓ ଆଚରଣରେ ଆକାଶ ପାତାଳ ଫରକ ରହୁଛି। ଧନୀ ଦେଶମାନେ ଏ ପର୍ଯ୍ୟନ୍ତ ଯେତିକି ରାଶି ଦେଇଛନ୍ତି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ନିକଟରେ ସମାପ୍ତ କୋପ୍ ୨୯ ରେ ଏହି ସମ୍ବଳକୁ ୧.୩ ଲକ୍ଷକୋଟି ଡଲାର ବୃଦ୍ଧି କରିବାକୁ ଭାରତ ସମେତ ବିକାଶଶୀଳ ଦେଶମାନେ ଦାବି କରିଥିବା ବେଳେ ଧନୀଦେଶମାନେ ମାତ୍ର ୩୦୦ ବିଲିଅନ୍ ଡଲାର ଦେବା ପାଇଁ ରାଜି ହୋଇଛନ୍ତି। ବିଗତ ଦିନର ପ୍ରଦର୍ଶନକୁ ଦେଖିଲେ ଏହି ପାଣ୍ଠି ସଂଗ୍ରହରେ ଅନେକ ସନ୍ଦେହ ରହୁଛି। ଏ ସମ୍ପର୍କିତ କୌଣସି ନିର୍ଦ୍ଦିଷ୍ଟ ଆନ୍ତର୍ଜାତିକ ନୀତି ନ ଥିବାରୁ ଧନୀଦେଶମାନେ ପ୍ରତିଶ୍ରୁତି ଅନୁପାଳନରେ ଉଦାସୀନ ରହିବା ପାଇଁ ସୁଯୋଗ ପାଉଛନ୍ତି।

ସୁଖର କଥା ଏବେ ବିକାଶଶୀଳ ଦେଶମାନେ ଏକଜୁଟ୍ ହୋଇ ଆଇସିଜେର ଦ୍ୱାରସ୍ଥ ହୋଇଛନ୍ତି। ଅଷ୍ଟ୍ରେଲିଆର ଉତ୍ତର-ପୂର୍ବ ଦିଗରେ ୨୦୦୦ କିମି ଦୂରରେ ଅବସ୍ଥିତ କ୍ଷୁଦ୍ର ପ୍ରଶାନ୍ତ-ମହାସାଗରୀୟ ଦ୍ୱୀପ ଭାନୁଆଟୁ ୨୦୨୧ ସେପ୍ଟେମ୍ବର ମାସରେ ଏ ସଂକ୍ରାନ୍ତ ଉଦ୍ୟମ ଆରମ୍ଭ କରିବା ପରେ ଜାତିସଂଘର ସାଧାରଣ ପରିଷଦ ଗତବର୍ଷ ମାର୍ଚ୍ଚ ମାସରେ ୧୩୨ଟି ସଦସ୍ୟ ରାଷ୍ଟ୍ରଙ୍କ ସହଯୋଗରେ ଏକ ସଂକଳ୍ପ ପାରିତ କରିଥିଲା। ଜଳବାୟୁ ପରିବର୍ତ୍ତନ ଜନିତ ସମୁଦ୍ର ପତନ ବୃଦ୍ଧି ଦ୍ୱାରା ଭାନୁଆଟୁ ସର୍ବାଧିକ କ୍ଷତିଗ୍ରସ୍ତ ହେଉଥିବା ଦ୍ୱୀପ ରାଷ୍ଟ୍ର। ଏବେ ଆଇସିଜେରେ ଦୁଇଟି ପ୍ରସଙ୍ଗକୁ ନେଇ ମାମଲାର ତର୍ଜମା ଆରମ୍ଭ କରିଛି। ପ୍ରଥମତଃ, ଆନ୍ତର୍ଜାତିକ ନିୟମ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ପାଇଁ ବିକଶିତ ଦେଶମାନଙ୍କୁ କିଭଳି ଉତ୍ତରଦାୟୀ କରାଯାଇପାରିବ ଏବଂ ଦ୍ୱିତୀୟତଃ, ସେମାନଙ୍କ ବିରୋଧରେ କ'ଣ ନ୍ୟାୟିକ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିବ।

ଏବେ ଜଳବାୟୁ ସମ୍ପର୍କିତ ୟୁଏନ୍ ଫ୍ରେମ୍‌ୱର୍କ କନ୍‌ଭେନ୍‌ସନ୍ ଅନ୍ କ୍ଲାଏମେଟ୍ ଚେଞ୍ଜ - ୧୯୯୪, ପ୍ୟାରିସ୍ ଏଗ୍ରିମେଣ୍ଟ - ୨୦୧୫, ୟୁଏନ୍ କନ୍‌ଭେନ୍‌ସନ୍ ଅନ୍ ଦ ଲ ଅଫ୍ ଦ ସି, କନ୍‌ଭେନ୍‌ସନ୍ ଅନ୍ ବାୟୋଲଜିକାଲ୍ ଡାଇଭର୍ସିଟି, କନ୍‌ଭେନ୍‌ସନ୍ ଟୁ କମ୍ବାଟ୍ ଡେଜର୍ଟିଫିକେସନ୍, ୟୁନିଭର୍ସାଲ୍ ଡିକ୍ଲାରେସନ୍ ଅନ୍ ହ୍ୟୁମାନ୍ ରାଇଟ୍‌ସ, ଇଣ୍ଟରନ୍ୟାଶ୍‌ନାଲ୍ କୋଭେନାଣ୍ଟ ଅନ୍ ସିଭିଲ୍ ଆଣ୍ଡ ପଲିଟିକାଲ୍ ରାଇଟ୍, ୟୁଏନ୍ ଚାର୍ଟର ଆଦି ଏକାଧିକ ଆନ୍ତର୍ଜାତିକ ନିୟମ ରହିଛି। ଆଇସିଜେ ଏହି ସବୁ ନିୟମ ଆଧାରରେ ମାମଲାର ଶୁଣାଣି ଆରମ୍ଭ କରିଛି। ଆଇସିଜେର ଶୁଣାଣି କେତେଦିନ ଧରି ଚାଲିବ ଏବଂ ଚୂଡ଼ାନ୍ତ ରାୟ କେବେ ପ୍ରକାଶ ପାଇବ ତାହା ଏବେ ଅନିଶ୍ଚିତ। କିନ୍ତୁ ଆଶା ରହିଛି ଯେ ଆଇସିଜେର ରାୟ ଅନ୍ୟାନ୍ୟ ଅଦାଲତୀ ରାୟକୁ ଶକ୍ତିଶାଳୀ କରିବ। ୨୦୨୩ ସୁଦ୍ଧା ଜଳବାୟୁ ପ୍ରଭାବ ସମ୍ପର୍କିତ ପ୍ରାୟ ୨୬୦୦ଟି ମାମଲା ବିଶ୍ୱର ବିଭିନ୍ନ ରାଷ୍ଟ୍ରର ବିଚାରାଳୟମାନଙ୍କରେ ବିଚାରାଧୀନ ରହିଛି। କେବଳ ଆଇସିଜେରେ ଏ ପର୍ଯ୍ୟନ୍ତ ବିଭିନ୍ନ ରାଷ୍ଟ୍ର ଓ ସଂଗଠନ ପକ୍ଷରୁ ୯୦ଟି ଲିଖିତ ଆବେଦନ ଦାଖଲ ହୋଇସାରିଲାଣି। ଏହି ଶୁଣାଣି ବେଳେ ଭରତ, ଚୀନ୍ ଓ ଆମେରିକା ସମେତ ୯୭ଟି ଦେଶ ଓ ୧୨ରୁ ଉର୍ଦ୍ଧ୍ୱ ଆନ୍ତର୍ଜାତିକ ସଂଗଠନ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି, ଯାହା ଯେକୌଣସି ଆଇସିଜେ ମାମଲା ଶୁଣାଣିରେ ଏକ ରେକର୍ଡ ପ୍ରତିଷ୍ଠା କରିବାକୁ ଯାଉଛି। ଗତବର୍ଷ ୟୁରୋପିଆନ୍ କୋର୍ଟ ଅଫ୍ ହ୍ୟୁମାନ୍ ରାଇଟ୍‌ସ ଦ୍ୱାରା ସ୍ୱିଜରଲ୍ୟାଣ୍ଡ ସରକାରଙ୍କ ବିପକ୍ଷରେ ଦିଆଯାଇଥିବା ରାୟ ଗୁରୁତ୍ୱପୂର୍ଣ୍ଣ। ୬୫ ବର୍ଷରୁ ଉର୍ଦ୍ଧ୍ୱ ୨୦୦୦ ବରିଷ୍ଠ ନାଗରିକଙ୍କ ଦ୍ୱାରା ଦାୟର ଏହି ମାମଲାରେ ଅଦାଲତ ସ୍ୱିଜରଲ୍ୟାଣ୍ଡ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଗତବର୍ଷ ଏପ୍ରିଲ୍ ମାସରେ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ପରିବେଶ ସଂକ୍ରାନ୍ତୀୟ ଏକ ମାମଲାର ଶୁଣାଣି କରି ସମ୍ବିଧାନର ଧାରା ୧୯ ଓ ଧାରା ୨୧ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବରୁ ମୁକ୍ତ ରହିବା ନାଗରିକଙ୍କ ମୌଳିକ ଅଧିକାର ଏବଂ ଏହା ଯେପରି ସୁରକ୍ଷିତ ରହେ ତାହା ନିଶ୍ଚିତ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବେ କେବଳ ପରିବେଶ ପ୍ରଦୂଷଣରେ ସୀମିତ ନାହିଁ। ଏହା କୃଷି, ଅର୍ଥନୀତି, ସ୍ୱାସ୍ଥ୍ୟ, ସଂସ୍କୃତି ଓ ଜୀବନଚର୍ଯ୍ୟା, ଆଚରଣକୁ ପ୍ରଭାବିତ କରିସାରିଛି। ଏହାକୁ ଯେତେ ଅଣଦେଖା କରାଯିବ ପ୍ରଦୂଷଣର ପଞ୍ଝା ଭିତରକୁ ମାନବ ସଭ୍ୟତା ସେତିକି ଟାଣି ହୋଇଚାଲିବ। ଏ ଦିଗରେ ଆଇସିଜେର ସକ୍ରିୟତା ଆଶାର ଏକ ଆଲୋକବର୍ତ୍ତିକା ସୃଷ୍ଟି କରିଛି।

## ଅନିଶ୍ଚିତତାରେ ଅଷ୍ଟମ ବେତନ ଆୟୋଗ

**ବୃହସ୍ପତି ସାମଲ**

ଆସନ୍ତା ସାଧାରଣ ବଜେଟ୍‌ରେ ଅଷ୍ଟମ ବେତନ ଆୟୋଗ ଗଠନ ସମ୍ପର୍କିତ ଯୋଜନା ଅଛି କି ନାହିଁ ସେ ସମ୍ପର୍କିତ ଗତ ୩ ତାରିଖରେ ରାଜ୍ୟସଭାରେ ପଚରାଯାଇଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସେଭଳି କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ ବୋଲି କହିଛନ୍ତି। ସେହି ମୂଳପ୍ରଶ୍ନର ଦ୍ୱିତୀୟ ଭାଗରେ ପଚରାଯାଇଥିବା ଅତିରିକ୍ତ ପ୍ରଶ୍ନ - 'କେନ୍ଦ୍ର ସରକାରଙ୍କ ବିତ୍ତୀୟ ସ୍ଥିତି କର୍ମଚାରୀଙ୍କ ବେତନ ବୃଦ୍ଧି ପାଇଁ ଅନୁମତି ପ୍ରଦାନ କରୁନାହିଁ କି?' ଉତ୍ତରରେ 'ସେଭଳି ପ୍ରଶ୍ନ ଉଠୁନାହିଁ' ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ଅର୍ଥାତ ବେତନ ଆୟୋଗ ଗଠନ ଏବଂ ଏହାର କାର୍ଯ୍ୟକରିତା ଲାଗି ରାଜକୋଷୀୟ ପ୍ରତିବନ୍ଧକ ନ ଥିବା ସ୍ପଷ୍ଟ ହେଉଛି। ସୂଚନାଯୋଗ୍ୟ ଯେ ୨୦୨୨ରେ ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନ ଜରିଆରେ ଅଷ୍ଟମ ବେତନ ଆୟୋଗ ଗଠନ ସଂକ୍ରାନ୍ତୀୟ କେନ୍ଦ୍ର ସରକାରଙ୍କ ବିଚାର ଉପରେ ନାସ୍ତିବାଣୀ ଶୁଣାଇଥିବା ଜଣାପଡ଼ିବା ପରେ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ଅନ୍ତର୍ଗତ ରେଳବାଇ ଓ ନିରାପତ୍ତା କର୍ମଚାରୀ, ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ ଓ ଶିକ୍ଷକମାନେ ୨୦୨୩ରେ ସଂସଦ ଘେରାଉ ସହ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିଲେ।

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବେତନ ସଂଶୋଧନ ପାଇଁ ପ୍ରତି ଦଶବର୍ଷରେ କେନ୍ଦ୍ରୀୟ ବେତନ ଆୟୋଗ ଗଠିତ ହୋଇଥାଏ ଏବଂ ଆୟୋଗଙ୍କ ସୁପାରିସ ଅନୁସାରେ ଭାରତ ସରକାର କ୍ୟାବିନେଟ ଅନୁମୋଦନକ୍ରମେ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବା ସହ ବେତନ ଓ ଭତ୍ତାର ବୃଦ୍ଧି ନିମିତ୍ତ ନିଷ୍ପତ୍ତି ନିଅନ୍ତି, ଯାହା ପରବର୍ତ୍ତୀ ସମୟରେ ରାଜ୍ୟ ସରକାରମାନେ କାର୍ଯ୍ୟକାରୀ କରିଥା'ନ୍ତି। କିନ୍ତୁ ଅନେକ ସମୟରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଭାରତର ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ମେ' ୧୯୪୬ରେ ନିଯୁକ୍ତ ପ୍ରଥମ ବେତନ ଆୟୋଗର ସୁପାରିସ ମେ'୧୯୪୭ରେ ଲାଗୁ ହେବାର ଦଶ ବର୍ଷ ପରେ ଅଗଷ୍ଟ ୧୯୫୭ରେ ଦ୍ୱିତୀୟ ବେତନ ଆୟୋଗ ବସିଥିଲା। ଯଦି ଏହି ଧାରା ନିୟମିତ ଓ ନିରବଚ୍ଛିନ୍ନ ଭାବେ ଚାଲିଥା'ନ୍ତା, ତେବେ ସପ୍ତମ ବେତନ ଆୟୋଗଙ୍କ ସୁପାରିସ ଜାନୁୟାରୀ ୨୦୧୬ ପରିବର୍ତ୍ତେ ୨୦୦୭ରୁ ଓ ଅଷ୍ଟମ ବେତନ ଆୟୋଗ ସୁପାରିସ ୨୦୧୭ରୁ ଲାଗୁ ହୋଇସାରିଥା'ନ୍ତା। କିନ୍ତୁ ଦ୍ୱିତୀୟ ବେତନ ଆୟୋଗ ତାଙ୍କର ସୁପାରିସ ଅଗଷ୍ଟ ୧୯୫୯ରେ ଦାଖଲ କରିବାର ପ୍ରାୟ ୧୧ ବର୍ଷ ପରେ ଅର୍ଥାତ ଏପ୍ରିଲ ୧୯୭୦ରେ ତୃତୀୟ ବେତନ ଆୟୋଗଙ୍କ ନିଯୁକ୍ତି ହେଲା, ଯାହା ମାର୍ଚ୍ଚ ୧୯୭୩ରେ ସରକାରଙ୍କୁ ସୁପାରିସ ଦାଖଲ କରିଥିଲେ। ୧୯୮୩ରେ ଗଠିତ ଚତୁର୍ଥ ବେତନ ଆୟୋଗଙ୍କ ସୁପାରିସ ୧୯୮୬ରେ ଦାଖଲ ହେବା ପରେ କେନ୍ଦ୍ର ସରକାର ଏହାକୁ ପିଛିଲା ଭାବେ ଜାନୁୟାରୀ ୧୯୮୩ରୁ ଲାଗୁ ନକରି ୧୯୮୬ରୁ ଲାଗୁ କଲେ। ପରବର୍ତ୍ତୀ ସମୟରେ, ପଞ୍ଚମ, ଷଷ୍ଠ ଓ ସପ୍ତମ ବେତନ ଆୟୋଗଙ୍କ ସୁପାରିସ ଠିକ ଦଶ ବର୍ଷ ଅନ୍ତରରେ ଯଥାକ୍ରମେ ଜାନୁୟାରୀ ୧୯୯୬, ୨୦୦୬ ଓ ୨୦୧୬ରୁ ଲାଗୁ ହେଲା। ତେଣୁ ବିଶେଷ ଭାବରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବେତନ ଆୟୋଗଙ୍କ ନିଯୁକ୍ତି ଓ ସୁପାରିସ ଲାଗୁ କରିବାରେ ସରକାରଙ୍କ ଇଚ୍ଛାକୃତ ବିଳମ୍ବ ଯୋଗୁଁ ଦେଶର କୋଟିକୋଟି କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେପସନଭୋଗୀ ୨୦୧୭ରୁ ଦୀର୍ଘ ୭ ବର୍ଷ ଧରି ଅଷ୍ଟମ ବେତନ ଆୟୋଗର ସୁପାରିସରୁ ବଞ୍ଚିତ ଅଛନ୍ତି। ୨୮ ଫେବୃଆରୀ ୨୦୧୪ରେ ନିଯୁକ୍ତ ସପ୍ତମ ବେତନ ଆୟୋଗଙ୍କ ସୁପାରିସ ଜାନୁଆରୀ ପହିଲା ୨୦୧୬ରୁ ଲାଗୁ ହେଲା। ତେଣୁ ଦଶ ବର୍ଷର ଅବଧିକୁ ହିସାବ କଲେ ଅଷ୍ଟମ ବେତନ ଆୟୋଗର ସୁପାରିସ ଜାନୁଆରୀ ପହିଲା ୨୦୨୬ରୁ ଲାଗୁ ହେବ, ଯାହା ପାଇଁ ମାତ୍ର ବର୍ଷଟିଏ ବାକି ଅଛି। ଅପରପକ୍ଷେ, ବେତନ ଆୟୋଗ ସରକାରଙ୍କୁ ତାଙ୍କର ବିବରଣୀ ଦାଖଲ କରିବାକୁ ଅନ୍ୟୂନ ଦୁଇ ବର୍ଷ ସମୟ ନେଇଥା'ନ୍ତି ଏବଂ ସରକାରଙ୍କୁ ସୁପାରିସ ସମୂହ ବିଚାର କରି ଅନୁମୋଦନ କରିବା ପାଇଁ ତିନିରୁ ଛଅ ମାସ ସମୟ ଲାଗିଯାଏ। ସେହି ଦୃଷ୍ଟିରୁ ବିଚାର କଲେ ଅଷ୍ଟମ ବେତନ ଆୟୋଗର ଗଠନ ସମୟ ଢେର୍ ବିଳମ୍ବିତ ହୋଇଗଲାଣି।

ପ୍ରତ୍ୟେକ ବେତନ ଆୟୋଗ ସରକାରଙ୍କୁ ପ୍ରଦାନ କରୁଥିବା ବିବରଣୀ ଓ ସୁପାରିସରେ ତାଙ୍କ ପୂର୍ବ ଆୟୋଗଙ୍କ ବିବରଣୀର ସମ୍ୟକ ଆଲୋଚନା ସହ ପରବର୍ତ୍ତୀ ଆୟୋଗଙ୍କ ପାଇଁ କିଛି ମତାମତ ରଖିଥା'ନ୍ତି। କିନ୍ତୁ ସପ୍ତମ ବେତନ ଆୟୋଗ ଅଷ୍ଟମ ବେତନ ଆୟୋଗ ଗଠନ ଉପରେ କୌଣସି ସିଧାସଳଖ ଟିପ୍ପଣୀ ନରଖି ସରକାରଙ୍କୁ ତାଙ୍କର ବିବରଣୀ ପ୍ରଦାନ କଲା ବେଳେ ଅନୁଚ୍ଛେଦ ୧.୨୨ରେ ପରବର୍ତ୍ତୀ ବେତନ ଆୟୋଗ ପାଇଁ ଦଶ ବର୍ଷର ଦୀର୍ଘ ସମୟ ଅବଧିକୁ ଅପେକ୍ଷା ନ କରି ମଝିରେ ମଝିରେ ଦରମା ସାରଣୀକୁ (ପେ ମାଟ୍ରିକ୍ସ) ସମୀକ୍ଷା କରିବାକୁ ମତାମତ ଦେଇଛନ୍ତି। ଏହି ସମୀକ୍ଷା ଭାରତୀୟ ଶ୍ରମ କାର୍ଯ୍ୟାଳୟ ଅନୁଯାୟୀ ଜଣେ ସାଧାରଣ ମଣିଷର ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀସମୂହର ମୂଲ୍ୟ ପରିବର୍ତ୍ତନକୁ ନେଇ କରିବା ପରେ ଡ. ଆକ୍ରୋଏଡ ସୂତ୍ର ଆଧାରରେ ବେତନ ସଂଶୋଧନ କରିବାକୁ ସପ୍ତମ ବେତନ ଆୟୋଗ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। କିନ୍ତୁ ସପ୍ତମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବାର ନଅ ବର୍ଷ ବିତିଯିବାକୁ ବସିଥିଲେ ବି କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ କୌଣସି ସମୀକ୍ଷା କରିନାହାନ୍ତି। ଏ ପ୍ରସଙ୍ଗରେ ସରକାରଙ୍କ ସ୍ପଷ୍ଟୀକରଣ ହେଲା ସପ୍ତମ ବେତନ ଆୟୋଗର ସୁପାରିସ ଲାଗୁ କରିବା ପାଇଁ ଯେତେବେଳେ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ମିଳିଲା, ଉପରୋକ୍ତ ସମୀକ୍ଷା କଥା ବିଚାରକୁ ନିଆଯାଇ ନ ଥିବାରୁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଅଧିକନ୍ତୁ, ସପ୍ତମ ବେତନ ଆୟୋଗ ଯେଉଁ ମଝିରେ ମଝିରେ ସମୀକ୍ଷା କରିବାକୁ ମତାମତ ରଖିଛନ୍ତି, ସେଥିରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରି ନ ଥିବାରୁ ତାହା ସରକାରଙ୍କୁ ସୁହାଉଛି।

ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ପ୍ରଥମ ନିର୍ଦ୍ଦେଶକ ତଥା ଖ୍ୟାତନାମା ପୁଷ୍ଟିବିଜ୍ଞାନୀ ଡ. ୱାଲେସ ରୁଡେଲ ଆକ୍ରୋଏଡଙ୍କ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ସୂତ୍ର କୌଣସି ଦେଶର ଜଣେ ସାଧାରଣ ମଣିଷର ଜୀବନଚର୍ଯ୍ୟାକୁ ପ୍ରଭାବିତ କରୁଥିବା ଆବଶ୍ୟକୀୟ ଖାଦ୍ୟ, ବସ୍ତ୍ର ତଥା ଅନ୍ୟାନ୍ୟ ସାମଗ୍ରୀର ଦରଦାମ ଉପରେ ପର୍ଯ୍ୟବସିତ। ଏହି ସୂତ୍ର ୧୯୫୭ର ପଞ୍ଚଦଶ ଭାରତୀୟ ଶ୍ରମ ସମ୍ମିଳନୀ ଦ୍ୱାରା ଆଦୃତ ଏବଂ ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ଅନୁମୋଦିତ। ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ପାଇଁ 'ସର୍ବନିମ୍ନ ମଜୁରୀ ଅଧିନିୟମ- ୧୯୪୮' ସ୍ୱୟଂସମ୍ପୂର୍ଣ୍ଣ ନଥିବା ହୃଦୟଙ୍ଗମ କରି ୧୯୫୭ରେ ପଞ୍ଚଦଶ ଭାରତୀୟ ଶ୍ରମ ସମ୍ମିଳନୀ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଜଣେ ମଣିଷର ସର୍ବନିମ୍ନ ଆବଶ୍ୟକତାକୁ ପୂର୍ଣ୍ଣ କରିବାର କ୍ଷମତା ରଖିବା ଜରୁରୀ ବୋଲି ମତ ଦେଇ ମଜୁରୀ ନିର୍ଦ୍ଧାରଣ କ୍ଷମତାଧିକାରୀଙ୍କ ପାଇଁ ପାଞ୍ଚଟି ମାର୍ଗଦର୍ଶିକା ବ୍ୟବସ୍ଥିତ କରିଥିଲେ। ସେଗୁଡ଼ିକ ହେଲା - (୧)ପରିବାରର ସ୍ତ୍ରୀ, ପିଲାଛୁଆଙ୍କର ରୋଜଗାରକୁ ହିସାବକୁ ନନେଇ ଜଣେ ଶ୍ରମଜୀବୀ ପାଇଁ ତିନୋଟି ଉପଭୋକ୍ତା ଏକକ, (୨) ପ୍ରତ୍ୟେକ ବୟସ୍କଙ୍କ ପାଇଁ ଦୈନିକ ସର୍ବନିମ୍ନ ୨୭୦୦ କ୍ୟାଲୋରୀର ଆବଶ୍ୟକୀୟ ଖାଦ୍ୟ, (୩) ଚାରିଜଣ ସଦସ୍ୟ ବିଶିଷ୍ଟ ଏକ ପରିବାର ପାଇଁ ବର୍ଷକୁ ହାରାହାରି ୭୨ ଗଜ କପଡ଼ା, (୪) ସରକାରୀ ଆବାସ ଯୋଜନା ଅନୁଯାୟୀ ପ୍ରଦାନ କରାଯାଉଥିବା ସର୍ବନିମ୍ନ କ୍ଷେତ୍ରଫଳ ବିଶିଷ୍ଟ ଗୃହର ଆନୁପାତିକ ଘରଭଡ଼ା ଏବଂ (୫) ଉପରୋକ୍ତ ସମସ୍ତ ଖର୍ଚ୍ଚର ହିସାବ ସହ ଡ. ଆକ୍ରୋଏଡଙ୍କ ସୂତ୍ର ଆଧାରରେ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଯାହା ହେଲା ତାର ୨୦ ପ୍ରତିଶତ ବିଜୁଳି, ତେଲ ଓ ଅନ୍ୟାନ୍ୟ ବିବିଧ ଦ୍ରବ୍ୟ ପାଇଁ ମୋଟ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣରେ ମିଶ୍ରଣ। ପରବର୍ତ୍ତୀ ସମୟରେ ୧୯୯୨ରେ ଉଚ୍ଚତମ ନ୍ୟାୟାଳୟ ମଜୁରୀ ସଂରଚନାର ସାମାଜିକ ଓ ଅର୍ଥନୈତିକ ଦିଗଗୁଡ଼ିକୁ ସମୀକ୍ଷା କରି ପିଲାପିଲିଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ବିବାହ, ସାମାଜିକ ରୀତିନୀତି ଅନୁଯାୟୀ ବିଭିନ୍ନ ପର୍ବପର୍ବାଣି ପାଳନ ଓ ବୃଦ୍ଧାବସ୍ଥାରେ ଆବଶ୍ୟକତା ପାଇଁ ମଜୁରୀ ବୃଦ୍ଧିର ଅପରିହାର୍ଯ୍ୟତାକୁ ଉପଲବ୍ଧି କରି ଏହି ଅତିରିକ୍ତ ଉପାଦାନଗୁଡ଼ିକର ଖର୍ଚ୍ଚ ମେଣ୍ଟାଇବା ପାଇଁ ଉପରୋକ୍ତ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀର ୨୫ ପ୍ରତିଶତ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଲେ।

ପ୍ରଥମ ବେତନ ଆୟୋଗଙ୍କ ସୁପାରିସ ଅନୁଯାୟୀ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କର ସର୍ବନିମ୍ନ ବେତନ ୫୫ଟଙ୍କାରେ ଧାର୍ଯ୍ୟ ହୋଇଥିଲା ବେଳେ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ଆୟୋଗଙ୍କ ସୁପାରିସ ମୁତାବକ ତାହା ଯଥାକ୍ରମେ ୮୦ଟଙ୍କା, ୧୯୬ଟଙ୍କା, ୭୫୦ଟଙ୍କା, ୨୫୫୦ଟଙ୍କା, ୭୦୦୦ଟଙ୍କା ଓ ୧୮୦୦୦ ଟଙ୍କାରେ ସ୍ଥିରୀକୃତ ହୋଇଛି। ଭାରତ ସରକାର ଯଦି ଡ. ଆକ୍ରୋଏଡଙ୍କ ସୂତ୍ର, ପଞ୍ଚଦଶ ଭାରତୀୟ ଶ୍ରମ ସମ୍ମିଳନୀର ନିର୍ଦ୍ଧାରଣ ଏବଂ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଠିକ୍ ଠିକ୍ ଅନୁସରଣ କରିଥା'ନ୍ତେ, ତା'ହେଲେ ସପ୍ତମ ବେତନ ଆୟୋଗଙ୍କ ସୁପାରିସରେ ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା ହୋଇଥା'ନ୍ତା।

ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

## ଆଧ୍ୟାତ୍ମିକତା ଓ ପାର୍ଥିବତାର ସମନ୍ୱୟ

**ସରୋଜ କାନ୍ତ ଚୌଧୁରୀ**

ଭାରତୀୟ ପରମ୍ପରାରେ ଶାରୀରିକ ସ୍ୱାସ୍ଥ୍ୟ ସହିତ ମାନସିକ ସ୍ଥିରତା ବଜାୟ ରଖିବାରେ ଯୋଗର ଭୂମିକା ମହତ୍ତ୍ୱପୂର୍ଣ୍ଣ। ଲକ୍ଷ୍ୟ କରିବାର କଥା ଯେ ପାଶ୍ଚାତ୍ୟ ଦେଶମାନଙ୍କରେ ଯୋଗ ଲୋକପ୍ରିୟ ହେଲାଣି। ଅଗଣିତ ଯୋଗ ଷ୍ଟୁଡିଓ ବିଶ୍ୱର ପ୍ରାୟ ପ୍ରତ୍ୟେକ ସହରରେ ଗଢ଼ି ଉଠିଲାଣି। ପରିସଂଖ୍ୟାନ ଅନୁଯାୟୀ ଆମେରିକାରେ ପ୍ରତି ଦଶଜଣରେ ଜଣେ ଯୋଗାଭ୍ୟାସ କଲେଣି।

ଯେଉଁ ଭାରତୀୟ ସଂସ୍କୃତିରୁ ଏହି ଶବ୍ଦଟି ଆସିଛି ସେହି ବ୍ୟୁତ୍ପତ୍ତି ଅନୁଯାୟୀ, ଯୋଗ ହେଉଛି ବ୍ୟକ୍ତିଗତ ଆତ୍ମସତ୍ତାର ପରମ ଆତ୍ମା(ଈଶ୍ୱର)ଙ୍କ ସହିତ ମିଳନ। ଅନ୍ୟ ଅର୍ଥରେ କହିଲେ ଜଣେ ଯୋଗୀର ଆତ୍ମା ସମ୍ପୂର୍ଣ୍ଣ ଭାବେ ପରମାତ୍ମା ବା ଈଶ୍ୱରଙ୍କ ମଧ୍ୟରେ ନିମଜ୍ଜିତ ଏବଂ ତଦନୁଯାୟୀ ପାର୍ଥିବତାଠାରୁ ଭିନ୍ନ। ଏହି ଆଲୋଚନା ପରିପ୍ରେକ୍ଷୀରେ ଭଗବତ୍ ଗୀତା ଏକ ଅମୂଲ୍ୟ ତତ୍ତ୍ୱଦର୍ଶୀ ଗ୍ରନ୍ଥ, ଯାହା ଯୋଗର ସର୍ବଶ୍ରେଷ୍ଠ ମାର୍ଗଦର୍ଶନ ଦେଇ ପରମାନନ୍ଦ ପ୍ରାପ୍ତି କରାଇବାରେ ସହାୟତା କରିଥାଏ। ସଖା ଅର୍ଜ୍ଜୁନଙ୍କୁ ଉପଦେଶ କ୍ରମରେ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ଗୀତାର ପ୍ରଦର୍ଶିତ ମାର୍ଗ ମାନବ ଜୀବନର ଉଭୟ ଆଧ୍ୟାତ୍ମିକ ଓ ପାର୍ଥିବ ଦିଗ ପ୍ରତି ଗୁରୁତ୍ୱ ପ୍ରଦାନ କରିଥାଏ। ଗୀତାର ବ୍ୟାଖାନ ଅନୁଯାୟୀ ଯେଉଁ ମଣିଷ କୌଣସି ଲାଭ ବା ପୁରସ୍କାରର ଆଶା ନରଖି ଈଶ୍ୱରଙ୍କୁ ବିନିତ ସେବା ମାଧ୍ୟମରେ କର୍ମଯୋଗରେ ବ୍ରତୀ ହୋଇଥା'ନ୍ତି, ଗୃହସ୍ଥ ହୋଇଥିଲେ ମଧ୍ୟ ସେମାନେ ପ୍ରକୃତ ଯୋଗୀ ବା ସନ୍ନ୍ୟାସୀ।

ଯୋଗ ଶିକ୍ଷା ପାଇଁ ଆକର୍ଷିତ ଅନେକ ଶିକ୍ଷାର୍ଥୀ ତାଙ୍କର ପ୍ରାରମ୍ଭିକ ଅବସ୍ଥାରେ କହିବାର ଶୁଣାଯାଇଥାଏ ଯେ ଧ୍ୟାନରେ ବସିବା କ୍ଷଣି ସେମାନଙ୍କ ମନରେ ଅନେକ ବିକ୍ଷୁବ୍ଧ ବା ବିଶୃଙ୍ଖଳିତ ଭାବନା ଚାଲିଆସେ। ଯାହାଫଳରେ ସେମାନଙ୍କର ଏକାଗ୍ରତା ନଷ୍ଟ ହୋଇଯାଏ। କାରଣ ସ୍ୱରୂପ ଏହା କୁହାଯାଇ ପାରେ ଯେ ସାମୟିକ ପାର୍ଥିବ ଆନନ୍ଦର ବଗିଚାରେ ବିଚରଣ କରିବାର ଇଚ୍ଛା ମନରେ ବସା ବାନ୍ଧି ଥିବାରୁ ଏହିପରି ଘଟେ। ସ୍ୱାମୀ ବିବେକାନନ୍ଦ ଏହି ସମ୍ବନ୍ଧରେ ଅଧିକ ସ୍ପଷ୍ଟ କରି କହିଛନ୍ତି ମଣିଷର ଚିତ୍ତ ବା ମନ ଏକ ଜଳାଶୟ ଭଳି। ଏଥିରେ ନିପତିତ ହେଉଥିବା ଚିନ୍ତା ରୂପୀ ପ୍ରସ୍ତର ଖଣ୍ଡ ସୃଷ୍ଟି କରେ ଅନେକ ତରଙ୍ଗ। ଫଳତଃ ଆମର ଆତ୍ମିକ ସତ୍ତା ଅସ୍ପଷ୍ଟ ବା ବିପର୍ଯ୍ୟସ୍ତ ହୋଇଯାଏ। ଚେତନାର ଔଜ୍ଜଲ୍ୟ ପୂର୍ଣ୍ଣମୀ ଜହ୍ନର ଜ୍ୟୋତ୍ସ୍ନା ଭଳି ମନ ଜଳାଶୟର ପୃଷ୍ଠଦେଶରେ ପ୍ରତିବିମ୍ବିତ ହୁଏ ସିନା କିନ୍ତୁ ତରଙ୍ଗାୟିତ ଜଳରାଶି ମଧ୍ୟରେ ଆତ୍ମିକ ସତ୍ତା ତାହା ଅନୁଭବ କରିପାରେ ନାହିଁ। ସୁତରାଂ ମନକୁ ସ୍ଥିର ରଖାଯାଉ। ପାର୍ଥିବ ପ୍ରବୃତ୍ତି ଏଥିରେ ତରଙ୍ଗ ସୃଷ୍ଟି ନ କରୁ।

ଗୀତାର ଷଷ୍ଠ ଅଧ୍ୟାୟ ଧ୍ୟାନ ଯୋଗ ବା ଆତ୍ମସଂଯମ ଯୋଗରେ ଭଗବାନ ଶ୍ରୀକୃଷ୍ଣ ଯୋଗର କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଛନ୍ତି, ଯଦ୍ୱାରା ଯୋଗାଶ୍ରୟୀ ମାନବ ନିଜ ମନକୁ ପାର୍ଥିବ କାମନା ବାସନା ଠୁଁ ବିଚ୍ଛିନ୍ନ କରି ତାହାକୁ ଅନ୍ତର୍ମୁଖୀ କରାଇ ପାରିବ। ଯୋଗାଶ୍ରୟୀର ମନ ଏତଦ୍ୱାରା ସ୍ଥିର, ପ୍ରଫୁଲ୍ଲ ଓ ପ୍ରଶାନ୍ତ ହୋଇ ପାରିବ। ଗୀତା ଉପରେ ଟିପ୍ପଣୀ ଦେବାକୁ ଯାଇ ବିଶିଷ୍ଟ ଦାର୍ଶନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଅଭିମତ ରଖିଛନ୍ତି ଯେ ମଣିଷର ମନ ସ୍ୱଭାବତଃ ବହିଃମୁଖୀ, କିନ୍ତୁ ଯୋଗ ତାହାକୁ ଅନ୍ତଃମୁଖୀ କରିଥାଏ। ସୁତରାଂ ଆମେ ଆମର ମନକୁ ସବୁବେଳେ ଇନ୍ଦ୍ରିୟାନୁଗତ ଅଭିଳାଷଠାରୁ ଦୂରରେ ରଖିବା ଦରକାର। ବାହ୍ୟ ପାର୍ଥିବତାଠାରୁ ଅଲଗା କରି ସ୍ୱଚେତନାକୁ ଧ୍ୟାନର ବଶବର୍ତ୍ତୀ କରାଇବା ପ୍ରୟୋଜନ, ଯାହା ଫଳରେ ଜଣେ ପରମାନନ୍ଦ ପ୍ରାପ୍ତିର ନିକଟତର ହୋଇପାରିବ।

ଗୀତାରେ ଭଗବାନ ଶ୍ରୀକୃଷ୍ଣ ଧ୍ୟାନଯୋଗ ଉପରେ କେତେକ ଅତ୍ୟନ୍ତ ଉପାଦେୟ ଉପଦେଶ ଦେଇଛନ୍ତି, ଯାହା ଯୋଗାଶ୍ରୟୀମାନଙ୍କ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଧ୍ୟାନରେ ବସିବା ପାଇଁ ସର୍ବପ୍ରଥମେ ଏକ କୁଶ ଆସନ, ଯାହା ଏକ ବିଦ୍ୟୁତ କୁପରିବାହୀ ସାମଗ୍ରୀ, ଆବଶ୍ୟକତା ରହିଛି। ଦ୍ୱିତୀୟରେ କୁହାଯାଇଛି ଧ୍ୟାନ ଅଭ୍ୟାସ କଲାବେଳେ ସାଧକ ତା'ର ଶରୀରକୁ ଠିକ୍ ଭାବେ ଆସନ ଉପରେ ଅବସ୍ଥାପିତ କରିବା ଉଚିତ୍, ଯେପରିକି ଗ୍ରୀବା ଏବଂ ମସ୍ତକ ଭୂମି ଉପରେ ଲମ୍ବ ଭାବରେ ସ୍ଥିର ରହିବ। ମସ୍ତିଷ୍କର ସ୍ନାୟୁକେନ୍ଦ୍ରରୁ ମେରୁଦଣ୍ଡର ସୁଷୁମ୍ନା କାଣ୍ଡ ଦେଇ ଜୀବନତରଙ୍ଗ ପ୍ରବାହିତ ହେବାକୁ ଥିବା ବେଳେ ଏପରି ଶାରୀରିକ ସଂଯମର ଆବଶ୍ୟକତା ଅଧିକ। ଧ୍ୟାନ ସମୟରେ ମନକୁ ପାର୍ଥିବ ମାୟାଠାରୁ ବିଚ୍ଛିନ୍ନ ରଖିବା ପ୍ରୟାସରେ କେତେକ ନିଷ୍କ୍ରିୟତାର ବଶବର୍ତ୍ତୀ ହୋଇ ଢୁଳାଇ ପଡ଼ନ୍ତି। ତୃତୀୟରେ ଶ୍ରୀକୃଷ୍ଣ ସାଧକର ଖାଦ୍ୟ ଓ ଶୟନ ଉପରେ ଅଧିକ ସରଳତା ଏବଂ ଆତ୍ମନିଗ୍ରହ ସପକ୍ଷରେ କହିଛନ୍ତି ଯେ ଯୋଗ ସେହିମାନଙ୍କ ପାଇଁ ଏକ ନିଷ୍ଫଳ ପ୍ରୟାସ, ଯେଉଁମାନେ ଅଧିକ ଖାଦ୍ୟ ଗ୍ରହଣ କରନ୍ତି ଅଥବା ଆଦୌ ଖାଦ୍ୟ ଗ୍ରହଣ କରନ୍ତି ନାହିଁ। ସେହିପରି ଅଧିକ ଶୟନପ୍ରିୟ ଅଥବା ସଦାଶୟନ ବିମୁଖତା ଅବଲମ୍ବନ କରୁଥିବା ସାଧକମାନଙ୍କ ପାଇଁ ଯୋଗ ସାଧନାରୁ ଫଳ ମିଳେନାହିଁ। ସର୍ବଶେଷରେ ବ୍ରହ୍ମଚର୍ଯ୍ୟ ନିର୍ବାହ ଉପରେ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି ଯେ ଯୋଗୀ ଯିଏ ବ୍ରହ୍ମଚର୍ଯ୍ୟ ପାଳନ କରିବା ଦ୍ୱାରା ତା'ର ଜୀବନୀ ଶକ୍ତି ଅତୁଟ ରଖି ପାରିଛି ଏବଂ ତାହାକୁ କର୍ମ ବା ମାନସିକ ଶକ୍ତିର ପାରାକାଷ୍ଠାରେ ପ୍ରକାଶିତ କରିପାରିଛି ଅଥବା ଯେ ସମ୍ଭୋଗ ଶକ୍ତିକୁ ଆଧ୍ୟାତ୍ମିକ ଶକ୍ତିରେ ରୂପାନ୍ତରିତ କରିପାରିବାର କ୍ଷମତା ରଖିଛି ସେ ସ୍ଥିର ଭାବରେ ବିନା ବିଭ୍ରାନ୍ତିରେ ଅଧିକ ସମୟ ଧ୍ୟାନରେ ବସିପାରିବ। ଅବିରତ ଭାବରେ ଧ୍ୟାନମଗ୍ନ ନହେଲେ ଯୋଗରୁ ସୁଫଳ ମିଳିବା ଅସମ୍ଭବ।

ସୁତରାଂ ଯୋଗ ଈଶ୍ୱରଙ୍କୁ ପ୍ରାପ୍ତି ସମ୍ବନ୍ଧିତ ଯେତିକି ନୁହେଁ, ମନକୁ ଶୃଙ୍ଖଳିତ କରି ଅନ୍ତଃର୍ମୁଖୀ ବା ଆତ୍ମସତ୍ତାରେ କେନ୍ଦ୍ରୀଭୂତ କରିବାରେ ତତୋଧିକ ଆବଶ୍ୟକ। ଧ୍ୟାନଯୋଗର ୬.୧୫ ସୂତ୍ରରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହୁଛନ୍ତି, ବଶୀଭୂତ ମନର ଅଧିକାରୀ ଯୋଗୀପୁରୁଷ ନିଜକୁ ସୁସଙ୍ଗଠିତ କରିବା ଅବସରରେ ସ୍ଥିର ଚିତ୍ତରେ ମୋ ପ୍ରତି ମଧ୍ୟ ନିବେଦିତ ହୁଅନ୍ତି ଏବଂ ନିର୍ବାଣ ପ୍ରାପ୍ତ ହୋଇ ପରମାନନ୍ଦର ଅଧିକାରୀ ହୋଇପାରନ୍ତି।

କଟକ, ମୋ: ୯୪୩୭୩୭୦୯୮୧

## ଅଶୋକ-୧

**ପ୍ରକୃତି ଓ ପରିବେଶ**

**ଶ୍ରୀସୁନ୍ଦର**

ଅଶୋକ ଶବ୍ଦ ସଂସ୍କୃତରୁ ଆସିଛି, ଯାହାର ଅର୍ଥ ହେଉଛି 'ଦୁଃଖର ବିନାଶ' କିମ୍ବା ଏହା ଦୁଃଖ ସୃଷ୍ଟି କରେ ନାହିଁ। ଏହା ସମଗ୍ର ଭାରତୀୟ ଉପମହାଦେଶରେ ବିଶେଷ ଭାବରେ ଭାରତ, ନେପାଳ ଏବଂ ଶ୍ରୀଲଙ୍କାରେ ପବିତ୍ର ବୃକ୍ଷ ବୋଲି ବିବେଚନା କରାଯାଏ। ଅତଏବ, ଅଶୋକ ବୃକ୍ଷକୁ ଶାସ୍ତ୍ରୀୟ ଭାରତୀୟ ଧାର୍ମିକ ତଥା କୌତୁକିଆ କବିତାରେ ଉଲ୍ଲେଖ କରାଯାଇଥାଏ। ସଂସ୍କୃତ ଭାଷାରେ ଅତି କମରେ ଷୋହଳଟି ଭିନ୍ନ ଭିନ୍ନ ନାମ ଏହି ବୃକ୍ଷ କିମ୍ବା ଏହାର ଫୁଲକୁ ଦର୍ଶାଏ।

ଭାରତୀୟ ମହାକାବ୍ୟ ରାମାୟଣରେ ଅଶୋକ ବାଟିକା (ଅଶୋକ ବୃକ୍ଷର ଉଦ୍ୟାନ) ବିଷୟରେ ଉଲ୍ଲେଖ କରାଯାଇଛି, ଯେଉଁଠାରେ ହନୁମାନ ସୀତାଙ୍କୁ ପ୍ରଥମେ ଭେଟିଥିଲେ। ପ୍ରାଚୀନ କାଳରେ, ଅଶୋକ ବଗିଚା ସୁଖସମୃଦ୍ଧି ଆଣିବା ପାଇଁ ନିର୍ମାଣ କରାଯାଉଥିଲା। ଏହି କାରଣରୁ ଅଶୋକ ବୃକ୍ଷକୁ ଶୋକନାଶକ, ବିଶୋକ, ଆପାଶୋକ ମଧ୍ୟ କୁହାଯାଏ। କୁହାଯାଏ ଯେ ଭଗବାନ ବୁଦ୍ଧ ଅଶୋକ ବୃକ୍ଷ ତଳେ ଜନ୍ମ ହୋଇଥିଲେ। ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଥିବା ଅଶୋକ ବୃକ୍ଷ ବିଷୟରେ ବୌଦ୍ଧ ଓ ଜୈନ ସାହିତ୍ୟରେ ଉଲ୍ଲେଖ କରାଯାଇଛି। ଭାରତୀୟ କଳାକୃତିରେ ନିର୍ମିତ ହିନ୍ଦୁ, ବୁଦ୍ଧ ଏବଂ ଜୈନ ମନ୍ଦିରର ଫାଟକରେ ପ୍ରାୟତଃ ଅଶୋକ ବୃକ୍ଷ ଚିତ୍ର ଦେଖିବାକୁ ମିଳିଥାଏ।

ଅଶୋକ ଛୋଟରୁ ମଧ୍ୟମ ଆକାରର, ସିଧା କାଣ୍ଡ ବିଶିଷ୍ଟ, ଚିରସବୁଜ ବୃକ୍ଷ। ସୁନ୍ଦର ଲମ୍ବା ଯୌଗିକ ପତ୍ର ଓ ସୁଗନ୍ଧିତ ଫୁଲ ପାଇଁ ଏହା ଅତ୍ୟନ୍ତ ମୂଲ୍ୟବାନ। ଫୁଲଗୁଡ଼ିକ ଉଜ୍ଜ୍ୱଳ କମଳା-ହଳଦିଆ ରଙ୍ଗର, ଝଡ଼ିବା ପୂର୍ବରୁ ଲାଲ ହୋଇଯାଏ। ଏହାର ଫୁଲ ଧରିବା ଋତୁ ହେଉଛି ଫେବୃଆରୀରୁ ଏପ୍ରିଲ ମଧ୍ୟରେ। ଆମ ଦେଶରେ ଅଶୋକ ଗଛ ପ୍ରାୟତଃ ଦେବାଦେବୀ ମନ୍ଦିର ପ୍ରାଙ୍ଗଣରେ, ରାଜପ୍ରାସାଦ ପରିସରରେ, ବିଭିନ୍ନ ବଗିଚାରେ ଦେଖିବାକୁ ମିଳିଥାଏ। ଏହା ଦ୍ରୁତଗତିରେ ବଢୁଥିବା ବୃକ୍ଷ ଜାତି, ଯାହା ୧୦ ରୁ ୧୨ ମିଟର ଉଚ୍ଚତାରେ ପହଞ୍ଚିପାରେ। ଏହି ବୃକ୍ଷ ପାଇଁ ଉଷ୍ମ ଏବଂ ଆର୍ଦ୍ର ଜଳବାୟୁ ଉତ୍କୃଷ୍ଟ ଅଟେ ଏବଂ କାଦୁଅ, ବାଲିଆ, ପଙ୍କ ମିଶା ମାଟି ସମେତ ବିଭିନ୍ନ ପ୍ରକାର ମୃତ୍ତିକାରେ ଭଲ ବଢ଼ିପାରେ। ଏହାର ବୀଜବିସ୍ତାର ସାଧାରଣତଃ ମଞ୍ଜି ମାଧ୍ୟମରେ ହୁଏ, ଯାହା ସମ୍ପୂର୍ଣ୍ଣ ପାଚିଲା ଫଳରୁ ସଂଗୃହୀତ ହୁଏ। ଏହାର ମଞ୍ଜିଗୁଡ଼ିକ ସିଧାସଳଖ ମାଟିରେ ବୁଣାଯାଇପାରେ କିମ୍ବା ନର୍ସରିରେ ଚାରା ସୃଷ୍ଟି କରି ଲଗାଯାଇପାରିବ। ଚାରାଗୁଡ଼ିକ ୬ ରୁ ୮ ମାସର ହେବା ପରେ ସ୍ଥାନାନ୍ତର କରି ଯେ କୌଣସି ଉପଯୁକ୍ତ ସ୍ଥାନରେ ରୋପଣ କରାଯାଇପାରେ। ଏହାର ବିସ୍ତାର ପାଇଁ ଉଭୟ ମଞ୍ଜି ଏବଂ ଡାଳ ଗ୍ରାଫ୍ଟିଙ୍ଗ୍ କରି କରାଯାଇପାରିବ।



ଅଶୋକ ଏକ ଗ୍ରୀଷ୍ମମଣ୍ଡଳୀୟ ବୃଷ୍ଟିବନ ବୃକ୍ଷ। ଏହା ମୂଳତଃ ଡେକାନ ମାଳଭୂମିର କେନ୍ଦ୍ରୀୟ ଅଞ୍ଚଳରେ ଏବଂ ଭାରତୀୟ ଉପମହାଦେଶର ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳରେ ପଶ୍ଚିମ ଘାଟର ମଧ୍ୟଭାଗରେ ଥିଲା। ସାଧାରଣତଃ, ପଶ୍ଚିମ ମାଳଭୂମିରେ ସମୁଦ୍ର ପତନଠାରୁ ୭୫୦ ମିଟର ଉଚ୍ଚତାରେ, ପୂର୍ବ ବଙ୍ଗଳା, ବିହାର, ଓଡ଼ିଶା, ଉତ୍ତରପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ର ଭଳି ରାଜ୍ୟମାନଙ୍କରେ କେନାଲ କୂଳରେ ଏବଂ ଚିରସବୁଜ ଜଙ୍ଗଲରେ ଏହା ଦେଖାଯାଏ। ପ୍ରାକୃତିକ ବାସସ୍ଥାନରେ ଅଶୋକ ବୃକ୍ଷ ବିରଳ ହେବାରେ ଲାଗିଛି। କିନ୍ତୁ କେନ୍ଦ୍ରୀୟ ଏବଂ ପୂର୍ବ ହିମାଳୟର ପାଦଦେଶରେ, ଭାରତର ଉତ୍ତର ସମତଳର ବିସ୍ତୃତ ସ୍ଥାନ ଓ ମହାରାଷ୍ଟ୍ରର ପଶ୍ଚିମ ଉପକୂଳରେ ବିଚ୍ଛିନ୍ନ ଭାବରେ ଦେଖିବାକୁ ମିଳୁଛି। ଅଶୋକ ବୃକ୍ଷର ଆଧ୍ୟାତ୍ମିକ ସହିତ ଔଷଧୀୟ ଉପଯୋଗିତା ରହିଛି। ଏ ବିଷୟରେ ଆସନ୍ତା ସପ୍ତାହରେ ଏହି ସ୍ତମ୍ଭରେ ଆଲୋଚନା କରିବା। (କ୍ରମଶଃ)

ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ପଟ୍ଟାମୁଣ୍ଡାଇ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ

# 'ଶିଶୁ ପ୍ରତିଭା ବିକାଶ ପାଇଁ ଓଷ୍ଟା ଉତ୍ସବ ଏକ ବଳିଷ୍ଠ ପଦକ୍ଷେପ'



ପଟ୍ଟାମୁଣ୍ଡାଇ,୮।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ଅଠରବାଟିଆ ବଜ୍ର ମହାକାଳୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ଓଷ୍ଟା ସଭାପତି ବିଜୟ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା ମୁଖ୍ୟଅତିଥି, ଓଷ୍ଟା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରାକ୍ତନ ସମ୍ପାଦକ ତପନ କୁମାର ସିଂହ ମୁଖ୍ୟବକ୍ତା, ବଜ୍ର ମହାକାଳୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନୁସୂୟା ମିଶ୍ର, ଜିଲ୍ଲା ଓଷ୍ଟା ପୂର୍ବତନ ସମ୍ପାଦକ ନିର୍ମଳ ଜେନା, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ବାବାଜୀ ଦାସ, ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ତିତିକାନ୍ତ ନାୟକ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଦସ୍ୟ ମଧୁଛନ୍ଦା ଶର୍ମା ଓ ସ୍କୁଲ ପରିଚାଳନା କମିଟି ସଭାପତି ତପରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ବୋଲି ମତପ୍ରକାଶ କରି ବିକଶିତ ଶିଶୁ ଗଠନ ପାଇଁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସମ୍ପାଦକ ଅକ୍ଷୟ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ନେତା ଗୋକୁଳ ରାଉତ ସ୍ୱାଗତ ଭାଷଣ ଓ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗିରିଜା ଶଙ୍କର ସାମଲ ଧନ୍ୟବାଦ ଦେଇଥିଲେ।

ବ୍ଲକ୍ ଓଷ୍ଟା ସଭାପତି ବିଜୟ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟବକ୍ତା, ନରସିଂହପୁର ସରପଞ୍ଚ ଦୀପ୍ତିମୟୀ, ରାଜ୍ୟ ଓଷ୍ଟା ସମ୍ପାଦକ ପ୍ରଣବ ଜେନା, ଜିଲ୍ଲା ଓଷ୍ଟା ସଭାପତି ଅଶୋକ ପରିଡା, ଜିଲ୍ଲା ସମ୍ପାଦକ ଭଗବାନ ସାହୁ, ସିଆରସିସି ମଳୟ ଜେନା, ପ୍ରାକ୍ତନ ଜିଲ୍ଲା ଉପସଭାପତି ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପୂର୍ବତନ ବ୍ଲକ୍ ଓଷ୍ଟା ସଭାପତି ଗୋକୁଳ ରାଉତ, ଶିକ୍ଷକ ନେତା ରଞ୍ଜନ ବେହୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭା ବିକାଶ ପାଇଁ ଓଷ୍ଟା ଶିଶୁ ଉତ୍ସବ ଏକ ବଳିଷ୍ଠ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସୁରଜ ଦାଶ, ଜ୍ଞାନରଞ୍ଜନ ପରିଡା, ରାଜଶ୍ରୀ ମଲ୍ଲିକ, ପ୍ରଫୁଲ୍ଲ ନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଶିକ୍ଷକ ନେତା ପ୍ରମୋଦ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଦିଲ୍ଲୀପ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବନଜା ପରିଡା ଧନ୍ୟବାଦ ଦେଇଥିଲେ।

ତେବେ କାର୍ଯ୍ୟ ଦିବସ ଥିବା ସତ୍ତ୍ୱେ ବଜ୍ର ମହାକାଳୀ ହାଇସ୍କୁଲ ପରିସରରେ ଓଷ୍ଟା ପକ୍ଷରୁ ଉତ୍ସବ ପାଳନ କରାଯିବା ଓ ଏଥିରେ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଅଧିକାରୀଙ୍କ ସମେତ ଅନ୍ୟ ପଦାଧିକାରୀ ଯୋଗ ଦେବା ଘଟଣାକୁ ନେଇ ଛାତ୍ରାଭିଭାବକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେତିକି ନୁହେଁ ଉତ୍ସବ ପରେ ଉତ୍ସବ ମଞ୍ଚ ଛାଡି ହାଇସ୍କୁଲ ଅଫିସ ଗୃହ ମଧ୍ୟରେ ଓଷ୍ଟା ପକ୍ଷରୁ ସ୍ଥାନୀୟ ସରପଞ୍ଚ କେତେକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଏହି ଘଟଣାରେ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷା ଜିଲ୍ଲା ଅଧିକାରୀ କିମ୍ବା ବ୍ଲକ ଶିକ୍ଷାଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

■ ଅଣ୍ଡରାରେ ଅଭାବନୀୟ ଘଟଣା

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୮।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଅଣ୍ଡରା ପଞ୍ଚାୟତର ମେଡିକାଲ ରୋଡ୍ ନିକଟସ୍ଥ ଦଳିତସାହିର ଶଶୀକାନ୍ତ ମଳିକଙ୍କ ଶିଶୁପୁତ୍ର ପ୍ରଭୁପାଦ (୪ବର୍ଷ) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିବା ଘଟଣା ସମସ୍ତଙ୍କୁ ମ୍ରିୟମାଣ କରିଛି। ଆଜି ଗାଁରେ ଏକ ଭୋଜି ଆୟୋଜନ କରାଯାଇଥିଲା। ସାହିର ଅନ୍ୟ



ପିଲାମାନେ ଭୋଜି ଖାଇବାକୁ ଯାଇଥିଲେ। ପ୍ରଭୁପାଦ ଭୋଜି ଖାଇବାକୁ ନ ଯାଇ ଘରେ ଖାଇ ସାରିବା ପରେ ବାଡି ପଛପଟକୁ ଯାଇଥିଲା। ସେତେବେଳେ ପ୍ରଭୁପାଦର ମାଆ ବାସନ ମାଜୁଥିଲେ। ବାଡ଼ି ପଛକୁ ଯାଇଥିବା ପୁଅ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇପଡିବା ସହିତ ଦଳିତସାହିରେ ଚହଳ ପଡିଯାଇଥିଲା। ସାହିର ଯୁବକ ବହୁ ଖୋଜା ଖୋଜି କରିବା ପରେ ପାଖରେ ଥିବା ପୋଖରୀରେ ଜାଲ ପକାଇଥିଲେ। ଜାଲରେ ପୋଖରୀରେ ବୁଡି ଯାଇଥିବା ପ୍ରଭୁପାଦକୁ ଅତ୍ୟନ୍ତ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପ୍ରଭୁପାଦକୁ ପ୍ରଥମେ ଅଣ୍ଡରା ଡାକ୍ତରଖାନା ଓ ପରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ପ୍ରଭୁପାଦକୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସମଗ୍ର ଧୋୟାଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ରାଜନଗର, ୮।୧୨(ସମିସ): ରାଜନଗର ବ୍ଲକ୍ ଡାଙ୍ଗମାଳ ଗାଁ ପୋଖରୀରେ ବୁଡ଼ି ୪ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଆଳି ଗାଁର ପ୍ରମୋଦ ରାଉତଙ୍କ ପୁଅ ଆୟୁଷ ରାଉତ (୪ବର୍ଷ) ମାମୁଁ ଘରକୁ ଆସିଥିଲା। ଖେଳୁଥିବାବେଳେ ଅସାବଧାନତା ବଶତଃ ପୋଖରୀରେ ବୁଡ଼ି ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ମାମୁଁଘର ଲୋକେ ଶିଶୁପୁତ୍ରକୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ଦିନରାତି ଚାଲିଛି ବାଲି ଚୋରାଚାଲାଣ

## ବେଣୀପୁର-ଓଲଡ଼ି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ

ପଞ୍ଚୁପାଣ୍ଡବ,୮।୧୨(ସମିସ): ଡେରାବିଶ ତହସିଲ ଅନ୍ତର୍ଗତ ବିଭିନ୍ନ ବାଲିଘାଟରୁ ଚାଲିଥିବା ବେଆଇନ ବାଲି ଚାଲାଣ ପାଇଁ ରାସ୍ତା ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ହାଇୱା ଗାଡ଼ି ଓଭରଲୋଡ୍ କରି ଯାଉଥିବାରୁ ବିଭିନ୍ନ ରାସ୍ତା ଫାଟି ଆଁ କରିଥିବାବେଳେ କେତେ ଜାଗାରେ ରାସ୍ତା ଦବିଯାଇଥିବା ଦେଖିବାକୁ ମିଳିଛି। ବେଣୀପୁର ଓ ଓଲଡ଼ି ରାସ୍ତା ପ୍ରତି ଏହା ବିପଦ ହୋଇଛି। ଉକ୍ତ ରାସ୍ତାରେ ଖାଲ ସୃଷ୍ଟି ହୋଇ ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଡେରାବିଶ ତହସିଲ ଅଧୀନରେ ଥିବା ବେଣୀପୁର, ଛୋଟି ଓ ମଙ୍ଗଳପୁର ବାଲିଘାଟରୁ ଚୋରା ବାଲି ଚାଲାଣ ହେଉଛି। ଦିନକୁ ଶହ ଶହ ବାଲିଗାଡି ଯିବା ଆସିବା କରୁଥିବା ଅଭିଯୋଗ ହେଉଛି। ଏହି ବାଲି ଗାଡ଼ି ନେଇ ଯାଉଥିବା ଛୋଟି, ବେଣୀପୁରରୁ ଓଲଡି ଓ ରଘୁଦେଇପୁର ପଞ୍ଚାୟତର ବେଲାରପୁର ବଜାରଠାରୁ ଲକ୍ଷ୍ମୀନାରାୟଣପୁର ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ସଙ୍କଟାପନ୍ନ ଅବସ୍ଥାରେ ପଡ଼ିରହିଛି। ଗତବର୍ଷ ଏହି ବାଲି ବୋଝେଇ ଟ୍ରକ୍ ଯିବା ଆସିବା କରି ନୂଆ ହୋଇଥିବା ବେଣୀପୁରରୁ ଓଲଡି ପର୍ଯ୍ୟନ୍ତ ପିଚୁ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ପ୍ରଶାସନିକ ଅଧିକାରୀ ଏବେଠୁ ସଜାଗ ନ ହେଲେ ଚୋରାବାଲିକୁ ଅଟକାଇବା ଓ ରାସ୍ତାର ଅବସ୍ଥା ସଙ୍କଟାପନ୍ନକୁ ରୋକିବା ପାଇଁ ଭାରି ପଡିବ ବୋଲି ଅଞ୍ଚଳବାସୀ କହିଛନ୍ତି। ଚୋରା ବାଲି ଚାଲାଣ ଗାଡ଼ିକୁ ଉପରିସ୍ଥ ଅଧିକାରୀ ଧରି ଜରିମାନା କରି ଛାଡ଼ି ଦେଇଥିବା ଜଣାପଡିଛି। ଏହାର ତଦନ୍ତ କରାଯାଇ ବାଲି ମାଫିଆଙ୍କୁ ଲଗାମ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆନ୍ତଃକ୍ଲବ୍ କ୍ରିକେଟ୍; ବାଲାବାବା ବିଜୟୀ

କେନ୍ଦ୍ରାପଡ଼ା,୮।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ପକ୍ଷରୁ ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମରେ ଓସିଏ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ୍ ସୁପର ଲିଗ୍ ମ୍ୟାଚ୍‌ର ତୃତୀୟ ଦିବସ ମ୍ୟାଚ୍ ବାଲାବାବା କ୍ଲବ ଓ କେନ୍ଦ୍ରାପଡ଼ା ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବାଲାବାବା କ୍ଲବ କେନ୍ଦ୍ରାପଡ଼ା ଟାଇଗର୍ସ କ୍ଲବ୍‌କୁ ୩୭ ରନରେ ପରାସ୍ତ କରିଥିଲା। ବାଲାବାବା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୪୫ ଓଭରରେ ୬ ୱିକେଟ ହରାଇ ୨୭୧ ରନ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ଟାଇଗର୍ସ ୪୨ ଓଭରରେ ୨୩୪ ରନ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍‌ରେ ବାଲାବାବା କ୍ଲବର ବିକାଶ ପରିଡା ୧୧୪ ବଲରେ ୯୦ ରନ କରି ମ୍ୟାନ ଅଫ୍ ମ୍ୟାଚ୍ ହୋଇଥିଲେ। ନିରଞ୍ଜନ ଦାସ ଓ ଲଳିତେନ୍ଦୁ ପଣ୍ଡା ଖେଳ ପରିଚାଳନା କରିଥିଲେ। ଚିରଞ୍ଜୀବ ବଳ ଓ ଆନନ୍ଦ ବେହେରା ସ୍କୋରର ଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ସଭ୍ୟ ଆକବର ଅଲ୍ଲୀ ଚନ୍ଦନ, ସୁବାସ ସାହୁ, ବରଦାକାନ୍ତ ବରାଳ, ନିରଞ୍ଜନ ପତ୍ରୀ, ପ୍ରଫୁଲ୍ଲ ମଲ୍ଲିକ, ସମୀର ମହାପାତ୍ର, ଦୀପକ ବାରିକ, ସତ୍ୟପ୍ରକାଶ ତ୍ରିପାଠୀ, ହରିଶ କର, ଜଗନ୍ନାଥ ସାହୁ, ଜ୍ୟୋତି ଶତପଥୀ, ଚିରଞ୍ଜୀବ ବଳ, ହରିହର ବେହେରା, ଅନୁପ ରାଉତ, ଅସିତ ଦାସ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲରେ ବିଜ୍ଞାନ ମେଳା

ପଟ୍ଟାମୁଣ୍ଡାଇ,୮।୧୨(ସମିସ): ପଟ୍ଟାମୁଣ୍ଡାଇ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲରେ ବିଜ୍ଞାନ ମେଳା ୭ ଓ ୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ସ୍କୁଲ ପରିଚାଳନା କମିଟି ମୁଖ୍ୟ ଡଃ ଗୋଲକ ବିହାରୀ ସ୍ୱାଇଁ ଉଦଘାଟନ କରିଥିଲେ। ସ୍କୁଲ ଉପାଧ୍ୟକ୍ଷ ମନୋଜିତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ସଚିତ୍ର ବେହୁରା ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଶାସକ ବ୍ରଜବନ୍ଧୁ ଧଳ ମୁଖ୍ୟବକ୍ତା, ଶିକ୍ଷାବିତ ସୁରେଶ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କୁଲର ଛାତ୍ରଛାତ୍ରୀ ନିଷ୍ଠାର ସହ ବିଜ୍ଞାନ ଶିକ୍ଷା କଲେ ଜୀବନରେ ସଫଳତା ହାସଲ କରିପାରିବେ ବୋଲି ମତ ପ୍ରକାଶ କରିଥିଲେ। ନିର୍ଦ୍ଦେଶକ ଇଂ ଦେବବ୍ରତ ସ୍ୱାଇଁ ସ୍କୁଲର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ବିହାନି ଓ ରଶ୍ମୀପ୍ରଭା ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଯଶୋଦାରାଣୀ ଲେଙ୍କା ଧନ୍ୟବାଦ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ୧୯୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ଆକାଂକ୍ଷା ବେହେରା, ଇତିଶ୍ରୀ ସ୍ୱାଇଁ, ମଧୁମିତା ପଣ୍ଡା, ମିତାଞ୍ଜଳି ସ୍ୱାଇଁ ଓ ବିଜୟ କୁମାର ନନ୍ଦଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଜୟସିଂହ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ

ରାଜନଗର, ୮।୧୨(ସମିସ): ରାଜନଗର ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ, ସ୍ତମ୍ଭକାର, ବର୍ଷୀୟାନ ସାମ୍ବାଦିକ ଜୟସିଂହ ମହାପାତ୍ରଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବଜାର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ଜୟସିଂହ ମହାପାତ୍ର ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିବା ସହିତ ସ୍ୱର୍ଗତ ମହାପାତ୍ରଙ୍କ ଜୀବନ ଦର୍ଶନ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କା, ଓଡ଼ିଶା ଯୁଗ୍ମ ବାଣିଜ୍ୟକର କମିଶନର ଡଃ ପଦ୍ମଲୋଚନ ରାଉତ ମୁଖ୍ୟବକ୍ତା, ସମାଜସେବୀ କୃପାସିନ୍ଧୁ ସାମଲ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ କାର୍ଯ୍ୟାବଳୀ ଉପରେ ଆଲୋଚନା କରିଥିଲେ। କବି ଭବାନୀ ମହାପାତ୍ର ମଞ୍ଚ ଆମନ୍ତ୍ରଣ, କବି ଅଭିରାମ ସାହୁ ଅତିଥି ପରିଚୟ, ସାମ୍ବାଦିକ ଜଗନ୍ନାଥ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କବି ଶତ୍ରୁଘ୍ନ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୪ଜଣ ମେଧାବୀ ଛାତ୍ରଛାତ୍ରୀ ଓ ମଧ୍ୟମା ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରଙ୍କୁ ମାନପତ୍ର, ଉପଢୌକନ ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଜୟସିଂହ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା।

## ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦ୍ରାପଡ଼ା,୮।୧୨(ସମିସ): ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନସେବା ଯୋଗାଇଦେବା ଲକ୍ଷ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ମାସ ୧୪ ତାରିଖରେ ହେବାକୁ ଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କେନ୍ଦ୍ରାପଡ଼ା କୋର୍ଟ ସମେତ ନିକଟବର୍ତ୍ତୀ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏଥିରେ ମୋକଦ୍ଦମା ସ୍ତରୀୟ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନ୍ସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ମୋଟର ଯାନ ଦୁର୍ଘଟଣାଜନିତ, ଶ୍ରମ ବିବାଦଜନିତ ମାମଲା, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ), ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ ଅବସରକାଳୀନ ପ୍ରାପ୍ୟ ସହିତ ମାମଲା, ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ରାଜସ୍ୱ ମାମଲା, ଅନ୍ୟାନ୍ୟ ଦେୱାନୀ ମାମଲା (ଭଡ଼ା, ସହଜ ଅଧିକାର, ନିର୍ଦ୍ଦିଷ୍ଟ କାର୍ଯ୍ୟଦକ୍ଷତା ସୁଟ, ନିର୍ଦ୍ଦେଶକ ସୁଟ), ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଫଇସଲା ହେବ। ପ୍ରାକ୍ ମୋକଦ୍ଦମା ସ୍ତରୀୟ (କୋର୍ଟରେ ଦାୟର ହୋଇନଥିବା ମାମଲା) ଚେକ ବାଉନ୍ସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ଶ୍ରମବିବାଦ ଜନିତ ମାମଲା, ସ୍ଥାୟୀ ଲୋକ ଅଦାଲତର ଅନ୍ୟାନ୍ୟ, ଦେୱାନୀ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ରକ୍ଷଣାବେକ୍ଷଣ ମାମଲା ଓ ଅନ୍ୟାନ୍ୟ ମୋକଦ୍ଦମାର ଫଇସଲା ହେବ। ପୂର୍ବାହ୍ନ ୧୦ ଘଟିକାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହେବ। ଜିଲ୍ଲା ଦୌରାଜଜ ବିଶ୍ୱଜିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଆଇନ ସେବା ପ୍ରାଧିକରଣର ସଚିବ ସୁମିତ୍ରା ସାହୁ ସୂଚନା ଦେଇଛନ୍ତି।

## ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲ୍ଲା କ୍ୟାମ୍ବୋରୀ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା,୮।୧୨(ସମିସ): କେନ୍ଦ୍ରାପଡ଼ାରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଚତୁର୍ଦ୍ଦଶ କ୍ୟାମ୍ବୋରୀ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡା ସିଦ୍ଧ ମରିଚିଆଣୀ ବିଦ୍ୟାପୀଠରେ ରବିବାର ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କ୍ୟାମ୍ବୋରୀକୁ ଉଦଘାଟନ କରି ସ୍କାଉଟ୍ସ ଓ ଗାଇଡ୍ସ ଶିବିରାର୍ଥୀ ଛାତ୍ରଛାତ୍ରୀଙ୍କୁ ସେବା, ସ୍ୱଚ୍ଛତା, ଶୃଙ୍ଖଳା, ସଂସ୍କୃତି ଓ ପରମ୍ପରା ସହିତ ବିଶ୍ୱ ଭାତୃଭାବ ସୃଷ୍ଟି କରିବା ଉପରେ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଉପ-ଆରକ୍ଷୀ ଅଧୀକ୍ଷକ(ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ସଂଗଠନ ଆୟୁକ୍ତ ଜ୍ଞାନଜ୍ୟୋତି ମହାନ୍ତି, କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ଡେରାବିଶ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀ ତନ୍ମୟ କୁମାର ବେହେରା, ସିଦ୍ଧ ମରିଚିଆଣୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ନାୟକ, କ୍ରୀଡ଼ା ସଂଗଠକ ରବୀନ୍ଦ୍ର ପ୍ରସାଦ ଜେନା, କାର୍ଯ୍ୟକ୍ରମ ସଂଯୋଜକ ସରୋଜକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚରିତ୍ର ଗଠନ, ଶୃଙ୍ଖଳା ରକ୍ଷା ଓ ଭାତୃଭାବ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସମ୍ପାଦିକା ସ୍ମିତାପ୍ରତିଭା ସାହୁ ବିବରଣୀ ପାଠ କରିଥିବାବେଳେ ଜିଲ୍ଲା ଆୟୁକ୍ତ ପୀତବାସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଶିବିରାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ୍ ସଭାପତିତ୍ୱ କରିଥିବାବେଳେ ଗରଦପୁର ମଣ୍ଡଳ ଶିକ୍ଷା ଅଧିକାରୀ ଅଜୟ କୁମାର ସେଠୀ, ମାର୍ଶାଘାଇ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ସିଦ୍ଧ ମରିଚିଆଣୀ ବିଦ୍ୟାପୀଠ ମୋ ସ୍କୁଲ ଅଭିଯାନ ସଭାପତି ଅକ୍ଷୟ କୁମାର ପାଣି, ମହାକାଳପଡା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସାହୁ, ସ୍କୁଲ ପରିଚାଳନା ସମିତି ଅଧ୍ୟକ୍ଷ ଚିତ୍ତରଞ୍ଜନ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍କାଉଟସ ଓ ଗାଇଡସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ ଜିଲ୍ଲାର ୩୫ଟି ବିଦ୍ୟାଳୟର ୮୪୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ସ ଓ ଗାଇଡ୍ସର ବିଦ୍ୟାର୍ଥୀଙ୍କ ସମେତ ଏକଶହରୁ ଊର୍ଦ୍ଧ୍ୱ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ଯୋଗଦେଇଛନ୍ତି।

ଧାନର ଇନପୁଟ୍ ସହାୟତା ପ୍ରଦାନର ଶୁଭାରମ୍ଭ

## ଉପକୃତ ହେବେ ଜିଲ୍ଲାର ୪୦ ହଜାର ଚାଷୀ

କେନ୍ଦ୍ରାପଡ଼ା,୮।୧୨(ସମିସ): ଆଜି ବରଗଡ ଜିଲ୍ଲାର ସୋହେଲାଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହାର ସିଧା ପ୍ରସାରଣ କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅତିରିକ୍ତ ସହାୟକ ଅର୍ଥ ଆମ ଜିଲ୍ଲାର ୪୦,୦୦୦ରୁ ଊର୍ଦ୍ଧ୍ୱ ଚାଷୀ ପରିବାର ଏହି ସୁବିଧା ପାଇବାରେ ସକ୍ଷମ ହେବେ। ଏହାଦ୍ୱାରା ଓଡ଼ିଶାର ଚାଷୀ ସ୍ୱାବଲମ୍ବୀ ହେବା ସହିତ ସମାଜରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାରେ ସକ୍ଷମ ହୋଇପାରିବେ। କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଅତିରିକ୍ତ ସହାୟତା ରାଶି ପ୍ରତ୍ୟେକ ଚାଷୀ ପରିବାରରେ ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ପରି ମୌଳିକ ସୁବିଧା ପ୍ରାପ୍ତ ହେବା ସହ ସେମାନଙ୍କ ପରିବାରରେ ହସ ଫୁଟାଇବାରେ ସହାୟକ ହୋଇପାରିବ ବୋଲି ଉପସ୍ଥିତ ଅତିଥି ମତ ପ୍ରକାଶ କରିଥିଲେ। ଏହି ସଭାରେ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକର ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାଗମ ହୋଇଥିବାବେଳେ ଉପ-ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ସମବାୟ ସମିତି ସମୂହ ବରିଷ୍ଠ ସହକାରୀ ନିବନ୍ଧକ ସନ୍ତୋଷ କୁମାର ଦାସ ଯୋଗ ଦେଇଥିଲେ। ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ ଦୟାସିନ୍ଧୁ ପରିଡା ମଞ୍ଚ ପରିଚାଳନା କରିଥିଲେ।

## କନିଷ୍ଠ ଶିକ୍ଷକ ସଂଘର ବୈଠକ



ରାଜନଗର, ୮।୧୨(ସମିସ): ରାଜନଗରସ୍ଥ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କନିଷ୍ଠ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଗିରିଜା ଶଙ୍କର ମଣ୍ଡଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରାଯିବା, ସଂଘର କର୍ମକର୍ତ୍ତା ଓ ସାଂଗଠନିକ ଦିଗ ସଂପର୍କରେ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ମନୋଜ କୁମାର ସେଠୀ, ଉପସଭାପତି ଭାବେ ସ୍ମୃତିରେଖା ଲେଙ୍କା, ସ୍ୱସ୍ତିକ ରାଉଳ, ସମ୍ପାଦକ ଭାବେ ନବୀନ ପ୍ରଭାତ ଜେନା, ସହସମ୍ପାଦକ ଭାବେ ଅନୀତା ନାୟକ, ମୋହନ ମୁଣ୍ଡା, ଅବନୀକାନ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ଗିରିଜା ଶଙ୍କର ମଣ୍ଡଳ, ସହ କୋଷାଧ୍ୟକ୍ଷ ଭାବେ ମଧୁସ୍ମିତା ବେହେରା, ଗଣମାଧ୍ୟମ ସଂଯୋଜକ ଭାବେ ଆଲୋଚ କୁମାର ପରିଡା, ପ୍ରଜ୍ଞା ପରାମିତା ବେହେରା, କାଳୀନାଥ ଜାନ୍ଧା ପ୍ରମୁଖଙ୍କ ମନୋନୀତ କରାଯାଇଥିଲା।

## ନୂତନ ଶିକ୍ଷକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ରାଜନଗର, ୮।୧୨(ସମିସ): ରାଜନଗର ବ୍ଲକ୍‌ର ୧୮ଟି କ୍ଲଷ୍ଟରରେ ନବନିଯୁକ୍ତ ୧୨୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ରାଜନଗର ବ୍ଲକ୍ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ସୁଖିଶ୍ୟାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଶିବ ପ୍ରସାଦ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ନେତା ସୁଶାନ୍ତ କୁମାର ପ୍ରଧାନ, ବିଚିତ୍ରାନନ୍ଦ ନାୟକ, ଜିଲ୍ଲା ସଭାପତି ଦିବାକର ବାରିକ, ସମ୍ପାଦକ ଅକ୍ଷୟ କୁମାର ପୋଥାଳ, ଆବାହକ ବିପିନ ବିହାରୀ ପାତ୍ର, ଡେରାବିଶ ଶିକ୍ଷକ ନେତା ରାମଚନ୍ଦ୍ର ଆଚାର୍ଯ୍ୟ, ରାଜ୍ୟ ଉପସଭାପତି ନରେଶ କୁମାର ପାତ୍ର ପ୍ରମୁଖ ନିଯୁକ୍ତ ଶିକ୍ଷକଙ୍କୁ ସ୍ୱାଗତ କରିବା ସହ ସରକାରଙ୍କ ଶିକ୍ଷକମାରଣ ନୀତିକୁ ଦୃଢ ସମାଲୋଚନା କରିଥିଲେ। ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକନେତା ମଧୁସୂଦନ ସାହୁ, ପ୍ରଶାନ୍ତ କୁମାର ସେଠୀ, ଦାମୋଦର ରାଉତ, ଜ୍ୟୋତ୍ସ୍ନାରାଣୀ ଦାସ, କୁମୁଦ କୁମାର ମଳିକ, ସୁମନ୍ତ କୁମାର ରାଉତ, ଉତ୍ତମ କୁମାର ମଳିକ, ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ଅଜିତ କୁମାର ସେଠୀ, ସଂଜୟ ସେଠୀ, ପ୍ରେମାନନ୍ଦ ସେଠୀ, କୈଳାସୀ ଦାସ ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ନେତା ତ୍ରୈଲୋଚନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ହେମନ୍ତ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ପ୍ରଧାନଶିକ୍ଷକ ସୁଶାନ୍ତ ସେଠୀ, ମୁକୁଳେନ୍ଦୁ ଘଡାଇ, ଲକ୍ଷ୍ମୀମଳିକ, ଦିଲ୍ଲୀପକୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ ଶ୍ରାଦ୍ଧବାର୍ଷିକୀ ସମାରୋହ

# 'ରାଷ୍ଟ୍ର ସେବା ପାଇଁ ଗୁରୁଚରଣ ଦାସ ସମର୍ପିତ ଥିଲେ'




କେନ୍ଦ୍ରାପଡ଼ା,୮।୧୨(ସମିସ): ବିଶିଷ୍ଟ ସମାଜସେବୀ, ସାମ୍ବାଦିକ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାରକ ଗୁରୁଚରଣ ଦାସଙ୍କ ଚତୁର୍ଦ୍ଦଶତମ ଜିଲ୍ଲାସ୍ତରୀୟ ଶ୍ରାଦ୍ଧବାର୍ଷିକୀ ସମାରୋହ ରବିବାର କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ଅବସ୍ଥାରେ ସ୍ୱର୍ଗତ ଦାସ ଶିକ୍ଷକତାକୁ ନିଜର ବୃତ୍ତି ଭାବେ ଗ୍ରହଣ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସରକାରୀ ଶିକ୍ଷକତା ଚାକିରିକୁ ତ୍ୟାଗ କରି ସାମ୍ବାଦିକତାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। "ସମାଜ" ଖବରକାଗଜ ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରିବା ଅବସରରେ ସେ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ। ସେ ରାଷ୍ଟ୍ର ସେବା ପାଇଁ ସମର୍ପିତ ଥିଲେ ବୋଲି କହିଥିଲେ। ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗୁରୁଚରଣ ବାବୁ ମହାକାଳପଡା ପାଇଁ ସାମ୍ବାଦିକ ଭାବେ ଏକ ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଲେଖକ, ସ୍ତମ୍ଭକାର ତଥା ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ ଅଧ୍ୟକ୍ଷ ଭୁବନାନନ୍ଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ଦାସ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରା ସହିତ ନିଜକୁ ଅଙ୍ଗାଙ୍ଗୀଭାବେ ଜଡ଼ିତ କରାଇବା ସହ ତାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ବହୁ ଛାତ୍ରଛାତ୍ରୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରାରେ ଅନୁପ୍ରାଣିତ ହୋଇଥିଲେ। ଉକ୍ତ ଉତ୍ସବରେ ବିଜେପି ରାଜ୍ୟ ପ୍ରବକ୍ତା ତଥା ଅର୍ବାନ କୋଅପରେଟିଭ ବ୍ୟାଙ୍କର ପୂର୍ବତନ ସଭାପତି ସର୍ଜନ ଶର୍ମା ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଗୁରୁଚରଣ ବାବୁଙ୍କ କର୍ମମୟ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗୁରୁଚରଣ ଦାସ ସ୍ମୃତି କମିଟି ସଭାପତି ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ଚାଟାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲାର ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୦ ଜଣ ବ୍ୟକ୍ତି ବିଶେଷଙ୍କୁ ଗୁରୁଚରଣ ଦାସ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ବିରଞ୍ଚି ନାରାୟଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀମନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଟ୍ରଷ୍ଟି ଯଶୋବନ୍ତ ପାତ୍ର, ବିଜେପି ଜିଲ୍ଲା ସଭାପତି କିଶୋର ପଣ୍ଡା, ରାଜନଗର ବିଜେପି ନେତା ଲଳିତ ବେହେରା, ବିଷ୍ଣୁ ଦାସ, ସୁନାକର ବେହେରା, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡା, ସାମ୍ବାଦିକ ଅଶୋକ ସ୍ୱାଇଁ, ରାଜ୍ୟ ପ୍ରବକ୍ତା ଜ୍ଞାନଦେବ ବେଉରା, ସଞ୍ଜୟ ରଥ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### କୁମ୍ଭକାର ସମ୍ମିଳନୀ ଓ ହସ୍ତଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ

# 'ପରମ୍ପରା ଏକତା ଓ ଭାଇଚାରା ଶିକ୍ଷା ଦେଇଥାଏ'



କେନ୍ଦ୍ରାପଡ଼ା,୮।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସମାଜର ୧୨୪ତମ ବାର୍ଷିକ ଉତ୍ସବ ଅବସରରେ କୁମ୍ଭକାର ସମ୍ମିଳନୀ ଓ ହସ୍ତଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ଇଛାପୁରସ୍ଥ କୁମ୍ଭାର ଧର୍ମଶାଳା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ପରମ୍ପରା ଆମକୁ ଅନେକ ଶିକ୍ଷା ଦେଇଥାଏ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶତାଧିକ ବର୍ଷ ହେବ ପାରମ୍ପରିକ ଭାବେ କୁମ୍ଭାର ସମାଜର ସଦସ୍ୟ ଏକତ୍ରିତ ହୋଇ ପ୍ରଭୁ ବଳଦେବଜୀଉଙ୍କ ନିକଟରେ ଭୋଗ କରି ଖଟଣି ଉତ୍ସବ ପାଳନ କରିଆସୁଥିବାରୁ ଏହା ଆମକୁ ଏକତା ଓ ଭାଇଚାରାର ଶିକ୍ଷା ଦେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସଂଘର ଜିଲ୍ଲା ସଭାପତି ରତ୍ନାକର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘ ସଭାପତି ସରୋଜ କୁମାର ବେହେରା, ସାଧାରଣ ସମ୍ପାଦକ ଜୟରାମ ସାହୁ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି କାଉନସିଲର କାଳୀପ୍ରସାଦ ମିଶ୍ର, ପୁଷ୍ପଲତା ବେହେରା, ରାଜ୍ୟ କୁମ୍ଭାର ଯୁବ ମଞ୍ଚ ସମ୍ପାଦକ ତଥା ବୌଦ୍ଧ ଜିଲ୍ଲାର ପ୍ରଶାନ୍ତ କୁମାର ରଣା, ଜଗତସିଂହପୁର ଜିଲ୍ଲା ସଭାପତି ରାମଚନ୍ଦ୍ର ମୁଦୁଲି, ଯାଜପୁର ସଭାପତି ରବୀନ୍ଦ୍ର କୁମାର ବେହେରା, କଟକ ଜିଲ୍ଲା ସଭାପତି ରବୀନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ ଆଇନଜୀବୀ ବିଚିତ୍ରାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ କରିବା ସହ ପାରମ୍ପରିକ ଉତ୍ସବ ପାଳନ ଆମକୁ ଅତୀତ ସହିତ ବର୍ତ୍ତମାନ ଓ ଭବିଷ୍ୟତକୁ ସମୀକ୍ଷା କରି ସୁସ୍ଥ ସମାଜ ଗଢିବା ଦିଗରେ ସହାୟକ ହୋଇଥାଏ ବୋଲି କହିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଉପସଭାପତି ବିଷ୍ଣୁଚରଣ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ସହସମ୍ପାଦକ ମନମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧକ୍ଷ ଶ୍ୟାମସୁନ୍ଦର ବେହେରା, କେନ୍ଦୁଝରର ବିଷ୍ଣୁଚରଣ ରଣା, ବସନ୍ତ ବେହେରା, ରାଜକନିକା ବ୍ଲକର ଦାମୋଦର ବେହେରା, ଆଳିର ସୁଶାନ୍ତ ବେହେରା, ପଟ୍ଟାମୁଣ୍ଡାଇର ରମେଶ ବେହେରା, ରାଜନଗରର ମନମୋହନ ବେହେରା, କେନ୍ଦ୍ରାପଡ଼ାର ଶ୍ରୀଧର ବେହେରା, ମହାକାଳପଡ଼ାର ତଥାଗତ ବେହେରା, ଡେରାବିଶର ଶରତ ବେହେରା, ମାର୍ଶାଘାଇର ଦିବାକର ବେହେରା, ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍‌ର ସୁରେନ୍ଦ୍ର ରଣା, ପ୍ରଫୁଲ୍ଲ ବେହେରା, ବାଲିକୁଦା ବ୍ଲକ୍‌ର ବୈଷ୍ଣବ ବେହେରା, ବିରିଡି ବ୍ଲକ୍‌ର ଧନେଶ୍ୱର ବେହେରା, ତିର୍ତ୍ତୋଲ ବ୍ଲକ୍‌ର ନିରଞ୍ଜନ ବେହେରା, ଏରସମା ବ୍ଲକ୍‌ର ରବୀନ୍ଦ୍ର ବେହେରା, ରଘୁନାଥପୁର ବ୍ଲକ୍‌ର ଅଭିମନ୍ୟୁ ବେହେରା, ଜଗତସିଂହପୁର ବ୍ଲକ୍‌ର ସୁକାନ୍ତ ବେହେରା, ଯାଜପୁର ଦଶରଥପୁରର ସଞ୍ଜୟ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମାଟିପାତ୍ରର ସୁକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଟେରାକୋଟା ପାଇଁ ଓଉପଦାର ଦୁଇଟି ପ୍ରତ୍ୟୁସର ଗୋଷ୍ଠୀର ମହିଳା ହସ୍ତଶିଳ୍ପୀଙ୍କ ଓ ହସ୍ତଶିଳ୍ପୀ ପ୍ରଶିକ୍ଷକ ନିରଞ୍ଜନ ବେହେରା, ଉଲ୍ଲାସ ମୁଦୁଲି, ସୁବାସ ମୁଦୁଲି, ସାମାଜିକ କର୍ମୀ ଗୌତମ ବେହେରାଙ୍କ ସମେତ ୧୨ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚନ୍ଦନ ବେହେରା, ନିରଞ୍ଜନ ରଣା, କସ୍ତୁରୀ ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖକାର୍ଯ୍ୟକ୍ରମପରିଚାଳନାରେସହଯୋଗକରିଥିଲେ।

### ● ନୂଆଗାଁ ଗ୍ରାମରେ ମହୁମାଛି ଆତଙ୍କ

# ବିଲକୁ ଯାଇପାରୁନାହାନ୍ତି ଚାଷୀ

ଡେରାବିଶ, ୮।୧୨(ସମିସ): ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ନୂଆଁଗାଁ ଗ୍ରାମରେ ଗତକାଲିଠାରୁ ବାଘୁଆ ମହୁମାଛିଙ୍କ ଆତଙ୍କ ଜାରି ରହିଛି। ଗତକାଲି ଅପରାହ୍ନରେ ମହୁମାଛି ଗ୍ରାମର ୭ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆକ୍ରମଣ କରି ଆହାତ କରିଥିଲେ। ଆଜି ସକାଳୁ ମଧ୍ୟ ସେମାନେ ଦଳଦଳ ହୋଇ ନିକଟସ୍ଥ ଧାନବିଲ ନିକଟରେ ଉଡୁଛନ୍ତି। ସେହି ବାଟ ଦେଇ ଯାଉଥିବା ଲୋକଙ୍କୁ ସେମାନେ ଗୋଡ଼େଇ ଆକ୍ରମଣ କରୁଛନ୍ତି। ଫଳରେ ଗ୍ରାମର ଲୋକ ଓ ଧାନ କଟାଳି ବିଲକୁ ଧାନ କାଟିବାକୁ ଯାଇ ମହୁମାଛିଙ୍କ ଆକ୍ରମଣର ଶିକାର ହୋଇ ଭୟରେ ସେଠାରୁ ଛାଡ଼ି ପଳାଇଆସିଛନ୍ତି। ଅପରପକ୍ଷରେ ଏହି ମହୁମାଛି ବିଲ ନିକଟସ୍ଥ ଦୁଇଟି ଗଛରେ ବଡ଼ ବଡ଼ ଦୁଇଟି ବସା କରିଥିବାବେଳେ ଏକ ଚିଲ ମହୁଫେଣାକୁ ଆକ୍ରମଣ କରୁଥିବାରୁ ଏପରି ଘଟୁଥିବା ଗ୍ରାମବାସୀ କହିଛନ୍ତି। ତେବେ ମହୁମାଛିଙ୍କ କବଳରୁ ସୁରକ୍ଷା ପାଇଁ ଗ୍ରାମବାସୀ ଡେରାବିଶ ଅଗ୍ନିଶମ ବିଭାଗ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ ଏ ସମ୍ପର୍କରେ କିଛି କରିପାରିବେ ନାହିଁ ବୋଲି କହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଗ୍ରାମବାସୀ ମହୁମାଛିଙ୍କୁ ଘଉଡ଼ାଇବା ପାଇଁ ବ୍ଲକ୍ ଅନ୍ତର୍ଗତ ରାଜନଗର ବନବିଭାଗ ସହିତ ଯୋଗାଯୋଗ କରିଥିବା ଜଣାଯାଇଛି।

### ■ ହରିଅଙ୍କରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ବରହମପୁରକୁ ହରାଇ କଟକ ସେମିଫାଇନାଲ୍‌କୁ ଉନ୍ନୀତ



ଡେରାବିଶ, ୮।୧୨(ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଆଜି ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍‌ର୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆଜିର ଉଦ୍‌ଘାଟନୀ ତଥା ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ କଟକ ଟିମ୍ ୧-୦ ଗୋଲରେ ବରହମପୁର ଟିମ୍‌କୁ ହରାଇ ସେମିଫାଇନାଲକୁ ଉନ୍ନତି ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥି ଭାବେ ଜିଲ୍ଲା ବିଜେପି ସମ୍ପାଦିକା ମନୀଷା ପଣ୍ଡା ଓ ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସଭାରେ ଆସୋସିଏସନ୍‌ର ସଭାପତି ନୃସିଂହ ଚରଣ ନାୟକ ସଭାପତିତ୍ୱ କରିଥିବାବେଳେ ବିଶ୍ୱରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ଅନନ୍ତ କିଶୋର ପରିଡ଼ା, ଶ୍ରୀଧର ସ୍ୱାଇଁ, ଗୋଲକ ସ୍ୱାଇଁ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ଖୁବ୍ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟାର୍ଦ୍ଧର ଶେଷ ପର୍ଯ୍ୟାୟରେ କଟକ ଟିମ ବରହମପୁର ଟିମ୍‌କୁ ଗୋଟିଏ ଗୋଲ ଦେଇ ୧-୦ ଗୋଲରେ ବିଜୟ ହାସଲ କରିଥିଲା। ଖେଳକୁ ରିଆଜ କାଦିର, ସୁଶାନ୍ତ ବିଶ୍ୱାଳ, ଅକ୍ଷୟ ହେମ୍ବ୍ରମ ଓ ସୁଶାନ୍ତ ସାହୁ ପରିଚାଳନା କରିଥିବାବେଳେ ରାମଚନ୍ଦ୍ର ସେଠୀ, ଦିଲ୍ଲୀପ କୁମାର ଦାସ, ଅଭୟ ମଲିକ, ଅଲେଖ ବେଜ, କୈଳାସ ଲେଙ୍କା, ଅଞ୍ଜନ ମହାନ୍ତି ଓ ଆସୋସିଏସନ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କାଳନ୍ଦୀ ମଲିକ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଆଳି ବିକାଶ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର



ମହୁ,୮।୧୨(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ମହୁ ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଆଳି ବିକାଶ ମଞ୍ଚ ଭୁବନେଶ୍ୱର-କଟକ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବରିଷ୍ଠ ଡାକ୍ତର ରମେଶ ଚନ୍ଦ୍ର ଦାଶ ଓ ଧରଣୀଧର ପାଣ୍ଡବଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରରେ କଟକସ୍ଥ ସୃଷ୍ଟି ହସ୍‌ପିଟାଲ ଓ ଭୁବନେଶ୍ୱରର ଅଭିଜ୍ଞ ମେଡ଼ିସିନ, ଶିଶୁ ବିଭାଗ, ଆଣ୍ଠୁ ବିଭାଗ, ଆଖି ଓ ଛାତି, ଶ୍ୱାସ ରୋଗ ବିଭାଗ ଡାକ୍ତର ରୋଗୀଙ୍କ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ଆଳି ବିକାଶ ମଞ୍ଚ ସଭାପତି ପ୍ରଫୁଲ କୁମାର ଦାସ, ତ୍ରିଲୋଚନ ଧଳ, ଦିଲ୍ଲୀପ ପରିଡା, ଉଦୟନାଥ ଦାଶ, ସଡ଼କ ବନ୍ଧୁ ସୁଶାନ୍ତ କୁମାର ତରାଇ ଉପସ୍ଥିତ ଥିଲେ। ସରପଞ୍ଚ ମହେଶ୍ୱର ତ୍ରିପାଠୀ, ସମାଜସେବୀ ଭରତ ଚନ୍ଦ୍ର ଦାସ, ନଗେନ ତ୍ରିପାଠୀ, ବିରଞ୍ଚି ନାରାୟଣ ରାଉତ, ସରୋଜିନୀ ରାଉତ ମହାନ୍ତି ଓ ଗ୍ରାମର ଯୁବକ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅଗ୍ନିବିପନ୍ନ ପରିବାରକୁ ସହାୟତା



ଡେରାବିଶ, ୮।୧୨(ସମିସ): ଡେରାବିଶ ବ୍ଲକ୍ ଦୁମୁକାହାଟସ୍ଥ ସ୍ମାଇଲ ପ୍ଲିଜ ଫାଉଣ୍ଡେସନ ପକ୍ଷରୁ ଆଜି ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡ଼ସାରଦେଇପୁର ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେସନ୍‌ର ସଦସ୍ୟ ସତ୍ୟଜିତ ଲେଙ୍କା, ଅନୁପ ରାଉତ, ପଙ୍କଜ କୁମାର ରାଉତ, ବିଷ୍ଣୁଦେବ ବେହେରା, ସୌମ୍ୟରଞ୍ଜନ ପୃଷ୍ଟି ପ୍ରମୁଖ ବଡ଼ସାରଦେଇପୁର ଗ୍ରାମର ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସାନ୍ତ୍ୱନା ଦେବା ସହିତ ଏକ ମାସର ରାଶନ ଓ ପିନ୍ଧାବସ୍ତ୍ର ପ୍ରଦାନ କରିଛନ୍ତି। ଏହି ଗ୍ରାମରେ ଗତ ୪ ତାରିଖ ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର କୁଳମଣି ମଲିକ, ନରେନ୍ଦ୍ର କୁମାର ମଲିକ ଓ ଅନିରୁଦ୍ଧ ମଲିକଙ୍କ ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା।

# ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ



ରାଜନଗର, ୮।୧୨(ସମିସ): ୧୦୦ଦିନ ବ୍ୟାପି ରାଜନଗର ବ୍ଲକ୍‌ରେ ଯକ୍ଷ୍ମା ନିରାକରଣ କାର୍ଯ୍ୟ ଚାଲିବ। ଏଥିପାଇଁ ଗତକାଲି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କାର୍ଯ୍ୟକ୍ରମଟି କିପରି ଭାବେ ଲୋକଙ୍କ ପାଖରେ ପହଞ୍ଚିବ ଓ ଯକ୍ଷ୍ମା ପୀଡିତ ରୋଗୀଙ୍କୁ କିପରି ସେବା ଯୋଗାଇ ଦିଆଯିବ, ସେ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଡା. ପୁଷ୍ପାଞ୍ଜଳି ମହାପାତ୍ର, ପିଏଚଓ ତରୁଲତା ନାୟକ, ବିପିଏମ ଶ୍ରୀକାନ୍ତ ଦାସ, ସୁପରଭାଇଜର ହିମାଂଶୁ ଦାସ ପ୍ରମୁଖ ଯୋଗଦେଇ ରାଜନଗର ବ୍ଲକ୍‌ରେ ୭୫ ଜଣ ଯକ୍ଷ୍ମା ରୋଗୀ ଥିବା ସୂଚନା ଦେଇଥିଲେ। ତେଣୁ ରାଜନଗର ବ୍ଲକକୁ ୧୦୦ ଦିନ ଭିତରେ କିପରି ଯକ୍ଷ୍ମାମୁକ୍ତ ବ୍ଲକ କରାଯିବ, ସେ ନେଇ କହିଥିଲେ। ଏହି ବ୍ଲକରେ ଆଶାକର୍ମୀ, ହେଲ୍‌ଥ ୱାର୍କର ଓ ଏଏନଏମ ଯୋଗଦେଇଥିଲେ।

# ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼



ରାଜନଗର, ୮।୧୨(ସମିସ): ଏବେ ପର୍ଯ୍ୟଟନ ଋତୁ। ଆଜି ଛୁଟିଦିନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରକୃତିକୁ ଉପଭୋଗ କରିବା ପାଇଁ ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆଜି ଗୋଟିଏ ଦିନରେ ୧୦୬୬ ଜଣ ପର୍ଯ୍ୟଟକ ଭିତରକନିକା ବୁଲିବାକୁ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୯୧୬ ଜଣ ପର୍ଯ୍ୟଟକ ୮୬ଟି ବୋଟରେ ଭିତରକନିକା ନଦୀରେ ବୁଲିବା ସହିତ ପ୍ରକୃତିକୁ ମନଭରି ଉପଭୋଗ କରିଥିଲେ। ଜଳପଥରେ ଆସିଥିବା ପର୍ଯ୍ୟଟକ ଭିତରକନିକାର ପ୍ରାକୃତିକ ପରିବେଶରେ ନଈପଠାରେ ଖରା ପୋଉଁଥିବା ବିରାଟ ବିରାଟ କୁମ୍ଭୀରଙ୍କୁ ଦେଖିବା ସହ ଜଳ ଭିତରେ କୁମ୍ଭୀରଙ୍କ ଜଳକ୍ରୀଡ଼ା ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପହଞ୍ଚି ଆବଦ୍ଧ ପୋଖରୀରେ ଥିବା ଗୋରୀ ଓ ମଲ୍ଲୀକୁ ଦେଖିଥିଲେ। କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲିବା ସହ ପ୍ରଜନନ କେନ୍ଦ୍ରରେ ଥିବା ଧଳା କୁମ୍ଭୀର ଶ୍ୱେତା, ଡାଙ୍ଗମାଳଠାରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ, ସହିଦ ସ୍ତମ୍ଭ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୫୫ଟି ବୋଟରେ ୬୩୮ ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବାବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୬ଟି ବୋଟରେ ୯୧ ଜଣ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୯ଟି ବୋଟରେ ୮୯ ଜଣ, ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ୨୪୦ ଜଣ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ଆସିଥିବା ୨୪୦ ଜଣଙ୍କ ମଧ୍ୟରୁ ୧୪ଟି ବୋଟରେ ୯୦ ଜଣ ପର୍ଯ୍ୟଟକ ଡାଙ୍ଗମାଳରୁ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ପର୍ଯ୍ୟଟକମାନେ ଭିତରକନିକାରେ ଜାତୀୟ ଉଦ୍ୟାନରେ ଥିବା ମ୍ୟୁଜିୟମ, କୃତ୍ରିମ ପ୍ରଜନନ କେନ୍ଦ୍ର, ବୋଟ ଲାଇବ୍ରେରୀ, ମ୍ୟାନଗ୍ରୁଭ ମେଟା ନର୍ସରୀ, ନୂତନ ଭାବେ ନିର୍ମାଣ ହୋଇଥିବା ସ୍କାଏ ୱାକ ବ୍ରିଜରେ ବୁଲିବା ସହିତ ମଜା ଉଠାଇଛନ୍ତି।

# କଣିପଡ଼ା ଗ୍ରାମରେ ଗ୍ରିଲ୍‌କାଟି ଚୋରି

ଡେରାବିଶ, ୮।୧୨(ସମିସ): ଡେରାବିଶ ଥାନା ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ା ଗ୍ରାମର ଉମେଶ ଚନ୍ଦ୍ର କର ଘରେ ନ ଥିବା ସମୟରେ ତାଙ୍କ ଘର ଗ୍ରିଲ କାଟି ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଉମେଶ ଚନ୍ଦ୍ର କର ତାଙ୍କ ନାତୁଣୀର ଏକୋଇଶିଆ ଉତ୍ସବରେ ଯୋଗ ଦେବାକୁ ଭୁବନେଶ୍ୱର ଯାଇଥିଲେ। ୫ ତାରିଖ ଦିନ ଆସି ଦେଖିଲେ ଯେ ତାଙ୍କ ଘରର ଗ୍ରିଲ କାଟି ଘର ଭିତରେ ଗଡ଼ରେଜ ଆଲମିରା କାଟି ତହିଁରେ ଥିବା ସୁନା ଓ ରୁପା ଅଳଙ୍କାର ଓ ନଗଦ ଆଠ ହଜାର ଟଙ୍କା ଚୋରି ହୋଇଛି। ଏ ସମ୍ପର୍କରେ ଉମେଶ ଚନ୍ଦ୍ର କର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସେଣ୍ଟ ଯୋସେଫ୍ ସ୍କୁଲର ବାର୍ଷିକ ବାଣିଜ୍ୟ ମେଳା




କେନ୍ଦ୍ରାପଡ଼ା,୮।୧୨(ସମିସ): କେନ୍ଦ୍ରାପଡ଼ା ସେଣ୍ଟ ଯୋସେଫ ସ୍କୁଲ ପରିସରରେ ବାର୍ଷିକ ବାଣିଜ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଫାଦର ନବକିଶୋର ଦିଗଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ସଫଳ ଭବିଷ୍ୟତ ନିର୍ମାଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପିଲାମାନଙ୍କ ବାଣିଜ୍ୟ ପ୍ରତି ଆଗ୍ରହକୁ ଉତ୍ସାହିତ କରିଥିଲେ। ଏହି ମେଳାରେ ୫୪ଟି ଷ୍ଟଲ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ଦିନ ୧୦ଟାଠାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଘଟିକାରେ ସମାପ୍ତ ହୋଇଥିଲା। ବିଭିନ୍ନ ପ୍ରକାରର ସୁସ୍ୱାଦୁ ଓ ଉତ୍ତମ ଧରଣର ଖାଦ୍ୟ ଷ୍ଟଲ୍‌ରେ ପ୍ରସ୍ତୁତ ହୋଇ ଉଚିତ୍ ମୂଲ୍ୟରେ ପିଲାମାନଙ୍କ ଦ୍ୱାରା ବିକ୍ରୟ କରାଯାଇଥିଲା। ମେଳାରେ ନୃତ୍ୟ ଏବଂ ସଙ୍ଗୀତ ପ୍ରତିଯୋଗିତା ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ଥିଲା। ବହୁ ଅଭିଭାବକ ଯୋଗଦାନ କରି ପିଲାଙ୍କୁ ଉତ୍ସାହିତ କରିବା ସହିତ ବିଦ୍ୟାଳୟ ପରିବାର ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ଥିଲା। ମେଳା ପରିଚାଳନାରେ ଫାଦର ରମେଶ ଚନ୍ଦ୍ର ବଳିଆରସିଂ, ସିଷ୍ଟର ନାନ୍‌ସୀ, ସିଷ୍ଟର ସଙ୍ଗୀତା, ସିଷ୍ଟର ବନ୍ଦନା ସହଯୋଗ କରିଥିଲେ।

# ଆଦର୍ଶ ଥାନାରେ ସାମିଲ ହେବ ନରସିଂହପୁର ଓ ଡିହାପଡ଼ା

ପଟ୍ଟାମୁଣ୍ଡାଇ,୮।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ର ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତକୁ ସୁଦୂର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ସାମିଲ କରାଯାଇଛି। ଫଳରେ ଏହି ପଞ୍ଚାୟତର ଲୋକେ ନ୍ୟାୟ ପାଇବା ପାଇଁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଯାଇ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏ ସମ୍ପର୍କରେ ଉଭୟ ପଞ୍ଚାୟତର ଲୋକେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରି ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ବିଧାୟକ ଗଣେଶ୍ୱର ବେହେରା ପରିସ୍ଥିତିର ଗମ୍ଭୀରତା ଉପଲବ୍ଧି କରି ଚଳିତ ବିଧାନସଭା ଅଧିବେଶନରେ ଏ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ନରସିଂହପୁର ଓ ଡିହାପଡା ପଞ୍ଚାୟତ କେବେ ଗ୍ରାମାଞ୍ଚଳ ଥାନାରୁ ଯାଇ ପୂର୍ବପରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ ହେବ ବୋଲି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ମୋହନ ମାଝୀ ଖୁବଶୀଘ୍ର ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ ହେବ ବୋଲି ପ୍ରକାଶ କରିଛନ୍ତି।

### କୋରୋ-କୁତରଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତା

# ନିମ୍ନମାନର କାମ ଯୋଗୁଁ ପାଲଟିଛି ମରଣଯନ୍ତା




କେନ୍ଦ୍ରାପଡ଼ା,୮।୧୨(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ କୋରୋ-କୁତରଙ୍ଗ ରାସ୍ତା ମାତ୍ର ୭ ମାସରେ ମରଣଯନ୍ତା ପାଲଟିଛି। ଅତି ନିମ୍ନମାନର ରାସ୍ତା କରି ଠିକାଦାର ମାଲେମାଲ ହୋଇଛି। ଏମିତିକି ଏହି କାମ ବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ ମଧ୍ୟ ତଦାରଖ କରିବାକୁ ବିଭାଗର କେହି ଯନ୍ତ୍ରୀ ଥରେ ବି ଯାଇ ନ ଥିଲେ ବୋଲି ଅଭିଯୋଗ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି।

ଅଭିଯୋଗ ମୁତାବକ, କେନ୍ଦ୍ରାପଡ଼ା ବ୍ଲକ ଅଧୀନ କୋରୋ ପଞ୍ଚାୟତ ଅଧୀନ ଗଇଦୁଆ, ପିଙ୍ଗଳ, ତନାର, ପାଳକଣା, କୋରୋ, ମିର୍ଜାପୁର ଗ୍ରାମର ଅଧିବାସୀମାନେ କୋରୋ-କୁତରଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ୪/୫ଟି ପଞ୍ଚାୟତର ମୁଖ୍ୟ ରାସ୍ତା ହୋଇଥିବାରୁ ସେହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯାନବାହନ ଯାତାୟାତ କରିଥାଏ। ଏହି ରାସ୍ତା ନିର୍ମାଣରେ ବାରମ୍ବାର ନିମ୍ନମାନର କାର୍ଯ୍ୟ କରାଯିବା ଦ୍ୱାରା କାମ ଶେଷ ହେବାର ୭/୮ ମାସ ମଧ୍ୟରେ ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ପରିଣତ ହୋଇଛି। ଫଳରେ ସେହି ରାସ୍ତାରେ ଜନସାଧାରଣଙ୍କ ଗମନାଗମନରେ ବାଧା ସୃଷ୍ଟି ହେବା ସହ ଦୈନିକ ଦୁର୍ଘଟଣା ଘଟୁଛି। ଯଦି ଏବେ ମେଣ୍ଟାଲ ସର୍ଫେସିଂ ମାଧ୍ୟମରେ ସେହି ରାସ୍ତାରେ ଥିବା ଖାଲଖମାର ସମାନ ଲେବୁଲ କରା ନ ଯାଏ ପେଭର ମେସିନ୍ ପିଚୁ କରିବା ସମୟରେ ରାସ୍ତାର ପ୍ରତ୍ୟେକ ସ୍ଥାନରେ ସମାନ ପିଚୁ ରହିବ ନାହିଁ। ଫଳରେ ଖୁବ୍‌ଶୀଘ୍ର ସେହି ରାସ୍ତାଟି ପୁନର୍ବାର ନଷ୍ଟ ହୋଇଯିବ। ସୁତରାଂ ସେହି ରାସ୍ତାଟି ବାରମ୍ବାର ନିର୍ମାଣ ବା ମରାମତି ହେଉଥିଲେ ମଧ୍ୟ ଜନସାଧାରଣଙ୍କୁ କୌଣସି ସୁଫଳ ମିଳୁନାହିଁ। ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ କୋରୋ ପଞ୍ଚାୟତ ସମିତି ସଭ୍ୟ ଜିତେନ୍ଦ୍ର ରାଉତ, ଜଗବନ୍ଧୁ ବେହେରା, ଲକ୍ଷ୍ମୀକାନ୍ତ ନାୟକ, ପ୍ରକାଶ ମଲ୍ଲିକ, ମନୋଜ ବେହେରା, ବିକାଶ ଚନ୍ଦ୍ର ସାମଲ, ମଳୟ ସାହୁ, ଦିଲ୍ଲୀପ କୁମାର ରାଉତ, ଅର୍ଜୁନୀ ଜେନା, ଟୁକୁନା ଜେନା, ଭକ୍ତି ପ୍ରସାଦ ପରିଡା, ଦେବବ୍ରତ ବରାଳ, ନିହାର ରଞ୍ଜନ ମହାନ୍ତି, ଲକ୍ଷ୍ମୀଧର ବିଶ୍ୱାଳ, ଭରତ ମଲ୍ଲିକ, ସୁବାସ ସ୍ୱାଇଁ ପ୍ରମୁଖ ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଭେଟି ଅଭିଯୋଗ କରିଛନ୍ତି।

## ଅଗ୍ନିକାଣ୍ଡରେ ପୋଡ଼ିଗଲା୨ ବଖରା

ଗଁଦିଆ, ୮।୧୨(ସମିସ): ଗଁଦିଆ ବ୍ଲକ ଅନ୍ତର୍ଗତ ମଠତେନ୍ତୁଳିଆ ଗ୍ରାମ ପଞ୍ଚାୟତର ମୁଣ୍ଡମାରି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗ୍ରାମର ବାଙ୍କନିଧି ଖଟୁଆଙ୍କର ୨ବଖରା ଚାଳଘର ଜଳିପୋଡି ଭସ୍ମୀଭୂତ ହୋଇଛି। ରବିବାର ସକାଳ ୯ଟା ସମୟରେ ବାଙ୍କନିଧିଙ୍କ ଚାଳଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବର ପାଇ ଗଁଦିଆ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇ ଥିଲେ। ଉକ୍ତ ଅଗ୍ନିକାଣ୍ଡରେ ୨ବଖର ଘର ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଘରେ ଥିବା ଧାନ ଚାଉଳ ଓ ଅନ୍ୟାନ ଆସବାବପାତ୍ର ସମ୍ପୂର୍ଣ୍ଣ ଜଳିପୋଡି ନଷ୍ଟ ହୋଇଯାଇଛି। ବାଙ୍କନିଧି ଜଣେ ଦିନ ମଜୁରିଆ ଭାବରେ ନିଜର ପରିବାର ପ୍ରତିପୋଷଣ କରନ୍ତି। ବିଲକୁ ଧାନ କାଟି ଯାଇଥିବା ସମୟରେ ନିଆଁ ଲାଗିଥିଲା। ବାଙ୍କନିଧିଙ୍କ ପରିବାରରେ ୬ଜଣ ସଦସ୍ୟ ରହିଛନ୍ତି। ଖବରପାଇ ସ୍ଥାନୀୟ ସରପଞ୍ଚ ମାନ ଭଞ୍ଜନ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ପଞ୍ଚାୟତ ତରଫରୁ ସାହାୟତା ପ୍ରଦାନ କରିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

କାମାକ୍ଷାନଗର, ୮।୧୨(ସମିସ): ଢେଙ୍କାନାଳ ଜିଲ୍ଲାର ମହାବିରୋଡ଼ ଥାନା ଅନ୍ତର୍ଗତ ଗୋଳାଗାଡ଼ିଆ ଗ୍ରାମରେ ପୋଖରୀରେ ବୁଡ଼ି କରୁଣାକର ବିଶ୍ୱାଳ(୫୭)ଙ୍କର ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରୁ ଶୌଚ ହେବାକୁ ଯାଇ ସେ ଘରକୁ ଫେରି ନଥିଲେ। ପରିବାର ସଦସ୍ୟ ତାଙ୍କୁ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖୋଜଖବର ମିଳିନଥିଲା। ରବିବାର ତାଙ୍କ ମୃତ ଶରୀର ଗ୍ରାମ ନିକଟସ୍ଥିତ ପୋଖରୀ ମଧ୍ୟରେ ଭାସୁଥିବାର ଦେଖି ସ୍ଥାନୀୟ ଲୋକମାନେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଉଦ୍ଧାର କରିଥିଲେ।

## ସ୍ୱଷ୍ଟ ଦିବାଲୋକରେ ଆକ୍ରମଣ କରି ଲୁଟ୍

ହିନ୍ଦୋଳ, ୮।୧୨(ସମିସ): ହିନ୍ଦୋଳ ଉପଖଣ୍ଡର ବାଲିମି ଥାନା ଅନ୍ତର୍ଗତ ଝାରବେଡ଼ା ରାସ୍ତାରେ ଜନୈକ ବ୍ୟବସାୟୀଙ୍କୁ କେତେକ ଦୁର୍ବୃତ୍ତ ଆକ୍ରମଣ କରି ନଗଦ ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି। ବାଲିମି ଥାନା ଅନ୍ତର୍ଗତ ଝାରବେଡା ଗ୍ରାମର ଲଳିତ ସେନାପତି ଅନୁଗୁଳରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଝରାବେଡା ରାସ୍ତାରେ ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ଲଳିତକୁ ଅତର୍କିତ ଆକ୍ରମଣ କରିଥିଲେ। ଲଳିତ ପାଖରେ ଥିବା ୧୫ ହଜାର ଟଙ୍କା ସେମାନେ ନେଇଯାଇଥିବା ବେଳେ ଥାନାରେ ଅଭିଯୋଗ କଲେ ପରିସ୍ଥିତି ଭାୟାବହ ହେବ ବୋଲି ଧମକ ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଏ ସମ୍ପର୍କରେ ଲଳିତ ବାଲିମି ଥାନାରେ ଅଭିଯୋଗ ହୋଇଛି। ବାଲିମି ଥାନା ଅଧିକାରୀ ଅମିତ ବିଶ୍ୱାଳଙ୍କୁ ଯୋଗାଯୋଗ କରାଯିବାରେ ରାହାଜାନି ଘଟଣା ନେଇ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ।

## ହାଇୱା ଧକ୍କାରେ ଗାଈର ମୃତ୍ୟୁକୁ ନେଇ ଉତ୍ତେଜନା

ଗଁଦିଆ, ୮।୧୨(ସମିସ): ନିହଲପ୍ରସାଦ ଥାନା ଅନ୍ତର୍ଗତ ନିତ୍ୟାନନ୍ଦପୁର ଛକ ଠାରେ ଏକ ହାଇୱା ନଂ ଓଡି୦୪ଏମ୍‌୬୦୨୫ ଦ୍ରୁତ ଗତିରେ ଚଢେଇଧରା ଆଡକୁ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଚରୁଥିବା ୨ଟି ଗାଈକୁ ଧକ୍କା ଦେବାରୁ ଗୋଟିଏ ଗାଈର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଗାଈ ଗୁରୁତର ହୋଇଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ନିହଲପ୍ରସାଦ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀମାନଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଛି। ନିହଲପ୍ରସାଦ ଅଞ୍ଚଳରେ ଥିବା କ୍ରସର କମ୍ପାନୀ ଗୁଡିକରେ କାର୍ଯ୍ୟରତ ଡ୍ରାଇଭରମାନେ ବେପରୁଆ ଭାବେ ଗାଡି ଚଳାଉଥିବାରୁ ଉକ୍ତ ଅଞ୍ଚଳଟି ମୃତ୍ୟୁଯନ୍ତା ପାଲଟିଛି ବୋଲି ଅଞ୍ଚଳବାସିନ୍ଦା ପ୍ରକାଶ କରିଛନ୍ତି।

## ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ବୈଠକ



ଢେଙ୍କାନାଳ, ୮।୧୨(ସମିସ): ସଦର ବ୍ଲକ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ବୈଠକ ସ୍ଥାନୀୟ ବଳରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି। ବୈଠକଟି ସମରନିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏହି ବୈଠକରେ ସଂଘ ଗଠନ କରିବା ସହିତ ସଂଘ ପରିଚାଳନା ପାଇଁ ବିଭିନ୍ନ ନେତୃତ୍ୱଙ୍କୁ ଚୟନ କରାଯାଇଥିଲା। ସଭାପତି ସମରନିତା ବେହେରା, ଉପ ସଭାପତି ମହେଶ୍ୱର ନାୟକ, ସମ୍ପାଦକ ପ୍ରଭୁଦତ୍ତ ନାୟକ, କୋଷାଧ୍ୟକ୍ଷ ଶୁଖିଲାଲ୍ ହାନ୍‌ସଦା, ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ପାତ୍ରଙ୍କୁ ଚୟନ କରାଯାଇଥିଲା। ବୈଠକର ପ୍ରମୁଖ ଉଦ୍ଦେଶ୍ୟ, ସଂଘର ଦୃଢୀକରଣ ଓ ସୁଚାରୁ ରୂପେ ପରିଚାଳନା କରାଯାଇଥିଲା। ଶେଷରେ ସଭାପତି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଭିତ୍ତିଭୂମି ଥାଇ ବି ପାଇପାରୁନି ପୂର୍ଣ୍ଣ ମାନ୍ୟତା

## ୪୫ ବର୍ଷରେ କପିଳାସ ଚିଡିଆଖାନା

ଢେଙ୍କାନାଳ, ୮।୧୨(ସମିସ)







- **କଳରାପତରିଆ ବାଘ, କୃଷ୍ଣସାରମୃଗ, ଝିଙ୍କ, କଳାହଂସ ଆସିବାର ଯୋଜନା**
- **ମାଷ୍ଟର ପ୍ଲାନ୍ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ**

ରାଜ୍ୟର ଅନନ୍ୟ ପର୍ଯ୍ୟଟନ ସ୍ଥଳୀ ଭାବରେ କପିଳାସ ମିନି ଚିଡିଆଖାନା ରାଜ୍ୟର ଦ୍ୱିତୀୟ ଚିଡିଆଖାନା ବା କପିଳାସ ମୃଗ ବିହାର ଭାବରେ ବେଶ ପରିଚିତ। କପିଳାସ ଚିଡିଆଖାନା ୪୫ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଏହା ପୂର୍ଣ୍ଣ ଚିଡିଆଖାନାର ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ସେହିପରି ଏହି ଚିଡିଆଖାନାରେ ସମ୍ବର ପ୍ରଜନନ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଏହା କେବଳ କାଗଜପତ୍ରରେ ରହିଥିବାର ଜଣାପଡ଼ିଛି।

କପିଳାସ ଚିଡିଆଖାନା ପ୍ରଥମେ ଏକ ହରିଣ ଉଦ୍ୟାନରୂପେ ୧୯୭୯ ମସିହା ଜାନୁୟାରୀ ୨୬ ତାରିଖଦିନ ମାତ୍ର ୫ହେକ୍ଟର ପରିମିତ ଦେବୋତ୍ତର ଜମିଉପରେ ଆରମ୍ଭ ହୋଇଥିଲା। ପ୍ରସିଦ୍ଧ କପିଳାସର ଶ୍ରୀ ଚନ୍ଦ୍ରଶେଖରଜୀଉ ମନ୍ଦିରକୁ ଯେଉଁ ପର୍ଯ୍ୟଟକମାନେ ଦର୍ଶନ ଉଦ୍ଦେଶ୍ୟରେ ଆସିବେ ସେମାନେ ହରିଣ ଉଦ୍ୟାନ ଦେଖି ଅଧିକ ଆକର୍ଷିତ ହେବେ। ପରବର୍ତ୍ତି ସମୟରେ କପିଳାସ ପାହାଡର ପାଦଦେଶରେ ବିଜ୍ଞାନ ଉଦ୍ୟାନ ସ୍ଥାପିତ ହେବାସହ କପିଳାସର ହରିଣ ଉଦ୍ୟାନକୁ ଏକ ସମ୍ବର ପ୍ରଜନନ କେନ୍ଦ୍ରରୂପେ ଉନ୍ନୀତ କରାଯାଇଥିଲା। ମାତ୍ର ୫ହେକ୍ଟର ଜମି ଉପରେ ରହିଥିବା ହରିଣ ଉଦ୍ୟାନର କଳେବରକୁ ସଂରକ୍ଷିତ ଜଙ୍ଗଲର କିଛିଅଂଶ ସହିତ ସଂଯୋଗ କରାଯାଇ ୨୬ ହେକ୍ଟରକୁ ବୃଦ୍ଧି କରାଯାଇଛି। ଗତ ୧୯୯୫ ମସିହା ଏପ୍ରିଲ ପହିଲା ଦିନଠାରୁ ଏହି ସମ୍ବର ପ୍ରଜନନ କେନ୍ଦ୍ରକୁ ଉନ୍ନୀତ କରାଯାଇ ଏକ ପୂର୍ଣ୍ଣାଙ୍ଗ ଚିଡିଆଖାନା ରୂପେ ଭାରତୀୟ ଜୁ ଅଥରିଟି ମାନ୍ୟତା ପ୍ରଦାନ କରିଥଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ। ପର୍ଯ୍ୟଟକମାନଙ୍କ ବିଶ୍ରାମ ପାଇଁ ଚିଡିଆଖାନା ତରଫରୁ ଅତିଥିଶାଳା, ଶୁଦ୍ଧ ପାନୀୟ ଜଳ ଏବଂ ପରିଶ୍ରାଗାର ମଧ୍ୟ ନିର୍ମିତ ହୋଇପାରିନାହିଁ। କପିଳାସ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ମନ୍ଦିରକୁ ବାର୍ଷିକ ପ୍ରାୟ ୫ଲକ୍ଷରୁ ଅଧିକ ପର୍ଯ୍ୟଟକ ଆସୁଥିବା ବେଳେ କପିଳାସ ଚିଡିଆଖାନାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ୨୦ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ୨୫ ଲକ୍ଷରୁ ଅଧିକ ହୋଇଥିବାର ଜଣାପଡ଼ିଛି। ଏହି ପ୍ରାଣୀ ଉଦ୍ୟାନରେ ୧୦୮ଟି ହରିଣ, ୨ଟି କୁମ୍ଭୀର, ୨ଟି ଭାଲୁ, ୧ଟି ଅଜଗର, ୧ଟି ନାଗସାପ, ୧ଟି କୁଟୁରା, ୨ଟି ମୟୁର, ସମ୍ବର ୩ଟି, ହାତୀ ୩ଟି ସହିତ ଶୁଆ, ସାରୀ ଓ ଅନ୍ୟକେତେକ ପ୍ରାଣୀ ରହିଛନ୍ତି। ବାଘ, ଧଳାବାଘ, ଅଜଗର, ଅହିରାଜ ଆଦି ବିଭିନ୍ନ କିସମର ଭାଲୁଙ୍କୁ ଅସୁସ୍ଥତା ସମୟରେ ଚିକିତ୍ସା ପାଇଁ କପିଳାସ ଚିଡିଆଖାନାକୁ ସେଲ୍‌ଟର ହାଉସ୍ ରୂପେ ମନୋନୀତ କରାଯାଇଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଚିଡିଆଖାନାରେ ୩ଟି ହାତୀ ଶାବକ ସହିତ ୨ଟି ବଡ଼ ହାତୀ ରହିଛନ୍ତି। ସେମାନଙ୍କ ପାଇଁ ୫ଜଣ ମାହୁନ୍ତ ଥିବା ବେଳେ ଜଣେ ଫରେଷ୍ଟର, ଗାର୍ଡ ୫ ଜଣ ସ୍ଥାୟୀ ଏବଂ ୨୨ ଜଣ ଅସ୍ଥାୟୀ କର୍ମଚାରୀ ରହିଛନ୍ତି। ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ହେଇଥିବା ବେଳେ ଝିଙ୍କ, କଳା ହଂସ, କଲରାପତରିଆ ବାଘ, ସିଙ୍ଗାଳ, ବଡଗୋଧି, କୃଷ୍ଣମୃଗ ଅଣାଯିବାର ଯୋଜନା ମଧ୍ୟ ରହିଛି। ସେହିପରି ଏହି ଚିଡଆଖାନା ମଧ୍ୟରେ ଏକ ପୋଖରୀ ରହିଥିବା ବେଳେ ବୋଟିଂର ବ୍ୟବସ୍ଥା ରହିଥିଲା। ବିଭିନ୍ନ ସମସ୍ୟାକୁ ନେଇ ଦୀର୍ଘଦିନ ହେବ ଏହି ବୋଟିଂ ବ୍ୟବସ୍ଥା ବନ୍ଦ ରହିଥିବା ଯୋଗୁଁ ପର୍ଯ୍ୟଟକ ମାନେ ନିରାଶ ହେବା ସହ ଚିଡିଆଖାନାର ଆୟ ମଧ୍ୟ ହ୍ରାସ ପାଉଛି। କପିଳାସ, ଯୋରନ୍ଦା, ସିରିଡିସାଇ ମନ୍ଦିର, ଉନ୍ନକୋଟୀଶ୍ୱର ମନ୍ଦିର, ଧୌଡେଶ୍ୱର ମହାଦେବ ମନ୍ଦିର, ନାଗନାଥଶ୍ୱର ମନ୍ଦିର, ତପୋବନ ଏବଂ ସପ୍ତଶଯ୍ୟାକୁ ନେଇ ଏକ ସୁନ୍ଦର ପର୍ଯ୍ୟଟନ କ୍ଷେତ୍ର ପ୍ରସ୍ତୁତ କରାଗଲେ ଢେଙ୍କାନାଳବାସୀଙ୍କ ଆର୍ଥିକ ସ୍ଥିତି ସୁଦୃଢ ହେବା ସହ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। କପିଳାସ ଚିଡିଆଖାନାକୁ ଏକ ପୂର୍ଣ୍ଣାଙ୍ଗ ଚିଡିଆଖାନାରେ ପରିଣତ କରିବାପାଇଁ ଆବଶ୍ୟକୀୟ ପରିବେଶ ଓ ଭିତ୍ତିଭୂମି ରହିଥିଲେ ମଧ୍ୟ ଏଥିପାଇଁ ଯେତିକି ରାଜନୈତିକ ଚାପ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଉପରେ ନିର୍ବାଚିତ ଲୋକ ପ୍ରତିନିଧିମାନେ ପକାଇବା କଥା ତାହା ପକାଇବାରେ ସେମାନେ ବିଫଳ ହୋଇଛନ୍ତି। ଯେତିକି ବନ୍ୟପ୍ରାଣୀ ବର୍ତ୍ତମାନ କପିଳାସ ଚିଡିଆଖାନାରେ ଅଛନ୍ତି ସେମାନଙ୍କ ଖାଇବା ପାଇଁ ଯୋଗାଇ ଦିଆଯାଉଥିବା ବାର୍ଷିକ ଅର୍ଥ ପର୍ଯ୍ୟାପ୍ତ ହେଉନଥିବାବେଳେ ବିଭିନ୍ନ ସମୟରେ ଉଦ୍ଧାର ହୋଇ ଆସୁଥିବା ହାତୀଛୁଆ ଓ ଅଜଗର ସାପକୁ ଖୁଆଇବା ଦାୟିତ୍ୱ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଏହାର ଖର୍ଚ୍ଚ ବହନ କରିବା କଷ୍ଟସାଧ ହୋଇପଡୁଛି। ତେଣୁ ସ୍ଥାନୀୟ ବନଖଣ୍ଡ ଅଧିକାରୀ ସେମାନଙ୍କୁ ନନ୍ଦନକାନନ ପଠାଇ ଦେବାକୁ ବାଧ ହେଉଛନ୍ତି। କପିଳାସ ଚିଡିଆଖାନାକୁ ସୁନ୍ଦର କରିବା ପାଇଁ ପ୍ରାୟ ୨୬ ହେକ୍ଟର ଜମି ରହିଥିବା ବେଳେ ବିଭିନ୍ନ ପ୍ରକାର ଏନକ୍ଲୋଜର ନିର୍ମାଣ କରିବାକୁ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ନୂତନ ଗୃହ ନିର୍ମାଣ କରାଯିବ। ଦୀର୍ଘ ୪୫ ବର୍ଷତଳେ ଆରମ୍ଭ ହୋଇଥିବା ଏହି ଚିଡିଆଖାନାର ମୁଖ୍ୟ ଫାଟକ, ବୋର୍ଡ ଆଦି ଅତିପୁରୁଣା ହୋଇଯାଇଥିବା ବେଳେ ନୂଆ ତୋରଣ ନିର୍ମାଣର ପ୍ରସ୍ତାବ ରହିଛି। ରାଜ୍ୟର ଦ୍ୱିତୀୟ ଚିଡିଆଖାନାରା ମାନ୍ୟତା ପାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହାକୁ ପୂର୍ଣ୍ଣାଙ୍ଗ ଚିଡିଆଖାନାରେ ପରିଣତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସେହିପରି ଗତ ୨୦୧୧ ମସିହାରେ କପିଳାସକୁ ଅଭୟାରଣ୍ୟର ମାନ୍ୟତା ଦେବାପାଇଁ ଦାବି ହୋଇ ଆସୁଥିବା ବେଳେ ୨୦୧୪ ମସିହାରେ ଏହାକୁ ଅଭୟାରଣ୍ୟର ମାନ୍ୟତା ମିଳିଛି। ଅଭୟାରଣ୍ୟର ମାନ୍ୟତା ମିଳିବା ପରେ ଏହାର ବିକାଶ ପାଇଁ ପ୍ରାଥମିକ ସ୍ତରରେ ୱାଚ ଟାୱାରର ନିର୍ମାଣ, ଚେକ୍ ଗେଟ୍, ପୋଖରୀ ଏବଂ ବିଭିନ୍ନ ସ୍ଥାନରେ ପିଲାର ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ଦିନକୁ ଦିନ ଏହାର ଲୋକପ୍ରିୟତା କମିବାରେ ଲାଗିଛି। ନଭେମ୍ବର ମାସରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ହଜାର ହଜାର ପର୍ଯ୍ୟଟକ ଏଠାକୁ ବଣଭୋଜି ପାଇଁ ଆସୁଥିବା ବେଳେ କପିଳାସ ଚିଡିଆଖାନା ସମସ୍ତଙ୍କୁ ନିରାଶ କରିଛି। ସେହିପରି ସମ୍ବର ବଂଶର ସୁରକ୍ଷା ପାଇଁ ସମ୍ବର ପ୍ରଜଜନ କେନ୍ଦ୍ର ଭାବରେ ମାନ୍ୟତା ପାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହାର କାର୍ଯ୍ୟ ହେଉନାହିଁ। ଏ ସଂକ୍ରାନ୍ତରେ ଡିଏଫଓ ସୁମିତ କୁମାର କରଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଯେ, କପିଳାସ ଚିଡିଆଖାନାକୁ ପୂର୍ଣ୍ଣ ଚିଡିଆଖାନାରେ ପରିଣତ କରିବା ନିମନ୍ତେ ଏକ ମାଷ୍ଟର ପ୍ଲାନ୍ ତିଆରି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ମାଷ୍ଟରପ୍ଲାନ୍ କୁ ସରକାରଙ୍କୁ ପଠାଗଲେ, ସରକାରୀ ଅନୁଦାନ ଆସିଲେ ଏହାର ଉନ୍ନତିକରଣ କରାଯାଇପାରିବ। ଏଠାକୁ ବିଭିନ୍ନ କିସମର ଜନ୍ତୁ ଖୁବଶୀଘ୍ର ଅଣାଯାଇ ରଖାଗଲେ ପର୍ଯ୍ୟଟକ ମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ପ୍ରକାଶ କରିଛନ୍ତି।

## ଅଲ୍ ଓଡ଼ିଶା ଲେଡିଜ୍ ୱାର୍କର୍ସ ସଂଘର ବୈଠକ

ଢେଙ୍କାନାଳ, ୮।୧୨(ସମିସ): ଭାରତୀୟ ମଜ୍‌ଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଲେଡିଜ୍ ୱାର୍କର୍ସ ଆସୋସିଏସନ୍‌ର, ଢେଙ୍କାନାଳର ସ୍ଥାନୀୟ ବଳରାମଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ସଭାନେତ୍ରୀ ପଙ୍କଜିନୀ ପଣ୍ଡା, ସାଧାରଣ ସମ୍ପାଦିକା ମାନସୀ ମହାପାତ୍ର, କୋଷାଧ୍ୟକ୍ଷା ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ସହିତ ୫ଟି ବ୍ଲକର ପ୍ରତିନିଧି ମଣ୍ଡଳୀ ଓ ରାଜ୍ୟ ସଙ୍ଗଠନର ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ, ରାଜ୍ୟ କୋଷାଧ୍ୟକ୍ଷା ମନ୍ଦାକିନୀ ପ୍ରଧାନ ଉପସ୍ଥିତଥିଲେ। ଢେଙ୍କାନାଳ ଜିଲ୍ଲାର ସଂଗଠନକୁ ମଜଭୁତ୍ କରିବା ସହିତ ସଙ୍ଗଠନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ରାଜ୍ୟ ସଂଗଠନ ତରଫରୁ ଆସନ୍ତା ଡିସେମ୍ବର ୧୬ ତାରିଖରେ ହେବାକୁ ଥିବା ଆନ୍ଦୋଳନ ବିରୋଧରେ ସୂଚନା ଦିଆଯାଇଥିଲା। ସରକାରଙ୍କ ପାଖରେ ଦାବି ଗୁଡିକ ଯଥା ୨୦୧୮-୧୯ରେ ବହିଷ୍କୃତ ୫ଜଣ ଅଙ୍ଗନବାଡି ୱାର୍କରଙ୍କୁ ପୁନଃ ନିଯୁକ୍ତି, ସରକାର ଘୋଷଣା କରିଥିବା ମେନିଫାଷ୍ଟକୁ ତୁରନ୍ତ ଲାଗୁ କରିବା, ଏସ୍‌ଏନ୍‌ପି ଦରବୃଦ୍ଧି ତଥା ମେନୁ ପରିବର୍ତ୍ତନ କରିବା, ପୋଷଣ ଟ୍ରାକରକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ୫ଜି ମୋବାଇଲ୍ ଯୋଗାଇବା, ଅଙ୍ଗନବାଡି ୱାର୍କରମାନଙ୍କୁ ଶତପ୍ରତିଶତ ପଦୋନ୍ନତି, ଅବସରପ୍ରାପ୍ତଙ୍କୁ ୫ଲକ୍ଷ ଟଙ୍କା ଏବଂ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କର୍ମୀ ଓ ସହାୟିକାଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନ ଇତ୍ୟାଦିକୁ ଉପସ୍ଥାନ କରିବା ପାଇଁ ଆଲୋଚନା କରାଯାଇଥିଲା। ସଭାନେତ୍ରୀ ପଙ୍କଜିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ, ଇନ୍‌ପୁଟ ସହାୟତା ରାଶି ପ୍ରଦାନ

ଢେଙ୍କାନାଳ, ୮।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ, ଇନ୍‌ପୁଟ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ ବରଗଡ଼ଠାରେ କରିଛନ୍ତି। ଏହି ଅବସରରେ ଢେଙ୍କାନାଳ ମିନି ଷ୍ଟାଡିୟମରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ରାମଚନ୍ଦ୍ର ପାତ୍ର, ହିନ୍ଦୋଳ ବିଧାୟିକାଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ପୌର ପରିଷଦର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଏବଂ ଲଳିତ ମୋହନ ବେହେରା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କାମାକ୍ଷାନଗରରେ ପ୍ରତିଷ୍ଠା ହେବ କେନ୍ଦ୍ରୀୟ ବିଦ୍ୟାଳୟ

କାମାକ୍ଷାନଗର, ୮।୧୨((ସମିସ): କାମାକ୍ଷାନଗର ଠାରେ ପ୍ରତିଷ୍ଠା ହେବ କେନ୍ଦ୍ରୀୟ ବିଦ୍ୟାଳୟ। ଏଥିପାଇଁ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ୨୦୨୨ ମସିହାରୁ କାମାକ୍ଷାନଗର ଅଞ୍ଚଳ ରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷାବିଭାଗ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖିଥିଲେ। ଶ୍ରୀ ମଲ୍ଲିକ ପତ୍ର ଲେଖିବାର କିଛି ଦିନ ପରେ ଶିକ୍ଷାବିଭାଗର ଏକ ସ୍ୱତନ୍ତ୍ର ଦଳ କାମାକ୍ଷାନଗର ଆସି ଜାଗା ପରିଦର୍ଶନ କରିବା ସହ ଆବଶ୍ୟକ ଭିତିଭୂମି ତଦାରଖ କରିଥିଲେ। ସେ ସମୟରେ ନବୀନ ପଟ୍ଟନାୟକଙ୍କ ସରକାର ଏଥିପାଇଁ ଯୋଗାଇ ଦେଇଥିଲେ ସମସ୍ତ ପ୍ରକାର ର ଅନୁସଙ୍ଗିକ ବ୍ୟବସ୍ଥା। ବିଳମ୍ବରେ ହେଲେ ମଧ କାମାକ୍ଷାନଗର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛି କେନ୍ଦ୍ର ଶିକ୍ଷା ବିଭାଗ। ଆଉ ଏଥିପାଇଁ ଦଳ, ମତ ନିର୍ବିଶେଷରେ ପୂର୍ବତନ ବିଧାୟକ ତଥା ବର୍ତ୍ତମାନର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଅଞ୍ଚଳବାସୀ।

## ଡିପିଏସ୍‌ରେ ଇଣ୍ଟର ସ୍କୁଲ୍ ଟାଲେଣ୍ଟ ସର୍ଚ୍ଚ ପ୍ରତିଯୋଗିତା



ଢେଙ୍କାନାଳ, ୮ ।୧୨(ସମିସ): ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲରେ ଇଣ୍ଟର ସ୍କୁଲ୍ ଟାଲେଣ୍ଟ ସର୍ଚ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପୌରାଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟର ୪୭୫ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଜଣାଅଜଣା, ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୩୬ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରୋ.ଭାଇସ ଚେୟାରମ୍ୟାନ ବିନୋଦ ଦାସ, ନିର୍ଦ୍ଦେଶକ ଲଗ୍ନଜିତ ଦାଶଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ।

## ଯୋଗମାୟା ଚାଲେଞ୍ଜର୍ସ ଟ୍ରଫି ଉଦ୍‌ଘାଟିତ

ଭୁବନ, ୮।୧୨(ସମିସ): ଢେଙ୍କନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ଖେଳ ପଡ଼ିଆରେ ୪୦ତମ ଯୋଗମାୟା ଚାଲେଞ୍ଜର୍ସ ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ସଦସ୍ୟ ସିଲା ରାଣୀ ସାହୁ, ବ୍ରଜବନ୍ଧୁ ସାହୁ, ପୂର୍ବତନ ସରପଞ୍ଚ ହୃଦାନନ୍ଦ ଶତପଥୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି।



ଉଦ୍‌ଘାଟନୀ ମ୍ୟାଚ୍ ଯାଜପୁର ଛତିଆ ଓ ଆଇଆର୍‌ସି ଭିଲେଜ୍ ଭୁବେନଶ୍ୱର ମଧ୍ୟରେ ହୋଇଥିଲା। ଟସ୍ ଜିତି ଯାଜପୁର ଛତିଆ ୧୬ ଓଭରରେ ୭ ଟି ୱିକେଟ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା ଓ ଏହାର ଜବାବରେ ଆଇଆର୍‌ସି ଭିଲେଜ୍ ଭୁବେନଶ୍ୱର ୧୫ ଓଭର୍ ତିନୋଟି ବଲ୍ ରେ ୭ ଟି ୱିକେଟ ହରାଇ ୧୯୫ ରନ୍ ସଂଗ୍ରହ କରି ବିଜୟୀ ହୋଇ କ୍ୱାଟର ଫାଇନାଲ୍ ରେ ପ୍ରବେଶ କରିଛି। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପ୍ରକାଶ ସାମଲ ବିବେଚିତ ହୋଇଛନ୍ତି। ଖେଳ ପରିଚାଳନାରେ ରୁଦ୍ରନାରାୟଣ ଶତପଥୀ ଓ ସୁଦୀପ ମିଶ୍ର ଧାରା ବିବରଣୀରେ ସୌମ୍ୟ ରଞ୍ଜନ ରାଉତ, ସ୍କୋର୍‌ରେ ସୁନୀଲ ରାଉତ, ଦିବ୍ୟ ରଞ୍ଜନ ସାହୁ ଓ ମାନସ ରଞ୍ଜନ ପୃଷ୍ଟି ସହଯୋଗ କରିଥିଲେ। ଆସନ୍ତା କାଲି ମ୍ୟାଚ ଯୋଗମାୟା ମାର୍ଥାପୁର ଓ କଳିଙ୍ଗ ଖୋର୍ଦ୍ଧା ସହିତ ଅନୁଷ୍ଠିତ ହେବ।

# ମୌଳିକ ସୁବିଧାରୁ ବଞ୍ଚିତ ବାଗୁଲି ଗ୍ରାମ

## ନାହିଁ ପକ୍କା ରାସ୍ତା, ମିଳୁନି ଶୁଦ୍ଧ ପାନୀୟ ଜଳ

ହିନ୍ଦୋଳ, ୮।୧୨(ସମିସ)

- **ହନ୍ତସନ୍ତ ହେଉଛନ୍ତି ୩୨ରୁ ଊର୍ଦ୍ଧ୍ୱ ପରିବାର**

ସ୍ୱାଧୀନତା ହେବାର ୭୭ ବର୍ଷ ବିତିଗଲାଣି, ଦେଶ ପାଳିଛି ଅମୃତ ମହୋତ୍ସବ। ମାତ୍ର ଆଜି ମଧ୍ୟ ଗ୍ରାମାଞ୍ଚଳର ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଅଞ୍ଚଳରେ ନାଁ ଅଛି ଭଲ ଗମନା ଗମନ ସୁବିଧା, ନାଁ ମିଳୁଛି ପିଇବା ପାଇଁ ବିଶୁଦ୍ଧ ଜଳ। ଏହି ଅଞ୍ଚଳକୁ ଦେଖିଲେ ଲାଗେ ସତେ ଯେପରି ସରକାରଙ୍କ ଦୃଷ୍ଟି ଆଢୁଆଳ ତଳେ ଲୁଚିଯାଇଛି ଏହି ବିଚ୍ଛିନ୍ନାଞ୍ଚଳ। ଏଭଳି ଏକ ଗାଁ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଦଣ୍ଡିରି ପଞ୍ଚାୟତର ବାଗୁଲି ଗ୍ରାମ। ରାସୋଳ ବଜାର ଠାରୁ ପ୍ରାୟ ୧୪ କିଲୋମିଟର ଦୂର ମଧ୍ୟରେ ଅବସ୍ଥିତ ଏକ ହାତୀ ପ୍ରବଣ ଅଞ୍ଚଳରେ ଏହି ଗାଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଆଦି ମୌଳିକ ସୁବିଧାରୁ ବର୍ଷ ବର୍ଷ ଧରି ବଞ୍ଚିତ ହେଉଛନ୍ତି ଏହି ଅଞ୍ଚଳବାସୀ। ଜନବସତି ଠାରୁ ଏଠାକୁ ଆସିବାକୁ ହେଲେ ବାଟରେ ପଡେ ଅନେକ ଅଣଓସାରିଆ ବିପଦସଙ୍କୁଳ ରାସ୍ତା ଏବଂ ତା ସାଙ୍ଗକୁ ଥାଏ ହାତୀର ଭୟ। ଏହି ଗାଁରେ ବସବାସ କରୁଥିବା ସମସ୍ତ ବାସିନ୍ଦା ଗରିବ ଶ୍ରେଣୀର ଏବଂ ଦିନ ମଜୁରିଆ। ବାହ୍ୟଜଗତରୁ ବିଚ୍ଛିନ୍ନ ଏହି ଗାଁରେ ଅକସ୍ମାତ୍ କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ଆସିବା ତ ଦୂରରକଥା କେବଳ ମୃତ୍ୟୁକୁ ଅପେକ୍ଷା କରିଥାନ୍ତି ଲୋକେ। ସତେ ଯେମିତି ଉଭୟ କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କ ସବୁ ଯୋଜନା ଏଠାରେ ଫେଲ୍ ମାରିଯାଇଛି। ଦୈନନ୍ଦିନ ବ୍ୟବହୃତ ପିଇବା ପାଣି ମୁନ୍ଦେ ପାଇବା ପାଇଁ ଏମାନଙ୍କୁ ଗାଁରେ ଥିବା ମୁକ୍ତାକାଶ ଖୋଲା କୂଅରୁ ଜଳ ସଂଗ୍ରହ କରିବାକୁ ପଡେ। ଯେଉଁ ପାଣିକୁ ପିଇ ଅନେକ ଲୋକ ରୋଗାକ୍ରାନ୍ତ ହେଉଛନ୍ତି। ଗ୍ରାମବାସୀ ମାନଙ୍କୁ ଦେଖିଲେ ଲାଗେ ସତେ ଯେମିତି କେନ୍ଦ୍ର ସରକାରଙ୍କ ଅମୃତ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବସୁଧା ଯୋଜନା ଏମାନଙ୍କୁ ପାଇଁ ସାତ ସପନ ପାଲଟିଛି। ବାର୍ଦ୍ଧକ୍ୟ ଭତ୍ତା ଏବଂ ସରକାରଙ୍କ ରାସନ ଚାଉଳ ପାଇଁ ମଧ୍ୟ ଏମାନଙ୍କୁ ସମଦଶା ଭୋଗିବାକୁ ପଡେ। ଘଞ୍ଚ ଜଙ୍ଗଲ ଏବଂ ହିଂସ୍ର ବନ୍ୟ ଜନ୍ତୁ ଘେରା ଏହି ଦୁର୍ଗମ ଅଞ୍ଚଳର ଲୋକ ମାନଙ୍କୁ ଏବେ ମଧ୍ୟ କଳାପାଣି ଭଳି ସଜ୍ଜା ଭୋଗିବାକୁ ପଡୁଛି। ନୂତନ ସରକାର ଏହି ଗ୍ରାମର ଗ୍ରାମବାସୀ ମାନଙ୍କ ନିମନ୍ତେ କଣ ପଦକ୍ଷେପ ନେଉଛନ୍ତି ତାହାକୁ ଅପେକ୍ଷା କରି ରହିଛନ୍ତି ଅଞ୍ଚଳବାସୀ।



## କୃଷକ ଉତ୍ପାଦକ କମ୍ପାନୀର ଚୁକ୍ତି ସ୍ୱାକ୍ଷରିତ

# ଆଳୁ, ତରଭୁଜ ଓ ପନିପରିବା ଚାଷକୁ ଗୁରୁତ୍ୱ

ଢେଙ୍କାନାଳ, ୮।୧୨(ସମିସ): ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଉପସ୍ଥିତିରେ ରିୱାର୍ଡ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରା ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକାଙ୍କ ସହିତ ଧରିତ୍ରୀ ଆଗ୍ରୋ କୃଷକ ଉତ୍ପାଦକ କମ୍ପାନୀର ବୋର୍ଡ ନିର୍ଦ୍ଦେଶକ ପୁରୁଷୋତ୍ତମ ରାଉତ ଓ ସପ୍ତଶଯ୍ୟା ଆଗ୍ରୋ କୃଷକ ଉତ୍ପାଦକ କମ୍ପାନୀର ବୋର୍ଡ ନିର୍ଦ୍ଦେଶକ ଉଦିତ୍‌ଭାନୁ ସିଂଙ୍କ ସହିତ କାର୍ଯ୍ୟକ୍ରମର ସୁପରିଚାଳନା ଓ କୃଷକମାନଙ୍କର ଆୟ ଅଭିବୃଦ୍ଧି ନିମନ୍ତେ ଏକ ଚୁକ୍ତିନାମା ସ୍ୱାକ୍ଷରତା ହୋଇଛି। ଏହି ଚୁକ୍ତି ସ୍ୱାକ୍ଷରତା କାର୍ଯ୍ୟକ୍ରମଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁଇଟି କୃଷକ ଉତ୍ପାଦକ କମ୍ପାନୀର ବୋର୍ଡ ନିର୍ଦ୍ଦେଶକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ଅନୁରାଧା ବେହେରା ଓ ସସ୍ମିତା ନାୟକ, ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ତରଫରୁ ଶ୍ରଦ୍ଧେୟ କୁମାର ମିଶ୍ର, ଚିତ୍ତରଞ୍ଜନ ସେନାପତି, ଗ୍ରାଣ୍ଟର୍ଥର୍ଟନ ଭାରତର ଟିମ୍ ଲିଡର ଶରତ କୁମାର ପାତ୍ର ଓ ଜିଲ୍ଲା ସଂଯୋଜକ ନାରାୟଣ ଖଟୁଆଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବେହେରା ରିୱାର୍ଡ କାର୍ଯ୍ୟକ୍ରମ ଓ ଚୁକ୍ତି ସ୍ୱାକ୍ଷରିତର ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ। ଜିଲ୍ଲାପାଳ ଏହି ଦୁଇଗୋଟି କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ସୋୟାବିନ୍ ଚାଷର କିପରି ପ୍ରଚାର ପ୍ରସାର କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଗ୍ରାଣ୍ଟର୍ଥର୍ଟନର ଟିମ୍ ଲିଡର ଶ୍ରୀ ପାତ୍ର ଏହି ଦୁଇଗୋଟି କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ କିପରି ଭାବରେ ଇନ୍‌ପୁଟ୍ ବ୍ୟବସାୟ ଓ ଆଉଟ୍‌ପୁଟ୍ ବ୍ୟବସାୟ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଆଳୁଚାଷ, ତରଭୁଜ ଚାଷ, କଖାରୁ ଚାଷ ଓ ପନିପରିବା ଚାଷ କରୁଛନ୍ତି ସେ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାଣ୍ଟର୍ଥର୍ଟନ୍‌ର ଜିଲ୍ଲା ସଂଯୋଜକ ଶ୍ରୀ ଖଟୁଆ ସଂଯୋଜନା କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୪.୨୫ ● ପାଉଣ୍ଡ ୧୦୮.୧୨
- ୟୁରୋ ୮୯.୭୨ ● ୟେନ୍ ୦.୫୬

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୭୦୯.୦୦
- ନିଫ୍ଟି ୨୪,୬୭୭.୦୦

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୧,୩୦୦ (ନୂଆଦିଲ୍ଲୀ)
- ରୁପା : ୯୨,୦୦୦ (କେଜି)

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

### ୟୁବିଏସ୍‌ର ବାର୍ଷିକ ବିଲିୟନେୟାର ଆମ୍ବିସନ ରିପୋର୍ଟ

# ଭାରତରେ ଏବେ ୧୮୫ ଅରବପତି

ନୂଆଦିଲ୍ଲୀ,୮।୧୨(ଏଜେନ୍ସି)

ଉଚ୍ଚ ମୁଦ୍ରାସ୍ଫୀତିରେ ବଜାର ମହଙ୍ଗା ହୋଇପାରେ। ଏହାର ପ୍ରଭାବରେ ଲୋକଙ୍କ କ୍ରୟ ଶକ୍ତିରେ ହ୍ରାସ ଘଟିପାରେ। ହେଲେ ଭାରତରେ ଅତି ଧନୀ ଲୋକ ଅର୍ଥାତ୍ ବିଲିୟନେୟାର ବା ଅରବପତିଙ୍କ ସଂଖ୍ୟା କିଛି କମ୍ ନାହିଁ। କାରଣ ବର୍ତ୍ତମାନ ଭାରତ ହେଉଛି ୧୮୫ ଅରବପତିଙ୍କ ବାସସ୍ଥଳୀ। ଆଉ ସାରା ବିଶ୍ୱରେ ୨୬୮୨ ଜଣ ଅରବପତି ରହିଛନ୍ତି। ଭାରତରେ ପ୍ରତି ମାସରେ ଜଣେ ନୂଆ ଅରବପତି ସୃଷ୍ଟି ହେଉଛନ୍ତି। ବର୍ଷକ ମଧ୍ୟରେ ଭାରତରୁ ୩୨ ଜଣ ନୂଆ ଅରବପତି ବାହାରିଛନ୍ତି। ଏହି ଅରବପତିମାନଙ୍କର ସମ୍ପତ୍ତି ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ସ୍ୱିଜରଲ୍ୟାଣ୍ଡର ସବୁଠାରୁ ବଡ଼ ବ୍ୟାଙ୍କ ୟୁବିଏସ୍‌ର ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ବିଲିୟନେୟାରଙ୍କ ମୋଟ ସମ୍ପତ୍ତିରେ ଗତ ୧୦ ବର୍ଷ ମଧ୍ୟରେ ୧୨୧ ପ୍ରତିଶତ ବୃଦ୍ଧି ଘଟି ୧୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଏହି ଅନୁଯାୟୀ ବାର୍ଷିକ ଭିତ୍ତିରେ ଦେଖିଲେ ଦେଖିଲେ, ଭାରତରେ ଅରବପତିଙ୍କ ସମ୍ପତ୍ତିରେ ୪୨ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ଯାହାଫଳରେ ସାରା ବିଶ୍ୱରେ ଆମେରିକା ଏବଂ ଚୀନ ପରେ ଭାରତରେ ସବୁଠୁ ଅଧିକ ଅରବପତି ରହିଥିବା ରିପୋର୍ଟରେ କୁହାଯାଇଛି।

ୟୁବିଏସ୍‌ର ସର୍ବଶେଷ ବାର୍ଷିକ 'ବିଲିୟନେୟାର ଆମ୍ବିସନ୍ସ' ରିପୋର୍ଟରେ କୁହାଯାଇଛି ଯେ, ୨୦୧୫ରୁ ୨୦୨୪ ମଧ୍ୟରେ

- ୧୦ ବର୍ଷରେ ବିଶ୍ୱରେ ଅରବପତିଙ୍କ ସମ୍ପତ୍ତି ଦ୍ୱିଗୁଣାରୁ ଅଧିକ
- ଭାରତୀୟ ବିଲିୟନେୟାରଙ୍କ ସମ୍ପତ୍ତି ବଢ଼ିଛି ୪୨%
- ଦୁନିଆର ଅରବପତିଙ୍କ ସଂଖ୍ୟା ଦୃଷ୍ଟିରୁ ତୃତୀୟ ସ୍ଥାନରେ ଭାରତ



ବିଶ୍ୱରେ ଅରବପତିମାନଙ୍କର ସମ୍ପତ୍ତିରେ ୧୨୧ ପ୍ରତିଶତ ବୃଦ୍ଧି ଘଟି ତାହା ୬.୩ ଟ୍ରିଲିୟନ ଡଲାରରୁ ୧୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଆହୁରିମଧ୍ୟ ଏହି ୧୦ ବର୍ଷ ମଧ୍ୟରେ ଅରବପତିଙ୍କ ସଂଖ୍ୟା ୧୭୫୭ରୁ ୨୬୮୨ରେ ପହଞ୍ଚିଛି। ଗତ ଏକ ଦଶନ୍ଧିରେ ବୈଶ୍ୱିକ ଇକ୍ୱିଟି ବଜାର ତୁଳନାରେ ଅରବପତିମାନଙ୍କ ସମ୍ପତ୍ତି ବୃଦ୍ଧି ବେଶ ଭଲ ରହିଥିଲା। କାରଣ ଉପରୋକ୍ତ ସମୟରେ ବୈଶ୍ୱିକ ଇକ୍ୱିଟି ଏମ୍‌ଏସ୍‌ସିଆଇ ଏସି ୱାର୍ଲଡ ଇଣ୍ଡେକ୍ସରେ ୭୩ ପ୍ରତିଶତ ବୃଦ୍ଧି ଘଟିଥିଲା। ଆହୁରିମଧ୍ୟ ଟେକ୍ ବିଲେନିୟର୍ସଙ୍କ ସମ୍ପତ୍ତି ୭୮୮.୯ ବିଲିୟନ ଡଲାରରୁ ୨୦୨୪ରେ ୨.୪ ଟ୍ରିଲିୟନ ଡଲାର ହୋଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୦ରୁ ଚୀନର ବିଲିୟନେୟାରଙ୍କ ସଂଖ୍ୟା ହ୍ରାସ ଯୋଗୁଁ ବୈଶ୍ୱିକ ବିକାଶ ସାମାନ୍ୟ ଧିମେଇଯାଇଛି। ଭାରତୀୟ ବିଲିୟନେୟାରଙ୍କ ସମ୍ପତ୍ତିରେ ୪୨.୧ ପ୍ରତିଶତ ବଢ଼ି ଘଟି ୯୦୫.୬ ବିଲିୟନ ଡଲାର ହୋଇଛି। ଏହାସହ ଏମାନଙ୍କ ସଂଖ୍ୟା ମଧ୍ୟ ୧୫୩ରୁ ବୃଦ୍ଧି ଘଟି ୧୮୫ ହୋଇଛି। ଆମେରିକାରେ ୮୩୫ ଏବଂ ଚୀନରେ ୪୨୭ ଅରବପତି ଅଛନ୍ତି। ୟୁବିଏସର ରିପୋର୍ଟ କହୁଛି ଯେ, ଭାରତର ପରବର୍ତ୍ତୀ ଦଶନ୍ଧି ଅରବପତିଙ୍କର ହେବ। ଏହି ସମୟରେ ଅରବପତିଙ୍କ ସଂଖ୍ୟାରେ ଅଧିକ ବୃଦ୍ଧି ହେବ। ଭାରତରେ ୧୦୮ ପରିବାର ଦ୍ୱାରା ପରିଚାଳିତ ବ୍ୟବସାୟ ରହିଛି, ଯେଉଁମାନେ କୋଟିପତିଙ୍କ ସଂଖ୍ୟାରେ ଭାରତକୁ ତୃତୀୟ ନମ୍ବରରେ ପହଞ୍ଚାଇଛନ୍ତି। ଯାହା ଅନୁମାନ ରହିଛି ଯେ, ଆଗାମୀ ଦଶନ୍ଧିରେ ଭାରତରେ କୋଟିପତିଙ୍କ ସଂଖ୍ୟା ଚୀନ୍ ସମକକ୍ଷ ହୋଇଯିବ।

### ଏଫ୍‌ଡିଆଇ ପ୍ରବାହରେ ଭାରତର ରେକର୍ଡ

# ୨୫ ବର୍ଷରେ ଆସିଛି ୧୦୦୦ ବିଲିୟନ୍ ଡଲାରର ବିଦେଶୀ ପୁଞ୍ଜି

ନୂଆଦିଲ୍ଲୀ,୮।୧୨(ଏଜେନ୍ସି)



ଭାରତ ପ୍ରତ୍ୟେକ୍ଷ ବିଦେଶୀ ନିବେଶ (ଏଫଡିଆଇ) ପ୍ରବାହରେ ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଛି। ୨୦୦୦ ଏପ୍ରିଲରୁ ୨୦୨୪ ସେପ୍ଟେମ୍ବର ମଧ୍ୟରେ ଦେଶକୁ ଏଫଡିଆଇ ପ୍ରବାହ ୧୦୦୦ ବିଲିୟନ ଡଲାର ଅତିକ୍ରମ କରିଛି। ଅର୍ଥାତ୍ ଏହି ସମୟ ମଧ୍ୟରେ

**ଅଧିକାଂଶ ନିବେଶ ମରିସସ୍, ସିଙ୍ଗାପୁର ଦେଇଆସିଛି**

ଭାରତକୁ ପ୍ରାୟ ୧୦୦୦ ବିଲିୟନ ଡଲାରରୁ ଅଧିକ ବିଦେଶ ନିବେଶ ଆସିଛି। ବିଶ୍ୱର ବିଭିନ୍ନ ରାଷ୍ଟ୍ରର ନିବେଶକମାନଙ୍କ ପାଇଁ ଭାରତ ଏକ ଆକର୍ଷଣୀୟ ନିବେଶ ହବ୍ ପାଲଟିଛି। ଏଥିରେ ଦେଶକୁ କ୍ରମାଗତ ଭାବରେ ଏଫ୍‌ଡିଆଇ ଆଗମନରେ ବୃଦ୍ଧି ହେଉଛି।

କେନ୍ଦ୍ର ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟର ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ର ତଥ୍ୟ ଅନୁଯାୟୀ କରିଛି। ୨୦୦୦ ଏପ୍ରିଲରୁ ୨୦୨୪ ସେପ୍ଟେମ୍ବର ମଧ୍ୟରେ ଦେଶକୁ ମଧ୍ୟରେ ଭାରତକୁ ମୋଟ ୧୦୩୩.୪୦ ବିଲିୟନ ଡ଼ଲାରର ଏଫଡିଆଇ ଆସିଛି। ତଥ୍ୟ ଅନୁଯାୟୀ, ପ୍ରାୟ ୨୫ ପ୍ରତିଶତ ଏଫ୍‌ଡିଆଇ ମରିସସ୍‌ରୁ ଆସିଥିଲା। ଏହା ପଛକୁ ସିଙ୍ଗାପୁର (୨୪ ପ୍ରତିଶତ), ଆମେରିକା (୧୦ ପ୍ରତିଶତ), ନେଦରଲ୍ୟାଣ୍ଡ (୭ ପ୍ରତିଶତ), ଜାପାନ (୬ ପ୍ରତିଶତ), ବ୍ରିଟେନ (୫ ପ୍ରତିଶତ), ୟୁଏଇ (୩ ପ୍ରତିଶତ) ଏବଂ ଅନ୍ୟାନ୍ୟ ଦେଶ ରହିଛନ୍ତି। ତଥ୍ୟ ଅନୁଯାୟୀ, ମରିସସରୁ ଭାରତ ୧୭୭.୧୮ ବିଲିୟନ ଡ଼ଲାର, ସିଙ୍ଗାପୁରରୁ ୧୬୭.୪୭ ବିଲିୟନ ଡ଼ଲାର ଏବଂ ଆମେରିକାରୁ ୬୭.୮ ବିଲିୟନ ଡ଼ଲାରର ଏଫ୍‌ଡିଆଇ ହାସଲ କରିଛି। ଏହି ନିବେଶଗୁଡିକ ମଧ୍ୟରୁ ଅଧିକାଂଶ ସେବା କ୍ଷେତ୍ର, କମ୍ପ୍ୟୁଟର ସଫ୍ଟୱେର ଏବଂ ହାର୍ଡୱେର୍, ଟେଲିକମ୍, ବାଣିଜ୍ୟ, ନିର୍ମାଣ ବିକାଶ, ଅଟୋ ମୋବାଇଲ୍, ରାସାୟନିକ ପଦାର୍ଥ ଏବଂ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ରରୁ ନିବେଶ ଆସିଥିଲା।

କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅନୁଯାୟୀ, ୨୦୧୪ ପରଠାରୁ ଭାରତ ମୋଟ ୬୬୭.୪ ବିଲିୟନ ଡ଼ଲାର (୨୦୧୪-୨୪) ର ଏଫ୍‌ଡିଆଇ ହାସଲ କରିଛି। ଏହା ସମୁଦାୟ ଏଫ୍‌ଡିଆଇ (୧୦୦୦ ବିଲିୟନ ଡ଼ଲାର)ର ଅଧାରୁ ଅଧିକ ହେବ। ପୂର୍ବ ଦଶନ୍ଧି (୨୦୦୪-୧୪) ତୁଳନାରେ ଏହା ୧୧୯ ପ୍ରତିଶତ ଅଧିକ। ଆଗାମୀ ଦିନଗୁଡିକରେ ଭାରତରେ ଏଫଡିଆଇ ନିବେଶ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହାର ସବୁଠାରୁ ବଡ କାରଣ ହେଉଛି ଦୁନିଆର ଅନେକ ବଡ କମ୍ପାନୀ ସେମାନଙ୍କର ବ୍ୟବସାୟକୁ ଚୀନରୁ ଭାରତକୁ ସ୍ଥାନାନ୍ତର କରୁଛନ୍ତି। ବାଂଲାଦେଶର ପରିସ୍ଥିତିରୁ ଭାରତ ମଧ୍ୟ ଉପକୃତ ହୋଇପାରିବ। ଏହି କାରଣରୁ ଏଫ୍‌ଡିଆଇ ଆଗମନରେ ମଧ୍ୟ ବୃଦ୍ଧି ଦେଖାଦେଇପାରେ।

## ଶୀତ ଅଧିବେଶନରେ ବୀମା ସଂଶୋଧନ ବିଲ୍ ଆଗତ ହୋଇ ନ ପାରେ

ନୂଆଦିଲ୍ଲୀ,୮ ।୧୨(ଏଜେନ୍ସି): ଦେଶର ବୀମା କ୍ଷେତ୍ରରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ (ଏଫଡିଆଇ) କୁ ୧୦୦ ପ୍ରତିଶତକୁ ବୃଦ୍ଧି ସହ ବୀମା ଅଧିନିୟମର ୧୯୩୮ର ବିଭିନ୍ନ ବ୍ୟବସ୍ଥାରେ ସଂଶୋଧନ କରିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବୀମା ସଂଶୋଧନ ବିଲ୍ ଆଣିବାକୁ ଯାଉଛି। କେନ୍ଦ୍ର ଅର୍ଥ ସେବା ବିଭାଗ (ଡିଏଫ୍‌ଏସ୍) ଡିସେମ୍ବର ୧୦ ପର୍ଯ୍ୟନ୍ତ ପ୍ରସ୍ତାବିତ ସଂଶୋଧନ ଉପରେ ଜନସାଧାରଣଙ୍କ ମନ୍ତବ୍ୟକୁ ଆମନ୍ତ୍ରଣ କରିଛି। ଏହି ପ୍ରସ୍ତାବ ଅନୁଯାୟୀ ଭାରତୀୟ ବୀମା କମ୍ପାନୀଗୁଡିକରେ ଏଫ୍‌ଡିଆଇ ସୀମା ବର୍ତ୍ତମାନର ୭୪ ପ୍ରତିଶତରୁ ୧୦୦ ପ୍ରତିଶତକୁ ବୃଦ୍ଧି କରାଯିବ। ତେବେ ସୂଚନା ମୁତାବକ ସଂସଦର ଶୀତ ଅଧିବେଶନରେ ବୀମା ସଂଶୋଧନ ବିଲ୍ ଆଗତ ହୋଇ ନ ପାରେ। ତେବେ ୧୯୩୮ର ବୀମା ଅଧିନିୟମରେ ସଂଶୋଧିତ୍ ଜରିଆରେ ବର୍ତ୍ତମାନର ବୀମା ପାଇଁ ଏକ ଆଇନଗତ ଢ଼ାଞ୍ଚା ପ୍ରଦାନ ସରକାରଙ୍କର ମୁଖ୍ୟ ଲକ୍ଷ୍ୟ। ଦେଶର ବୀମା କ୍ଷେତ୍ରରେ ଅଧିକ ନିବେଶକଙ୍କ ପ୍ରବେଶ ସମଗ୍ର ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି କରିବ। ଭାରତରେ ବର୍ତ୍ତମାନ ୨୫ ଟି ଜୀବନ ବୀମା କମ୍ପାନୀ ଏବଂ ୩୪ଟି ଅଣ-ଜୀବନ କିମ୍ବା ସାଧାରଣ ବୀମା କମ୍ପାନୀ ରହିଛନ୍ତି।

## ନିର୍ମଳାଙ୍କୁ ଭେଟିଲେ ଶକ୍ତିକାନ୍ତ

ନୂଆଦିଲ୍ଲୀ,୮।୧୨(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟିଛନ୍ତି। ସୀତାରମଣ ନର୍ଥ ବ୍ଲକ୍ ସ୍ଥିତ କାର୍ଯ୍ୟାଳୟରେ ନିର୍ମଳାଙ୍କୁ ଶ୍ରୀ ଦାସ ଭେଟିଥିଲେ। ଏହି ସାକ୍ଷାତ ଆଲୋଚନା ଆରବିଆଇ ଗଭର୍ଣ୍ଣର ଭାବେ ଶ୍ରୀ ଦାସଙ୍କର କାର୍ଯ୍ୟକାଳ ସମାପ୍ତ ହେବାର କିଛି ଦିନ ପୂର୍ବରୁ ଓ ମୁଦ୍ରାନୀତି କମିଟି ବୈଠକର ଦିନକ ପରେ ହୋଇଛି।



**ଆରବିଆଇ ମୁଖ୍ୟଙ୍କ କାର୍ଯ୍ୟକାଳ ଡିସେମ୍ବର ୧୦ରେ ସରୁଛି**

ଏଠାରେ ସୂଚନାଯୋଗ୍ୟ ଯେ, ଶକ୍ତିକାନ୍ତଙ୍କ କାର୍ଯ୍ୟକାଳ ଡିସେମ୍ବର ୧୦ ତାରିଖରେ ସମାପ୍ତ ହେଉଛି। ୨୦୨୧ ମସିହାରେ ତାଙ୍କୁ ୩ ବର୍ଷର ସେବା ବିସ୍ତାର ମିଳିଥିଲା। ସୂଚନା ମୁତାବକ ଶକ୍ତିକାନ୍ତ ଓ ନିର୍ମଳା ମଧ୍ୟରେ ପାଖାପାଖି ଅଧଘଣ୍ଟା ଧରି ଏହି ବୈଠକ ଚାଲିଥିଲା। ଯଦି ଶ୍ରୀ ଦାସଙ୍କ କାର୍ଯ୍ୟକାଳ ପୁଣି ଥରେ ବଢ଼େ ତେବେ ସେ ବେନେଗଲ ରାମାରାଓଙ୍କ ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଆରବିଆଇ ଗଭର୍ଣ୍ଣର ରହିବାର ରେକର୍ଡ କରିବେ। ବେନେଗାଲ ରାମାରାଓ ୧୯୪୯ରୁ ୧୯୫୭ ମସିହା ପର୍ଯ୍ୟନ୍ତ ୭ ବର୍ଷ ୫ ମାସ ପର୍ଯ୍ୟନ୍ତ ଆରବିଆଇ ଗଭର୍ଣ୍ଣର ରହିଥିଲେ। ଆରବିଆଇ ଗଭର୍ଣ୍ଣର ହେବା ପୂର୍ବରୁ ଶକ୍ତିକାନ୍ତ ଅର୍ଥ ମନ୍ତ୍ରାଳୟ ଅନ୍ତର୍ଗତ ରାଜସ୍ୱ ବିଭାଗ ଓ ଆର୍ଥିକ ବ୍ୟାପାର ବିଭାଗ ସଚିବ ରୂପେ କାମ କରିଥିଲେ। ସେ ୨୦୧୮ ଡିସେମ୍ବର ୧୨ରେ ଆରବିଆଇର ୨୫ ତମ ଗଭର୍ଣ୍ଣର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ।

**ଏଫ୍‌ପିଆଇଙ୍କ ୟୁ-ଟର୍ଣ୍ଣ**

## ଫେରିଲା ଭାରତୀୟ ସେୟାର ବଜାରର ଚମକ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ମାନେ ପୁଣି ଭାରତୀୟ ବଜାରକୁ ଫେରିଛନ୍ତି। ଏଫ୍‌ପିଆଇମାନେ ଡିସେମ୍ବର ପ୍ରଥମ ସପ୍ତାହରେ ଘରୋଇ ବଜାରରେ ବିଭିନ୍ନ ସେୟାରରେ ୨୪,୪୫୪ କୋଟି ଟଙ୍କାର ନିଟ୍ ନିବେଶ କରିଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ ବୈଶ୍ୱିକ ପରିସ୍ଥିତିରେ ସ୍ଥିରତା ଓ ଆମେରିକୀୟ ଫେଡେରାଲ ରିଜର୍ଭର ସୁଧହାର ହ୍ରାସ ସମ୍ଭାବନା ଯୋଗୁ ଏପରି ହୋଇଛି। ଏହା ପୂର୍ବରୁ ଏଫପିଆଇ ନଭେମ୍ବର ମାସରେ ୨୧.୬୧୨ ଏବଂ ଅକ୍ଟୋବରରେ ୯୪,୦୧୭ କୋଟି ଟଙ୍କା ବାହାର କରି ନେଇଥିଲେ। ଏହା ପୂର୍ବରୁ ସେପ୍ଟେମ୍ବର ମାସରେ ଏଫପିଆଇମାନଙ୍କ କ୍ରୟ ୯ ମାସର ଉଚ୍ଚତମ ସ୍ତରରେ ପହଞ୍ଚିଥିଲା। ସେ ସମୟରେ ସେମାନେ ୫୭,୭୨୪ କୋଟି ଟଙ୍କାର ନିଟ୍ ନିବେଶ କରିଥିଲେ। ଡିପୋଜିଟୋରୀ ତଥ୍ୟରୁ ଜଣାପଡିଛି ଯେ ନୂଆ ନିବେଶ ସହିତ ୨୦୨୪ରେ ଏ ପର୍ଯ୍ୟନ୍ତ ଭାରତୀୟ ସେୟାର ବଜାରରେ ଏଫପିଆଇ ନିବେଶ ୯,୪୩୫ କୋଟି ଟଙ୍କାରେ ପହଞ୍ଚିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ମର୍ଣ୍ଣିଂଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆଙ୍କ ଆସୋସିଏଟ ଡାଇରେକ୍ଟର ତଥା ମ୍ୟାନେଜର ରିସର୍ଚ୍ଚ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି ଯେ ଆଗାମୀ ମାସମାନଙ୍କରେ ଏଫପିଆଇଙ୍କ ମୁଡ ରାଷ୍ଟ୍ରପତି ରୂପେ ଡୋନାଲ୍ଡ ଟ୍ରମ୍ପଙ୍କ ନୀତି, ମୁଦ୍ରାସ୍ଫିତି, ସୁଧହାର ଓ ଭୂ-ରାଜନୈତିକ ଲ୍ୟାଣ୍ଡସ୍କେପ ଅନୁସାରେ ସ୍ଥିର ହେବ। ଶ୍ରୀବାସ୍ତବ କହିଛନ୍ତି ଯେ ନିକଟରେ ବଜାରରେ ଆସିଥିବା ସଂଶୋଧନ ଏଫପିଆଇଙ୍କୁ କିଛି ନିବେଶ ବଢାଇବାକୁ ପ୍ରେରିତ କରିଥାଇପାରେ।

### ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବଡ଼ ଭୂମିକାରେ ୟୁପିଆଇ

# ୟୁପିଆଇରେ ୭୫% ଖୁଚୁରା ଡିଜିଟାଲ ପେମେଣ୍ଟ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି)

ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଭାରତରେ ୨୦୧୬ରେ ଆରମ୍ଭ ହୋଇଥିଲା। ଦେଶରେ ୟୁପିଆଇ ସେବା ଆରମ୍ଭ ହେବା ପରଠାରୁ ୟୁପିଆଇ ଭାରତରେ ଆର୍ଥିକ ସେବା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି। ଏହା ମାଧ୍ୟମରେ ପ୍ରାୟ ୩୦ କୋଟି ଲୋକ ଓ ୫ କୋଟି ବ୍ୟବସାୟୀ ସହଜରେ ଡିଜିଟାଲ ନେଣଦେଣ କରିପାରୁଛନ୍ତି। ଅକ୍ଟୋବର ୨୦୨୩ ସୁଦ୍ଧା ଭାରତରେ ହୋଇଥିବା ସମସ୍ତ ଖୁଚୁରା ଡିଜିଟାଲ ପେମେଣ୍ଟର ୭୫% ୟୁପିଆଇ ମାଧ୍ୟମରେ ହେଉଥିଲା।

ୟୁପିଆଇ ଆସିବା ପରେ କ୍ଷୁଦ୍ର ଋଣକାରୀମାନେ ବେଶ ସଶକ୍ତ ହୋଇପାରିଛନ୍ତି। ବିଶେଷକରି ୟୁପିଆଇ ମାଧ୍ୟମରେ ସବପ୍ରାଇମ୍ ଋଣକାରୀ (ଯେଉଁମାନଙ୍କ ଋଣପ୍ରାପ୍ତି ଯୋଗ୍ୟତା କମ୍ ଥାଏ ) ଓ ନୂଆ ଋଣକାରୀମାନେ ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ସଂସ୍ଥାରୁ ଋଣ ପାଇବାକୁ ସକ୍ଷମ ହୋଇପାରିଛନ୍ତି। ଯେଉଁ ଅଞ୍ଚଳରେ ୟୁପିଆଇର ଅଧିକ ବ୍ୟବହାର ହେଉଛି ସେଠାରେ ନୂଆ ଋଣକାରୀଙ୍କ ସଂଖ୍ୟା ୪ ପ୍ରତିଶତ ଓ ସବପ୍ରାଇମ୍ ଋଣକାରୀଙ୍କ ସଂଖ୍ୟା ୮ ପ୍ରତିଶତ ବୃଦ୍ଧି ପାଇଛି। ଏହା ସହିତ ଏକ ହାରାହାରି ଫିନଟେକ୍ ଋଣ ପରିମାଣ ୨୭,୭୭୮ ଟଙ୍କାକୁ ବୃଦ୍ଧି ପାଇଛି ଯାହାକି ଗ୍ରାମାଞ୍ଚଳରେ ମାସିକ ବ୍ୟୟଠାରୁ ୭ ଗୁଣ ଅଧିକ। ଫିନଟେକ୍ ଋଣଦାତାମାନେ ଦ୍ରୁତ ଗତିରେ ଅଭିବୃଦ୍ଧି ହାସଲ କରିବା ସହ ନିଜର ଋଣ ପରିମାଣରେ ୭୭ ଗୁଣ ବୃଦ୍ଧି କରିପାରିଛନ୍ତି ଓ କ୍ଷୁଦ୍ର ଓ ସ୍ୱଳ୍ପ ଯୋଗ୍ୟତା ସଂପନ୍ନ ଋଣକାରୀମାନଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ପାରମ୍ପରିକ ବ୍ୟାଙ୍କମାନଙ୍କୁ ଟପିଯାଇଛି। ଦେଶରେ ସୁଲଭ ମୂଲ୍ୟରେ ଇଣ୍ଟରନେଟ୍ ସେବା ଓ ଅନ୍ୟ ଡିଜିଟାଲ୍ ଟେକନଲୋଜିର ଉପଲବ୍ଧତା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୟୁପିଆଇର ଗ୍ରହଣୀୟତାକୁ ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏକ ତଥ୍ୟ ଅନୁସାରେ ୟୁପିଆଇ ନେଣଦେଣରେ ୧୦ ପ୍ରତିଶତ ବୃଦ୍ଧି ଦ୍ୱାରା ଋଣ ଉପଲବ୍ଧତା ୭ ପ୍ରତିଶତ ବୃଦ୍ଧି ପାଇଛି। ଏହା ଦର୍ଶାଉଛି କିପରି ଡିଜିଟାଲ ଅର୍ଥନୀତି



**୩୦ କୋଟି ଲୋକ, ୫ କୋଟି ବ୍ୟବସାୟୀ କରୁଛନ୍ତି ଡିଜିଟାଲ ନେଣଦେଣ**

ଋଣଦାତାମାନଙ୍କୁ ଋଣକାରୀଙ୍କ ନିକଟରେ ସହଜରେ ପହଞ୍ଚିବାକୁ ସକ୍ଷମ କରୁଛି। ୨୦୧୫ରୁ ୨୦୧୯ ମଧ୍ୟରେ ସବପ୍ରାଇମ ଋଣକାରୀଙ୍କୁ ଫିନଟେକ୍ ଋଣ ଅଭିବୃଦ୍ଧି ବ୍ୟାଙ୍କମାନଙ୍କ ପ୍ରଦତ୍ତ ଋଣ ସହିତ ସମାନ ହୋଇପାରିଥିଲା, ଏପରିକି ଉଚ୍ଚ ୟୁପିଆଇ ବ୍ୟବହାର ଅଞ୍ଚଳରେ ଫିନଟେକମାନେ ଅଗ୍ରଣୀ ସ୍ଥିତିରେ ଥିଲେ। ୟୁପିଆଇ ମାଧ୍ୟମରେ କେବଳ ଋଣ ପ୍ରଦାନ ବଢିନାହିଁ ବରଂ ଖିଲାପ ହାର ବି ହ୍ରାସ ପାଇଛି। ଏହା ଦର୍ଶାଉଛି ଯେ ୟୁପିଆଇ-ଭିତ୍ତିକ ନେଣଦେଣ ତଥ୍ୟ ଋଣଦାତାମାନଙ୍କୁ ଦାୟିତ୍ୱର ସହ ସଂପ୍ରସାରଣ କରିବାକୁ ସୁଯୋଗ ପ୍ରଦାନ କରିଛି। ଭାରତର ଏହି ସଫଳତାର ପ୍ରଭାବ ସମଗ୍ର ବିଶ୍ୱରେ ପଡ଼ିବାକୁ ଯାଉଛି। ଭାରତରେ ୟୁପିଆଇର ସଫଳତା ପରେ ଅନ୍ୟ ଦେଶରେ ତାହାର ଅନୁକରଣ ହେବାର ସମ୍ଭାବନା ଦେଖାଦେଇଛି। ଏହା ଦର୍ଶାଉଛି କିପରି ସାଧାରଣ ଡିଜିଟାଲ ଭିତ୍ତିଭୂମି ସହ ମୁକ୍ତ ବ୍ୟାଙ୍କ ନୀତିକୁ ସଂଯୁକ୍ତ କରି ସମସ୍ତଙ୍କ ନିକଟକୁ ଆର୍ଥିକ ସେବା ପହଞ୍ଚାଯାଇପାରିବ, ଉଦ୍ଭାବନକୁ ପ୍ରୋତ୍ସାହିତ କରିହେବ ଓ ସମାବେଶୀ ଆର୍ଥିକ ଅଭିବୃଦ୍ଧି ସୁନିଶ୍ଚିତ କରିହେବ।

## ଟିକ୍‌ଟକ୍ ଉପରେ ଆମେରିକା ଲଗାଇବ କଟକଣା

ୱାଶିଂଟନ୍,୮।୧୨(ଏଜେନ୍ସି)

ଆମେରିକାରେ ଚାଇନାର ସର୍ଟ ଭିଡିଓ ଆପ୍ ଟିକଟୋକ ଉପରେ ପ୍ରତିବନ୍ଧକ ଲଗାଯିବା ପ୍ରାୟ ନିଶ୍ଚିତ। କାରଣ ଆମେରିକାରେ ଟିକ୍‌ଟକ୍ ଉପରେ ଲାଗିବ କଟକଣା। ଜାନୁଆରୀ ୧୯ ସୁଦ୍ଧା ଟିକ୍‌ଟକ୍‌କୁ ଏହାର ପ୍ୟାରେଣ୍ଟ କମ୍ପାନୀ ବାଇଟ୍‌ଡାନ୍ସକୁ ବିକ୍ରି କରିବାକୁ କୋର୍ଟ କହିଛନ୍ତି, ନଚେତ୍ ଆମେରିକାରେ ଏହି ଆପ୍ ଉପରେ ପ୍ରତିବନ୍ଧକ ଲଗାଯିବ।

ଶୁକ୍ରବାର ଆମେରିକାର ଫେଡେରାଲ କୋର୍ଟ ଏହି ଆପ୍‌ର 'ବାକ୍ ସ୍ୱାଧୀନତା' ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଶୁଣାଣି ସମୟରେ ତିନିଜଣ ବିଚାରପତିଙ୍କ ଏକ ବେଞ୍ଚ ବାଇଟ୍ ଡାନ୍ସଙ୍କ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଆମେରିକାର କୌଣସି ଆଇନ କୌଣସି ପ୍ରକାରେ 'ବାକ୍ ସ୍ୱାଧୀନତା'କୁ ପ୍ରତିରୋଧ କରେନାହିଁ। ଜଷ୍ଟିସ୍ ଡଗଲାସ୍ ଜିନ୍ସବର୍ଗ ଏହି ନିଷ୍ପତ୍ତିରେ ଲେଖିଛନ୍ତି ଯେ, 'ଆମେରିକାରେ ବାକ୍ ସ୍ୱାଧୀନତାର ସୁରକ୍ଷା ପାଇଁ ସମ୍ବିଧାନର ପ୍ରଥମ ସଂଶୋଧନ ବିଦ୍ୟମାନ ଅଛି। ସରକାର ଶତ୍ରୁ ଦେଶରୁ ମୁକ୍ତ ଭାଷଣକୁ ସୁରକ୍ଷା ଦେଇଛନ୍ତି। ଆମେରିକା ବିପକ୍ଷ ଦେଶଗୁଡିକୁ ଆମେରିକାର ଲୋକଙ୍କ ତଥ୍ୟ ସଂଗ୍ରହରୁ ଅଟକାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ ମାର୍ଚ୍ଚରେ



**ଭାରତରେ ୨୦୨୦ ଠାରୁ ନିଷିଦ୍ଧ**

ଭାରତ ସରକାର ଟିକ୍‌ଟକ୍‌କୁ ନିଷେଧ କରିଛନ୍ତି। ଏହା ବ୍ୟତୀତ ପାକିସ୍ତାନ, ନେପାଳ ଏବଂ ଆଫଗାନିସ୍ତାନ ସମେତ ପ୍ରାୟ ୫୦ ଟି ଦେଶ ଟିକ୍‌ଟକ୍ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଆମେରିକାର ରାଷ୍ଟ୍ରପତି ଜୋ ବିଡେନ ଟିକ୍‌ଟକ୍ ଆପକୁ ନିଷିଦ୍ଧ କରିବା ପାଇଁ ଏକ ଆଇନ ପ୍ରସ୍ତୁତ କରିଥିଲେ। ଏହି ବିଲ୍ ଉପସ୍ଥାପନ କରିବାବେଳେ ଏହି ଆପ୍ ଜାତୀୟ ସୁରକ୍ଷା ଏବଂ ଉପଭୋକ୍ତା ଗୋପନୀୟତା ପ୍ରତି ବିପଦ ବୋଲି ବର୍ଣ୍ଣନା କରାଯାଇଥିଲା। ଆମେରିକା ସଂସଦର ଉପର ଗୃହ ସିନେଟ୍ ୭୯-୧୮ ଭୋଟରେ ଏହି ଆପ୍ ବିରୋଧରେ ବିଲ୍ ପାରିତ କରିଛି। ଚଳିତ ବର୍ଷ ଏପ୍ରିଲ ୨୪ରେ, ବିଡେନ ଏହି ନୂତନ ବିଲ୍‌ରେ ଆପକୁ ନିଷିଦ୍ଧ କରିଥିଲେ।

## ପୂର୍ବାଞ୍ଚଳ ଭବିଷ୍ୟନିଧି କ୍ରିକେଟ: ଓଡ଼ିଶା ଚାମ୍ପିଅନ



ଭୁବନେଶ୍ୱର, ୮ ।୧୨ (ସମିସ): ବିହାରର ଭାଗଲପୁର ସ୍ୟାଣ୍ଡିସ ଗ୍ରାଉଣ୍ଡରେ ଅନୁଷ୍ଠିତ ପୂର୍ବାଞ୍ଚଳ ଭବିଷ୍ୟନିଧି କ୍ରିକେଟ୍‌ରେ ଓଡ଼ିଶା ଦଳ ଚାମ୍ପିଅନ ହୋଇଛି । ଫାଇନାଲରେ ଓଡ଼ିଶା ଦଳ ୯ ୱିକେଟ୍‌ରେ ବିହାରକୁ ପରାସ୍ତ କରି ଟାଇଟଲ୍‌କୁ ବଜାୟ ରଖିବାରେ ସଫଳ ହୋଇଛି । ଏଥିସହ ଓଡ଼ିଶା ଗୋଆରେ ହେବାକୁ ଥିବା ଆଗାମୀ ସର୍ବଭାରତୀୟ ପ୍ରତିଯୋଗିତାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି । ଅମରେଶ ମହାନ୍ତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ପୂର୍ବରୁ ସେମିଫାଇନାଲରେ ୧୦ ରନରେ ଉତ୍ତର ପୂର୍ବାଞ୍ଚଳ ଦଳକୁ ହରାଇଥିଲା । ସୁଚିତ୍ର ମୋହନ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍, ରାହୁଲ ତୋମାର ମ୍ୟାନ୍ ଅଫ୍ ଦି ସିରିଜ, ଅମରେଶ ମହାନ୍ତି ଶ୍ରେଷ୍ଠ ଫିଲ୍ଡର, ରାହୁଲ ତୋମାର ଶ୍ରେଷ୍ଠ ବୋଲର ପୁରସ୍କାର ହାସଲ କରିଥିଲେ । ଏହି ସଫଳତା ଲାଗି ସ୍ଥାନୀୟ ଆଞ୍ଚଳିକ କମିଶନର-୧ ପିବି ବର୍ମା, କମିଶନର-୨ ଗୌରବ ମହାନ୍ତି, ସୁଶ୍ରୀ ମୌସୁମୀଲତା ପାଢ଼ୀ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

## ନିପୁନ, ଧୋବଣୀ, ଅମିତ, ଅର୍ଚ୍ଚିତା ଚାମ୍ପିଅନ



### ରାଜ୍ୟ ବଧିର ଚେସ୍

କଟକ, ୮ ।୧୨(ସମିସ): ତୁଳସୀପୁରସ୍ଥିତ ଜିଲ୍ଲା ବଧିର ସଂଘ କାର୍ଯ୍ୟାଳୟରେ ୨୪ତମ ରାଜ୍ୟ ବଧିର ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପୁରୁଷ ବିଭାଗରେ ଖୋର୍ଦ୍ଧାର ନିପୁନ ଆଦିତ୍ୟ ମହାନ୍ତି, ମହିଳା ବିଭାଗରେ ଖୋର୍ଦ୍ଧାର ଧୋବଣୀ ପାତ୍ର, ବାଳକ ବିଭାଗରେ ବଲାଙ୍ଗିରର ଅମିତ ବାଗ, ବାଳିକା ବିଭାଗରେ ବଲାଙ୍ଗିରର ଅର୍ଚ୍ଚିତା ଦେହୁରୀ ଚାମ୍ପିଅନ ହୋଇଛନ୍ତି । ରାଜ୍ୟ ବଧିର କ୍ରୀଡ଼ା ସଂଘ ସହଯୋଗରେ କଟକ ଜିଲ୍ଲା ବଧିର ସଂଘ ଆନୁକୂଲ୍ୟରେ ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ହୋଇଥିଲା । ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ସଭାପତି ତଥା ଅନ୍ତର୍ଜାତୀୟ ଭିନ୍ନକ୍ଷମ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସିତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ କଟକ ଜିଲ୍ଲା ବଧିର ସଂଘ ଅଧ୍ୟକ୍ଷ ସଞ୍ଜୟ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଚେସ୍ ପ୍ରଶିକ୍ଷକ ସତ୍ୟ ରଞ୍ଜନ ପଟ୍ଟନାୟକ, ରାଜ୍ୟ ବଧିର କ୍ରୀଡ଼ା ସଂଘ ସଭାପତି ଏସଏନ ବହିଦାର, ସାଧାରଣ ସମ୍ପାଦକ ନିରଞ୍ଜନ ଯୋଶୀ, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ ହୋତା, କଟକ ଜିଲ୍ଲା ସାଧାରଣ ସମ୍ପାଦକ ଜିତେନ୍ଦ୍ର ନନ୍ଦ, ଦିଲ୍ଲୀପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ରାଜ୍ୟ ସଫ୍ଟବଲ: ଭୁବନେଶ୍ୱର, କିଟ୍ ଚାମ୍ପିଅନ



କଟକ, ୮ ।୧୨(ସମିସ): ଓଡ଼ିଶା ରାଜ୍ୟ ସଫ୍ଟବଲ ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୩ତମ ରାଜ୍ୟ ବରିଷ୍ଠ ସଫ୍ଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ପୁରୁଷ ବର୍ଗରେ ଭୁବନେଶ୍ୱର ଚାମ୍ପିଅନ, ସୋଆ ବିଶ୍ୱବିଦ୍ୟାଳୟ ରନର୍ସଅପ ଓ କିଟ୍ ବିଶ୍ୱବିଦ୍ୟାଳୟ ୩ୟ ସ୍ଥାନ ଅକ୍ତିଆର କରିଥିଲା । ସେହିପରି ମହିଳାବର୍ଗରେ କିଟ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ଏବଂ କଟକ ରନର୍ସଅପ ହୋଇଛି । ସୋଆ ବିଶ୍ୱବିଦ୍ୟାଳୟ ୩ୟ ସ୍ଥାନ ଅକ୍ତିଆର କରିଛି । ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ କ୍ରୀଡ଼ା ବିଭାଗ ଓଏସଡି ଧୀରଜ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ରାଜ୍ୟ ସଂଘ ସଭାପତି ଦୀପକ କୁମାର ଗୌଡ଼, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ରାଜ କିଶୋର ପଟ୍ଟନାୟକ, କୋଷାଧ୍ୟକ୍ଷ ଶକ୍ତି ପ୍ରସାଦ ମହାନ୍ତି, ସୁନୀତା ବର୍ମା, ଡଃ ଅମୀୟ କୁମାର ଚାନ୍ଦ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ।

### ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ବିସ୍ଫୋରକ ବୟାନ

# ‘ଚିହ୍ନା ଖେଳାଳିଙ୍କୁ ଦଳରେ ମିଳୁଛି ସୁଯୋଗ’




**ଓସିଏ ଚୟନ କମିଟି ଉପରେ ପ୍ରଶ୍ନବାଚୀ**

**ଓସିଏଲ୍‌ର ଶ୍ରେଷ୍ଠ ଖେଳାଳି ସତ୍ତ୍ୱେ ଅଣଦେଖା**

କଟକ, ୮ ।୧୨(ସମିସ): ଖେଳାଳିଙ୍କ ପ୍ରତିଭା କିମ୍ବା ସେମାନଙ୍କ ପ୍ରଦର୍ଶନକୁ ମାପଦଣ୍ଡ ଭାବେ ବିଚାର କରାଯାଉନାହିଁ । ଚିହ୍ନାଜଣାରେ ରାଜ୍ୟ ଦଳ ଗଠନ ହେଉଛି । ବିଶେଷକରି ଚୟନ କମିଟିର କର୍ମକର୍ତ୍ତା ନିଜ ପରିଚିତ କିମ୍ବା ସେମାନଙ୍କ ଅଧିନ କ୍ଲବର ଖେଳାଳିଙ୍କୁ ଓଡ଼ିଶା ଦଳରେ ସୁଯୋଗ ଦେଉଛନ୍ତି । ଓଡ଼ିଶା କ୍ରିକେଟ ଦଳ ଚୟନରେ ସମ୍ପୂର୍ଣ୍ଣ ଅନିୟମିତତା ଚାଲିଛି । ଏଭଳି ସଙ୍ଗୀନ ଅଭିଯୋଗ ଉଠାଇଛନ୍ତି ରାଜ୍ୟ କ୍ରିକେଟ ଜଗତର ବେଶ୍ ଜଣାଶୁଣା ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନ । ତେବେ ସୂର୍ଯ୍ୟକାନ୍ତଙ୍କ ଏଭଳି ସଙ୍ଗୀନ ଅଭିଯୋଗ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର କାର୍ଯ୍ୟଧାରା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜାତୀୟସ୍ତରରେ ରାଜ୍ୟ କ୍ରିକେଟର ସ୍ଥିତି ଖସୁଥିବାବେଳେ ଯଦି ସତରେ ଏଭଳି ଢ଼ଙ୍ଗରେ ଓଡ଼ିଶା ଦଳ ଗଠନ ଚାଲିଥାଏ, ତାହେଲେ ଏହା ଓଡ଼ିଶା କ୍ରିକେଟକୁ ଆହୁରି ବିପଦକୁ ଠେଲିଦେବ ବୋଲି ଆଲୋଚନା ଜୋର ଧରିଛି ।

ଗତ ଏକ ଦଶନ୍ଧି ଧରି ରାଜ୍ୟ କ୍ରିକେଟର ଜଣେ ନିୟମିତ ଖେଳାଳି ହେଉଛନ୍ତି ସୂର୍ଯ୍ୟକାନ୍ତ । ମିଡିୟମ୍ ପେସ୍ ବୋଲିଂ ସହିତ ମଧ୍ୟ-ନିମ୍ନକ୍ରମରେ ଧୂଆଁଧାର ବ୍ୟାଟିଂର ଦକ୍ଷତା ଯୋଗୁଁ ଅନେକ ମ୍ୟାଚ୍‌ରେ ସେ ଓଡ଼ିଶା ପାଇଁ ମ୍ୟାଚ୍ ବିଜେତା ସାବ୍ୟସ୍ତ ହୋଇଛନ୍ତି । ଇତି ମଧ୍ୟରେ ସୂର୍ଯ୍ୟକାନ୍ତ ୬୩ଟି ରଣଜୀ, ୩୫ଟି ଏକଦିବସୀୟ (ଲିଷ୍ଟ-ଏ) ଏବଂ ୫୨ ଟି-୨୦ ମ୍ୟାଚ ଖେଳି ସାରିଛନ୍ତି । ଏପରିକି ଚଳିତ ରଣଜୀ ଟ୍ରଫିର ପ୍ରଥମ କେତୋଟି ମ୍ୟାଚ୍‌ରେ ସେ ପ୍ରଭାବୀ ବୋଲିଂ ମଧ୍ୟ କରିଥିଲେ । ହେଲେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରୁ ତାଙ୍କୁ ବାଦ୍ ଦିଆଯାଇଥିଲା । ଆଗାମୀ ବିଜୟ ହଜାରେ ଟ୍ରଫି ନିମନ୍ତେ ରାଜ୍ୟ ଦଳର ଟ୍ରାଏଲ୍ସ ଚାଲିଥିବାବେଳେ ଏହି ତାଲିକାରେ ବି ସୂର୍ଯ୍ୟକାନ୍ତଙ୍କ ନାଁ ନାହିଁ ।

ଟି-୨୦ ଫର୍ମାଟରେ ଖେଳାଯାଉଥିବା ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ)ରେ ଚାମ୍ପିଅନ ଓଡ଼ିଶା ଲାୟନ୍ସ ଦଳର ଅଧିନାୟକ ଥିଲେ ସୂର୍ଯ୍ୟକାନ୍ତ । ୧୧ ମ୍ୟାଚ୍‌ରୁ ୨୧୦ ରନ ସଂଗ୍ରହ କରିଥିବା ସୂର୍ଯ୍ୟକାନ୍ତଙ୍କ ଷ୍ଟ୍ରାଇକରେଟ୍ ଥିଲା ୨୦୩.୮୮ । ସେ ୩ଟି ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ୧୬ ବଲରୁ ୫୨ରନର ଦୁର୍ଦ୍ଧର୍ଷ ପାଳି ସ୍ମରଣୀୟ ଥିଲା । ଏପରିକି ସେ ଓସିଏଲ୍‌ରେ ୧୧ଟି ୱିକେଟ ଅକ୍ତିଆର କରି ବୋଲିଂ ତାଲିକାର ୫ମ ସ୍ଥାନରେ ରହିଥିଲେ । ଏହି ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ସୂର୍ଯ୍ୟକାନ୍ତଙ୍କୁ ଓସିଏଲର ଶ୍ରେଷ୍ଠ ଖେଳାଳି ଭାବେ ସୂର୍ଯ୍ୟକାନ୍ତ ‘ପ୍ଲେୟାର ଅଫ ଦି ସିରିଜ’ ବିବେଚିତ ହୋଇଥିଲେ । ତଥାପି ତାଙ୍କୁ କାହିଁକି ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟ୍ରଫିରେ ସୁଯୋଗ ମିଳିଲା ନାହିଁ ତାହାକୁ ନେଇ ସେ ପ୍ରଶ୍ନ କରିଛନ୍ତି । ଓସିଏଲ୍‌ରେ ଏଭଳି ପ୍ରଦର୍ଶନ ସହ ଜାତୀୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ନିୟମିତ ପ୍ରଦର୍ଶନରେ ସ୍ଥିରତା ରଖୁଥିଲେ ମଧ୍ୟ ତାଙ୍କୁ ସୀମିତ ଓଭରର ଦୁଇ ପ୍ରତିଯୋଗିତା (ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫି)ରୁ ଅଣଦେଖା କରାଯିବା ସୂର୍ଯ୍ୟକାନ୍ତଙ୍କୁ ନିରାଶ କରିବା ସହ ମାନସିକ ଭାବେ ଗଭୀର ଆଘାତ ଦେଇଛି । ଚୟନ କମିଟି ଅଧ୍ୟକ୍ଷ ଅମୀୟ ରାୟଙ୍କ ସମେତ କମିଟି ସଦସ୍ୟ ସୁବିତ ବିଶ୍ୱାଳ, ସୌରଜିତ ମହାପାତ୍ରଙ୍କୁ ସେ ଏଥିଲାଗି ଦାୟୀ କରିଛନ୍ତି । ସୂର୍ଯ୍ୟକାନ୍ତ ଅଭିଯୋଗରେ କହିଛନ୍ତି ଯେ, ଅଧ୍ୟକ୍ଷ ଅମୀୟ ନିଜ କ୍ଲବର ଖେଳାଳିଙ୍କୁ ଓଡ଼ିଶା ଦଳରେ ସ୍ଥାନ ଦେଉଛନ୍ତି । ଏହି ଘଟଣା ସଂକ୍ରାନ୍ତରେ ଓସିଏ ପଦାଧିକାରୀ, ଚୟନ କମିଟି ଅଧ୍ୟକ୍ଷ ଓ ସଦସ୍ୟଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

## ନିମପୁର ଜିତିଲା ବାରବାଟୀ କପ୍



ନିମାପଡ଼ା, ୮ ।୧୨।(ସମିସ): ନିମାପଡ଼ା ବାରବାଟୀ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ବାରବାଟୀ କପ୍ ତଥା ୪ର୍ଥ ଟୁବୁଲି ସ୍ମାରକୀ କ୍ରିକେଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଏମ୍‌ସିସି ଭୁବନେଶ୍ୱରକୁ ପରାସ୍ତ କରି ନିମପୁର ସ୍ପୋର୍ଟିଂ (କଟକ) ଚାମ୍ପିଅନ ହୋଇଛି । ୩୦ ଓଭର ବିଶିଷ୍ଟ ଫାଇନାଲରେ ଏମ୍‌ସିସି ପ୍ରଥମେ ବ୍ୟାଟିଂ କରି ୨୪ ଓଭରରେ ସମସ୍ତ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରମଣୀ ଜେନା ୪୦ ଓ ଅନୁରାଗ ଷଡ଼ଙ୍ଗୀ ୩୨ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବୋଲର ଏମ୍‌ଡି ଡାନିସ ୩ଓ ବାସୁକି ନାଥ ତ୍ରିୱାରୀ ୨ଟି ୱିକେଟ ନେଇଥିଲେ । ଜବାବରେ ନିମପୁର ଦଳ ୧୮.୧ ଓଭରରେ ୬ଟି ୱିକେଟ ହରାଇ ବିଜୟୀ ହୋଇଥିଲା । ଅବିନାଶ ନାୟକ ୪୦ ଓ ଗିରିଜା ରାଉତ ୩୩ ରନ ସଂଗ୍ରହ କରିଥିଲେ । ଏମ୍‌ଡି ଡାନିସ ମ୍ୟାନ ଅଫ ଦି ମ୍ୟାଚ ଏବଂ ଏମ୍‌ସିସିର ଆଶୁତୋଷ ରାୟ ମ୍ୟାନ ଅଫ୍ ଦି ସିରିଜ ଭାବେ ବିବେଚିତ ହୋଇଥିଲେ ।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ସମ୍ମାନିତ ଅତିଥିଭାବେ ବ୍ୟବସାୟୀ ବିଜୟ ପ୍ରସାଦ ମିଶ୍ର, ଶିକ୍ଷାବିତ୍ ବସନ୍ତ ମହାନ୍ତି, କ୍ଷୀରୋଦ ରାୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ନିମପୁର ଦଳକୁ ଟ୍ରଫି ସହ ୫୦, ୦୦୧ ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହିତ ୩୦, ୦୦୧ଟଙ୍କା ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । କମଲ କିରନ ସଭା ପରିଚାଳନା କରିଥିଲେ । ମ୍ୟାଚକୁ ସମ୍ବିତ ପଟ୍ଟନାୟକ ଓ ରଞ୍ଜିତ ମହାରଣା ପରିଚାଳନା କରିଥିବାବେଳେ ଅନିଶ ପ୍ରଧାନ ଓ ତନ୍ମୟ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ଅୟଶ କାନ୍ତ ମିଶ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

**କୁଚ୍ ବିହାର ଟ୍ରଫି**

## ଚଣ୍ଡୀଗଡ଼ ବିଜୟ ନିକଟତର

କଟକ, ୮ ।୧୨(ସମିସ): ସୁନ୍ଦରଗଡ଼ ଷ୍ଟାଡିୟମରେ ଖେଳାଯାଉଥିବା କୁଚ୍ ବିହାର ଟ୍ରଫିର ୫ମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିପକ୍ଷରେ ଚଣ୍ଡୀଗଡ଼ ବିଜୟ ନିକଟତର ହୋଇଛି । ପ୍ରଥମ ପାଳିରେ ୪୨ ରନର ଅଗ୍ରଣୀ ସତ୍ତ୍ୱେ ଦ୍ୱିତୀୟ ପାଳିରେ ଓଡ଼ିଶା ଦୁର୍ବଳ ବ୍ୟାଟିଂ କରିଥିଲା । ମାତ୍ର ୧୩୨ ରନରେ ଅଲଆଉଟ ହୋଇଥିଲା । ଫଳରେ ଚଣ୍ଡୀଗଡ଼ ସମ୍ମୁଖରେ ୧୭୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ରବିବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଚଣ୍ଡୀଗଡ଼ ଗୋଟିଏ ୱିକେଟ ହରାଇ ୬୯ ରନ କରିଛି । ହାତରେ ୯ ୱିକେଟ ବାକି ରଖିଥିବା ଚଣ୍ଡଗଡ଼ ବିଜୟଠାରୁ ଆଉ ୧୦୬ ରନ ଦୂରରେ ରହିଛି । ଓଡ଼ିଶା ପ୍ରଥମ ପାଳିରେ ୨୫୭ ରନ କରିଥିଲା । ଜବାବରେ ଶନିବାର ଖେଳ ଶେଷ ସୁଦ୍ଧା ଚଣ୍ଡୀଗଡ଼ ୬ ୱିକେଟ ହରାଇ ୧୬୪ ରନ କରିଥିଲା । ରବିବାର ୫୧ ରନରେ ଦଳ ଅବଶିଷ୍ଟ ୪ ୱିକେଟ ହରାଇଥିଲା । ତେବେ ଓଡ଼ିଶା ଦ୍ୱିତୀୟ ପାଳିରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୩୨ରେ ସୀମିତ ରହିଥିଲା ।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶାର ଇନିଂସ ବିଜୟ

ଭୁବନେଶ୍ୱର, ୮ ।୧୨(ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ଏକ ଇନିଂସ ଓ ୫୨ ରନ୍‌ରେ ଆସାମକୁ ପରାସ୍ତ କରିଛି । ଫଳରେ ଓଡ଼ିଶା ଦଳ ପ୍ରଥମ ମ୍ୟାଚ୍‌ରେ ପୂରା ପଏଣ୍ଟ ପାଇଛି । ଏହି ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସରେ ୨୮୪ ରନ୍ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଆସାମ ପ୍ରଥମ ଇନିଂସରେ ୧୦୧ ଓ ଦ୍ୱିତୀୟ ଇନିଂସରେ ୧୩୧ ରନ୍ କରିବାକୁ ସମର୍ଥ ହୋଇଥିଲା । ରବିବାର ଶେଷ ହୋଇଥିବା ଆସାମ ଦ୍ୱିତୀୟ ଇନିଂସରେ ରାଜା ଯାଦବ ୪ଟି ଓ ସୌମ୍ୟରଞ୍ଜନ ସିଂ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଏହି ଦୁଇ ଖେଳାଳି ଆସାମର ପ୍ରଥମ ଇନିଂସରେ ମଧ୍ୟ ୭ଟି ୱିକେଟ ନେଇଥିଲେ । ସେମାନଙ୍କ ମଧ୍ୟରୁ ସୌମ୍ୟ ୪ଟି ଓ ରାଜା ୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ । ଉଭୟ ଖେଳାଳି ଆସାମର ୨୦ଟି ୱିକେଟ ମଧ୍ୟରୁ ମିଳିତଭାବେ ୧୪ଟି ୱିକେଟ ନେଇଛନ୍ତି । ସେହିପରି ଓଡ଼ିଶା ପ୍ରଥମ ଇନିଂସରେ ସ୍ୱାଗତ ସୌରଭ ମିଶ୍ରଙ୍କ ୭୯ ଓ ପାନକଲ ମୋକ୍ଷିତଙ୍କ ୭୫ ରନ୍ ସହାୟତାରେ ଦଳ ୨୮୪ ରନ୍ କରିଥିଲା ।



## ଇଂଲଣ୍ଡ ଟେଷ୍ଟ ସିରିଜ୍ ବିଜୟୀ

ୱେଲିଂଟନ, ୮ ।୧୨(ଏଜେନ୍ସି): ହ୍ୟାରୀ ବ୍ରୁକ୍‌ଙ୍କ ଚମତ୍କାର ବ୍ୟାଟିଂ ଓ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ରବିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡ ୩୨୩ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୦ରେ ଆଗୁଆ ସିରିଜ୍ କବ୍‌ଜା କରିଛି । ଏହି ସିରିଜ୍‌ର ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୮ ୱିକେଟରେ ବିଜୟୀ ହୋଇଥିଲା ବେଳେ ତୃତୀୟ ତଥା ଶେଷ ଟେଷ୍ଟ ହାମିଲଟନ୍‌ରେ ଡିସେମ୍ବର ୧୪ରୁ ଆରମ୍ଭ ହେବ । ଏଠାରେ ଇଂଲଣ୍ଡ ପକ୍ଷରୁ ପ୍ରଥମ ଇନିଂସରେ ୧୨୩ ଓ ଦ୍ୱିତୀୟ ଇନିଂସରେ ୫୫ ରନ୍ କରିଥିବା ହ୍ୟାରୀ ବ୍ରୁକ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।

**ଜାତୀୟ ବରିଷ୍ଠ ମହିଳା ଦିନିକିଆ କ୍ରିକେଟ**

## ଓଡ଼ିଶାର ବୃହତ୍ ବିଜୟ

କଟକ, ୮ ।୧୨(ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାକୁ ବୃହତ୍ ବିଜୟ ମିଳିଛି । ଅହମ୍ମଦାବାଦର ଏଡିଏସ୍‌ଏ ରେଲୱେ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୧୯୪ ରନରେ ଅରୁଣାଚଳପ୍ରଦେଶକୁ ପରାସ୍ତ କରିଛି । ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଓଡ଼ିଶା । ମାଧୁରୀ ମେହଟା ପୁଣି ଏକ ଚିତାକର୍ଷକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ମାଧୁରୀଙ୍କ ୮୮ ରନ ସମେତ ତରଣା ପ୍ରଧାନଙ୍କ ୩୭, ଡି ଜାନକୀ ରେଡ୍ଡୀଙ୍କ ୨୭ ରନ ବଳରେ ଓଡ଼ିଶା ୯ ୱିକେଟ ବିନିମୟରେ ୨୪୬ରନ ସଂଗ୍ରହ କରିଥିଲା । ଅରୁଣାଚଳପ୍ରଦେଶର ଟି ୟାନିଆମ ୩ଟି ୱିକେଟ ହାସଲ କରିଥିଲେ । ତେବେ ଅରୁଣାଚଳପ୍ରଦେଶ ମାତ୍ର ୫୨ ରନରେ ଅଲଆଉଟ ହୋଇ ଶୋଚନୀୟ ପରାଜୟ ବରଣ କରିଛି । ଶିବି ଯାଦବ ୨୨ ରନ କରିଥିଲେ । ଓଡ଼ିଶା ତରଫରୁ ତରଣା ପ୍ରଧାନଙ୍କୁ ୪ଟି ୱିକେଟ ମିଳିଥିଲା । ସୁଶ୍ରୀ ଦିବ୍ୟଦର୍ଶନୀ ୨ଟି, ରାମେଶ୍ୱରୀ ନାୟକ ଏବଂ ରସନାରା ପରୱିନ ଗୋଟିଏ ଲେଖାଏ ୱିକେଟ ନେଇଥିଲେ ।

**ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଉଦ୍‌ଘାଟିତ**

## କଟକ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

ନନ୍ଦନକାନନ, ୮ ।୧୨(ସମିସ): ଭୁବନେଶ୍ୱର ଉତ୍ତର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ରବିବାରଠୁ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ପ୍ରଥମ ଦିବସରେ ୩ଟି ମ୍ୟାଚ୍ ଖେଳାଯାଇଥିଲା । ସହରାଞ୍ଚଳ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ (କଟକ) ୩-୦ଗୋଲରେ ଜଗା ୟୁନାଇଟେଡ଼ କ୍ଲବ (ଭୁବନେଶ୍ୱର)କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି । ସେହିଭଳି ଗ୍ରାମାଞ୍ଚଳ ବିଭାଗରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ସିଭିରମଣ ବିଶ୍ୱବିଦ୍ୟାଳୟ ୨-୦ ଗୋଲରେ ବାଲୁଙ୍କେଶ୍ୱର କ୍ଲବ ଦେଉଳିକୁ ଏବଂ ସୁପ୍ରିମ କ୍ଲବ ୧-୦ ଗୋଲରେ ବାବା ବାଞ୍ଛାମଣୀ ଫୁଟବଲ ଆସୋସିଏସନ (ଟାଙ୍ଗୀ)କୁ ପରାସ୍ତ କରିଛି । ଉଦ୍‌ଘାଟନୀ ଉତ୍ସବରେ ଗ୍ରାମକମିଟି ସଭାପତି ଭାସ୍କର ପଢ଼ିହାରୀ, କୈଳାଶ ଚନ୍ଦ୍ର ରାଉତ, ଗୋପୀନାଥ ଦାଶ, ମାଧବ ରାଉତ, ନକୁଳ ବେହେରା, ବସନ୍ତ ରଥ, ବଂଶୀଧର ପଢ଼ିଆରୀ, ପବିତ୍ର ମୋହନ ସ୍ୱାଇଁ ସୁବାଷ ଚନ୍ଦ୍ର ପାତ୍ର, ସେ'ାଷ ନାଥ ଯୋଗଦେଇଥିଲେ । ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିବାବେଳେ କାଶୀନାଥ ରାଉତ, ଜାପାନୀ ରାଉତ, ଅରୁଣ ରାଉତ, ଲଛମନ ରାଉତ, ହିରୋ ରାଉତ, ଜଗନ୍ନାଥ ବାରିକ ପ୍ରମୁଖ ପରିଚାଳନା କରିଥିଲେ । ମ୍ୟାଚକୁ ରେଫରୀ ଶିବ ଶଙ୍କର ପଣ୍ଡା, ସୁଦୀପ ଦାସ, ବ୍ରହ୍ମାନନ୍ଦ ଭୋଇ, ଜ୍ୟୋତିନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ ।

ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ସହର ଦଳରେ ରାଜ୍ୟ ବାହାରୁ ତାମିଲନାଡୁ ପୁଲିସ, ମଣିପୁର ଓ କେମରୁନ ଭାଗନେଉଥିବାବେଳେ ଓଡ଼ିଶାର ଜଗା ୟୁନାଇଟେଡ, ସ୍ପୋର୍ଟ୍ସ ହଷ୍ଟେଲ, ସନରାଇଜ (କଟକ), ରାଉରକେଲା, ସମଲେଶ୍ୱରୀ ସ୍ପୋର୍ଟ୍ସ ଭାଗନେଇଛନ୍ତି । ସେହିପରି ଏ 'ଡିଭିଜନରେ ୧୬ ଦଳ ଓ ବି' ଡିଭିଜନରେ ୮ଟି ଦଳ ଭାଗନେବେ । ଏ 'ଡିଭିଜନରେ ଚାମ୍ପିଅନ ଦଳକୁ ୧ଲକ୍ଷ ଓ ରନର୍ସଅପ ଦଳକୁ ୭୫ ହଜାର ଟଙ୍କା ପୁରସ୍କାର ରାଶି ଥିବାବେଳେ ବି' ଡିଭିଜନରେ ଚାମ୍ପିଆନ ଦଳକୁ ୨୦ହଜାର ଓ ରନର୍ସଅପ ଦଳକୁ ୧୫ ହଜାର ଅର୍ଥ ରାଶି ଦିଆଯିବ । ଏହି ଖେଳରେ ବିଶେଷ ଆକର୍ଷଣ ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ ସର୍ବଶ୍ରେଷ୍ଠ ଖେଳାଳିଙ୍କୁ ଗୋଟିଏ ଲେଖାଏ ବୁଲେଟ ଗାଡି ଦିଆଯିବ । ଦର୍ଶକ ଦରବାରଙ୍କ ପାଇଁ ପ୍ରତ୍ୟେକ ଦିନ ମାଗଣାରେ ଲଟେରୀ କାର୍ଯ୍ୟକ୍ରମ ଯଥା-ଟିଭି, ଫ୍ରିଜ ଓ ଓ୍ୱାସିଙ୍ଗ ମେସିନ, ସାଇକେଲ ଭଳି ଆକର୍ଷଣୀୟ ପୁରସ୍କାରମାନ ରହିଛି ।

**ୟୁଜିସି ୟୁନିଭର୍ସିଟି ଓ ସୁପ୍ରିମ କ୍ଲବ ବିଜୟୀ**



■ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍ ଆରମ୍ଭ

## ସେମିଫାଇନାଲରେ ସାଇ ଇଲେଭେନ




ଭାପୁର, ୮ ।୧୨ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ପାହାଡ଼ ପାଦଦେଶରେ ଥିବା ନାଲିସାଗର ଷ୍ଟାଡିୟମରେ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଶିକ୍ଷାବିତ୍ ଲୋକନାଥ ଆଚାର୍ଯ୍ୟ, ସମାଜସେବୀ ବୈକୁଣ୍ଠନାଥ ସାହୁ, ଆୟୋଜକ ସଂଘର ସଭାପତି ବେଣୁଧର ପ୍ରଧାନ, ଚକ୍ରଧର ପ୍ରଧାନ, ରବୀନ୍ଦ୍ରନାଥ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିବସରେ ଛତିଶଗଡ଼ର ଫରେଷ୍ଟ କ୍ରିକେଟ୍ କ୍ଲବକୁ ୪ ୱିକେଟରେ ପରାସ୍ତ କରି ଭୁବନେଶ୍ୱର ସାଇ ଇଲେଭେନ ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚରେ ଫରେଷ୍ଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍‌ରେ ୧୭୩ ରନ କରିଥିଲା । ଦଳ ପକ୍ଷରୁ ଅନିଲ ନାୟକ ୩୨ ବଲରୁ ୪୬ ରନ କରିଥିଲେ । ଜବାବରେ ସାଇ ଇଲେଭେନ ରାମଚନ୍ଦ୍ର ବେହେରାଙ୍କ ଅର୍ଦ୍ଧଶତକ ବଳରେ ୧୯ ଓଭରରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ରାମଚନ୍ଦ୍ର ୬ ଚୌକା ଓ ୩ ଛକା ସହାୟତାରେ ୩୯ ବଲରୁ ୬୫ ରନ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ବେହେରା, ମାନସ ରଞ୍ଜନ ବେହେରା, ଜଗନ୍ନାଥ ପାଣିଗ୍ରାହୀ, କୁମାର ଦେବତା, ଦିବାକର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଖେଳକୁ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ପରିଚାଳନା କରିଥିବାବେଳେ ସୁଧୀ ରଞ୍ଜନ ପଣ୍ଡା ମ୍ୟାଚ୍ ରେଫରୀ ରହିଥିଲେ । ସୋମବାର ଭାଇଜାଗ ସହ ବ୍ରହ୍ମପୁରର ଆଲ୍‌ଫା ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

### ଦିବା-ରାତ୍ର ଟେଷ୍ଟରେ ଭାରତ ୧୦ ୱିକେଟରେ ପରାସ୍ତ

# ସିରିଜ୍ ବରାବର କଲା ଅଷ୍ଟ୍ରେଲିଆ



ଆଡିଲେଡ୍, ୮।୧୨(ଏଜେନ୍ସି): ଟ୍ରାଭିସ୍ ହେଡ୍‌ଙ୍କ ବିସ୍ଫୋରକ ଶତକ ଓ ଫାଷ୍ଟ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଏଠାରେ ଶେଷ ହୋଇଥିବା ଦିବାରାତ୍ର ଟେଷ୍ଟରେ ଅଷ୍ଟ୍ରେଲିଆ ୧୦ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ସମାନସ୍ତରରେ ରହିଛି। ଏହି ସିରିଜ୍‌ର ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ୨୯୫ ରନ୍‌ରେ ବିଜୟୀ ହୋଇଥିଲା। ସିରିଜ୍‌ର ତୃତୀୟ ଟେଷ୍ଟ ମ୍ୟାଚ୍ ଡିସେମ୍ବର ୧୪ ତାରିଖ ଶନିବାର ବ୍ରିସ୍‌ବେନ୍‌ରେ ଖେଳାଯିବ। ଆଉ ଏକ ବାଉନ୍ସି ଓ ସୁଇଂ ହେଉଥିବା ପିଚ୍‌ରେ ଭାରତ କିପରି ମୁକାବିଲା କରିବ ତାହା ଦେଖିବାକୁ ବାକି ରହିଛି। ଆଡିଲେଡ୍ ଓଭାଲରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଚମତ୍କାର ୧୪୦ ରନ୍ କରିଥିବା ସ୍ଥାନୀୟ ଖେଳାଳି ଟ୍ରାଭିସ୍ ହେଡ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ଆଡିଲେଡ୍‌ରେ ଅପରାଜେୟ

ଏହି ଟେଷ୍ଟର ତୃତୀୟ ଦିନରେ ଭାରତର ଦ୍ୱିତୀୟ ଇନିଂସରେ ୧୭୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଯାହା ଫଳରେ ପ୍ରଥମ ଇନିଂସରେ ୧୫୭ ରନ୍‌ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଆଗରେ ମାତ୍ର ୧୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ମାତ୍ର ୩.୨ ଓଭରରେ ବିଜୟଲାଗି ଆବଶ୍ୟକ ୧୯ ରନ୍ ସଂଗ୍ରହ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ ନାଥାନ ମ୍ୟାକ୍‌ସ୍ୱିନୀ ୧୦ ଓ ଉସ୍‌ମାନ ଖୱାଜା ୯ ରନ୍‌ରେ ଅପରାଜିତ ରହିଥିଲେ। ଏହି ବିଜୟ ଫଳରେ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଡ୍ର ରଖିବା ସହ ଦିବାରାତ୍ର ଟେଷ୍ଟରେ ଆଡିଲେଡ୍ ଭେନ୍ୟୁରେ ଅପରାଜିତ ରହିଛି। ପ୍ରଥମ ଟେଷ୍ଟରେ ହାରିବା ପରେ ଦଳ ଯେପରି ଚାପରେ ରହିଥିଲା, ତାହାକୁ ସେମାନେ ଚତୁରତାର ସହ ହଟାଇବାରେ ସମର୍ଥ ହୋଇଛନ୍ତି। ଭାରତର ପ୍ରଥମ ଇନିଂସର ପ୍ରଥମ ବଲ୍‌ରେ ଜୟସ୍ୱାଲଙ୍କୁ ଗୋଲ୍ଡେନ୍ ଡକ୍ କରିବା ସହ ମ୍ୟାଚ୍‌ରେ ୬ ୱିକେଟ ନେବା ଓ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ହେଡ୍‌ଙ୍କ ୧୪୦ ଓ ମାର୍ନସ ଲାବୁସେନ ୬୪ ରନ୍ କରିବା ଫଳରେ ଘରୋଇ ଦଳ ଏହି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଦିବାରାତ୍ର ଟେଷ୍ଟରେ ଅଷ୍ଟ୍ରେଲିଆର ଦବ୍‌ଦବା ରହିଛି। ଏବେ ସୁଦ୍ଧା ଏହି ବିଶ୍ୱଚାମ୍ପିଅନ ଦଳ ୧୩ଟି ଦିବାରାତ୍ର ଟେଷ୍ଟ ଖେଳିଛି। ଏହା ମଧ୍ୟରୁ ଦଳ ୧୨ଟି ଜିତିଥିଲାବେଳେ ଗୋଟିକରେ ୱେଷ୍ଟଇଣ୍ଡିଜ୍ ନିକଟରୁ ପରାଜିତ ହୋଇଛି।

### କମିନ୍ସଙ୍କ ୫ ୱିକେଟ ସଫଳତା

ଏହି ଟେଷ୍ଟର ଆଜି ରବିବାର ସକାଳେ ଭାରତ ତାହାର ଦ୍ୱିତୀୟ ଇନିଂସ ୫ ୱିକେଟରେ ୧୨୮ ରନ୍‌ରୁ ଖେଳ ଆରମ୍ଭ କରିଥିଲା। କିନ୍ତୁ ଅଷ୍ଟ୍ରେଲୀୟ ପେସ୍ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ଭାରତର ଅବଶିଷ୍ଟ ୫ ଜଣ ବ୍ୟାଟର ମାତ୍ର ଏକ ଘଣ୍ଟା ଖେଳରେ ମୋଟ ୧୭୫ ରନ୍ କରି ଆଉଟ ହୋଇଯାଇଥିଲେ। ପୂର୍ବଦିନ ଅପରାଜିତ ବ୍ୟାଟର ପନ୍ତ୍ ପୂର୍ବ ସ୍କୋର ୨୮ ରନ୍‌ରେ ଷ୍ଟାର୍କଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ନବାଗତ ନୀତୀଶ ରେଡ୍ଡୀ ୪୨ ରନ୍ କରି ପୁଣିଥରେ ଦଳର ଟପ୍ ସ୍କୋରର ହୋଇଥିଲେ। ଅନ୍ୟ ୪ଜଣ ଦୁଇ ଅଙ୍କରେ ପହଞ୍ଚିପାରି ନଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଫାଷ୍ଟ ବୋଲରମାନେ ସମସ୍ତ ୩୬.୫ ଓଭର ବୋଲିଂ କରି ୧୦ଟିଯାକ ୱିକେଟ ନେଇଥିଲେ। ଘରୋଇ ଦଳ ଅଧିନାୟକ ପ୍ୟାଟ କମିନ୍ସ ସର୍ବାଧିକ ୫ଟି, ସ୍କଟ୍ ବୋଲାଣ୍ଡ ୩ଟି ଓ ମିଚେଲ ଷ୍ଟାର୍କ ୨ଟି ୱିକେଟ ଅକ୍ତିଆର କରିଥିଲେ।

### ଭାରତ ଆଗରେ ଅନେକ ପ୍ରଶ୍ନ

ଏହି ମ୍ୟାଚ୍‌ରେ ପରାଜିତ ହେବା ପରେ ଭାରତ ଆଗରେ ଅନେକ ଅସମାହିତ ପ୍ରଶ୍ନ ଛିଡା ହୋଇଛି। ଓପନିଂରେ କିଏ ଖେଳିବେ, ହର୍ଷିତ ରାଣାଙ୍କୁ ହଟାଇ ଦଳ ଫର୍ମରେ ଥିବା ଆକାଶ ଦୀପ କିମ୍ବା ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସାମିଲ କରିବାକୁ ଚିନ୍ତା କରିବ। ରବୀନ୍ଦ୍ର ଜାଡେଜାଙ୍କ ବୋଲିଂ ମଧ୍ୟ ପ୍ରଭାବଶାଳୀ ହୋଇପାରିବ। ବରିଷ୍ଠ ଖେଳାଳି ରୋହିତ ଶର୍ମା, ବିରାଟ କୋହଲି ଓ ଲୋକେଶ ରାହୁଲ ଏକାଥରରେ ବିଫଳ ହେବାର କାରଣ ଖୋଜିବ। ଏହି ଟେଷ୍ଟରୁ କେବଳ ନବାଗତ ନୀତୀଶ ରେଡ୍ଡୀଙ୍କୁ ଛାଡ଼ିଦେଲେ ଅନ୍ୟ କିଛି ପଜିଟିଭ୍ ମିଳିନାହିଁ। ଏହି ସବୁ ପ୍ରଶ୍ନର ଉତ୍ତର ଖୋଜିପାରିଲେ ଦଳ ସିରିଜ୍ ହାତେଇବାକୁ ଉଦ୍ୟମ କରିପାରିବ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୧୮୦/୧୦, ୪୪.୧ ଓଭର (ନୀତୀଶ-୪୨, ରାହୁଲ-୩୭, ଗିଲ୍-୩୧, ଷ୍ଟାର୍କ-୬/୪୮)

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୩୩୭/୧୦, ୮୭.୩ ଓଭର (ହେଡ୍-୧୪୦, ଲାବୁସେନ-୬୪, ବୁମ୍‌ରା-୪/୬୧, ସିରାଜ-୪/୯୧)

**ଭାରତ ଦ୍ୱିତୀୟ ଇନିଂସ:** ୧୭୫/୧୦, ୩୬.୫ ଓଭର (ନୀତୀଶ-୪୨, ପନ୍ତ୍-୨୮, ଗିଲ୍-୨୮, ଜୟସ୍ୱାଲ-୨୪, କମିନ୍ସ-୫/୫୭, ବୋଲାଣ୍ଡ-୩/୫୧, ଷ୍ଟାର୍କ-୨/୬୦)

ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୯/୦, ୩.୨ ଓଭର (ନାଥାନ ମ୍ୟାକ୍‌ସ୍ୱୀନୀ-୧୦*, ଉସ୍‌ମାନ ଖୱାଜା-୯*)

## ଦେବଜିତ୍ ବିସିସିଆଇ ମଧ୍ୟବର୍ତ୍ତୀକାଳୀନ ସମ୍ପାଦକ



ନୂଆଦିଲ୍ଲୀ, ୮।୧୨(ଏଜେନ୍ସି): ଆସାମ ଆଡଭୋକେଟ ଜେନେରାଲ ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଯୁଗ୍ମ ସମ୍ପାଦକ ଦେବଜିତ୍ ସାଇକିଆ ବୋର୍ଡର ମଧ୍ୟବର୍ତ୍ତୀକାଳୀନ ସମ୍ପାଦକ ଭାବେ ଦାୟିତ୍ୱ ବହନ କରିଛନ୍ତି। ରବିବାର ବିସିସିଆଇ ତରଫରୁ ଏ ନେଇ ସୂଚନା ଦିଆଯାଇଛି। ଜୟ ଶାହା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମ୍ପାଦକ ପଦ ଖାଲି ଥିଲା ଓ ଦେବଜିତ ଏବେ ଏହି ଗୁରୁଦାୟିତ୍ୱ ଗ୍ରହଣ କରିଛନ୍ତି। ସମ୍ପାଦକ ପଦ ଛାଡିବାର ୪୫ ଦିନ ମଧ୍ୟରେ ନିର୍ବାଚନ କରିବାର ନିୟମ ରହିଛି। ତେଣୁ ଖୁବ୍‌ଶୀଘ୍ର ସମ୍ପାଦକ ପଦ ପାଇଁ ନିର୍ବାଚନ କରିବାକୁ ବିସିସିଆଇ ବିଜ୍ଞପ୍ତି ଜାରି କରିବ ବୋଲି ଆଶା କରାଯାଉଛି। ଆସାମ ଜନ୍ମିତ ଦେବଜିତ ପ୍ରଥମଶ୍ରେଣୀ କ୍ରିକେଟରେ ସକ୍ରିୟ ଥିଲେ। ସେ ଆସାମ ପାଇଁ ୪ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୫୪ ରନ ସଂଗ୍ରହ କରିଥିଲେ। କ୍ରିକେଟ ଛାଡିବା ପରେ ସେ କ୍ରିକେଟ ପ୍ରଶାସନରେ ପାଦ ଦେଇଥିଲେ।

## ଅଷ୍ଟ୍ରେଲିଆ ମହିଳା ଦିନିକିଆ ସିରିଜ୍ ବିଜୟୀ

ବ୍ରିସ୍‌ବେନ୍, ୮।୧୨(ଏଜେନ୍ସି): ଭାରତକୁ ୧୨୨ ରନ୍‌ରେ ପରାସ୍ତ କରି ଅଷ୍ଟ୍ରେଲିଆ ଏଠାରେ ରବିବାର ଖେଳାଯାଇଥିବା ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୨୨ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଗୋଟିଏ ମ୍ୟାଚ୍ ବାକିଥାଇ ଅଷ୍ଟ୍ରେଲିଆ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ ଜିତିନେଇଛି। ଏହି ମ୍ୟାଚ୍‌ରେ ୭୫ ବଲ୍‌ରୁ ୧୦୫ ରନ୍ କରିଥିବା ଏଲିସ୍ ପେରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୫ ୱିକେଟରେ ବିଜୟୀ ହୋଇଥିଲା। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ପର୍ଥରେ ବୁଧବାର ଖେଳାଯିବ।

### ସର୍ବାଧିକ ଦଳଗତ ସ୍କୋର

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୮ ୱିକେଟରେ ୩୭୧ ରନ୍ କରିଥିଲା। ଏହା ଫଳରେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ସର୍ବାଧିକ ଦିନିକିଆ ସ୍କୋରର ରେକର୍ଡ କରିଛି। ପୂର୍ବରୁ ଏହି ଦଳ ଭାରତ ବିପକ୍ଷରେ ୭ ୱିକେଟରେ ୩୩୮ ରନ୍ କରିଥିଲା। ଏଠାରେ ଅଷ୍ଟ୍ରେଲିଆର ପ୍ରଥମ ୪ଜଣ ବ୍ୟାଟର ୫୦ରୁ ଅଧିକ ରନ୍ କରିଥିଲେ। ସେମାନଙ୍କ ମଧ୍ୟରୁ ଜର୍ଜିଆ ଭୋଲ ୧୦୧ ଓ ଏଲିସ୍ ପେରୀ ୧୦୫ ରନ୍ କରିଥିଲେ। ଭାରତ ପକ୍ଷରୁ ସାଇମା ଠାକୁର ୩ଟି ଓ ମିନୁ ମାନି ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୪୪.୫ ଓଭରରେ ମାତ୍ର ୨୪୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ରିଚା ଘୋଷ ଦଳ ପକ୍ଷରୁ ସର୍ବାଧିକ ୫୪, ମିନୁ ମାନି ୪୬, ଜେମିମା ରୋଡ୍ରିଗ୍ସେଜ୍ ୪୩ ଓ ଅଧିନାୟିକା ହରମନପ୍ରୀତ୍ କୌର ୩୮ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ ସଦରଲାଣ୍ଡ ୪ଟି ୱିକେଟ ଅକ୍ତିଆର କରିଥିଲେ।

## ବାଂଲାଦେଶକୁ କ୍ରମାଗତ ଦ୍ୱିତୀୟ ଟାଇଟଲ

ଦୁବାଇ, ୮।୧୨(ଏଜେନ୍ସି): ୟୁଏଇରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟର ୧୧ତମ ସଂସ୍କରଣରେ ବାଂଲାଦେଶ ବାଜି ମାରିଛି। ଫାଇନାଲରେ ବାଂଲାଦେଶ ୫୯ ରନରେ ଭାରତକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଟାଇଟଲ ଜିତିଛି। ୨୦୨୩ରେ ଅନୁଷ୍ଠିତ ସଂସ୍କରଣରେ ମଧ୍ୟ ବାଂଲାଦେଶ ଚାମ୍ପିଅନ ହୋଇଥିଲା। ଟସ୍ ହାରି ବ୍ୟାଟିଂ କରିଥିବା ବାଂଲାଦେଶ ୧୯୮ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୩୫.୨ ଓଭରରେ ୧୩୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଫାଇନାଲରେ ୨୪ ରନ ଦେଇ ୩ ୱିକେଟ ଓ ଟୁର୍ଣ୍ଣାମେଣ୍ଟରେ ୧୩ ୱିକେଟ ନେଇଥିବା ବାଂଲାଦେଶ ଇକବାଲ ହୋସେନ ଇମୋନ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ ବିବେଚିତ ହୋଇଛନ୍ତି।

**ଜାତୀୟ କନିଷ୍ଠ ଦୌଡ଼କୁଦ**

## ଦଣ୍ଡପତି ଜିତିଲେ ଓଡ଼ିଶାର ପ୍ରଥମ ସ୍ୱର୍ଣ୍ଣ



ଭୁବନେଶ୍ୱର, ୮।୧୨(ସମିସ): ସ୍ଥାନୀୟ କଳିଙ୍ଗ ଆଥଲେଟିକ ଷ୍ଟାଡିୟମରେ ଚାଲିଥିବା ୩୯ତମ ଜାତୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାରେ ଦଣ୍ଡପତି ଜୟରାମ ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୨୦ ବର୍ଷରୁ କମ୍ ୧୦୦ମିଟର ଦୌଡ଼ରେ ୧୦.୫୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଓ କ୍ରୀଡ଼ା ବିଭାଗର ଆଡିସିନାଲ୍ ସେକ୍ରେଟାରୀ ବିଜୟ କୁମାର ସ୍ୱାଇଁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସଫଳତା ପାଇଁ ତାଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଆଗାମୀ ଦିନରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ନିଜର ଏହି ସଫଳତା ବଜାୟ ରଖିବାକୁ ସେ ଶୁଭେଚ୍ଛା ଜଣାଇଛନ୍ତି।

**ଚତୁର୍ଥ ପୁରୀ ବିଚ୍ ମାରାଥନ୍**

## ଅଶୋକ ଚାମ୍ପିଅନ, ପଞ୍ଚାନନ ରନର୍ସ




ଭୁବନେଶ୍ୱର/ପୁରୀ, ୮।୧୨(ସମିସ): ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ (ବିସିଏସି) ଆନୁକୂଲ୍ୟରେ ରବିବାର ପୁରୀ ବିଚ୍ ମାରାଥନ୍‌ର ଚତୁର୍ଥ ସଂସ୍କରଣ ଆୟୋଜିତ ହୋଇଛି। ପୁରୀର ବାଲୁକା ଆଚ୍ଛାଦିତ ସମୁଦ୍ରବେଳାରେ ଅନୁଷ୍ଠିତ ଏହି ମାରାଥନରେ ପ୍ରତିଯୋଗୀମାନ ଦୌଡ଼ିଥିଲେ। ମଙ୍ଗଳା ନଦୀ ମୁହାଣସ୍ଥିତ ସାମୁକା ବିଚ୍‌ରେ ଅତିରିକ୍ତ ଡିଜିପି ତଥା ବିସିଏସି ଅଧ୍ୟକ୍ଷ ସଞ୍ଜୀବ ପଣ୍ଡା, ବିସିଏସି ସମ୍ପାଦକ ଅଜୟ କୁମାର ନନ୍ଦ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଓ ଆଫ୍ରିକୀୟ ଦେଶ ଇଥିଓପିଆ, କେନିଆ ଏବଂ ୟୁନାଇଟେଡ କିଙ୍ଗ୍‌ଡମ୍‌ରୁ ୮୦ଜଣ ମହିଳାଙ୍କ ସହ ୫୦୦ ଆଥଲେଟ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ଅଶୋକ ଦଣ୍ଡସେନା ୧ ଘଣ୍ଟା ୧୭ ମିନିଟ୍ ୨୫ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ୫୦ ହଜାର ଟଙ୍କା, ପଶ୍ଚିମବଙ୍ଗର ପଞ୍ଚାନନ ବେହେରା (୧ ଘଣ୍ଟା ୧୭ ମିନିଟ୍ ୨୯ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହି ୩୦ ହଜାର ଟଙ୍କା ଓ ଇଥିଓପିଆର ଯୋସେଫ୍ ଗେଟାହୁନ ଆବେବ୍ (୧ଘଣ୍ଟା ୧୭ ମିନିଟ୍ ୪୬ ସେକେଣ୍ଡ) ୩ୟ ହେବା ସହ ୨୦ ହଜାର ଟଙ୍କା ପୁରସ୍କାର ହାସଲ କରିଥିଲେ। ବିସିଏସି ଅଧ୍ୟକ୍ଷ ସଞ୍ଜୀବ ପଣ୍ଡା, ବିସିଏସି ସମ୍ପାଦକ ଅଜୟ କୁମାର ନନ୍ଦ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

### ଇଥିଓପିଆ, କେନିଆ ଓ ୟୁକେ ପ୍ରତିଯୋଗୀ ଦୌଡ଼ିଲେ

ଏହି ମାରାଥନରେ ଦୁଇ ପ୍ରକାର ରନିଂ କୋର୍ସ ରହିଥିଲା। ହାଫ୍ ମାରାଥନ ୧୦.୫୫ କିମି ବିଶିଷ୍ଟ ଥିଲା। ପ୍ରତିଯୋଗୀମାନେ ସାମୁକା ବିଚ୍‌ରୁ ଦୌଡ଼ିବା ଆରମ୍ଭ କରି ବାଲି ହରଚଣ୍ଡୀ ପର୍ଯ୍ୟନ୍ତ ଯିବା ପରେ ପୁଣି ଫେରିଥିଲେ ଅର୍ଥାତ ମୋଟ୍ ଉପରେ ୨୧ କିମି ଦୌଡ଼ିଥିଲେ। ସେହିପରି ୭ କିମି ବିଶିଷ୍ଟ ଫନ୍ ରନ୍‌ରେ ପ୍ରତିଯୋଗୀମାନେ ସାମୁକା ବିଚ୍‌ରୁ ଆରମ୍ଭ କରି ବାଲି ହରଚଣ୍ଡିଆଡକୁ ସାଢେ ୩ କିମି ଯାଇଥିଲେ ଓ ସେଠାରେ ୟୁ ଟର୍ଣ୍ଣ ନେଇ ପୁଣିଥରେ ଷ୍ଟାର୍ଟିଂ ପଏଣ୍ଟ ସାମୁକା ବିଚ୍‌କୁ ଫେରିଥିଲେ। ବିଚ୍ ମାରାଥନ ନିଶ୍ଚିତ ଭାବେ କଷ୍ଟକର ଥିଲା। ପ୍ରତିଯୋଗୀମାନଙ୍କୁ ଅସମତଳ ବାଲି ଉପରେ ଦୌଡ଼ିବାକୁ ହୋଇଥାଏ। ପ୍ରତ୍ୟେକ ସାଢ଼େ ୩ କିମି ଅନ୍ତରରେ ବିସିଏସି ଜଳ ପାନୀୟ ଓ ସହାୟତା କେନ୍ଦ୍ରର ବ୍ୟବସ୍ଥା କରିଥିଲା। ମାରାଥନ ବିଜେତା ଓ ପୋଡିୟମ ଫିନିସ କରିଥିବା ପ୍ରତିଯୋଗୀଙ୍କୁ ବିସିଏସି ମୋଟ ୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲା। ପୁରସ୍କାରକୁ ବାଦ୍ ଦେଲେ ମାରାଥନ ଶେଷ କରିଥିବା ପ୍ରତିଯୋଗୀମାନଙ୍କୁ ଫିନିଶର ମେଡାଲ, ଇଭେଣ୍ଟ ଟି-ଶାର୍ଟ ଓ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ପ୍ରତିବର୍ଷ ଡିସେମ୍ବର ମାସର ପ୍ରଥମ ରବିବାର ଦିନ ଏହି ମାରାଥନ ଆୟୋଜନ ହେବ ବୋଲି ସଞ୍ଜୀବ ଏହି ଅବସରରେ ଘୋଷଣା କରିଥିଲେ। ଏଥିସହ ଦେଶ ଓ ବିଦେଶରୁ ପ୍ରତିଯୋଗୀମାନଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଉଲ୍ଲେଖଥାଉ କି, ବିସିଏସି ପୂର୍ବରୁ ଭିଏତନାମରୁ କାମ୍ବୋଡିଆ, ଭୁବନେଶ୍ୱରରୁ ଭୁଟାନ, କଟକରୁ କାଠମାଣ୍ଡୁ, ମନାଲୀରୁ ଖାରଡଙ୍ଗ ଲାକୁ ମୋଗା ସାଇକ୍ଲିଂ ଇଭେଣ୍ଟ ସଫଳତାର ସହ ଆୟୋଜନ କରିଛି। ରାଜ୍ୟରେ ସାଇକ୍ଲିଂ ଓ ରନିଂ ସଂସ୍କୃତି ଉନ୍ନତି ପାଇଁ ବିସିଏସି ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS